# ବେଦାନ୍ତ

Spreading Knowledge Amongst Mankind.....

ଜୁଲାଇ - ୨୦୧୮ JULY - 2018



Coverpage by Shri Debashis Raut, President, ROSA, Riyadh

# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ସଂସାରରେ ପ୍ରଚଳିତ ବିଭିନ୍ନ ଧର୍ମୀୟ ଭାବଧାରାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ମାନ୍ୟତା ପାଇଥାନ୍ତି । ହିନ୍ଦୁ ଚେତନାରେ ଦେବାଦେବୀ ମାନେ ସର୍ବଦା ମାନବୀୟ ଲୀଳା ପ୍ରଦର୍ଶନ କରି ଜଗତର ମଙ୍ଗଳ ସାଧନ କରିଥାନ୍ତି । ଦେବ ମାନବ ମଧ୍ୟରେ ଏହି ସମନ୍ୱିତ ଲୀଳା- ଖେଳାରେ ଭିନ୍ନତମ ପ୍ରତୀକ ହେଉଛନ୍ତି ମହାପ୍ରଭୂ ଶ୍ରୀ ଜଗନ୍ନାଥ । ସାଧାରଣ ମଣିଷଟିଏ ପରି ସେ ଜନ୍ମ ହୁଅନ୍ତି ଯୌବନ ପ୍ରାପ୍ତ ହୁଅନ୍ତି ଯାତ୍ରା ମହୋତ୍ସବ ଯୋଗ ଦିଅନ୍ତି, ପ୍ରଥା, ପରମ୍ପରା ପାଳନ କରନ୍ତି, ପୁଣି ଘଟ ପରିବର୍ତ୍ତନ କରି ନବକଳେବର ପ୍ରାପ୍ତ ହୁଅନ୍ତି । ଶ୍ରୀ ଜଗନ୍ନାଥଙ୍କ ପାଇଁ ପାଳନ କରାଯାଉଥିବା ଏହି ସବୁ ଉତ୍ସବ ଓ ପର୍ବପର୍ବାଣି ଅତ୍ୟନ୍ତ ମନୋରମ । ସବୁଠାରୁ ଆକର୍ଷଣୀୟ ହେଉଛି ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ରଥଯାତ୍ରା । ମଣିଷଟିଏ ଯେପରି ଉତ୍ସବ ତଥା ବିଶେଷ ସ୍ଥିତି ମାନଙ୍କରେ ଭିନ୍ନ ଭିନ୍ନ ବେଶ ଧାରଣ କରେ, ସେହିପରି ଶ୍ରୀ ଜଗନ୍ନାଥ ମଧ୍ୟ ନିଜର ଦୈନନ୍ଦିନ ବେଶ ଛଡା ଆହୁରି ୨୪ ସ୍ୱତନ୍ତ୍ର ବେଶ ଧାରଣ କରିଥାଆନ୍ତି ।

ଶ୍ରୀ ଜଗନ୍ନାଥଙ୍କର ସେବା ପୂଜା ଲାଗି ବହୁ ପ୍ରକାର ସେବକ ନିଯୁକ୍ତ ହୋଇଥାନ୍ତି । ପରମ୍ପରା ଅନୁସାରେ ସେହି ସେବକ ମାନେ ୩୬ ଭାବରେ ବିଭକ୍ତ । ସେମାନଙ୍କୁ ଛତିଶା ନିଯୋଗ କୁହାଯାଏ । ବାସ୍ତବରେ ଶ୍ରୀ ଜଗନ୍ନାଥଙ୍କ ସେବକ ମାନଙ୍କର ସଂଖ୍ୟା ବର୍ଗୀକରଣ କଲେ ବହୁତ ବେଶୀ ହେବ । ଶ୍ରୀମନ୍ଦିରରେ ସେବକ ମାନଙ୍କ ପାଇଁ ଯେଉଁ ସ୍ୱତଃଲିପି ପ୍ରସ୍ତୁତ ହୋଇଛି, ତାହା ଅନୁସାରେ ୧୧୬ ପ୍ରକାର ସେବା ଅଛି । ଏହି ସେବକ ମାନେ ବଂଶାନୁକ୍ରମେ ନିଜର ସେବା ସଂପାଦନ କରିଆସନ୍ତି । ପ୍ରତ୍ୟେକ ସେବକର ସେବା କାର୍ଯ୍ୟ

ପୃଥକ । ରତ୍ନ ସିଂହାସନରେ ପ୍ରତିଷ୍ଠିତ ଦେବାଦେବୀଙ୍କ ସହିତ ଶ୍ରୀମନ୍ଦିର ଭିତରେ ଥିବା ଅନ୍ୟ ମନ୍ଦିରରେ ସ୍ଥିତ ଦେବାଦେବୀ ମାନଙ୍କର ସେବା ମଧ୍ୟ ସେମାନେ କରନ୍ତି । ପୁରୀର ଗଜପତି ମହାରାଜ ଶ୍ରୀମନ୍ଦିରର ପ୍ରଥମ୍ ଏବଂ ପ୍ରଧାନ ସେବକ ଅଟନ୍ତି । ରଥଯାତ୍ରା ସମୟରେ ସେ ତିନ ରଥକୁ ସୁନା ଝାଡୁରେ ଓଳାନ୍ତି । ନବକଳେବର ସମୟରେ ମହାରାଜାଙ୍କ ହସ୍ତରୁ ଗୁଆ ନେଇ ଦଇତା ଏବଂ ବ୍ରାହ୍ମଣ ମାନେ ଦାରୁ ଖୋଜିବା ପାଇଁ ବାହାରନ୍ତି । ପୂର୍ବେ ଗଜପତି ମହାରାଜ କଟକରେ ଏବଂ ଖୋର୍ଦ୍ଧାରେ ରହୁଥିବା ବେଳେ ପରିଛାମାନେ ଶ୍ରୀ ଜଗନ୍ନାଥ ମନ୍ଦିରରେ ସମସ୍ତ ଦୈନିକ ନୀତି ସମ୍ପାଦନ ଦେଖିବାଠାରୁ ଆରମ୍ଭ କରି ମନ୍ଦିରର ଶାନ୍ତି ଶୃଙ୍ଖଳା, ଯାତ୍ରୀମାନଙ୍କ ସୁବିଧାପୂର୍ଣ୍ଣ ଦର୍ଶନ, ଜମିବାଡିର ରକ୍ଷଣାବେକ୍ଷଣ, ବିଭିନ୍ନ ଯାତ୍ରାର ପରିଚାଳନା ପ୍ରଭୃତି ବୁଝୁଥିଲେ । ସାଧାରଣତଃ ରାଜଗୁରୁ ମାନେ ଏହି ପରିଛା ଦାୟିତ୍ୱ ତୁଲାଉଥିଲେ । ଏବେ ଶ୍ରୀମନ୍ଦିରରେ ଏହା ପରିଚାଳନା କମିଟି ଦ୍ୱାରା ପରିଚାଳିତ ହେଉଛି ଓ ପୁରୀର ଗଜପତି ମହାରାଜ ତାହାର ସଭାପତି ଅଛନ୍ତି । ଓଡିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ହେଉଥିବା ଜଣେ ପ୍ରଶାସକ ମନ୍ଦିରର ଦୈନିକ ପରିଚାଳନା କରୁଛନ୍ତି । ତଥାପି ପରିଛା ମାନଙ୍କର କେତେକ ନିଜସ୍ୱ କର୍ତ୍ତବ୍ୟ ରହିଛି ।

ଜଗନ୍ନାଥଙ୍କ ସବୁ ଯାତ୍ରା ମଧ୍ୟରୁ ରଥଯାତ୍ରା ସର୍ବଶ୍ରେଷ୍ଠ । ପୁରୀର ରଥଯାତ୍ର ସମଗ୍ର ପୃଥିବୀରେ ପ୍ରସିଦ୍ଧ । ଏହି ଯାତ୍ରା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ । ଦ୍ୱିତୀୟା ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ତାଙ୍କର ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ଗୁଣ୍ଡିଚା ମନ୍ଦିରରେ ରହନ୍ତି । ଏହି ସମୟରେ ଗୁଣ୍ଡିଚା ମନ୍ଦିରରେ ଶ୍ରୀମନ୍ଦିର ପରି ସବୁ ନୀତି ସମ୍ପାଦିତ ହୋଇଥାଏ । ଶ୍ରୀ ଜଗନ୍ନାଥଙ୍କ ଫେରନ୍ତା ଯାତ୍ରାକୁ ବାହୁଡା ଯାତ୍ରା କୁହାଯାଇଥାଏ । ଶ୍ରୀ ଜଗନ୍ନାଥଙ୍କ ରଥକୁ ନନ୍ଦୀଘୋଷ, ବଳଭଦ୍ରଙ୍କ ରଥକୁ ତାଳଧ୍ୱଜ, ସୁଭଦ୍ରାଙ୍କ ରଥକୁ ଦେବ ଦଳନ କୁହାଯାଏ । ସୁଭଦ୍ରାଙ୍କ ରଥରେ ସୁଦର୍ଶନ ମଧ୍ୟ ବିଜେ କରନ୍ତି । ଜଗନ୍ନାଥଙ୍କ ରଥକୁ ହଳଦିଆ କପଡାରେ, ବଳଭଦ୍ରଙ୍କ ରଥକୁ ନୀଳ କପଡାରେ ଓ ସୁଭଦ୍ରାଙ୍କ ରଥକୁ କଳା କପଡାରେ ଆବୃତ କରାଯାଇଥାଏ । ଏହି ତିନ ରଥରେ ଯଥାକ୍ରମେ ୧୬, ୧୪, ୧୨ ଟି ଚକ ଲାଗେ । ପ୍ରତି ରଥର ଚାରିପଟେ ପାର୍ଶ୍ୱ ଦେବତା, ଉପରେ ଋଷି, ମଧ୍ୟରେ ଗନ୍ଧର୍ବ ଏବଂ ଅପସରାମାନେ ରହନ୍ତି । ମୂର୍ତ୍ତି ଗୁଡିକୁ ରଥ

ଉପରକୁ ବୋହି ଆଣିବା ପରମ୍ପରାକୁ ପହଣ୍ଡି କୁହନ୍ତି । ପହଣ୍ଡି ପରେ ପୁରୀ ଗଜପତି ମହାରାଜା ରଥକୁ ସୁନା ଝାଡୁରେ ଓଳାଇ ଚନ୍ଦନ ଛିଞ୍ଚନ୍ତି । ତା ପରେ ଭକ୍ତମାନେ ମହା ଆନନ୍ଦରେ ରଥରେ ବସିଥିବା ତିନ ମୂର୍ତ୍ତିକୁ ଗୁଣ୍ଡିଚା ମନ୍ଦିରକୁ ଟାଣି ଟାଣି ନେଇଯାନ୍ତି ।

ଏହି ଅବସରରେ ଭାରତ ତଥା ଭାରତ ବାହାରର ବିଭିନ୍ନ ଅଞ୍ଚଳର ଲୋକେ ଶ୍ରୀକ୍ଷେତ୍ରର୍ ରଥାରୂଢ ଶ୍ରୀ ଜଗନ୍ନାଥଙ୍କ ଦର୍ଶନଲାଭ କରି ପବିତ୍ର ହେବା ସଙ୍ଗେ ସଙ୍ଗେ ମୋକ୍ଷ ଲାଭ କରନ୍ତି । ଏଥିପାଇଁ ଏହି ଯାତ୍ରାକୁ ପତିତପାବନ ମହୋତ୍ସବ ମଧ୍ଯ କୁହାଯାଏ । ଲୌକିକ ଭାବରେ ଶ୍ରୀ ଜଗନ୍ନାଥ ତାଙ୍କର ଭାଇ ଭଉଣୀମାନଙ୍କୁ ନେଇ ରଥଯାତ୍ରା କରୁଥିବାରୁ ଲକ୍ଷ୍ମୀ ଅଭିମାନ କରନ୍ତି । ପରବର୍ତ୍ତୀ ପଞ୍ଚମୀ ବା ହେରାପଞ୍ଚମୀ ଦିନ ସେ ନିଜେ ଗୁଣ୍ଡିଚା ମନ୍ଦିରକୁ ଯାଇ ରଥର ଗୋଟିଏ ଅଂଶ ଭାଙ୍ଗିଦେଇ ତାଙ୍କର ଅଭିମାନ ପ୍ରକାଶ କରନ୍ତି । ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତଦିନ ରହିଲା ପରେ ଦଶମୀ ଦିନ ତିନ ମୂର୍ତ୍ତିକୁ ପୁଣି ରଥାରୂଢ କରାଯାଇ ଶ୍ରୀ ମନ୍ଦିର ଅଭିମୁଖେ ଅଣାଯାଏ । ଏହାକୁ ବାହୁଡା ଯାତ୍ରା କୁହାଯାଏ । ନବମୀ ଦିନ ଗୁଣ୍ଡିଚା ମନ୍ଦିରରେ ଯେଉଁ ପବିତ୍ର ଦର୍ଶନ ହୁଏ, ତାହାକୁ ଆଡପ ଦର୍ଶନ ବା ସନ୍ଧ୍ୟା ଦର୍ଶନ କୁହାଯାଏ । ବାହୁଡା ଦିନ ଶ୍ରୀ ଜଗନ୍ନାଥ ଫେରିବା ବେଳେ ମାଉସୀମା ମନ୍ଦିରରେ ପୋଡପିଠା ଭୋଗ ଖାଆନ୍ତି । ସେହି ଦିନ ରାଜା ଲକ୍ଷ୍ମୀଙ୍କ ସହ ଶ୍ରୀ ଜଗନ୍ନାଥଙ୍କୁ ଭେଟ କରାନ୍ତି । ଏକାଦଶୀ ଦିନ ଠାକୁରଙ୍କ ସୁନାବେଶ ଓ ଦ୍ୱାଦଶୀ ଦିନ ଅଧରପଣା ଭୋଗ ହୁଏ । ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଫେରିବା ବେଳେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ମଧ୍ଯରେ କଳି ହୁଏ । ଶେଷରେ ଲକ୍ଷ୍ମୀଙ୍କର ମାନ ଭଞ୍ଜନ ହୁଏ ଓ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରନ୍ତି ।

ଶ୍ରୀ ଜଗନ୍ନାଥ ଜଗତର ପ୍ରସିଦ୍ଧ ଠାକୁର । ତାଙ୍କର ଦୈନନ୍ଦିନ ରୀତି ଅନୁସାରେ ଶ୍ରୀ ଜଗନ୍ନାଥଙ୍କୁ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରାଯାଇଥାଏ । ଅନ୍ୟ ଦେବତାଙ୍କୁ ସମର୍ପିତ ଭୋଗକୁ ପ୍ରସାଦ କୁହାଯାଉଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ଭୋଗକୁ ମହାପ୍ରସାଦ କୁହାଯାଏ । ସକାଳୁ ରାତି ପର୍ଯ୍ୟନ୍ତ ଶ୍ରୀ ମନ୍ଦିରରେ ବିଭିନ୍ନ ପ୍ରକାର ଭୋଗ ହୁଏ । ବିଭିନ୍ନ ପ୍ରକାର ଭୋଗର ନାମ ହେଉଛି ଗୋପାଳ ବଲ୍ଲଭ, ସକାଳ ଧୂପ, ଦ୍ୱିପହର ଧୂପ, ସଂଧ୍ୟା ଧୂପ, ବଡସିଂହାର ଧୂପ । ଏହାଛଡା ଭୋଗ ମଣ୍ଡପରେ ଶ୍ରୀ ଜଗନ୍ନାଥଙ୍କର ସ୍ୱତନ୍ତ୍ର ଭୋଗ ହୁଏ । ୧୬ ଉପଗ୍ରର

ସହିତ ଯେଉଁ ସବୁ ଭୋଗ ନୈବେଦ୍ୟ ରୂପରେ ସମର୍ପିତ ହୁଏ ତାହାକୁ ଧୂପ ମଧ କୁହାଯାଏ । ଗୋପାଳ ବଲ୍ଲଭ - ମହାପ୍ରଭୂଙ୍କର ପ୍ରଥମ ଭୋଗ । ସକାଳୁ ମହାପ୍ରଭୂଙ୍କର ନିତ୍ୟକ୍ରମ ସରିବା ପରେ ଏହି ଭୋଗ ହୁଏ । ଏହି ଭୋଗରେ ଖଇ, ପାଚଲା କଦଳୀ, ନଡିଆ କୋରା, ଦହି, ଲହୁଣୀ ଆଦି ପଞ୍ଚ ଉପଚାର ଭୋଗ କରାଯାଇଥାଏ । ସକାଳ ଧୂପରେ ଅର୍ଣ୍ଣ ବ୍ୟଞ୍ଜନ ପ୍ରଭୂତି ଶଙ୍ଖୁଡି ଭୋଗ ହୁଏ । ଏହାକୁ ରାଜଭୋଗ କହନ୍ତି । ଏଥିରେ ସାଧା ଖେଚୁଡି, କାନିକା, ଶାଗ, ମାଠପୁଳି, ହଂସପୁଳି, ଆଦି ବହୁ ମିଷ୍ଟାନ୍ନ ଭୋଗ କରାଯାଏ । ଭୋଗ ମଣ୍ଡପ ସମୟରେ ସେଠାରେ ଅବଢା, ଯେଉଁ ଭୋଗକୁ ବଢା ହୁଏନାହିଁ, ଡାଲି, ବିଭିନ୍ନ ପରିବା ତରକାରି, ମହୁର, ବେସର, ଖଟା, ଶାଗ ଆଦି ପଞ୍ଚ ଉପଚାର ଭୋଗ ହୁଏ । ଦି ପହର ଧୂପରେ ମଧ ଅନ୍ନ ଭୋଗ ହୁଏ । ସେ ସମୟରେ ପୁଳି, ବଡା, କାକେରା, ଲଡୁ, ଗଜା, ଖୀର ଆଦି ବହୁତ ଦ୍ରବ୍ୟ ଭୋଗହୁଏ । ସନ୍ଧ୍ୟା ଧୂପ ସମୟରେ ଜଗନ୍ନାଥଙ୍କର ମଙ୍ଗଳ ଆରତୀ କରାଯାଏ । ତା ପରେ ସନ୍ଧ୍ୟା ଧୂପ ହୁଏ । ଏଥିରେ ମଧ ପୂର୍ବପରି ଅ ବ୍ୟଞ୍ଜନ ସହିତ ମଣ୍ଡା ଆଦି ପିଠା ଭୋଗ କରାଯାଏ । ବଡ ସିଂହାର ହେଉଛି ମହାପ୍ରଭୂଙ୍କର ଶେଷ ଭୋଗ । ଏହି ଭୋଗରେ ପାଞ୍ଚ ଉପଚାରରେ ତାଙ୍କୁ ପୂଜା କରାଯାଏ । ଏଥିରେ ପିଠା, କାଞ୍ଜି, ସାକରା, ଖୀର, କଦଳୀ ବଡା ପ୍ରଭୃତି ଭୋଗ କରାଯାଏ । ଏହି ପ୍ରକାରରେ ଶ୍ରୀମନ୍ଦିରରେ ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କ ପାଖରେ ରାତି ପର୍ଯ୍ୟନ୍ତ ବିଭିନ୍ନ ଭୋଗ କରାଯାଇଥାଏ ।

ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ବିମଳାଦେବୀଙ୍କ ଠାରେ ସମର୍ପଣ କରାଯିବାରେ ତାହାକୁ ମହାପ୍ରସାଦ କୁହାଯାଏ । ମହାପ୍ରସାଦର ମହିମା ବିଭିନ୍ନ ପୁରାଣ ଯଥା ପଦ୍ମ ପୁରାଣ, ଭାଗବତ ମହାପୁରାଣ ପ୍ରଭୃତିରେ ବର୍ଣ୍ଣନା କରାଯାଇଛି । ଏହି ମହାପ୍ରସାଦ ସେବନ କଲେ ସାକ୍ଷାତ ମୁକ୍ତି ମିଳେ ବୋଲି ଏହାର ନାମ କୈବଲ୍ୟ । ତେଣୁ ଏକାଦଶୀ, ସଂକ୍ରାନ୍ତି ପ୍ରଭୃତି ପବି ଦିନରେ ଅନ୍ନ ଭୋଜନ ନିଷେଧ କରାଯାଇଥିବା ବେଳେ ମହାପ୍ରସାଦ ପାଇଁ ସେପରି କିଛି ବାରଣ ନାହିଁ । ମହାପ୍ରସାଦ ସେବନ କଲାବେଳେ ମନରେ ପବିତ୍ରତା ରଖିବା ଉଚିତ । ତଳେ ବସି ମହାପ୍ରସାଦ ସେବନ କରିବା ଉଚିତ ।

ଶ୍ରୀମନ୍ଦିରର ବାହାର ବେଢାରେ ଏକ ବିଶାଳ ପାକଶାଳା ଅଛି । ଏହାକୁ ପୃଥିବୀର ବୃହତ୍ତମ ପାକଶାଳା କୁହାଯାଇପାରେ । ଏହି ପାକଶାଳାରେ ଚାରିଶହ ଚୁଲି ଅଛି । ପ୍ରତ୍ୟେକ ଦିନ ଛଅ

ଶବ ସୁଆର ଏଠାରେ ରନ୍ଧନ କାର୍ଯ୍ୟ କରନ୍ତି । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଭୋଗ ପାଇଁ ଏଠାରେ ଅନ୍ନ ବ୍ୟଞ୍ଜନ ସହିତ ପିଠା ଓ ମିଷ୍ଟାନ୍ନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ସୁଆର ମାନେ ପ୍ରତିଦିନ ଯଜ୍ଞ କାର୍ଯ୍ୟ ପରେ ସେହି ଯଜ୍ଞର ଅଗ୍ନିକୁ ନେଇ ସେହି ଚୁଲିରେ ବ୍ୟବହାର କରନ୍ତି । ଭୋଗ ପାଇଁ ଅନ୍ନ ବ୍ୟଞ୍ଜନାଦି ମାଟି ପାତ୍ରରେ ରନ୍ଧାଯାଏ । ଏଥିପାଇଁ ଏହି ଅନ୍ନକୁ ଅଭଡା କୁହାଯାଏ । ଶ୍ରୀଜଗନ୍ନାଥଙ୍କ ପାଖରେ ଏହି ଅନ୍ନ ବ୍ୟଞ୍ଜନାଦି ସମର୍ପିତ ହେଲାପରେ ଶହ ଶହ ଲୋକ ତାହା କିଣି ଆନନ୍ଦ ମନରେ ଆନନ୍ଦବଜାରରେ ଖାଆନ୍ତି ।

ବିରାଟ ପୁରୁଷ ମହାପୁରୁଷଙ୍କ ଦ୍ୱାରା ରଚତ ଯାତ୍ରା ପର୍ବୋତ୍ସବ ଆଦି ଆନନ୍ଦସ୍ୱରୂପ ଅଟନ୍ତି । ତେଣୁ ଭକ୍ତଗଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ବିଭିନ୍ନ ଦିବ୍ୟ ଲାବଣ୍ୟ ବେଶରେ ଯେତେଥର ଯେତ ସମୟ ପର୍ଯ୍ୟନ୍ତ ଦର୍ଶନ କଲେ ମଧ୍ୟ ତାଙ୍କୁ ତୃପ୍ତି ହୁଏ ନାହିଁ । ବରଂ ପରଂବ୍ରହ୍ମ ରୂପୀ ଭଗବାନଙ୍କ ଦର୍ଶନର ଅଭିଳାଷ ଆହୁରି ଉଦିପ୍ତ ହୁଏ । ରସାନନ୍ଦ ମହାପ୍ରଭୁଙ୍କର ଦିବ୍ୟ ଶୃଙ୍ଗାର କେବଳ ଭକ୍ତ ମନରେ ଆହ୍ଲାଦ ଜନ୍ମାଏ ନାହିଁ ଅପିତୁ ଶୃଙ୍ଗାରୀ ସେବକ ଯେଉଁମାନେ ଭାବମୟୀ, ରସାତ୍ମିକା ସେବା କରନ୍ତି ସେମାନଙ୍କଠାରେ ମଧ୍ୟ ତଲ୍ଲୀନତା ଆଣିଦିଏ ।

ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିରେ ରୂପାନ୍ତରିତ ମହାଦାରୁ ବୈଦିକ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ ନିର୍ଗୁଣ ଓ ସଗୁଣ ବ୍ରହ୍ମର ଏକାତ୍ମତାର ପ୍ରତୀକ ପୁରୁଷ ରୂପେ ପ୍ରତିପାଦିତ ହୋଇଛନ୍ତି । ବହୁ ପ୍ରାଚନ ସମୟରୁ ଶ୍ରୀବିଗ୍ରହ ମାନେ ଦୈନନ୍ଦିନ ବିଭିନ୍ନ ପ୍ରକାରର ପୁଷ୍ପ, ଅଳଙ୍କାର ଓ ତୁଳସୀମାଳାରେ ସଜ୍ଜିତ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କର ହୃଦୟରେ ଗଭୀର ଭକ୍ତି ଓ ଭାବ ସଂଗ୍ରର କରିଆସିଛନ୍ତି । ସାଧାରଣତଃ ଶ୍ରୀମନ୍ଦିର ରତ୍ନ ସିଂହାସନସ୍ଥ ଚତୁର୍ଦ୍ଧା ବିଗ୍ରହର ପୁଷ୍ପ ବେଶ, ବସ୍ତ୍ର ବେଶ, ସ୍ୱର୍ଣ୍ଣାଳଙ୍କାରରେ ଆଭୂଷିତ ବେଶ, ଓ ବିଭିନ୍ନ ଜରି, ଜମ୍ବୁରା, ସୋଲ୍ଲ, କପଡା ଇତ୍ୟାଦିରେ ପାରମ୍ପାରିକ ବେଶରେ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି । ଯେତେବେଳେ ଭକ୍ତ ପ୍ରଭୁଙ୍କ ସେବା ନିମିତ୍ତ ନିଜ ମନର ଅଭିଳାଷ, ଉତ୍ସାହ ଏବଂ ଆନନ୍ଦର ସହ ବିନିଯୋଗ କରେ, ସେତେବେଳେ ତାହା ମନୋରଥ ଉତ୍ସବ ହୁଏ ।

ସ୍ୱୟଂ ଭଗବାନ ଶ୍ରୀ ପୁରୁଷୋତ୍ତମ ମା ଲକ୍ଷ୍ମୀଙ୍କ ସହିତ ଦିବ୍ୟକ୍ଷେତ୍ର ଶ୍ରୀକ୍ଷେତ୍ରରେ ଅବସ୍ଥାନ ପୂର୍ବକ ମାନୁଷୀ ଲୀଳା ପ୍ରକାଶ କରୁଥିବା ସ୍କନ୍ଦ ପୁରାଣରୁ ଜଣାଯାଏ । ଶ୍ରୀ ଜଗନ୍ନାଥଙ୍କ

ବିଗ୍ରହକୁ ପ୍ରତିମାରୂପେ ଗ୍ରହଣ କରାଯାଇଥିଲେ ହେଁ, ତାହା ପ୍ରତୀକ ରୂପ ଅଟେ। ଶ୍ରୀ ବିଗ୍ରହଙ୍କର ପ୍ରତୀକତା ତାଙ୍କୁ ବିଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପ୍ରତିମା ରୂପରେ ପ୍ରକଟିତ ହେବାକୁ ସହାୟତା କରେ। ଯୁଗଯୁଗାନ୍ତର ଲୀଳାକୁ ସେ ବିଭିନ୍ନ ବେଶ ମାଧ୍ୟମରେ ଭକ୍ତମାନଙ୍କର ତୃପ୍ତି ବିଧାନ କରନ୍ତି। ଉପାସକର ରୁଚି ଓ ତତଜନିତ ଉପାସନାଗତ ପ୍ରୟୋଜନ ଅନୁସାରେ ସେ ସେହି ବେଶ ହୋଇଥାନ୍ତି। ପୁରୁଷୋତ୍ତମ ଗୀତା ରେ ୨୪ଟି ବିଶିଷ୍ଟ ବେଶକୁ ୨୪ଟି ତତ୍ତ୍ୱ ବା ଅବତାର ରୂପେ ଗ୍ରହଣ କରାଯାଇଛି। ଉକ୍ତ ଗ୍ରନ୍ଥରେ ଉଲ୍ଲେଖ ଅଛି:

"ତୋର ବିବିଧ ବେଶ ଦେଖି, ନିର୍ମଳ ହେଲା ବେନି ଆଖି।
ଧନ୍ୟ ତୋ ନୀଳାଦ୍ରି ମଣ୍ଡଳ, ଭଗତ ଭାବେ ହେଲୁ ଭୋଳ।
କି ଦିବାନିଶି ତୁ ଗମନ, ଚବିଶ ବେଶରେ ମଣ୍ଡନ।"

ନିର୍ଗୁଣ ବ୍ରହ୍ମରୂପୀ ଶ୍ରୀ ଜଗନ୍ନାଥ ନିରାକାର। ତେଣୁ ତାଙ୍କ ରୂପର ଅନ୍ତ ନାହିଁ। ସେ ସର୍ବରୂପୀ ପରାୟଣ ଶ୍ରୀ ଜଗନ୍ନାଥ ଯେହେତୁ ବିଷ୍ଣୁରୂପି, ସେ ନାନାଦି ଅଳଙ୍କାର ଓ ଆଭୂଷଣ ପ୍ରିୟ। ସେ ସର୍ବରୂପ ହୋଇଥିବାରୁ ତଥା ଏକାଧାରରେ କୃଷ୍ଣ, ବାମନ, ନୃସିଂହ, ରାମ, ପର୍ଶୁରାମ ଅଟନ୍ତି। ତାଙ୍କ ପାଇଁ ବିବିଧ ବେଶର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ବେଶ ବ୍ୟବସ୍ଥା ପ୍ରଚଳିତ ହେଉଛି। ନୀଳାଦ୍ରୀଶ ଶ୍ରୀଜଗନ୍ନାଥ ବର୍ଷ ତମାମ ବହୁ ଲୀଳାରେ ବିଭିନ୍ନ ବେଶ ଧାରଣ କରିଥାଆନ୍ତି। ଶ୍ରୀଜଗନ୍ନାଥଙ୍କ ଦିବ୍ୟବେଶ ମଧ୍ୟରେ ମାନବୀୟ ଚେତନା, ଲୋକ ଶିକ୍ଷା ସହିତ ମହାପ୍ରଭୂଙ୍କର ପରାକାଷ୍ଠା ପ୍ରକାଶ ପାଉଛି।

ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତ ପାଠକବୃନ୍ଦଙ୍କୁ ଅନେକ ଅନେକ ଶୁଭେଚ୍ଛା।

ଜୟ ଉତ୍କଳ, ଜୟ ଓଡିଶାବାସୀ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ରଥ | ସତ୍ୟବ୍ରତ ସାହୁ | ୧୨ |
| ତୋ ରଥ ଯାତକୁ ଯିବିନରେ କାଳଆ | ସୁଦାମ ଗୌଡ଼ | ୧୬ |
| ଆହେ ଜଗନ୍ନାଥ | କାହ୍ନୁ ଚରଣ ସାହୁ | ୧୮ |
| ମୋ ଅନୁଭୂତିରେ ଶ୍ରୀଜଗନ୍ନାଥ | ଶଶଧର ମହାପାତ୍ର | ୨୦ |
| କାଳଆ ସାଥେ ବର୍ତ୍ତାଳାପ | ପ୍ରକାଶ ସାହୁ | ୩୦ |
| ନଗ୍ଶାର ନୀଡ଼ | ଅନୁସୂୟା ମିଶ୍ର | ୩୩ |
| ତୁମେ ତ ରହିଛ | ଅନାମ ଚରଣ ସାହୁ | ୩୬ |
| ମା | ଶୈଳଜା ମିଶ୍ର | ୩୭ |
| ବସନ୍ତ- ପଲ୍ଲବୀ | ଡ. ବିଜ୍ଞାନୀ ଦାସ | ୩୮ |
| ନଜ ଆତ୍ମାର କର ଉଦ୍ଧାର | ହିମାଂଶୁ ଶେଖର ବାରିକ୍ | ୪୨ |
| ବସନ୍ତ ଆଗମନ | ରାଜଶେଖର “ଚମା” | ୪୩ |
| ସନ୍ଦେହର ବିଷ | ସୁଲୋଚନା ପଟ୍ଟନାୟକ | ୫୫ |
| କାଉ ସହିତ ଦିନଟିଏ | ରୀତା ଅପରାଜିତା ମହାନ୍ତି | ୬୩ |
| ଅବଶୋଷ | ଅରୁଣ କୁମାର ପାତ୍ର | ୬୫ |
| ମୋ ମହାନ ଦେଶର ଜନତା | ବିନୟ ମହାପାତ୍ର | ୬୬ |
| ହାପି ରଜ... | ସୁବଳ ମହାପାତ୍ର | ୬୯ |
| ମନେପଡ ତମେ | ସ୍ମିତା ତ୍ରିପାଠୀ | ୭୩ |

| | | |
|---|---|---|
| ଅନୁରୋଧ | ସାଗରିକା ମହାନ୍ତି | ୭୫ |
| ସ୍ମୃତି | ପ୍ରବୀଣ କୁମାର କବି | ୭୭ |
| ବିଦ୍ୟାପତୀ ଓ ଲଳତାର କାହାଣୀ ( ଶିମିଳପାଳ ଜଙ୍ଗଲ) | ଅଶୋକ ବିଶ୍ୱାଳ | ୭୮ |
| କେମିତି ହେବି ମୁଁ ଶିରି ହନୁମାନ୍ ଗ୍ଳଲିଶା ( କୋଶଲି) | ଆର୍ତ୍ତତ୍ରାଣ ଖୁର୍ଦିଆ | ୮୪ |
| ଆଶା | ଭାସ୍କର ଚନ୍ଦ୍ର ଖଣ୍ଡା | ୯୧ |
| ଭାଗ୍ୟ ନିୟନ୍ତା | ଆଶା ସାହୁ ( ଆରତୀ) | ୯୨ |
| ପ୍ରେମର ରଂଗ | ଆଶୁତୋଷ ମେହେର | ୯୯ |
| ପ୍ରକୃତିର ମନଲୋଭା ଦୃଶ୍ୟ | ମଧୁଛନ୍ଦା ବେହେରା | ୧୦୦ |
| ବିଶ୍ରାମ | କାର୍ତ୍ତିକ ପାଣିଗ୍ରାହି | ୧୦୨ |
| କଣ୍ଟାଗଛରେ ଅମରତ୍ୱ: ଅମରକଣ୍ଟକ | ପ୍ରିୟବ୍ରତ ପାତ୍ର | ୧୦୫ |
| ଫେରିଆସନ୍ତାକି ପିଲାଦିନ | ଶିଶିର କୁମାର ପଣ୍ଡା | ୧୧୩ |
| ପହିଲି ବରଷା ବୁନ୍ଦା | ରମେଶ ଚନ୍ଦ୍ର ମଲିକ | ୧୧୪ |
| କହେ ନନ୍ଦି ସାହୁ | ଶଙ୍ଖସିନ୍ଧୁ ପୁରୋହିତ | ୧୧୬ |
| ଅନ୍ତରାଳେ | ନୃସିଂହ ଚରଣ ବେହେରା | ୧୧୮ |
| ଅପେକ୍ଷା | ପ୍ରଶାନ୍ତ କୁମାର ନାଥ | ୧୨୧ |
| ମା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୨୩ |
| ଆଶା ଓ ସମୟ | ରାଜେଶ ପୂଜାରୀ | ୧୨୪ |
| ମଉଳା ଫୁଲର ବାସ୍ନା | ଶାନ୍ତିଲତା ମିଶ୍ର | ୧୨୬ |
| ଗ୍ଳବି ହଜିଯିବା ପରେ | ଡ.ସୌମ୍ୟ ରଞ୍ଜନ ମିଶ୍ର | ୧୨୯ |
| ପାନ୍ଥଶାଳା | ସାଗର ପ୍ରଧାନ | ୧୩୧ |
| ରଜ ପରବ | ପୂର୍ଣ୍ଣଚନ୍ଦ୍ର ରଣା | ୧୩୨ |

| | | |
|---|---|---|
| ଜଗନ୍ନାଥ ଙ୍କ କରୁଣା ( ଅନୁଭୂତି) | ପୁଷ୍ପିତା ଭୂୟାଁ | ୧୩୪ |
| ଶ୍ରାବଣୀ | ସ୍ୱାତୀ ବନ୍ଦନା କର | ୧୩୮ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୧୪୦ |
| କାବୁଲିବାଲା | ସୁଧାଂଶୁ ଦ୍ୱିବେଦୀ | ୧୪୧ |
| ଭକ୍ତି ଓ ଭଗବାନ | ଜୟଶ୍ରୀ ପଟ୍ଟନାୟକ | ୧୪୨ |
| ସାଧବ ବୋହୂ | ଗ୍ଜଲକ୍ଷ୍ମୀ ସାହୁ | ୧୪୬ |
| ଧୃତରାଷ୍ଟ୍ର | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୧୪୭ |
| ନିଶା ନିବାରଣ ଲାଗି ପଦେ | ଜୟପ୍ରକାଶ ଦୁରିଆ( ରମଣ) | ୧୪୮ |
| କାଉ ମରଣ | ଅଶୋକ କୁମାର ସେଠୀ | ୧୫୦ |
| ଫରକ୍ | ଜ୍ୟୋତିର୍ମୟ ବେହେରା | ୧୫୩ |
| ତୃତୀୟ ଶ୍ରେଷ୍ଠ | ଖଗେଶ୍ୱର ବାଗ | ୧୫୪ |
| ହେମା ଆମେ ପାର | ମୁରଲିଧର ଶିକା | ୧୫୫ |
| ଜହ୍ନ ଗୋଲାପ ଓ ଭଅଁର | ଅନୁପମ ବେହେରା | ୧୫୬ |
| ଏଇ ଆକାଶ ତଳେ | ସନ୍ତୋଷ କୁମାର ମହାନ୍ତି | ୧୬୦ |
| ସପନ ସହର | ମାମାଜିନ ପ୍ରଧାନ | ୧୬୧ |
| ସବୁ କେବଲସୁ ମୋର | ପର୍ଶୁରାମ ଶଗରିଆ | ୧୬୨ |
| ଛୋଟ ମୋର ନାଆଟି ( ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୧୬୩ |
| ଜଲନ୍ | ଫିରୋଜ ପଟେଲ | ୧୬୬ |
| ଏଠି ସବୁ ହଜିଯାଏ | ହିମାଂଶୁ ଭୂଷଣ ଜେନା | ୧୬୯ |
| ଧର୍ମ ସହିତ ବିଜ୍ଞାନର ସଂଘର୍ଷ | ବାଲ୍ମୀକ ନାୟକ | ୧୭୦ |
| ଲୁଟେରା | ସୌମ୍ୟ ରଞ୍ଜନ ପାଲ | ୧୭୪ |

| | | |
|---|---|---|
| ପ୍ରୀତି ମହକ | ସଚ୍ଚିଦା ନନ୍ଦ ବାରିକ | ୧୭୫ |
| ସମାଧାନ ର ଗୁଟେ ବାଟ | ଦୟାନନ୍ଦ ଶବର | ୧୭୬ |
| ଶିଶୁଶ୍ରମିକ ପ୍ରଥା<br>ଯେବେ ମୁଁ ମନେପଡିବି | ତିଳ ରାଉତ<br>ଶୁଭସ୍ମିତା ବେହେରା | ୧୮୦<br>୧୮୧ |
| ଭୂଷ ପଣ୍ଡିତ | ଏମ୍. ବିଜୟ କୁମାର | ୧୮୩ |
| ବାଃ ରେ ଗୋଲାପ ଫୁଲ | ଶିଶିର କୁମାର ସାମଲ | ୧୮୫ |
| ପୁସ୍ତକ ପରିଚୟ | | ୧୮୬ |
| **ଶିଶୁ ବିଭାଗ** | | |
| ପରିଶ୍ରମ<br>ଚନ୍ଦ୍ର | ପ୍ରକାଶ ସାହୁ<br>ମମତା ମଲ୍ଲିକ | ୧୮୯<br>୧୯୦ |
| ରଜ ଆସିବ | ପ୍ରେମଶିଲା ରାଉତ | ୧୯୩ |
| ବୃକ୍ଷ ଲଗେଇବା ଆସ | ଦୟାନନ୍ଦ ଶବର | ୧୯୪ |
| ପାଠକୁ ଯାଅନ ଡରି | ପ୍ରଶାନ୍ତ କୁମାର ନାଥ | ୧୯୬ |
| ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୧୯୮ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୧୯୯ |
| ଆପଣଙ୍କ ମତାମତ | | ୨୦୦ |

# ରଥ



ସତ୍ୟବ୍ରତ ସାହୁ

ଆଷାଢ ମାସ ଶୁକ୍ଳ ପକ୍ଷ ଦିତୀୟା ତିଥିରେ ଜଗନ୍ନାଥଙ୍କର ରଥଯାତ୍ରା ବା ଘୋଷଯାତ୍ରା ଅନୁଷ୍ଠିତ ହୁଏ । ଲକ୍ଷ ଲକ୍ଷ ଭକ୍ତ ଉପସ୍ଥିତ ହୁଅନ୍ତି ପୁରୀ ବଡଦାଣ୍ଡରେ ପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ରଥ ଟାଣିବା ପାଇଁ। କାରଣ ଏହି ଦିନ ଜଗନ୍ନାଥ ଭାଇ ଭଉଣୀଙ୍କୁ ସାଥିରେ ଧରି ମନ୍ଦିରରୁ ବାହାରି ଆସି ଭକ୍ତମାନଙ୍କ ସହିତ ମିଶି ରଥରେ ବସି ଗୁଣ୍ଡିଚ୍ଚା ମନ୍ଦିରକୁ ନଅ ଦିନ ପାଇଁ ଯାତ୍ରା କରନ୍ତି । ଜଗନ୍ନାଥ ରାଣୀ ଗୁଣ୍ଡିଚ୍ଚାଙ୍କୁ କଥା ଦେଇଥିଲେ ବର୍ଷରେ ଥରେ ତାଙ୍କୁ ଦେଖା କରିବା ପାଇଁ। ସେହି କଥାକୁ ରକ୍ଷା କରିବା ପାଇଁ ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟାରେ ଭାଇ- ଭଉଣୀଙ୍କ ସହ ରଥରେ ବିରାଜମାନ କରି ଗୁଣ୍ଡିଚ୍ଚା ମନ୍ଦିରକୁ ଯା'ନ୍ତି ଏବଂ ଦଶମୀ ଦିନ ଫେରି ଆସନ୍ତି । ଠାକୁରମାନଙ୍କୁ ଶ୍ରୀମନ୍ଦିରରୁ ଗୁଣ୍ଡିଚ୍ଚା ମନ୍ଦିର ଯାଏ ବୋହି ନେବାର ଦାୟିତ୍ୱ ଥାଏ ନନ୍ଦିଘୋଷ, ତାଳଧ୍ୱଜ ଏବଂ ଦେବଦଳନ ନାମକ ତିନଟି ରଥ ଉପରେ । ନନ୍ଦିଘୋଷରେ ବିରାଜମାନ କରନ୍ତି ଜଗନ୍ନାଥ, ତାଳଧ୍ୱଜରେ ବଳଭଦ୍ର ଏବଂ ଦେବଦଳନରେ ମା' ସୁଭଦ୍ରାଙ୍କ ସହ ବିରାଜମାନ କରନ୍ତି ଚକ୍ରରାଜ ସୁଦର୍ଶନ । ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତୀ ( ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ) ଙ୍କ ପାଇଁ ନୂତନ ରଥ ନର୍ମାଣ କରାଯାଏ । ତିନଟି ରଥରେ ବିରାଜମାନ କରନ୍ତି ଚାରିଟି ମୂର୍ତ୍ତୀ । ନନ୍ଦିଘୋଷରେ ଜଗନ୍ନାଥ, ତାଳଧ୍ୱଜରେ ବଳଭଦ୍ର ଏବଂ ଦେବଦଳନରେ ସୁଭଦ୍ରା ଓ ସୁଦର୍ଶନ ବିରାଜମନ କରନ୍ତି । ଏବେ ସେହି ତିନଟି ରଥ ବିଷୟରେ ଅଧିକ କଛି ଜାଣିବା ।

ରଥ ଯାତ୍ରାର ଯଥେଷ୍ଟ ପୂର୍ବରୁ ଶ୍ରୀପଞ୍ଚମୀ ବା ସରସ୍ୱତୀ ପୂଜା ଦିନଠାରୁ ରଥ ନର୍ମାଣର ପ୍ରଥମ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଏହିଦିନ ନୟାଗଡ ଜଙ୍ଗଲରୁ ପ୍ରଥମ କାଠ ଆସି ରଥଖଳା ( ଯେଉଁଠାରେ ରଥ ତିଆରି ହୁଏ) ରେ ପହଞ୍ଚେ । ଚୈତ୍ର ଶୁକ୍ଳ ନବମୀ ବା ରାମ

ନବମୀ ଦିନ ଦାରୁ ଗୁଡିକ କଟା ଯାଇ ସମାନ କରାଯାଏ । ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଦିନଠାରୁ ରଥ ତିଆରି କାମ ଆରମ୍ଭ କରାଯାଏ । ନିୟମ ଅନୁସାରେ ପ୍ରଥମେ ରଥର ଅଖ ( ଅକ୍ଷ) ନିର୍ମାଣ କରାଯାଏ । ସେହି ଦିନ ଠାରୁ ରଥ କାମ ବିଧିବଦ୍ଧ ହିସାବରେ ଚାଲେ । ମହାରଣା ସେବକ, ଭୋଇ ସେବକ ଓ ରୂପକାର ସେବକମାନେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥାଏ । ନୃସିଂହ ଚତୁର୍ଦ୍ଦଶୀରେ ରଥର ଗୁଜ କୁହାଯାଏ । ରୂପକାର ସେବକ ମାନେ ସେହି ଦିନଠାରୁ କାମ ଆରମ୍ଭ କରନ୍ତି । ରଥର ପ୍ରଥମ ତଥା ମୁଖ୍ୟ କାମ ୪୨ଟି ଚକ ନିର୍ମାଣ କାମ ଶୀତଳ ଷଷ୍ଠି ବେଳକୁ ସଂପୂର୍ଣ୍ଣ ହୋଇ ଯାଇଥାଏ । ସ୍ନାନ ପୂର୍ଣ୍ଣିମା ଦିନ ରଥରେ ନାହାକା ଉଠେ । ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ନେତ୍ରୋତ୍ସବ ପର୍ଯ୍ୟନ୍ତ କାର୍ଯ୍ୟ ଚାଲିଥାଏ । ନେତ୍ରୋତ୍ସବ ଦିନ ତିନଟି ରଥ କପଡା, ଫୁଲ ଏବଂ ଅନ୍ୟ ମୂର୍ତ୍ତୀ ସବୁ ରଙ୍ଗ ଦିଆଯାଇ ସୁସଜ୍ଜିତ ହୋଇ ବଡଦାଣ୍ଡରେ ଦଣ୍ଡାୟମାନ ହୋଇଥାନ୍ତି ।

## ତିନଟି ରଥର ସବିଶେଷ ବିବରଣୀ-

( ୧) ଜଗନ୍ନାଥଙ୍କ ରଥର ନାମ – ନନ୍ଦିଘୋଷ, ଏହାର ଅନ୍ୟନାମ – ଗରୁଡଧ୍ୱଜ, ଚକ୍ରଧ୍ୱଜ ଓ କପିଧ୍ୱଜ । ଏହି ରଥଟି ଇନ୍ଦ୍ର ପ୍ରଦାନ କରିଥିଲେ । ଏହାର ଉଚ୍ଚତା – ୩୩ ହାତ ୫ ଆଙ୍ଗୁଳ ବା ୪୫.୫ ଫୁଟ । ଏହାର ଚକ ସଂଖ୍ୟା ୧୬ । ପ୍ରତି ଚକର ବ୍ୟାସ ୭ ଫୁଟ । ଏଥିରେ ୮୩୨ ଖଣ୍ଡ କାଠ ଲାଗେ । ରଥର ସାରଥୀ ହେଲେ ଦାରୁକ, ଦ୍ୱାରପାଳ – ଜୟ, ବିଜୟ । ରଥର ଆୟୁଧ – ଶଙ୍ଖ ଓ ଚକ୍ର । ରଥ ଦଉଡି – ଶଙ୍ଖଚୂଡ, ରଥ ରକ୍ଷକ – ଗରୁଡ, ନେତର ନାମ ତ୍ରୈଲୋକ୍ୟ ମୋହିନୀ, ନେତ ଦେବତା – ହନୁମାନ, ରଥ ରକ୍ଷକ – ଗରୁଡ, ରଥର ଶକ୍ତି – ବିମଳା ଓ ବିରଜା । ଦୁଇଟି ଓଲଟ ଶୁଆଙ୍କ ନାମ – ଜୀବ ଓ ପରମ । ରଥର ଦଧୀନଉତିର ନାମ – ହିରଣ୍ୟଗର୍ଭା । ରଥର ଧଳା ରଙ୍ଗର ୪ଟି ଘୋଡା ଲାଗନ୍ତି । ଘୋଡାମାନଙ୍କ ନାମ ଶଙ୍ଖ, ଶ୍ୱେତ, ବଳାହକ ଓ ହରିଦାଶ୍ୱ । ପାର୍ଶ୍ୱ ଦେବତା – କୃଷ୍ଣ, ନୃସିଂହ, ରାମ, ରାମାୟଣ, ତ୍ରିବିକ୍ରମ, ବରାହ, ଗୋବର୍ଦ୍ଧନ । ଋଷି ସମୁହ – ନାରଦ, ଦେବାଳ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ରୁଦ୍ର ଇତ୍ୟାଦି । ନନ୍ଦିଘୋଷ ରଥରେ ହଳଦିଆ ଓ ଲାଲ୍ ରଙ୍ଗର କପଡା ବ୍ୟବହାର କରାଯାଏ ।

(୨) ବଳଭଦ୍ରଙ୍କ ରଥର ନାମ – ତାଳଧ୍ୱଜ । ଏହାର ଅନ୍ୟନାମ ଲଙ୍ଗଳଧ୍ୱଜ । ତାଳ ବଣରେ ଦେବତାମାନେ ଏହି ରଥଟି ପ୍ରଦାନ କରିଥିଲେ । ଏହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳ ବା ୪୫ ଫୁଟ । ଏହାର ଚକ ସଂଖ୍ୟା ୧୪ । ଚକର ବ୍ୟାସ ୬ ଫୁଟ ୬ ଇଞ୍ଚ । ଏଥିରେ ୭୩୬ ଖଣ୍ଡ କାଠ ବ୍ୟବହାର କରାଯାଏ । ରଥର ସାରଥୀ – ମାତଳୀ, ଦ୍ୱାରପାଳ – ନନ୍ଦ, ସୁନନ୍ଦ । ରଥର ଆୟୁଧ – ହଳ, ମୂଷଳ । ରଥର ଦଉଡି – ବାସୁକୀ, ନେତର ନାମ – ଉନ୍ନନୀ, ନେତ ଦେବତା – ନୃସିଂହ । ରଥର ରକ୍ଷକ – ବାସୁଦେବ । ଦୁଇଟି ଓଲଟ ଶୁଆଙ୍କ ନାମ – ଶ୍ରଦ୍ଧା ଓ ବିଶ୍ୱାସ । ରଥର ଶକ୍ତି – ବ୍ରହ୍ମା ଓ ଶିବ । ଦଧିନଉତିର ନାମ – ଭୁବନକୋଷ । ରଥରେ କଳା ରଙ୍ଗର ୪ଟି ଘୋଡା ଲାଗନ୍ତି । ଘୋଡାଙ୍କ ନାମ – ତିବ୍ର, ଘୋର, ଦୀର୍ଘଶ୍ରମ ଓ ସ୍ୱର୍ଣ୍ଣନାଭ । ପାର୍ଶ୍ୱ ଦେବତା – ଗଣେଶ, କାର୍ତ୍ତିକ, ସର୍ବମଙ୍ଗଳା, ମୃତ୍ୟୁଞ୍ଜୟ ପ୍ରଳମ୍ବରୀ, ହଳଯୁଦ୍ଧା, ନଟମ୍ବର, ମୁକ୍ତେଶ୍ୱର, ଶେଷଦେବ । ଋଷି ସମୂହ – ଅଙ୍ଗିରା, ପୁଲହ, ପୌଲସ୍ତ୍ୟ, କୃଷ୍ଣ ମୁଦଗଲ, କଶ୍ୟପ, ଅତ୍ରେୟ ଇତ୍ୟାଦି । ତାଳଧ୍ୱଜ ରଥକୁ ସବୁଜ ଓ ଲାଲ୍ ରଙ୍ଗ କପଡାରେ ଆଚ୍ଛାଦିତ କରାଯାଏ ।

(୩) ସୁଭଦ୍ରାଙ୍କ ରଥର ନାମ – ଦେବଦଳନ । ଏହାର ଅନ୍ୟ ନାମ – ପଦ୍ମଧ୍ୱଜ ଓ ଦର୍ପଦଳନ । ଏହାକୁ ଦେବତାମାନେ ପ୍ରଦାନ କରିଥିଲେ । ଏହାର ଉଚ୍ଚତା – ୩୧ ହାତ ବା ୪୩ ଫୁଟ । ଏହାର ଚକ ସଂଖ୍ୟା ୧୨ । ଚକର ବ୍ୟାସ ୬ ଫୁଟ । ଏଥିରେ ୭୧୧ ଖଣ୍ଡ କାଥ କାଠ ବ୍ୟବହାର କରାଯାଏ । ରଥର ସାରଥୀ – ଅର୍ଜୁନ୍ ଦ୍ୱାରପାଳ – ଗଙ୍ଗା ଓ ଯମୁନା । ରଥର ଆୟୁଧ – ପଦ୍ମ ଓ କଲ୍ହାର । ରଥ ଦଉଡିର ନାମ – ସ୍ୱର୍ଣ୍ଣଚୂଡ । ନେତର ନାମ – ନାଦାମ୍ବିକା, ନେତ ଦେବତା – ତ୍ରିପୁର ସୁନ୍ଦରୀ । ରଥ ରକ୍ଷକ – ଜୟଦୁର୍ଗା । ରଥର ଶକ୍ତି – ଭୁବନେଶ୍ୱରୀ ଓ ଚକ୍ରା । ଦଧୀନଉତିର ନାମ – ହିରଣ୍ମୟୀ । ଦୁଇଟି ଓଲଟ ଶୁଆଙ୍କ ନାମ – ଶୃତି ଓ ସ୍ମୃତି । ରଥର ଲାଲ୍ ରଙ୍ଗର ୪ଟି ଘୋଡା ଲାଗନ୍ତି । ଘୋଡାମାନଙ୍କର ନାମ – ରୋଚକୋ, ମୋଚକା, ଜିତା ଓ ଅପରାଜିତା । ପାର୍ଶ୍ୱ ଦେବାଦେବୀ – ଚଣ୍ଡି, ଚାମୁଣ୍ଡି, ଉଗ୍ରତାରା, ବନଦୁର୍ଗା, କାଳୀ, କାତ୍ୟାୟନୀ, ହରଚଣ୍ଡି, ରାମଚଣ୍ଡି, ମଙ୍ଗଳା, ବିମଳା ଓ ବରାହୀ । ଋଷୀ ସମୂହ – ଭୃଗୁ, ସୁପ୍ରଭା, ବଜ୍ର, ଶୃଙ୍ଗି, ଧ୍ରୁବ, ଉଲୁକ ଇତ୍ୟାଦି । ଦେବଦଳନ ରଥକୁ କଳା ଏବଂ ଲାଲ୍ ରଙ୍ଗର କପଡାରେ ଆଚ୍ଛାଦିତ କରାଯାଏ । ଆଷାଢ

ଶୁକ୍ଳ ଦଶମୀର ବାହୁଡା ରଥରେ ଫେରି ଆସନ୍ତି ଚତୁର୍ଦ୍ଧାମୂର୍ତ୍ତୀ । ରଥ ଉପରେ ଏକାଦଶୀ ଦିନ ଦିଅଁ ମାନଙ୍କର ସୁନାବେଶ ଅନୁଷ୍ଠିତ ହୁଏ । ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀରେ ବିଳମ୍ବିତ ରାତ୍ରିରେ ଦିଅଁମାନଙ୍କର ନୀଳାଦ୍ରୀ ବିଜେ ଅନୁଷ୍ଠିତ ହୁଏ । ଦିଅଁମାନେ କାଠର ରଥକୁ ଛାଡି ଫେରି ଆସନ୍ତି ରତ୍ନ ସିଂହାସନକୁ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର



"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ତୋ ରଥ ଯାତକୁ ଯିବିନରେ କାଳଆ



ସୁଦାମ ଗୌଡ଼

ତୋ ରଥ ଯାତକୁ ଯିବିନରେ କାଳଆ
ଖ୍ୟମା କରିଦେବୁ ମତେ ।
ଦୂରରେ ଥାଇ ମୁଣ୍ଡିଆ ମାରୁଛି ପଯି
ଭକତଟେ ମୁଁ ତତେ ॥

ଧନ ରତ୍ନ କଛି ମାଗୁନରେ କାଳଆ
ମାଗୁନ ସରଧା ବାଳରୁ ହାତେ ।
ନାରୀ ଅତ୍ୟାଗ୍ଧର ନାରୀ ବଳତ୍କାର ଗ୍ଧଲିବ
ତୋ ଗ୍ଧଜ୍ୟ କେତେ ॥

ମାଗୁଛି ଆଜିମୁଁ ହାତ ଯୋଡ଼ି ମୋର ନାରୀର
କଲ୍ୟାଣ ପାଇଁ ।
ତୁମେ ଥାଉ ଥାଉ ନାରୀ ସବୁ ଆଜି କାନ୍ଦୁଛନ୍ତି
କାହିଁକ କଇଁ କଇଁ ॥

ମତେ ପଛେ ଦିଅ ପ୍ରଭୁ କଠୋର ଦଣ୍ଡ ସବୁ
ସହିଯିବି ମୁଁହିଁ ।
ମୁଁ ବଞ୍ଚୀ ଥାଉ ଥାଉ ନାରୀ ମାନଙ୍କ ଦୁଃଖ
କେମିତି ପାରିବି ସହି ॥

ଏତିକ ଗୁହାରି ଶୁଣହେ କାଳଆ ରଖିଥାଅ
ମୋ କଥା ମନେ ।
ପାପି ମାନଙ୍କୁ ନାଶ ନ କଲେ ଜନ୍ମ ନେବେ
ହଜାର ହଜାର ପାପି ମାନେ ॥

ଆସହେ କାଳଆ ଧରି ତୁମ ହାତେ ଖଣ୍ଡା
ଖର୍ପୁର ଧରି ।
ନାଶ ପାପିଙ୍କୁ ଖଣ୍ଡାରେ ତୁମର ଯିବେ ସବୁ
ପାପି ମରି ॥

ସୁଦାମ ଗୌଡ଼, କତ୍ରା ବୁଢ଼ାବାହାଲ, ଜି: ସୁନ୍ଦରଗଡ଼

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପୁଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଆହେ ଜଗନ୍ନାଥ



କାହ୍ନୁ ଚରଣ ସାହୁ

ଆହେ ଜଗନ୍ନାଥ ଜଗତର ନାଥ
ବସି ଅଛ ବଡ ଦେଉଳେ
ଦୀନ ଦୁଃଖୀଙ୍କର ଦୁଃଖ ହରୁଅଛ
ପାପୀଙ୍କୁ ଉଦ୍ଧର ସକଳେ ॥

ଡାକଦେଲେ ଥରେ ଭକତି ଭାବରେ
ଶୁଣିଯାଅ ଦୁଃଖୀ ଗୁହାରି
ହରି ନିଅ ପ୍ରଭୁ ଦୁଃଖ କ୍ଳେଶ ତୁମେ
ମୁଖେ ଦେଇ ହସ ଭରି ॥

ମନର ଅକୁହା ବେଦନାକୁ ସବୁ
ବୁଝି ପାର ଭାବଗ୍ରାହୀ
ଦେଖିଦେଲେ କେବେ ଭକତର ଦୁଃଖ
ପାରନାହିଁ ତୁମେ ସହି ॥

ସମୟ ଆସିଲେ ଦିଅ ଦରଶନ
ତବ ଅପେକ୍ଷାରେ ହୁଏ ଅନ୍ତ
କରୁଣା ସାଗର ହେ କଳାଠାକୁର
ତୁମେ ଅଟ ଦୟାବନ୍ତ ॥

ତୁମେକଲେ ଦୟା ଛୋଟା ଲଙ୍ଘେ ଗିରି
ମୂକ କହେ ଅନର୍ଗଳ
କଣା ବତାଏ ଗ୍ଭଲିବାକୁ ବାଟ
ଶୁଷ୍କ ବୃକ୍ଷେ ଫଳେ ଫଳ ॥

ମୁଁ ଛାର ପାମର ଡାକଇ ଆକୁଳେ
ନଶୁଣ କମ୍ପା ଦୁଃଖ ମୋହର
ଲୋଡା ନାହିଁ ପ୍ରଭୁ ଧନ ଦଉଲତ
ଲୋଡା ଖାଲି ତୁମ ପୟର ॥

ମ. ର୍‌ାମପୁର, କଳାହାଣ୍ଡି



# ମୋ' ଅନୁଭୂତିରେ ଶ୍ରୀଜଗନ୍ନାଥ



ଶଶଧର ମହାପାତ୍ର

ଓଡିଆ ଭାଗବତରେ ଲେଖା ପଦଟିଏ ମନେ ପଡୁଛି । ମୋ' ପିଲାବେଳେ ଏ' ପଦଟି ମୋ' ମନକୁ ବେଶ୍ ଛୁଇଁଥିଲା । "କରି କରାଉଥାଏ ମୁହିଁ, ମୋ' ବିନୁ ଅନ୍ୟ ଗତି ନାହିଁ" । ଆମ ଗାଁରେ ମୋର ଜଣେ ସାଆନ୍ତ ( ଅଜା) ନିତିଦିନ ଗାଧୁଆବେଳେ ଗାଧୋଇସାରି ଭାଗବତ ଅଧ୍ୟାୟଟିଏ ନପଢିଲେ ଅନ୍ନସ୍ପର୍ଶ କରୁନଥିଲେ । ତାଙ୍କ ଭାଗବତ ପଢା ଚାଲିଥିବା ଭିତରେ ଅନେକ କିଛି ଘଟଣା ଘଟିଥାଏ । କେତେବେଳେ ଗାଇ ଆସିଗଲା ତ ତାଙ୍କ ସ୍ତ୍ରୀକୁ କହନ୍ତି "ଗାଇ ଆସିଲା ବାନ୍ଧିପକା' । ଯେତେବେଳେ ଅଧ୍ୟାୟଟିଏ ଶେଷ ହେଇଆସିବାକୁ ଅଳ୍ପ ସମୟ ବାକିଥିବ, ସେ' ଡାକ ଛାଡିବେ ତାଙ୍କ ସ୍ତ୍ରୀଙ୍କୁ "ଶୀଘ୍ର ଭାତ ବାଢ' । ମୁଁ ତାଙ୍କୁ ସେତେବେଳେ ଥଟ୍ଟା କରେ । ଅଜା - ନାତି ସଂପର୍କତ । ସାଆନ୍ତ ତୁମର ନିଷ୍ଠା କେତେ ? ମୁଁ କହେ- ତମର ଭାଗବତ ପଢାରେ ମନ ନା ଭାତ ପାଖରେ ମନ ? ସେ' ଶୁଣିଲା ନଶୁଣିଲା ଭଳି । ମୁଁ କ'ଣ କହେ ତାଙ୍କୁ କିଛି ଫରକ ପଡେନି । ତାଙ୍କ ଜୀବନଟାସାରା ଏମିତି ସବୁଦିନେ ଚାଲିଥି । ହାଇସ୍କୁଲ ପାଶ୍ କରି ଯେତେବେଳେ ମୁଁ କଲେଜକୁ ପଢିବାକୁ ଗଲି ସେ' ପର୍ଯ୍ୟନ୍ତ ମୁଁ ଓ ସାଆନ୍ତ ତାଙ୍କ ଘରେ ଗୋଟିଏ ଖଟରେ ଖରାବେଳେ କି ରାତିରେ ଶୋଉଥିଲୁ । ଖରାଦିନେ ତାଙ୍କ ଘରକୁ ଝରକା ବାଟେ ଭଲ ଦକ୍ଷିଣା ପବନ ଦିଏ । ଦିହେଁ କେତେ କ'ଣ କଥାବାର୍ତ୍ତା ହେଉ । ସାଆନ୍ତ ଆମକୁ ଛାଡି ଆଜିକୁ ଅନେକ ଦିନ ହେଲା ସ୍ୱର୍ଗପୁରେ । ବେଳେବେଳେ ନିରୋଳାରେ ବସିଲେ ସେ' କଥା ମନେ ପଡେ । ଆଜି ମୁଁ ନିଜେ ଓ ମୋ' ଭଳି ନିଜକୁ ଅତ୍ୟାଧୁନିକ ବୋଲାଉଥିବା ମଣିଷ ନିଜ ଅଫିସ୍ କାମ ଓ ସାଂସାରିକ କାମରେ ଏତେ ବ୍ୟସ୍ତ ଯେ ଆମକୁ ପାଞ୍ଚ ମିନିଟ୍ ସମୟ ଭଗବାନଙ୍କ ପାଇଁ କି ନିଜ ଆଧ୍ୟାତ୍ମିକ ଚିନ୍ତାଧାରା ଓ ଚେତନାର ଅଭିବୃଦ୍ଧିପାଇଁ ବାହାର କରିବା କଷ୍ଟକର । କହିବା ଖୁବ୍ ସହଜ ।

କନ୍ତୁ, କରିବା ବାସ୍ତବରେ କେତେ କଷ୍ଟକର । ବିଚାର ସାଆନ୍ତ ମୋର ପ୍ରତିଦିନ, ବର୍ଷବର୍ଷ ଧରି, କି ଖରା, କି ବର୍ଷା, କି ଶୀତ, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭାଗବତ ଅଧାୟଟିଏ ଗାଧୁଆବେଳେ ପଢୁଥିଲେ ଓ ପଢା ନସରିବା ଯାଏ ଭାତ ଖାଉ ନଥିଲେ । ସେତିକ ତାଙ୍କପାଇଁ ଯଥେଷ୍ଟ ନୁହେଁକି ? ଈଶ୍ୱରଙ୍କ ପ୍ରତି କଛି ନଷ୍ଠା ଓ ବିଶ୍ୱାସତ ନଶ୍ଚୟ ଥିଲା ତାଙ୍କର । ଆଜି ଆମଭଳି ସଂସାରୀ କେଉଁ ଗୁଣରେ ତାଙ୍କଠୁ ଅଧିକ ହେଇପାରିଲୁକ ? ଆଜିର ଶିକ୍ଷିତ ବ୍ୟକ୍ତି ସବୁ କେବଳ ଭଗବାନଙ୍କୁ ତର୍କ ବିତର୍କକୁ ଟାଣି ଆଣିଥାଉ । ଆମକୁ ସୁହାଇଲା ଭଳି କଥା କହିବା ଓ ତାକୁ କାମରେ ଲଗାଇବାରେ ଆମେ ଧୁରନ୍ଧର । ପ୍ରଭୁଙ୍କର ଗୁଣ, ଗାରିମାର ଗାନ/ କୀର୍ତ୍ତନ ଓ ଶ୍ରବଣ କରିବାକୁ ଆମର ସମୟ କାହଁ ? କୁହାଯାଇଛି - "ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର' । ଈଶ୍ୱର ପ୍ରାପ୍ତିପାଇଁ ବିଭିନ୍ନ ମାର୍ଗ ମଧ୍ୟରୁ "ଭକ୍ତିମାର୍ଗ' ଗୋଟିଏ ସହଜ ମାର୍ଗ ବୋଲି କୁହାଯାଇଛି । ଏଥିରେ ସମର୍ପଣକୁ ପ୍ରାଧାନ୍ୟ ଦିଆଯାଇଛି । ଅଧିକାଂଶ ବୁଦ୍ଧିଜୀବି ବିଭିନ୍ନ ସମୟରେ ପ୍ରଶ୍ନ କରିଥିବାର ଶୁଣିଛି । ଭଗବାନ କଏ ? ଭଗବାନ ବାସ୍ତବରେ ଅଛନ୍ତି କି ନାହାଁନ୍ତି ? ଯଦି ଅଛନ୍ତି ତେବେ କେଉଁଠି? ତାଙ୍କୁ ଦେଖିଛ କି ? ଏ ସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ମୋ' ପାଖରେ ସେ' ଜ୍ଞାନ ନାହିଁ । ମୁଁ ଜଣେ ନହାତି ସାଧାରଣ ମଣିଷ । ମୋ' ନଜ ଅଭିଜ୍ଞତା ଓ ଅନୁଭୂତିରୁ କେତୋଟି ଛୋଟିଆ ଘଟଣା ପାଠକମାନଙ୍କପାଇଁ ଏଠାରେ ପ୍ରକାଶ କରୁଛି । ଆଶା କରୁଛି, ସେଥିରୁ ସେମାନଙ୍କର ଅନେକ ପ୍ରଶ୍ନର ଉତ୍ତର ବାହାରି ପଡିବ । କବି ଭାଇନା ( ସ୍ୱର୍ଗତ କବି ପ୍ରସାଦ ମିଶ୍ର, ଯିଏକି "ବାଇଶି ପାହାଚ' ବହି ଲେଖିଛନ୍ତି) , ତାଙ୍କଭଳି ମୁଁ ଜଣେ ଭଲ ଲେଖକ ନୁହେଁ । "ବାଇଶି ପାହାଚ' ବହିଟି ମୁଁ ୩/ ୪ ଥର ପଢିଛି । ଭାଇନା ସେଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତାଙ୍କର ଅନୁଭୂତିକୁ ଖୁବ୍ ସ୍ୱଷ୍ଟ ଓ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଯେତେଥର ସେ ବହି ପଢିଛି, ସେତେଥର ମୋ ଆଖିରେ ଲୁହ ଆସିଛି ।

୨୦୧୧ ଫେବୃଆରୀ ମାସ । ଆମ ଗାଁ "ଚନ୍ଦନ ଶ୍ରୀକ୍ଷେତ୍ର' ରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା, ମା' ଲକ୍ଷ୍ମୀ, ମା' ବିମଳା, ଶ୍ରୀଗଣେଶ, ଶ୍ରୀରାଧା- କୃଷ୍ଣ ଓ

ନବଗ୍ରହ ପ୍ରଭୃତି ବିଗ୍ରହମାନଙ୍କର ପ୍ରତିଷ୍ଠାପାଇଁ ଡାକର୍ ଆସିଲା । ଏଇଠି ଟିକଏ ମନ୍ଦିର ବିଷୟରେ କହି ବସେ । ୨୦୦୪ ମସିହା ପୂର୍ବରୁ ଏକ ଜଗନ୍ନାଥ ମନ୍ଦିର ଆମ ଗାଁରେ ତୋଳବାକୁ ମୋ' ସ୍ୱପ୍ନରେ ମଧ୍ୟ ସ୍ଥାନ ପାଇ ନଥିଲା । ମହାପ୍ରଭୁଙ୍କ କୃପାରୁ ଏହା ୨୦୦୪ ମସିହା ଶେଷ ଆଡକୁ ମନରେ ଆସିଲା । ପ୍ରଥମେ ମୋ' ସାନଭାଇ, ଭଉଣୀ, ଭିଣୋଇ, ଭାଇବୋହୂ, ଆମ ଗାଁରେ ଦାଦା, ଖୁଡି ପ୍ରଭୃତିଙ୍କୁ ଏ' ବିଷୟରେ ଅବଗତ କରାଇଲି । ସମସ୍ତଙ୍କଠାରୁ "ନା' ବୋଲି ଉତ୍ତର ଆସିଲା । ସେମାନଙ୍କର କହିବା କଥା - "ଜଗନ୍ନାଥ ମନ୍ଦିରଟିଏ ତିଆରି କରିବା ଓ ଚଳେଇବା ଏତେ ସହଜ ନୁହେଁ । ଜଗନ୍ନାଥଙ୍କର ବାର ମାସରେ ତେର ପର୍ବ । ସେ' ସବୁ ନୀତି, ନିୟମ, ପର୍ବ, ପର୍ବାଣୀ ପାଳନ କରିବା ସହଜ ବ୍ୟାପାର ନୁହେଁ । ଦ୍ୱିତୀୟତଃ, ଗାଁ'ରେ ଗ୍ରାମଦେବତୀଙ୍କୁ ପୂଜା କରିବାକୁ ଜଣେ ବ୍ରାହ୍ମଣ ସହଜରେ ମିଳୁ ନାହାଁନ୍ତି, କି ଗାଁ'ରେ ଟଙ୍କାଟିଏ ଦେବାକୁ କେହି ଚାହୁଁ ନାହାଁନ୍ତି । ଜଗନ୍ନାଥ ମନ୍ଦିର ଓ ତାଙ୍କ ବେଢାରେ ଥିବା ଅନ୍ୟ ମନ୍ଦିରମାନଙ୍କରେ ଦୈନନ୍ଦିନ ପୂଜା ଓ ଠାକୁରଙ୍କ ନୀତିପାଇଁ ୩/ ୪ ଜଣ ଭଲ ବ୍ରାହ୍ମଣ ଓ ସଫାସଫି କରିବାକୁ ଜଣେ କି ଦି' ଜଣ ଲୋକ ନିହାତି ଦରକାର । ମନ୍ଦିର କାମ ଆରମ୍ଭ ହେଲେ ସରେନା । ଏ' ଏକ ବିରାଟ ଯୋଜନା । ଏହାକୁ କାର୍ଯ୍ୟକାରୀ କରିବା ଅସମ୍ଭବ ।'' ଏ' ସବୁ ନାସ୍ତିବାଚକ ଉତ୍ତର ଶୁଣି ମନକୁ ଟିକେ କଷ୍ଟ ହେଲା । ଏ' ବିଷୟରେ ମୋ' ସ୍ତ୍ରୀ ( ମୀରା) ଓ ପିଲା ଦୁହିଁକୁ ( ଝିଅ ଶର୍ମିଷ୍ଠା ଓ ପୁଅ ସିଦ୍ଧାର୍ଥକୁ) ଜଣାଇଲି । ମୀରାଠୁ ମଧ୍ୟ ସେମିତିକା ଉତ୍ତର ମିଳଲା । ପୁଅ ଓ ଝିଅ ଦିହିଁଙ୍କର ସେମିତି କିଛି ପ୍ରତିକ୍ରିୟା ଥିଲାଭଳି ଜାଣିଲିନି "ହଁ' କି "ନାଁ' । ଏଭଳି ଉତ୍ତର ମଧ୍ୟ ସେମାନଙ୍କଠୁଁ ଆଶା କରିଥିଲି । ତା'ପରେ ମୀରାର ସାନଭାଇ ( ତୁଷାର) ଯିଏକି "ଅଷ୍ଟିନ" ସହରରେ "ଟେକ୍ସାସ' ରେ ରହେ, ତାକୁ ଫୋନ୍‌କରି ତା'ର ମତାମତ ଲୋଡିଲି । ସେଠୁ ମଧ୍ୟ କିଛି ଉତ୍ସାହ ମିଳଲାନି । କିନ୍ତୁ, ଏସବୁ ମୋତେ ସେତେ ବିଚଳିତ କରିନଥି । ଦିନେ ମୋର ଜଣେ ସାନଭାଇ ( ଡଃ ନରେଶ ଦାସ) ସହିତ ଏ ପ୍ରସଙ୍ଗରେ କଥାହେଲି । ନରେଶ ଜଣେ ଜଗନ୍ନାଥ ପ୍ରେମୀ । ମୁଁ କହିଲି - ନରେଶ, ମୁଁ ନିକଟରେ ସନ୍ଧ୍ୟାବେଳେ ପ୍ରାର୍ଥନା କରୁଥିଲି । ଏ' କେଇଦିନ ହେଲା ଅବଶ୍ୟ ମୋ' କଳ୍ପନାରେ ଥିଲା ଯେ ଆମ ଗାଁରେ ଆମ ଅଞ୍ଚଳପାଇଁ କିଛିଟା କରିବାକୁ । କ'ଣ କରାଯାଇପାରେ ବୋଲି ଭାବୁଥିଲି । ହଠାତ୍

ମୋ' ମନରେ ଜଗନ୍ନାଥ ମନ୍ଦିର କଥା ଆସିଲା । ଅନୁଭବ କଲି ସତେ ଠାକୁରେ ମୋତେ କହୁଛନ୍ତି - "ଏଇତ ମୁଁ ତୋ' ସାମ୍ନାରେ, ଖୋଜୁଛୁ କାହାଙ୍କୁ" । ଏମିତି ଭାବନା କାହିଁକି ଜାଗ୍ରତ ହେଲା ମୁଁ ଟିକଏ ବିଶ୍ଳେଷଣ କରିବାକୁ ଲାଗିଲି । ସେଇଠୁ ଜଗନ୍ନାଥ ମନ୍ଦିର ତୋଳିବାର ଆଶା ଉଦ୍ରେକ ହେଲା । ମୁଁ କହିଲି ଯେ ସମସ୍ତଙ୍କୁ ମୁଁ କହିସାରିଲିଣି, କିନ୍ତୁ, କେହି ସାହସ ଓ ସହଯୋଗ ଦେବାର ହାତ ବଢାଉ ନାହାଁନ୍ତି । ନରେଶ ପାଟିରୁ ହଠାତ୍ ବାହରି ଆସିଲା - ବଡଭାଇ, ତୁମ କଳ୍ପନାରେ ଆସିଲାଣି ମାନେ ତୁମେ କର । ନିଶ୍ଚୟ କିଛି ବାଟ ସେ' ଦେଖେଇବେ । ବୋଧହୁଏ ମହାପ୍ରଭୁ ତା' କଣ୍ଠରେ ବସିଲେ । ମନରେ ଟିକଏ ସାହସ ବାନ୍ଧିଲି । ଦିନେ ଠାକୁରଙ୍କୁ ମୁଣ୍ଡିଆମାରି ତାଙ୍କର ଆଶ୍ରିବାଦ ଲୋଡିଲି । ହେ ପ୍ରଭୁ ! ମୋ' ମନସ୍କାମନା ପୂର୍ଣ୍ଣକର । ମୋତେ ସାହସ, ଶକ୍ତି, ସାମର୍ଥ୍ୟ ଦିଅ । ତାପରେ ଦିନେ ନିଷ୍ପତ୍ତି ନେଲି ଯେ ଯେତେ ବଧାବିଘ୍ନ ଆସୁପଛେ ମନ୍ଦିର ନିଶ୍ଚୟ ହେବ । ମୋ' ଜିଦରେ ଅଟଳ ରହିଲି । ସେ' ଦିନଠୁ ଆଉ ପଛକୁ ଚାହିଁନାହିଁ । ପିଲାବେଳୁ ମୁଁ ବେଶ୍ ଜିଦଖୋର ବୋଲି ସମସ୍ତେ ଜାଣନ୍ତି । ଶେଷରେ କିଛି ଉପାୟ ନପାଇ ସମସ୍ତେ ମୋ' କଥାରେ ସହମତ ହେଲେ । ଯେଉଁମାନେ ରାଜି ନଥିଲେ ଆଜି ସେମାନେ ଡ୍ରାଇଭର ସିଟରେ ଓ ମୁଁ ପଛ ସିଟ୍ରେ । ୨୦୦୫ ମସିହା ଅଗଷ୍ଟ ମାସରେ ଭୂମି ପୂଜା ହେଇ ମନ୍ଦିର ଶୁଭକାମ ଆରମ୍ଭ ହେଲା । ମନ୍ଦିରପାଇଁ କାରିଗର ଖୋଜାଗଲା । ସେମାନଙ୍କୁ ଖୋଜି ପାଇବା ସେ' ଏକ ଦୈବିକ ଅନୁଭୂତି ।

ଆମ ଗାଁ ମୁଣ୍ଡରେ ମୋ' ପିଲାବେଳେ ମଠଟିଏ ଥିଲା । ସେଠି ଜଣେ ସାଧୁ ( "ଗୌତମ ବାବା') ଓ ମାତା ( "ସରସ୍ୱତୀ') ରହୁଥିଲେ । ସେ' ସମୟରେ ଦୋଳ ପୂର୍ଣ୍ଣିମାରେ ଗୋଟିଏ ଯଜ୍ଞ ଓ ଯାତରା ପ୍ରାୟ ୩/ ୪ ଦିନଧରି ହେଉଥି । ତାଙ୍କର ଗୁରୁ ଶ୍ରୀ ଦୟାନନ୍ଦ ପରମହଂସ ଦେବ ( "ଦୟାନନ୍ଦ ବାବା') ଯଜ୍ଞ କାମ ସୁଚାରୁରୂପେ ବୁଝୁଥିଲେ । ଆମ ଅଞ୍ଚଳରେ ମୋ' ବାପା, ବୋଉ ଭଳି ଅନେକ ସେତେବେଳେ ତାଙ୍କଠୁ ଦୀକ୍ଷା ନେଇଥିଲେ । କାହିଁ କେଉଁଆଡୁ ଆସି ଲକ୍ଷାଧିକ ଲୋକେ ରୁଣ୍ଡ ହେଉଥିଲେ ଯଜ୍ଞ ଓ ଯାତରା ଦେଖିବାପାଇଁ । ଯଜ୍ଞ ଆରମ୍ଭରୁ ଶେଷ ହେବା ଯାଏ ମହାମନ୍ତ୍ର ଓ କୀର୍ତ୍ତନ ଚାଲେ । ଶେଷ ଦିନ ପୂର୍ଣ୍ଣାହୂତି

ହୁଏ ଓ ସମସ୍ତଙ୍କପାଇଁ ମାଗଣାରେ ଭୋଜନର ବ୍ୟବସ୍ଥା ମଧ୍ୟ ହୁଏ । ସେ' ଅନୁଭୂତି ଥିଲା ନିଆରା । ପ୍ରାୟ ଷୋହଳ ବର୍ଷଧରି ଯଜ୍ଞ ହେଲା । ଆମେମାନେ ଗୁଣ୍ଡୁଚ ମୂଷା ଭଳି ସେଥିରେ ଆମର ପାରୁପର୍ଯ୍ୟନ୍ତ ସାହାଯ୍ୟ ଓ ସହଯୋଗ ଦେଉଥିଲୁ । କାଳକ୍ରମେ ଗୌତମ ବାବା ଓ ମାତା ଏ' ସଂସାରରୁ ବିଦାୟ ନେଲେ । ୧୯୭୧ ମସିହା ବାତ୍ୟାରେ ମଠଘର ଭୁଷୁଡି ପଡିଲା । ମରାମତି ହେଲା । ପୁଣି ପର ବାତ୍ୟାରେ ଭାଙ୍ଗି ପଡିଲା । ଆଜି ସେ' ମଠର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ । ସେ' ଜାଗା ଖଣ୍ଡିକ ଓ କେତୋଟି ମଲାଭଳି ଦିଶୁଥିବା ଅଫଳନ୍ତି ନଡିଆ ଗଛ ମୂକସାକ୍ଷୀ ଭଳି ଯାହା ପଡି ରହିଛି । ଗୌତମ ବାବା ବଞ୍ଚିଥିଲା ବେଳେ ମଠକୁ ଆମର ଖଣ୍ଡେ ଜାଗା ମଧ୍ୟ ଦାନ କରାଯାଇଥି  । ସେ' ଆଉ ଏକ କାହାଣୀ। ମଠକୁ ଲାଗି ଯଜ୍ଞ ପଡିଆ । ତାକୁ ଲାଗି ଆମର କଛି ଜମି ଅଛି । ସେଠି ମନ୍ଦିରଟି କରିବାକୁ ମୁଁ ନିଷ୍ପତ୍ତି ନେଲି । ସାନଭାଇକୁ ( ବୁଲୁ, ଘନଶ୍ୟାମ) କହି ଆଉ କଛି ଜମି ଆମ ଜମିକୁ ଲାଗି କଣା ହେଲା । କିନ୍ତୁ, ଶେଷରେ ଏପଟ ସେପଟ ହେଇଗଲା । ବିଧିର ବିଧାନ ଯାହା । ଦିନେ ମୀନା ( "ବୁଲୁ'ର ସ୍ତ୍ରୀ) ସହ କଥା ହେଲାବେଳେ ଖବର ମିଳଲା ଯେ ଆମ ଗାଁ ଓ ପାଖ ଗାଁର ଗ୍ରାମବାସୀମାନେ ଚାହୁଁଛନ୍ତି ଆମ ଗାଁର ଆର ମୁଣ୍ଡରେ ଥିବା ଆମର ଏକ ଡିହରେ ମନ୍ଦିର ସ୍ଥାପନ କରିବାକୁ । ସେ' ଡିହ ପାଖରେ ଏକ ବିରାଟ ବଟବୃକ୍ଷ । ତା' ପାଖରେ ଆମ ଗ୍ରାମଦେବତୀଙ୍କ ( "ଶାଶୁ ଭୂଆଶୁଣୀ') ମନ୍ଦିର । ଆମ ଡିହକୁ ଲାଗି ଜଣେ ଦାଦାଙ୍କର ଡିହଟିଏ ଥି  । ସେ' ମଧ୍ୟ ଦାନ କରିବାକୁ ପ୍ରତିଶ୍ରୁତି ଦେଲେ । ତାଙ୍କ ଡିହ ତଳକୁ ଆମ ପଡିଶା ଗାଁର ଜଣେ ତନ୍ତୀ ପରିବାର ତାଙ୍କର ଦୁଇ ଗୁଣ୍ଠ ଜମି ମଧ୍ୟ ଦାନ କରିବାକୁ କହିଲେ । ମୋ' ପାଖରେ ଏ' ଖବର ପହଞ୍ଚିଲା । ମୁଁ ପ୍ରାୟ ସବୁଦିନେ ଫୋନରେ ଭାଇ, ଭଉଣୀମାନଙ୍କ ସହ କଥା ହୁଏ । ମୋ'ର ଏଥିରେ ଅରାଜି ହେବାର ପ୍ରଶ୍ନ ନଥିଲା । ମୁଁ କହିଲି ଯେତେବେଳେ ଗ୍ରାମବାସୀମାନେ ସେଥିରେ ରାଜି ମୁଁ ମଧ୍ୟ ରାଜି । ଏ' ମନ୍ଦିର ତ ସେହି ମାନଙ୍କପାଇଁ । ତାହାହିଁ ଶେଷରେ ହେଲା । ରାତାରାତି ପ୍ଲାନ ସବୁ ବଦଳଗଲା । ସେଇଠି ମନ୍ଦିର କାର୍ଯ୍ୟ ଆରମ୍ଭ ହେଲା । ଆମେ ମାନୁ କି ନମାନୁ ଏ' ସବୁ ପ୍ରଭୁଙ୍କର ଇଚ୍ଛା । ଏଥିରୁ ପ୍ରମାଣ ମିଳେ ଯେ ଆମେ ଯେଉଁଠି ଚାହିଁଲେ ନୁହେଁ,

ଯେଉଁଠି ପ୍ରଭୁ ଚାହିଁବେ ପ୍ରତିଷ୍ଠିତ ହେବାକୁ ତାହାହିଁ ସବୁବେଳେ ହୁଏ । ଆମେ ନାମକୁ ମାତ୍ର । କିନ୍ତୁ, ଏଇଠି ପାଠକମାନଙ୍କୁ ସୂଚେଇ ଦେବାକୁ ଚାହେଁ ଯେ ମୁଁ ମୋ' ସ୍ୱପ୍ନରେ କେବେ ଭାବିନଥିଲି ଯେ ମନ୍ଦିରଟି ଏଇଠି ହେଉବୋଲି ।

ମନ୍ଦିର କାମ ଦ୍ରୁତ ଗତିରେ ଚାଲିଲା । ୨୦୧୧ ମସିହା ଫେବୃଆରୀ ମାସ ୮ ତାରିଖ ସରସ୍ୱତୀ ପୂଜାଦିନ ମନ୍ଦିରରେ ବିଗ୍ରହମାନଙ୍କର ସ୍ଥାପନ ଆରମ୍ଭହୋଇ ୩ ଦିନ ଭିତରେ ସରିବ ବୋଲି ଶୁଭ ବେଳା ଦିନ, ବାର, ନକ୍ଷତ୍ର ଦେଖି ଠିକ୍ ହେଲା । ସେ' ଖୁସି ଖବର ମୋ' ପାଖରେ ପହଞ୍ଚିଲା । ଆମକୁ ଯିବାକୁ ହେବ । ସଂକଳ୍ପରେ ମୁଁ ଓ ମୋ ସ୍ତ୍ରୀ "ମୀରା' ବସିବା ପ୍ରସଙ୍ଗ ଉଠିଲା । ମୁଁ ମୋ' ସାନଭାଇକୁ କହିଲି - ତୁ ଓ ତୋ' ସ୍ତ୍ରୀ "ମୀନା'ର ବେଶୀ ଅବଦାନ ଏଥିରେ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦିହେଁ ସମସ୍ତ ଦାୟିତ୍ୱ ବହନ କରିଛ, ଦିନରାତି ଅନିଦ୍ରା ହେଇ ଅଜସ୍ର ଖଟିଛ, ତେଣୁ ତୁମେ ଦିହେଁ ମୁଖ୍ୟକର୍ତ୍ତା ହେବାକୁ ଯୋଗ୍ୟ । ତୁମେ ଦିହେଁ ସଂକଳ୍ପରେ ବସିବାପାଇଁ ହକଦାର । ଦୁହେଁ ରାଜି ହେଲେନି । ମୁଁ ଓ ମୀରାକୁ ସଂକଳ୍ପରେ ବସିବାକୁ ବାଧ କଲେ । ଅନ୍ୟମାନଙ୍କଠାରୁ ମଧ ଚାପ ପଡିଲା । ଶେଷରେ ସେଇଆ ହିଁ ହେଲା । ଆମେ ଆମର ସମ୍ମତି ଦେଲୁ । ଆମେ ଟିକେଟ ବୁକିଂ କଲୁ ଓଡିଶା ଯିବାପାଇଁ ଫେବୃଆରୀ ୩ ତାରୀଖ, ଗୁରୁବାର ଦିନ ତିନି ସପ୍ତାହ ପାଇଁ । ବିରଜା କ୍ଷେତ୍ରରୁ ୧୨ ଜଣ ଓ ଆମ ନିଜର ବ୍ରାହ୍ମଣ ମିଶି ଏ' କାମ ସୁଚାରୁରୂପେ କରିବାର ଯୋଜନା ହେଲା । ଅନ୍ୟ ଅତିଥିମାନଙ୍କୁ ମଧ ନିମନ୍ତ୍ରଣ କରାଗଲା । ଦିନରାତି ଗାଁରେ ମାରାଥନ ଗତିରେ କାମ ଚାଲିଥାଏ । ଅଖିଆ, ଅପିଆ ତାଙ୍କର । ଦିନ ଯେତେ ପାଖେଇ ଆସୁଥାଏ, ମୋ' ମନରେ ସେତେ ଉତ୍କଣ୍ଠା, ଉତ୍ସାହ ଓ ଉଦ୍ଦୀପନା ବଢୁଥାଏ । ରେଗାନ୍ ଏୟାରପୋର୍ଟ, ୱାସିଙ୍ଗଟନ୍ ଡିସିରୁ ଆମେରିକାନ ଏୟାରଲାଇନ୍ସ୍ ଫ୍ଲାଇଟ୍ ନମ୍ବର ୮୬୭ରେ ଫେବୃଆରୀ ୩ ତାରୀଖ ସଂଧ୍ୟା ୫.୧୫ରେ ବାହାରି ଚିକାଗୋର "ଓହାରେ' ଏୟାରପୋର୍ଟରେ ୬.୩୦ରେ ପହଞ୍ଚିବାର ଥିଲା ଓ ଚିକାଗୋରୁ ଆମେରିକାନ୍ ଏୟାରଲାଇନ୍ସ୍ ଫ୍ଲାଇଟ୍ ନମ୍ବର ୨୯୨ ସଂଧ୍ୟା ୭.୩୫ରେ ବାହାରି ଦିଲ୍ଲୀ ଅଭିମୁଖେ ଯିବାର ଥି । କିନ୍ତୁ, ପ୍ରାୟ ୩ ଦିନ ପୂର୍ବରୁ ବିରାଟ ଅଘଟଣଟିଏ ଘଟିଗଲା । ଫେବୃଆରୀ ମାସରେ ମିଡୱେଷ୍ଟ ଓ ନର୍ଥ- ଇଷ୍ଟ ଆମେରିକାରେ ସାଧାରଣତଃ

ବେଶୀ ତୁଷାରପାତ ହେଇଥାଏ । ସେତେବେଳେ ଏତେ ତୁଷାରପାତ ହେଲା ଯେ ଅଧିକାଂଶ ରାଜ୍ୟରେ ଏୟାରପୋର୍ଟ ଗୁଡିକ ଅନିର୍ଦ୍ଦିଷ୍ଟ ସମୟପାଇଁ ବନ୍ଦ ହେଇଗଲା । ହଜାର, ହଜାର ଫ୍ଲାଇଟ୍ ଗୁଡିକର ସବୁ ଯିବା, ଆସିବା ବାତିଲ୍ ହେଇଗଲା । "ଓହାରେ' ଏକ ପ୍ରମୁଖ ଏୟାରପୋର୍ଟ । କିଛି ବର୍ଷ ତଳେ ପୃଥିବୀର ସବୁଠୁ ବ୍ୟସ୍ତ ଏୟାରପୋର୍ଟ ଭାବେ ଗଣା ଥିଲା । ଏବେ ତାର ସ୍ଥାନ ପଞ୍ଚମରେ । ତା' ପୂର୍ବରୁ ଆମେରିକାରେ ( ଆଟ୍‌ଲାଣ୍ଟା) , ଚାଇନାରେ ( ବେଇଜିଂ) , ଲଣ୍ଡନରେ ( ହିଥ୍ରୋ) ଓ ଜାପାନରେ ( ଟୋକିଓ) ଭଳି ବଡ ଏୟାରପୋର୍ଟ ସ୍ଥାନ ମାଡି ବସିଛନ୍ତି । ମୁଁ ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରୁଥିଲି ମନେମନେ ଯେ ମୁଁ ତୁମ କାମପାଇଁ ଯାଉଛି । ଯଦି କୌଣସି କାରଣରୁ ନପହଞ୍ଚିପାରିଲି ତେବେ ସବୁ ବିଘ୍ନ ହେଇଯିବ । ତମକୁ ଲାଗିଲା ପ୍ରଭୁ । ତୁମେ ଏକଥା ବୁଝିବ । ନହେଲେ ତୁମର ଅପଯଶ, ଅପନିନ୍ଦା ହେବ । ମୁଁ ସେତେ ବିଚଳିତ ନହେଇ ମୋ' କାମରେ ଲାଗିଥାଏ । ଏତେଦିନ ପାଇଁ ଯିବି ତେଣୁ ସବୁ ବାକି କାମ ସାରି ଯିବାକୁ ପଡିବ । ମୋର ଦିଜଣ ଷ୍ଟାଫ୍ ( ସୁଶାନ୍ତ ଘୋଷ୍ ଓ ପରମିତା ସେନ୍‌ଗୁପ୍ତା) ମୋ' ଅପେକ୍ଷା ବେଶୀ ଚିନ୍ତିତଥିଲା ଭଳି ଜଣାପଡୁଥିଲେ । ସେମାନେ ସବୁକଥା ଜାଣିଥିଲେ । ଏକ ପରିବାର ଭଳି । ମୁଁ ତାଙ୍କୁ କିଛି ଲୁଚାଇନଥିଲି । ମୋତେ ବାରମ୍ବାର ଖବର ଦିହେଁ ଦେଉଥାନ୍ତି ଫ୍ଲାଇଟ୍ ଷ୍ଟାଟସ ବିଷୟରେ । ମୁଁ ମଧ୍ୟ ବେଳେବେଳେ ସମୟ ପାଇଲେ ଇଣ୍ଟରନେଟରେ ଚେକ୍ କରୁଥାଏ ଏୟାରପୋର୍ଟ ଖୋଲିଲା କି ନାହିଁ, ବିମାନ ଚଳାଚଳ ଆରମ୍ଭ ହେଲାକି ନାହିଁ । ସେମାନଙ୍କ କଥା ଟିକିଏ ନର୍ଭସ୍ କରିଦେଉଥାଏ, ତଥାପି ମନରେ ମୋର ଦୃଢ ବିଶ୍ୱାସ ଥାଏ ଯେ ପ୍ରଭୁ କିଛି ଲୀଳା ନିଶ୍ଚୟ ଦେଖେଇବେ । ଭାଇନା, ଶ୍ରୀଯୁକ୍ତ କବି ମିଶ୍ରଙ୍କ "ବାଇଶି ପାହାଚ" ବହିରେ ପଢିଥିବା ଗଳ୍ପ ମୋର ମନେ ପଡୁଥାଏ । ଫେବୃଆରୀ ୨ ତାରୀଖ ରାତି ୯ଟା ପର୍ଯ୍ୟନ୍ତ ମୁଁ ଅଫିସରେ କାମ କରୁଥାଏ । ତା' ଭିତରେ କେତେବେଳେ କେମିତି ଏୟାରଲାଇନ୍‌ସ୍‌କୁ ଡାକି ପଚାରୁଥାଏ । ସେମାନେ କହୁଥାନ୍ତି ଯେ ଆସନ୍ତାକାଲି ସକାଳେ ଏୟାରପୋର୍ଟ ଖୋଲାଯିବାର ଅଛି । ତୁମ ଫ୍ଲାଇଟ୍ ଏଯାଏ ବାତିଲ୍ ହେଇନାହିଁ । ତୁମେ କାଲି ସକାଳେ ଚେକ୍ କର । ଘର ଛାଡିବା ପୂର୍ବରୁ ଫ୍ଲାଇଟ୍ ଷ୍ଟାଟସ ସଠିକ୍ ଜାଣିସାରିଲା ପରେ ଏୟାରପୋର୍ଟକୁ ଆସ ।

ସକାଳୁ ଫୋନ୍‌କରି ଜାଣିବାକୁ ପାଇଲି ଯେ "ଓହାରେ' ଓ "ରେଗାନ୍" ଏୟାରପୋର୍ଟ ଖୋଲା ହେଇଛି । ମନ ଟିକଏ ଖୁସି ଲାଗିଲା । ଯାହାହେଉ, ଠାକୁରେ ଡାକ ଶୁଣିଲେ । ଇଣ୍ଟରନେସ୍‌ନାଲ୍ ଫ୍ଲାଇଟରେ ୩ ଘଣ୍ଟା ପୂର୍ବରୁ ପହଞ୍ଚିବା କଥା । ଆମେ କଛି ସମୟ ହାତରେ ରଖି "ରେଗାନ' ଏୟାରପୋର୍ଟରେ ପହଞ୍ଚିଗଲୁ । ଟିକେଟ୍, ଭିସା ଓ ଲଗେଜ୍ ଯାଞ୍ଚ ହେଲା । ତାପରେ ସେକ୍ୟୁରିଟି ପାର ହେଇ ଆମେ ଅପେକ୍ଷା ଗୃହରେ ଯାଇ ବସିଲୁ । ପୁଣି ଏକ ସମସ୍ୟା ପହଞ୍ଚିଗଲା । ଘୋଷଣା ହେଲା ଯେ ବିମାନଟି ଅଢେଇ ଘଣ୍ଟା ବିଳମ୍ବରେ ଛାଡିବ । ଆମ ବିମାନଟି ଚକାଗୋରେ ପହଞ୍ଚିଲାବେଳକୁ ଚକାଗୋରୁ ଦିଲ୍ଲୀ ଯାଉଥିବା ବିମାନଟି ସେତେବେଳକୁ ଛାଡି ଦେଇଥିବ । ଖୁସି ଟିକକ ସବୁ ପାଣିରେ ମିଳେଇ ଗଲା । ଭାବିଲି, ବୋଧ୍‌ହୁଏ ପ୍ରଭୁଙ୍କର ପରୀକ୍ଷା ଏଯାଏ ସରିନାହିଁ । ହାର୍ଟବିଟ୍ ବଢିବାରେ ଲାଗିଲା । ମୀରା ଓ ମୁଁ ଦିହେଁ ନୀରବ । କେହି କାହାକୁ କଛି ନକହି ସେମିତି ବସି ଥାଉ । ବିମାନଟି ଶେଷରେ ଓ୍ୱାସିଙ୍ଗଟନ୍ ଡିସିରୁ ଅଢେଇ ଘଣ୍ଟା ବିଳମ୍ବରେ ଛାଡିଲା । ଦୁର୍ଭାଗ୍ୟବଶତଃ, ବିମାନଟିର ଶେଷ ଆଡକୁ ଆମ ଦିହିଁଙ୍କର ବସିବାକୁ ସିଟ୍ ମିଳଥିଲା । ଚକାଗୋରେ ପହଞ୍ଚିବା ଟିକଏ ପୂର୍ବରୁ ମୁଁ ମୀରାକୁ କହିଲି ଯେ ଆମେ ଆଗରୁ ବାହାରିଯାଇ ବିମାନ ଗେଟ୍ ପାଖକୁ ପଳାଇଯିବା । ଯଥା ଶୀଘ୍ର ବାହାରି ବାହାରକୁ ଚାଲିଯିବା ଓ ଦେଖିବା କାଳେ ଦିଲ୍ଲୀ ଅଭିମୁଖେ ଯିବା ବିମାନଟି ଯାଇଛି କ ନାହିଁ । ମୀରା ଶୁଣିକ ନଶୁଣିଲା ପରି । ସେ' କଣ ଭାବୁଥାଏ କେଜାଣି ? ନଶ୍ଚିନ୍ତରେ ବସିଥିଲା । କୁହନ୍ତି - ନାରୀମାନଙ୍କର ମନ କଥା ବୁଝିବା କଷ୍ଟକର, ଭଗବାନଙ୍କୁ ବି ଅଜଣା । ମୁଁ ଅବା କେମିତି ଜାଣିବି ? ସେ' ମୋ'ଠାରୁ ବେଶୀ ଈଶ୍ୱର ବିଶ୍ୱାସୀ । ପୂଜା ପାଠ ନତି କରେ । ସେ' ବୋଧହୁଏ ଭାବୁଥିଲା ମହାପ୍ରଭୁ ସବୁ ଠିକ୍ କରିଦେବେ, କବା - ତା' ଭାବନାରେ, ଯଦି ଫ୍ଲାଇଟ୍‌ଟି ନଯାଇଥିବ ତେବେ ଆମପାଇଁ ମଙ୍ଗଳ, ଯେବେ ଚାଲିଯାଇଥିବ, ତେବେ ଆମର କଛି କରିବାର ନଥିଲା, କାରଣ ଆମ ହାତରେ କଛି ନଥି । ସେ' ବ୍ୟତିବ୍ୟସ୍ତ ନଥିଲାଭଳ ଲାଗିଲା । ବାସ୍ତବରେ କହିବାକୁ ଗଲେ, ତା'ର ଚନ୍ତାଧାରା ସବୁବେଳେ ସକାରାତ୍ମକ । ମୋ' ମନରେ ବରଂ ସବୁବେଳେ ବେଶୀ ନେଗେଟିଭ୍ ଚନ୍ତା । ତାକୁ ଗ୍ଲାସଟିଏ ଅଧା ପୂର୍ଣ୍ଣ ଭଳ ଦେଖାଗଲା ବେଳେ ମୋତେ ଅଧା ଖାଲି ଦେଖାଯାଏ । କଛି ସମସ୍ୟା ନଥିଲେ ବି ମୁଁ ବାରମ୍ବାର ସେହି କଥା ଭାବିଚନ୍ତି

ମୋ' ମନ ଭିତରକୁ ଅଯଥାରେ ସମସ୍ୟା ଟାଣି ଆଣେ । ମୋ' କଥାରେ ସେ' ମୋ' ଉପରେ ଚଡିବାକୁ ଆରମ୍ଭ କଲା । କହିଲା ଏ' ଭିଡ ଭିତରେ ସେ' ଆଗକୁ ଯାଇ ପାରିବ ନାହିଁ କି କାହାକୁ ବାଟ ଛାଡି ଦେବାକୁ କହି ପାରିବ ନାହିଁ । ମୁଁ କହିଲି ମୁଁ ସେମାନଙ୍କୁ ଅନୁରୋଧ କରି କହିବି । ମୁଁ ଅନ୍ୟ ଯାତ୍ରୀମାନଙ୍କୁ କହିବାରୁ ସେମାନେ ରାଜି ହୋଇଗଲେ ଆମକୁ ବାଟ ଟିକେ ଛାଡି ଦେବାକୁ ଆଗକୁ ଯିବାପାଇଁ । କିନ୍ତୁ, ସେ' ଦାରୁଭୂତ ମୁରାରୀପରି ଛିଡାହୋଇ ଆରାମରେ ଯିବାକୁ ଆରମ୍ଭ କଲା । ଶେଷରେ ମୁଁ ତା' ଆଶା ଛାଡି ଦେଲି । ବିମାନରୁ ବାହାରି ଆମେ ଦିଲ୍ଲୀ ଯିବାପାଇଁ ଫ୍ଲାଇଟ୍ ଗେଟ୍ ଖୋଜି ଖୋଜି ଚାଲିଲୁ । ମୁଁ ତରତର କରୁଥାଏ ଓ ଶୀଘ୍ରଶୀଘ୍ର ବାଟ ଖୋଜି ଆଗକୁ ଚାଲୁଥାଏ । ମୀରା ମୋ' ପଛେପଛେ ଚାଲିଥାଏ । ଗେଟ୍‌ଟି ମଧ୍ୟ ପାଖରେ ନଥାଇ ବହୁତ ଦୂରରେ ଥିଲା । "ଚିକାଗୋ' ବଡ ଏୟାରପୋର୍ଟଟିଏ । ଶେଷରେ ଦିହେଁ ପହଞ୍ଚିଗଲୁ ଗେଟ୍ ପାଖରେ । ଦେ ଆଶ୍ଚର୍ଯ୍ୟ ଲାଗିଲା ଯେ ଆମ ଦିଲ୍ଲୀ ଯିବା ବିମାନଟି ସେଯାଏ ଛାଡି ନଥାଏ । ଯେମିତି ବିମାନଟି ଆମପାଇଁ ଅପେକ୍ଷା କରି ରହିଛି । ସତ କହିବାକୁ ଗଲେ, ଆମେ ଦିହେଁ ଥିଲୁ ଶେଷ ଯାତ୍ରୀ ସେ' ବିମାନଟିରେ ଚଢିବାକୁ । ଆମେ ବିମାନରେ ପଶିବାକ୍ଷଣି ଗେଟ୍‌ଟି ବନ୍ଦ୍ କରାଗଲା । ସେତେବେଳେ ମୋ' ଚଷମା ଭିତରେ ଦି'ଧାର ଲୁହ ବହୁଥି । କାଳେ କିଏ ଦେଖିଦେବ ବୋଲି ଆସ୍ତେଆସ୍ତେ ସେ' ଲୁହକୁ ପୋଛିଦେଇ ସିଟ୍ ଖୋଜି ମୋ' ସିଟରେ ବସିଲି । ମୀରା ମୋ' ପାଖ ସିଟରେ ବସିଲା । ଦିହେଁ ନୀରବରେ ବସି ଥକ୍‌କା ମେଣ୍ଟାଉଥିଲୁ । ମନେମନେ ପ୍ରଭୁଙ୍କୁ ସ୍ମରଣକରି ମୁଁ ଅଶେଷ ଧନ୍ୟବାଦ ଦେଲି । କବି ଭାଇନାଙ୍କ "ବାଇଶିପାହାଚ'ରେ ଲେଖା ତାଙ୍କ ଅନୁଭୂତି ସବୁ ମନେ ପଡୁଥି । ସେହି ପରମପୁରୁଷ ହିଁ ଏକା ଯିଏକି ସବୁ ଅସମ୍ଭବକୁ ସମ୍ଭବ କରିପାରନ୍ତି, ଆମେତ ଛାର ମଣିଷ। ଆମର ସେ' କ୍ଷମତା କାହିଁ ? ବିପଦେ ପଡିଲେ ଆମେ ତାଙ୍କୁ କେବଳ ଡାକୁ, ଖୋଜୁ, କାରଣ ତାଙ୍କରି ଦ୍ୱାରା କେବଳ ଅସାଧ୍ୟ ସାଧନ ହୁଏ ବୋଲି । ଏଇଠି ପାଠକମାନଙ୍କୁ କହିବାକୁ ଚାହେଁ ଯେ ମୋର ଜଣେ ଭାଇନା (ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ତ୍ରିପାଠୀ), ଆମେରିକାର "ଓକଲାହୋମା" ସହରରେ ରୁହନ୍ତି । ତାଙ୍କ ସହ ବହୁତ ଦିନରୁ ଜଣାଶୁଣା । ଭାଇନାଙ୍କୁ ମୁଁ ନିମନ୍ତ୍ରଣ କରିଥିଲି ଆସି ଏ' ପ୍ରତିଷ୍ଠା ଦିବସରେ ଯୋଗ

ଦେବାକୁ । ସେ' ଗ୍ରଜି ହେଇଥିଲେ । "ଓକଲାହୋମା' ଛାଡିବା ପୂର୍ବରୁ ଭାଇନା ମୋତେ ଡାକ କହିଥିଲେ ସେ' ଆସୁଛନ୍ତି ବୋଲି । କନ୍ତୁ, ସେ' ମୋ' ତିନ ଦିନ ଆଗରୁ ବାହାରି ଚକାଗୋରେ ଅଟକ ରହିଥିଲେ ।

ଆମେ ଦିଲ୍ଲୀ ପହଞ୍ଚିବାର ୫ ଦିନ ପରେ ବହୁତ ହଇରାଣ ହୋଇ ପହଞ୍ଚିଥିଲେ ଓ ପୂର୍ଣ୍ଣାହୁତି ଦିନ ଆମ ଗାଁରେ ପହଞ୍ଚିଥିଲେ । ମୁଁ ପରେ ତାଙ୍କଠୁ ଏ' ଖବର ପାଇଲି ।

ବିଶ୍ୱାସ ହେଉ କ ନହେଉ ଏ' ଏକ ନଚ୍ଛକ ସତ କଥା । ଶେଷରେ ଆଉ ପଦେ ମୋ' ସାଆନ୍ତ ପଢୁଥିବା ଭାଗବତରୁ ମନେ ପଡୁଛି । "ମୁକଂ କରୋତି ବାଚ୍ଲଂ, ପଙ୍ଗୁ ଲଂଘୟତେ ଗିରିଂ, ଯତ୍ କୃପା ତମହଂ ବନ୍ଦେ, ପରମାନନ୍ଦ ମାଧବଂ ' । ତୁମରି କରୁଣାଥିଲେ ମୁକ କଥା କହିପାରେ, ପଙ୍ଗୁ ବି ପାହାଡ ଚଢିପାରେ । ଏ' ଦୁନଆରେ ଯାହା ହେଉଛି ସେ'ସବୁ ତୁମରି କୃପାରେ ହେଉଛି ପ୍ରଭୁ, କେବଳ ତୁମରି କୃପାରେ । ପ୍ରଭୁହେ ! ତୁମର କରୁଣା ଅପାର । ଏ' ହେଉଛି ମୋ'ର ନଜର ଅନୁଭୂତିରୁ ଦି'ପଦ । ଆଜିପାଇଁ ଏତିକ । ପୁଣି କେବେ ଦେଖାହେବା ଆଗାମୀ ସଂଖ୍ୟାରେ ।

ଜୟ ଜଗନ୍ନାଥ ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com& editor.vedantimagazine@gmail.com.

Whatsapp & Mobile: 9594993733


# କାଳଆ ସାଥେ ବର୍ତ୍ତାଳାପ



ପ୍ରକାଶ ସାହୁ

କାଳଆ ରେ ତୋତେ ଶୁଭୁଛି କ ନାହିଁ
ଆଜି କାହିଁ ମନେ ହେଉଛି
ତୋ ପାଖରେ ଟିକେ ବସିବାକୁ
ତୋ ସାଥେ ଦୁଇ ପଦ କଥା ହେବାକୁ
ତୁ ତ ଜାଣୁ ମୁଁ ତୋତେ କେତେ ଭଲପାଏ
ଖାସ ଏଇଠି ପାଇଁ ତ ମୁଁ
ତୋ ଭକତ ଖାତା ରେ ଅଛି କ ନାହିଁ
ଜାଣିନାହିଁ ତଥାପି ତୋତେ ମୁଁ ହୃଦୟ ରେ
ରଖିଛି ତୁ କାହିଁକି ବେଳେ ବେଳେ
ଏମିତି ହେଉଛୁ ଯେ କେତେବେଳେ
ଶ୍ରୀମନ୍ଦିର ଛାଡି ମାଉସୀ ଘର କୁ
ପଳାଉଛୁ ପୁଣି କେବେ ଅଣସର ରେ
ରହି କାହାକୁ ଦର୍ଶନ ଦେଉନାହୁଁ
ତୋତେ ଦେଖିବାକୁ କେତେ ଅବଳା
ଦୁର୍ବଳା, ଦୁଃଖୀ ଅପେକ୍ଷା କରି ରହିଥାନ୍ତି
ତୁ କଣ ଜାଣିପାରୁନାହୁଁ ସେ କଥା
ଦିନ ରେ ତୋ ପାଖେ କେବେ ଯେ
ସମୟ ଅଛି କହିଲୁ ତୋ ପାଖେ ବସିବାକୁ
କେତେ କାମ ନା ତୋର
ସେଥି ପାଇଁ ତ ମାଟି ମା ର ବିଶ୍ରାମ ସମୟ ରେ

ବସିବାକୁ ଇଚ୍ଛା କରିଛି ତୋ ପାଖେ ଆଜି
ତୁ ଦେଖିଲୁଣି ନା
ଆକାଶ ରେ ପୁନେଇଁ ଜହ୍ନ ଆଉ
ଝିଲ ମିଲି କରୁଥିବା ତାର ମାନ ଙ୍କୁ
ସମସ୍ତେ ତୋତେ ମୋ ପାଖେ ଦେଖି
ଏମିତି ହେଉଛନ୍ତି କାରଣ ସେମାନ ଙ୍କୁ
ଜଣା ଆମର ସମ୍ପର୍କ, ଏହି ଦେଖ ଏହି
ଶିରି ଶିରି ପବନ ଦେହ ରେ କେମିତି ଲାଗୁଛି
ଆଉ କହୁଛି ହଇ ରେ ଭକତ ପିଲା
ତୁ କଣ ଏକା ତାର ଭକତ?
ମୁଁ ତାକୁ କେମିତି ବୁଝାଇବି କହିଲୁ
ତୋର ଆଉ ମୋର ଭିତରେ ଥିବା ସମ୍ପର୍କ କୁ
କହିଲୁ ଥରେ, ପିଲା ଟି ଦିନରୁ ମୁଁ ତୋତେ ଜାଣେ
ଡିମିରି ଫଳ ଆଉ ନଡ଼ିଆ ଗଛ ର ପତ୍ର ରେ
କୁନି ରଥ କରି ମୁଁ ତୋତେ ସେ ରଥ ରେ ବସାଇଛି
କେତେ ମୁଁ ତୋତେ ଗାଁ ରାସ୍ତା ରେ ବୁଲାଇଛି;
କିନ୍ତୁ ଏ କଣ, ମୋ ମନ କୁ କେହି ଜଣେ କହୁଛି
ତୁ କୁଆଡେ ଆଉ ଭକ୍ତ ଙ୍କୁ ଉଦ୍ଧାରୁ ନାହୁଁ
ସଂସାର ରେ ପାପ ଭାର ବଢିଛି ବୋଲି
ତୁ ଆଉ ବୋଝ ସମ୍ଭାଳି ପାରୁନାହୁଁ
କିନ୍ତୁ କେବେଳ ତୋତେ ହିଁ ଜଣା
ଏ ଦୁନିଆ ରେ ପାପୀ ଙ୍କ ବିଷୟ ରେ
ଆଉ ମୋ ବିଷୟରେ।
ପୁଣି ଏବେ ତୋ ଧୂପ ର ମହକ ଆସିଲାଣି
ବୋଧେ ତୁ ମୋତେ କିଛି କହିବାକୁ ଚାହୁଁଛୁ
କିଛି ବୁଝାଇବାକୁ ଚାହୁଁଛୁ
ହଁ ମୁଁ ଜାଣିପାରିବିନି ଆଉ ଏହି କଥା ନା



ତୁ ମୋ ପାଖେ ପାଖେ ରହିଛୁ
ମୁଁ ଯେଉଁଠି ଆଉ ଯେପରି ଅବସ୍ଥା ରେ
ରହିଲେ ବି ମୋ ଉପରେ ନଜର ରଖିଛୁ
ତୁ ମୋର ସେହି କଳଆ ଟି
ସମସ୍ତ ଙ୍କ ପାଇଁ ଯାହା ଦୁଆର ଖୋଲା
ହାତ ନାହିଁ କ ଗୋଡ ନାହିଁ ତଥାପି
ତୋ ଅଧା ଗଢ଼ା ହାତ ରେ କେବଳ
ଦେଇ ଗ୍ଳଲିଛୁ ତୁ ଏହି ଦୁନଆ କୁ
ତୋ ଚକା ଆଖିରେ ଏହି ଦୁନଆ କୁ ଦେଖୁଛୁ
ଶ୍ରୀମନ୍ଦିର ସିଂହାସନ ରେ ବସି ଏ ବିଶ୍ୱ କୁ ଚଳାଉଛୁ
ତୋ କଥା କାହାକୁ ଅଜଣା ବା କହିଲୁ
ତୋ ଅବଢ଼ା, ତୋ ଟଙ୍କତୋର୍ଣ୍ଣି, ତୋ ଚନ୍ଦନ
ତୋ ନର୍ମାଲ୍ୟା, ତୋ ଛଡା ତୁଳସି
ଆଉ କାହା ପାଖେ ଅଛି କହିଲୁ
ତୁ ତ ଓଡ଼ିଆ ଜାତି ର ସ୍ୱାଭିମାନ
ଓଡ଼ିଆ ମାଟି ମା ର ପାଣିପବନ
ଓଡ଼ିଆ ପ୍ରାଣ ର ଜୀବନ ତୋ ପାଖେ
କ ହୀର୍ କ ମୋତି ଆଉ ମାଣିକ କହିଲୁ
ପ୍ରତି ଟି ଓଡିଆ ଆତ୍ମା ରେ ପର୍ ତୁ
ଆରେ କାଳଆ ରେ କହୁ କହୁ
କେତେ କଥା ଯେ କହିଦେଲି
ମୁଁ ଆଉ ଜାଣିପାରିଲି ନାହିଁ
ମୁଁ ତ ନପଟ ମୂର୍ଖ ଟାଏ
ତୋ ଇସାର୍ ରେ ମୁଁ ଗ୍ଳଲିଛି
ମୋ କଥା କୁ ଭୁଲ ବୁଝିବୁନ
ରହିଲି .....



ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ନିରାଶାର ନୀଡ଼



ଅନୁସୂୟା ମିଶ୍ର

ଆକାଶକୁ ବା କାହିଁକି ଅଭିଶାପ ଦେବି
ପବନର ଗତିକୁ ବି
ଦୋଷ ଦେଇ କି ଲାଭ ପାଇବି
ମୁଁ ହିଁ ତ ଶିଖେଇଥିଲି
ଦେଖ୍,
ବିସ୍ତୃତ ସେଇ ଆକାଶଟା ହିଁ ତୋର ଲକ୍ଷ୍ୟ
ନୀଡ଼ର ନିବୁଜତା ନୁହଁ
ଦେଖାଇ ଦେଇଥିଲି ବି
ମନରେ ଦମ୍ଭ
ଆଉ ଡେଣାରେ ଅସୀମ ବିଶ୍ୱାସ ନେଇ
କିପରି ତୁ ଖଣ୍ଡିଉଡ଼ା ଦେବୁ
ଏ ଡାଳରୁ ସେ ଡାଳକୁ
ସେ ଡାଳରୁ ସେ ଡାଳକୁ..
ପୁଣି ସେ ଡାଳରୁ ବି ଦୂରକୁ ଉଡ଼ିଯିବୁ
ଯେମିତି ମୋ ଆସକ୍ତି ର ଡୋରି
ରୋକି ପାରିବନି ଆଉ
ତୋର ନିଜସ୍ୱ ଏକ ଆକାଶର ସନ୍ଧାନକୁ ।

ତୁ ବି ଶିଖିଗଲୁ ସବୁ
ଉଡୁ ଉଡୁ ଉଡ଼ିଗଲୁ
ମୋ ଅଶାର ଅତୀତ
କେଉଁ ଏକ ଅଜଣା ଇଲାକାକୁ
ନା କର୍ତ୍ତବ୍ୟର ବୋଝ
ନା ସମ୍ପର୍କର ବନ୍ଧନ
ସତରେ,
ଖୁବ ଖୋଲା ମେଲା ସେ ଆକାଶ
ଫେରି ଚାହିଁବାଟା ଥିଲା
କାପୁରୁଷତା ତୋ ପାଇଁ
ଆଉ ମୋ ଆଖି ଆଗରେ
ଝାପ୍ସା ହୋଇଗଲା ସବୁକିଛି
ଅଜଣା ଏକ ଶୂନ୍ୟତାର
ଶେଷମୁଣ୍ଡଟିକ ଚାହିଁ ଚାହିଁ।

ଖୁବ ବାଧେ ନୀଡ଼ର ନିର୍ଜନତାଟା ଏବେ
କଣ୍ଟା ପରି ଫୋଡ଼ି ହୋଇଯାଆନ୍ତି
ଚାରିପଟେ
ନିରାଶାର ଯେତେ କୁଟାକାଠି
ସୂରୁଜ ଉଏଁ ସତ
ଆଉ ସକାଳ ହୁଏନି ଏଠି
ଭାବେ, ଆଖି ବା ଖୋଲିବି କାହିଁକି
ନ ଦେଖି ପାରିବି ଯଦି
ମୋ ପକ୍ଷର ଉଷ୍ମ ଆବରଣ ତଳେ

ନିଜକୁ ସବୁଠାରୁ ସୁରକ୍ଷିତ ମଣୁଥିବା
ପୁଲକିତ ତୋର ଦୁଇ ଆଖି !
ଆଗକୁ ବା କାହିଁକି ବଢ଼ିବି
ଥଣ୍ଟ ମେଲି ବସି ନଥିବୁ ତୁ ଯଦି
ଲେଉଟାଣି ବାଟକୁ ମୋ ଜଗି !

ଭୁଲ କଲି
ତୁ ଉଡ଼ିଗଲା ବେଳେ
କଥା ପଦେ କହିବାକୁ ଭୁଲିଗଲି
ବାଦଲର ଆଶ୍ରୟଟା ଶ୍ରାବଣର ଶେଷ ଯାଏଁ
ପବନ ର ସୁଅ ବି ଦିନେ ପାହାଡ଼ରେ ଧକ୍କା ଖାଏ
ଆଉ ଅସରନ୍ତି ପରି ଦିଶୁଥିବା ଏଇ ଆକାଶଟା
ପ୍ରତିଟି ଅମାବାସ୍ୟାରେ
ନିଜ ଅସ୍ତିତ୍ୱ ହରାଏ
ଅସୀମ ତ କେବଳ
ତୋ ପାଇଁ ମୋ ଅମୃତର ଧାର
ଝରୁଥିଲା...ଝରୁଥିବ
ପିଣ୍ଡରେ ମୋ ପ୍ରାଣ ଥିବା ଯାଏଁ
ତୁ ଯୋଉଠି ବି ଥା
ମୁଁ ଯୋଉଠି ବି ଥାଏ ।

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

# ତୁମେ ତ ରହିଛ



ଅନାମ ଚରଣ ସାହୁ

ତୁମକୁ ମୁଁ ଖୋଜୁଥିଲି ବନ, ଉପବନେ
ନଦୀ, ଗିରି, ତୋଟାମାଳ ସାଗର ବେଳାରେ
ନୀଳ ଗଗନର କୋଳେ ବଉଦ ମାଳାରେ
ଗାଆଁ ସହରର ଗଳ ଭକ୍ତିପୁତ ମନେ ।
ଫୁଲେଇ ଫଗୁଣ ଋଶ ସ୍ନିଗ୍ଧ ଚୂତ ବନେ
ସୂରୁଜ କଅଁଳ କର କାକଳ ସ୍ୱରରେ
ବରଷାର ମଧୁଝର ଶିଖିର ନାଚରେ
ସୁଷମା ସୁରଭି ଭରା ବିଜନ ଭୁବନେ ।
ସକାଳ ଶିଶିର ବିନ୍ଦୁ ସୁମନ ସୁଗନ୍ଧେ
ନର୍ଝରର କଳରବେ ପୂର୍ଣ୍ଣମୀ ଜହ୍ନରେ
ମେଳା ମହୋତ୍ସବ ସ୍ଥାନ ମନ୍ଦିର ବେଢାରେ
ସୁର, ତାଳ, ଲୟ ପ୍ରଜ୍ଞା ଓଡିଶୀର ଛନ୍ଦେ ।
ପାଇଥାନ୍ତି କାହିଁ କୁହ ଏ ସବୁ ସ୍ଥାନରେ
ତୁମେତ ରହିଛ ଥିବ ମୋ ହୃଦ ତନ୍ତ୍ରୀରେ ॥

ବିଭୁତିପୁର, କାକଟପୁର, ପୁରୀ

# "ମା"



ଶୈଳଜା ମିଶ୍ର

ମୁଁ କ'ଣ ପାରିବି ସେ ନାମର ବ୍ୟାପକତାକୁ,
ନଜର ଛୋଟ ଦୁଇ ପାପୁଲିରେ ସାଉଁଟି?
ଅଭିଧାନ ମଧ୍ୟ କମ୍ ପଡିଯାଏ "ମା" ଶବ୍ଦର ଅର୍ଥରେ ।
କେବଳ ମୋର ଛୋଟ ଦୁଃସାହସ ଟିଏ
ତଥାପି ଅର୍ଥ ନୁହେଁ; ତୁମକୁ ଛୋଟ କରିବାକୁ
ମୋର ସୀମିତ ଶବ୍ଦକୋଷ ମଧ୍ୟରେ ।
ମୋର ପ୍ରତିଟି ନିଶ୍ୱାସ ତୁମର ଦାନ,
ତୁମର ବୁନ୍ଦ ବୁନ୍ଦ ରକ୍ତରେ ମୁଁ ମହାନ ।
"ଏତେ ନିଷ୍ଠୁର ସତେ
ଦୁନିଆଟା ଏତେ ।"
ଯେବେ ମୁଁ ତୋ ପଣତ ତଳୁ ବାହାରୀ ଆସିଲି,
ଥିଲା ଦୁନିଆର ସବୁ ଶାନ୍ତି ସତେ, ସେହି ପଣତ କାନିରେ ।
ଅସହ୍ୟ ତାତିରେ ତୁମେ ଶୀତଳର ଛାୟା,
ସମୟର ପତ୍ରଝଡାରେ ମଧ୍ୟ ବସନ୍ତର କାୟା,
ମୋର ଭୋକରେ ଖାଦ୍ୟ ତୁମେ, ପୁଣି ତୃର୍ଷାର୍ତ୍ତରେ ଜଳ,
ପୁଣି କେତେବେଳେ ପାଲଟି ଯାଅ ଅସହ୍ୟ ଜାଡରେ ଉଷ୍ମ ପ୍ରସବଣ
ମୁଁ କେହି ନୁହେଁ, ମୁଁ କିଛି ନୁହେଁ ତୁମ ବିନା,
ତଥାପି ମୁଁ କାଳ ଜୟି, ମୃତ୍ୟୁଞ୍ଜୟୀ
କାରଣ କାଳ ପୁରୁଷ ବି ଫେରାଇ ନେଇଛି ମୁହଁ
ତୁମ ହାତ ମୋ ମଥାରେ ଥିବାଯାଏ ।

ପ୍ଲଟ୍ ନଂ – ୩୭୫, ଶାସ୍ତ୍ରୀ ନଗର, ଭୁବନେଶ୍ୱର

# ବସନ୍ତ- ପଲ୍ଲବୀ



ଡ. ବିଜ୍ଞାନୀ ଦାସ

ଏପ୍ରିଲ୍ ୧୫ ତାରିଖ, ଶନିବାର । ବସନ୍ତ ଋତୁ ସଦ୍ୟ କଲେଜ୍‌ପାର୍କ ସହରରେ ବିରାଜମାନ କରିଥାଏ । ଦିନଟା ଭାରି ସୁନ୍ଦର ଥାଏ, ବାଦଲ ବିହୀନ ପରିଷ୍କାର ଆକାଶ, ବାହାରେ ଚେରିଫୁଲର ମେଖଳା ଓ ମୃଦୁ୍ୟ ମଳୟ ପବନ । ରବିର ମନେ ପଡିଗଲା ବସନ୍ତ ପଲ୍ଲବୀ ନାଚଟି, ସୁରବାବୁଙ୍କ ବଡଝିଅ ତାର ମଞ୍ଚ ପ୍ରବେଶରେ ନାଚୁଥିଲା, ଅତି ସୁନ୍ଦର, ଛନ୍ଦମୟ । ସେ ଗୀତର ମଧୁରତାରେ ରବି ବିହ୍ୱଳ ହୋଇଯାଇଥିଲା । ଯଦିଓ ସିଏ କେବେ ସଙ୍ଗୀତରେ ତାଲିମ୍ ନେଇନ, ତେବେ ତାର ତାଳ, ଲୟ ଜ୍ଞାନ ଅଛି । ଅନ୍ୟକୁ ନକଲ କରି ସାଙ୍ଗେସାଙ୍ଗେ ଶୁଣିଥିବା ଗୀତଟିଏ ସିଏ ଗାଇଦେବ । ଆଜି ବି ଏମିତି ପରିବେଶରେ ତା' ମନରେ ସେ ବସନ୍ତ ପଲ୍ଲବୀର ସୁର ପ୍ରତିଧ୍ୱନିତ ହେଉଥିଲା । ସକାଳୁ ସିଏ କଛି କାମ ସାରିବା ପାଇଁ ଅଫିସ୍ ଆସିଥିଲା, ହେଲେ ତା' ମନ କେମିତି କେମିତି ହେଉଥିଲା, ଯେମିତି କ କଛି ଗୋଟିଏ ନୂଆ ଘଟିବାକୁ ଯାଉଛି, କ କଛି ଆଶ୍ଚର୍ଯ୍ୟଜନକ ଘଟଣା ତାକୁ ଅପେକ୍ଷା କରି ରହିଛି । ରବି ତେଣୁ ଆଉ ଅଫିସରେ ସମୟ ନ କଟାଇ ଦିନ ଏଗାରଟା ବେଳକୁ ତା' ଆପାର୍ଟମେଣ୍ଟକୁ ଫେରିଆସିଲା । ରାଇସ୍ କୁକରରେ ଭାତ ବସେଇଦେଇ ତା ଉପରେ ଥିବା ଥାକରେ ଆଳୁ, ବାଇଗଣ ସିଝେଇବା ପାଇଁ ରଖିଦେଲା । ଭାତ ହେବାକୁ କୋଡିଏ ମିନଟ୍ ଲାଗିବ । ରବି ଗାଧୋଇ ଯିବାକୁ ବାହାରିଲା, ହେଲେ ତା' ପୂର୍ବରୁ ଫୋନ୍ ଟିକେ ଚେକ୍ କରିଦେବାକୁ ଯାଇ ଦେଖିଲା ଯେ ଜୁଲିଠାରୁ ତିନଟା ମିସ୍‌ଡ୍ କଲ୍ । କାମ କଲାବେଳେ ମନକୁ ନିୟନ୍ତ୍ରିତ ରଖିବା ପାଇଁ ସିଏ ଫୋନ୍‌କୁ ସାଇଲେଣ୍ଟ କରିଦେଇଥାଏ । ସେଇଥିପାଇଁ ସିଏ ଜୁଲିର ଫୋନ୍ ଶୁଣିପାରିନ ।

ସାଙ୍ଗେସାଙ୍ଗେ ରବି ଜୁଲିକୁ ଫୋନ୍ ଲଗେଇଲା । ଜୁଲି ବି ସେପଟେ ଫୋନ୍ ଧରିଲା ।

ରବି ପଚାରିଲା, "କଣ ହେଲା ଜୁଲି । ତୋର ତିନଟା ମିସ୍ଡ୍ କଲ୍ ଦେଖିଲି ।"

"ତୁ କୋଉ ଗାଇଜରେ ଥାଉକ ଭାଇ ? ଫୋନ୍‌ଟା ଅନ୍ କରି ରଖି ନଥାଉ । ବାବାରେ, ମୁଁ ତ ପୂରା ଡରିଗଲି ।" - ଜୁଲି ଅଭିଯୋଗ କଲା ।

"ହଉ କହ, ତୋର ଏତେଥର ଡାକବାର କାରଣଟା କଣ ?" - ରବିର ଉତ୍କଣ୍ଠା ବଢୁଥିଲା ।

ଜୁଲି - "ଆଛା କହିଲୁ, ତୁ କଣ ତିଲୁକୁ ଭଲପାଉଛୁ ?"

ରବି ସ୍ତବ୍ଧ ହୋଇଗଲା । ଜୁଲି ତା' ସାନ ଭଉଣୀ । ତାକୁ ଏମିତି ଗୋଟିଏ ପ୍ରଶ୍ନ କେମିତି ପଚାରିପାରୁଛି ? "ଏ କେମିତି ପ୍ରଶ୍ନ ? ଆଉ ତୁ ଏ ପ୍ରଶ୍ନ କାହିଁକି ପଚାରୁଛୁ ?"

ଜୁଲି - "ସେମିତି ଘଟଣା ଘଟିଛି । ତିଲୁ ତା' ବାପା, ମା'ଙ୍କୁ ଜଣେଇଦେଇଛି ଯେ ସିଏ ତତେ ଭଲପାଏ ବୋଲି । ତା' ବାପା, ମା' ଆମ ଘରକୁ ତା' ବାହାଘର ପ୍ରସ୍ତାବ ନେଇ ଆସିଛନ୍ତି ଓ୍ବ"

ରବିର ମୁ ଗୋଳମାଳ ହୋଇଗଲା । ଇଏ କେମିତିକା ଡ୍ରାମା ? ଖୋଳତାଡ କରି ଜୁଲିଠାରୁ ଯାହା ବୁଝିଲା, ସେଥିରୁ ଜଣାପଡିଲା ଯେ ଆମେରିକା ଆସିବା ପୂର୍ବରୁ ତିଲୁର ବାହାଘର କରିଦେବା ପାଇଁ ତାର ବାପା, ମା' ମନସ୍ଥ କରିଥିଲେ । ସେଇଥିରୁ ଅନେକ ଭଲଭଲ ପ୍ରସ୍ତାବ ଆମେରିକାରେ ସ୍ଥାୟୀ ହୋଇ ରହିଥିବା କେତେ ଡାକ୍ତର ମାନଙ୍କର ବି ରହିଥିଲା । ସେସବୁ ପ୍ରସ୍ତାବ ତିଲୁର ବଡ ଭଉଣୀଙ୍କ ନଣନ୍ଦ ସବୁ ପଠାଇଥିଲେ । ହେଲେ ତିଲୁର ଏକା ଜିଦ୍, ସିଏ ଏବେ ବାହାହେବନ । ତା' ଦିଦି ତାକୁ ପଚାରିଲେ, "ତୁ ଯଦି କାହାକୁ ଠିକ୍ କରିଛୁ, କହୁନୁ । ଆମେ ସେଇଠି ତୋର ବାହାଘର କରିଦେବୁ ।" ସେଇଠୁ ସିଏ ଉତ୍ତରରେ ଜଣେଇଲା, "ମୁଁ ରବିଙ୍କୁ ଭଲପାଏ । ଯଦି କେବେ ବାହାହେବି ତ ତାଙ୍କୁ ହିଁ ବାହାହେବି ।"

"ସେଇଠୁ କଣ ହେଲା ?" - ରବିର ପ୍ରଶ୍ନ ।

"କଣ ଆଉ ହେବ ? ତା' ବାପା, ମା' ପଦ୍ମା ଓ ପରମେଶ୍ୱରଙ୍କ ସହିତ ଯୋଗାଯୋଗ କରି, ଆମ ଘର ଫୋନ୍ ନମ୍ବର ନେଇ, ବାପାଙ୍କୁ ଫୋନ୍ କଲେ ଓ ତିନଦିନ ତଳେ ଆମ ଗାଁକୁ ଆସି ଆମ ପରିବାରକୁ ଭେଟିଲେ ।"

ରବି - "ବାପା କଣ ରାଗିଲେ ?"

ଜୁଲି - "ନା, ବାପା ଖୁସିହେଲେ । ଆମ ଘରେ ସମସ୍ତେ ରାଜି । ତାଙ୍କ ଘରେ ବି ସମସ୍ତେ ରାଜି । ତୋ ମତକୁ ସମସ୍ତେ ଅପେକ୍ଷା କରିଛନ୍ତି ।"

ରବିର ମୁ  ଆହୁରି ଅଧିକ ଗୋଳମାଳ ହୋଇଗଲା । ଯଦିଓ ତିଲୁକୁ ସିଏ ଭଲପାଏ ଓ ତାକୁ ବାହାହେବାକୁ ଚାହେଁ, ହେଲେ ଏତେ ଆକସ୍ମିକ ଭାବେ ତାକୁ ଏ ବିଷୟରେ ନିର୍ଣ୍ଣୟ କରିବାକୁ ପଡିବ, ସିଏ କେବେ ବି ଚିନ୍ତା କରିନଥିଲା । ସିଏ ଜୁଲିକୁ ପଚାରିଲା, "ହେଲେ ଏତେ ଶୀଘ୍ର ? ବାହାଘର କଣ ପିଲା ଖେଳ ହୋଇଛି ?"

ଜୁଲି - "ଶୀଘ୍ର କଣ ? ତିଲୁକୁ ଅଠେଇଶ ବର୍ଷ ହେଲାଣି । ଆଉ ତତେ ତ ତେତିଶି ପୁରିଲାଣି । ସେଇଥିପାଇଁ ବାପା କହିଲେ, ତୁ ଯଦି ରାଜି ହୋଇଯାଉ ତ ମେ' ମାସ ଶେଷ ବେଳକୁ କିମ୍ବା ଜୁନ୍ ମାସ ପହିଲା ବେଳକୁ ଲଗ୍ନ ଦେଖି ବାହାଘର ଦିନ ଧାର୍ଯ୍ୟ କରିଦେବେ ।"

ରବି - "ଏତେ ତରତର ହୋଇ ବାହାହେବା ସପକ୍ଷରେ ମୁଁ ନୁହେଁ ।"

ରବି କହିଦେଲା ସିନା, ପୁଣି ଅନୁତାପ କଲା । ହଁ, ସତରେ ସିଏ ତେତିଶି ବର୍ଷର ବୁଢା ହୋଇଗଲାଣି, ବାହାଘର ବଜାରରେ ତାର ଦର କମିଯିବଣି ।

ଜୁଲି - "ତୁ ଖାଲି କହ, ତୁ ତିଲୁକୁ ଭଲପାଉ କି ନାହିଁ । ତୁ ତ ସେଠି କେଉଁ ଆମେରିକା ଝିଅକୁ ଠିକ୍ କରିଥିଲୁ । ସେଇଥିପାଇଁ ବାପା, ବୋଉ ଚିନ୍ତିତ ଅଛନ୍ତି ।"

ରବି - "ହଁ, ମୁଁ ତିଲୁକୁ ଭଲପାଏ ଓ ତାକୁ ବାହାହେବାକୁ ଚାହେଁ ।" - ଉତ୍ତର ଦେଇ ରବି ଏକ ପରିତୃପ୍ତିର ନିଶ୍ୱାସ ନେଲା ।

ସେପଟୁ ସମ୍ମିଳିତ ଆନନ୍ଦ ଓ ହସର ଶବ୍ଦ ଭାସିଆସିଲା । ଜାହ୍ନବୀ ଫୋନ୍ ଧରି କହିଲା, "କନ୍‌ଗ୍ରାଚୁଲେସନ୍‌ସ୍ ରବିଭାଇ । ହେଲେ ଦୟାକରି ତିଲୁର ଆମେରିକା ଯିବା ପୂର୍ବରୁ ବାହା ହେବାକୁ ରାଜି ହୋଇଯାଆ । ନହେଲେ ପସ୍ତେଇବ । ରେସିଡେନ୍‌ସୀରେ ପଶିଗଲା ପରେ ତିନି ବର୍ଷ ପର୍ଯ୍ୟନ୍ତ ତାକୁ ନିଃଶ୍ୱାସ ନେବାକୁ ବେଳ ମିଳିବନି, ବାହାଘର ତ ଦୂରର କଥା ।”

ରବି ପଚାରିଲା, "ତୁ କଣ ମଧ୍ୟସ୍ଥି ହୋଇଛୁ ନା କଣ ? ଖରାଦିନରେ, ଏତେ ଗରମରେ କିଏ ବାହାହେବ ? "

ଜାହ୍ନବୀ - "ତମପାଇଁ ଶୀତତାପ ନିୟନ୍ତ୍ରିତ ହୋଟେଲ୍ ବୁକ୍ କରାଯିବ । ଜମା ବ୍ୟସ୍ତ ହୁଅନି । ଖାଲି କୁହ, ମେ ମାସ ଶେଷ ସପ୍ତାହ ବେଳକୁ କି ଜୁନ୍ ମାସ ପ୍ରଥମ ସପ୍ତାହ ବେଳକୁ ତମେ ଓଡିଶା ଆସିପାରିବ କି ନାହିଁ ? ତାହେଲେ ମଉସା ପଣ୍ଡିତ ପରାମର୍ଶ କରି ଦିନ ଠିକ୍ କରିବେ ।"

ରବି - "ମେ ପଚିଶ ତାରିଖ ପୂର୍ବରୁ ତ ନୁହେଁ । ତାପରେ ଠିକ୍ ହେବ ।"

ଜୀବନର ଏତେ ବିଶେଷ ଘଟଣା ସମ୍ବନ୍ଧରେ ତାକୁ ଏମିତି ଆକସ୍ମିକ ଭାବେ ନିଷ୍ପତ୍ତି ନେବାକୁ ପଡିବ ବୋଲି ସିଏ ସ୍ୱପ୍ନରେ ବି ଭାବିନଥିଲା । ଜୁଲି ସହିତ ପରେ କଥା ହୋଇ ଯାହା ବୁଝିଲା, ଘରେ ସମସ୍ତଙ୍କର ଗୋଟିଏ ମତ । ଶୁଭସ୍ୟ ଶୀଘ୍ରମ୍ । ତାପରେ ତିଲୁର ବାହାଘର ଯଦି ସରିଯିବ, ତା' ବାପା, ମାଙ୍କୁ ବି ତା ନେଇ ଚନ୍ତାରୁ ଟିକେ ରିହାତି ମିଳିବ ।

ରବି ମନ ଭିତରେ ଆଉ ଗୋଟିଏ ଗାଣିତିକ ସୂତ୍ର ରଚନା କରିଦେଲା, "ଏବେ ଆଉ ତିଲୁ ପାଇଁ ଅଲଗା ଆପାର୍ଟମେଣ୍ଟ ବୁଝିବା ଦରକାର ପଡିବନି । ସେମାନେ ଗୋଟିଏ ଆପାର୍ଟମେଣ୍ଟରେ ରହିପାରିବେ ା ।"

ଆଜି ସକାଳୁ ଏମିତି ଅଲଗାଅଲଗା ଲାଗୁଥିବାର ଉତ୍ତର ରବି ଏବେ ପାଇଗଲା । ତା' ଜୀବନରେ ବସନ୍ତ ପ୍ରବେଶ କରୁଛି ।

ସେପଟେ ଓଡିଶାରେ ରବିର ବାହାଘରର ଆୟୋଜନ ଦୃତଗତିରେ ଚାଲିଥାଏ । ହୋଟେଲ୍ ମେ ଫେୟାରରେ ବାହାଘର ଅନୁଷ୍ଠିତ ହେବାର ସ୍ଥିର କରାଯାଇଥାଏ । ସେଇଠି ଯେହେତୁ ମୋନା, ପଦ୍ମା ଓ ପ୍ରମୋଦଙ୍କର ବାହାଘର ବି ହୋଇଥିଲା, ସେଥିପାଇଁ ସେ ହୋଟେଲ୍ ମ୍ୟାନେଜମେଣ୍ଟ ସହିତ ପରିବାରର ସମସ୍ତେ ପରିଚତ ହୋଇଯାଇଥିଲେ । ରବି ପ୍ରମୋଦ ଓ ଜାହ୍ନବୀକୁ ସବୁ ଦାୟିତ୍ୱ ଦେଇଦେଲା ଓ ଡଲାର୍ ବି ପଠେଇଦେଲା । ତାର ସର୍ତ୍ତ ଥିଲା ଯେ ସବୁ ଖର୍ଚ୍ଚ ସିଏ ହିଁ ବହନ କରିବ । କିଛି ଖର୍ଚ୍ଚ ବହନ କରିବାକୁ ତିଲୁର ପରିବାର ରବି ନିକଟରେ ନିବେଦନ କଲେ, ତିଲୁ ସେମାନଙ୍କର ସବୁଠାରୁ ସାନଝିଅ, ସେମାନଙ୍କୁ ସେ ସୌଭଗ୍ୟରୁ ବଞ୍ଚିତ ନ କରିବା ପାଇଁ ଅନୁରୋଧ କଲେ ଓ ରବି ମଧ୍ୟ ରାଜି ହୋଇଗଲା । ହୋଟେଲ୍‌ର ବଲ୍‌ରୁମରେ ବାହାଘର ଓ ରିସେପ୍‌ସନ୍ ହେବାର ବ୍ୟବସ୍ଥା ରହିଲା । ବାହାଘର ଦିନର ସମସ୍ତ ଖର୍ଚ୍ଚ ତିଲୁର ପରିବାର ବହନ କରିବେ ଓ ଚତୁର୍ଥୀ ଦିନ ରିସେପ୍‌ସନ୍‌ର ଖର୍ଚ୍ଚ ରବିର ପରିବାର ବହନ କରିବେ । ଏମିତି ସବୁକିଛିର ବୁଝାମଣା ସହଜରେ ହୋଇଗଲା ।

ରବିର ଇଚ୍ଛା ହେଉଥିଲା ଟିକେ ତିଲୁ ସହିତ କଥା ହୁଅନ୍ତା । ହେଲେ ତାକୁ ଲାଜ ଲାଗୁଥିଲା । ମାନିବାକୁ ପଡିବ ତିଲୁର ସାହସକୁ । ଝିଅପିଲା ହୋଇ ସିଏ ସିଧାସିଧା ଜଣେଇଦେଲା ରବିକୁ ଭଲପାଏ ବୋଲି । ଆଉ ରବି, ମନ ଭିତରେ ହଜାର ସ୍ୱପ୍ନ ଦେଖୁଥିବ ସିନା, ସ୍ପଷ୍ଟଭାବେ ବାପା, ମାଙ୍କ ଆଗରେ ଏମିତି କହିବାକୁ ସାହସ କରିପାରିଲାନି । ସେଇ ଭୁଲ୍ ପାଇଁ ପଦ୍ମା ତା ଜୀବନରୁ ବିଦାୟ ନେଲା । ଜାହ୍ନବୀ ମଧ୍ୟ ବିଦାୟ ନେଲା । ସିଏ ବାହାହେବାକୁ ରାଜି ହୋଇ ଠିକ୍ କରିଛି । ସେଥିପାଇଁ ରବି ନିଜକୁ ବାହାବା ଦେଲା ।

ମେ ମାସ ଏକ ତାରିଖ । ରବି ବସି ଚାହା ପିଉଥାଏ । ହଠାତ୍ ଟେକ୍‌ସ୍ଟ୍ ମେସେଜ୍ ଆସିଲା ତିଲୁଠାରୁ, "କଣ କରୁଛନ୍ତି, ମତେ ଫୋନ୍ ଲଗାନ୍ତୁ ।" ରବି ଫୋନ୍ ଲଗେଇଲା । ତିଲୁ ଫୋନ୍ ଧରି କହିଲା, "ଧନ୍ୟବାଦ ।"

ରବି - "କଣ ପାଇଁ ? "

ତିଲୁ - "ଜମା ଜାଣିଛନ୍ତି କ ? ଆଚ୍ଛା କୁହନ୍ତୁ, ପ୍ଲାନଙ୍ଗ୍ କଣ ? "

ରବି - "ପ୍ଲାନିଙ୍ଗ୍ ଆମେ କରିବା ନା କଣ ? ତମ ବାପା, ମା' ଓ ପରିବାର, ଏବଂ ମୋ ବାପା, ମା' ଓ ପରିବାର ଯାହା ମିଶି ପ୍ଲାନିଙ୍ଗ୍ କରିବେ, ମୁଁ ରାଜି ।"

ତିଲୁ - "ସେକଥା ସତ ଯେ, ହେଲେ ବାହାଘରର ପୋଷାକ ଓ ରିସେପ୍ସନ୍ର ପୋଷାକ? "

ରବି - "ସେମାନେ ଠିକ୍ କରିବେନ ? ମୋର ତ ଆଇଡିଆ ନାହିଁ । ଆଚ୍ଛା, ଆମେ ଏ କାମ ଜାହ୍ନବୀ ଓ ପ୍ରମୋଦଙ୍କୁ ଦେଲେ କେମିତି ହୁଅନ୍ତା ? ସେମାନେ ତ ଏବେ ଗ୍ଭରିମାସ ତଳେ ବାହା ହୋଇଛନ୍ତି ନା ।"

ତିଲୁ - "ଆପଣଙ୍କର କଣ ନଜର କଛି ଚଏସ୍ ନାହିଁ ? "

ରବି - "ତମକୁ ଚଏସ୍ କରିଦେଲି ମୋ ପାଇଁ ଚଏସ୍ କରିବାକୁ । ଯାହା ଗ୍ଭହୁଁଛ, ଯାହା ମୋତେ ମାନବ ବୋଲି ଭାବୁଛ, ତାହା ମଗେଇଦିଅ ।"

ତିଲୁର ହସିବା ସ୍ୱର ସେପଟରୁ ଶୁଣାଗଲା । ତା' ପାଖରେ ହୁଏତ ତା ଦିଦି ଓ ଜିଜାଜୀ ଥିଲେ । ସେମାନେ ବି ହୁଏତ ବହେ ହସିଲେ ।

ରବି ସିନା ତିଲୁକୁ ଏମିତି କହିଦେଲା, ହେଲେ ତା' ଚଏସ୍ର କପଡା ସିଏ ବିଶେଷ ଅର୍ଡର୍ ଦେଇ ଲାଙ୍ଗଲିପାର୍କର "ଇଣ୍ଡିଆ ଶାରି ପ୍ୟାଲେସ୍' ଦୋକାନ ଜରିଆରେ ମଗେଇଥିଲା । ସେସବୁ ମେ' ମାସ ପନ୍ଦର ତାରିଖକୁ ପହଞ୍ଚିଯିବ ।

ରବି ଦିନ ଗଣୁଥାଏ । ଭାବୁଥିଲା ନୂଆ ଘରଟିଏ କଣିଦେଲେ ହୁଅନ୍ତା । ହେଲେ ଏତେ କମ୍ଦିନରେ ତା' ମୁଣ୍ଡରେ ବୁଦ୍ଧି ପଶିଲାନ । ତା' ପରିବର୍ତ୍ତେ ସିଏ ନଜର ଦୁଇଟି ବେଡ୍ରୁମ୍ ଥିବା ଆପାର୍ଟମେଣ୍ଟଟିକୁ ଭଲଭାବେ ସଜେଇବାର ଯୋଜନା କଲା । ନୂଆ ଫର୍ଣ୍ଣିଚର୍, ନୂଆ ସୋଫା କଣିଲା । ଲିଭିଙ୍ଗ ରୁମ୍ର ଶୋଭା ବଢେଇବା ପାଇଁ ଗୋଟିଏ ସୁନ୍ଦର ଡିଜାଇନ୍ର୍ ଦର୍ପଣ ଓ କଛି ଆର୍ଟଓ୍ୱାର୍କ କଣିଲା । ଏବେ ସତରେ ତା' ଆପାର୍ଟମେଣ୍ଟ ବଡ ଶୋଭନୀୟ ଦିଶୁଥିଲା, ସତେକ ତାର ନବାଗତା ପ୍ରଣୟିନୀକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରି ରହିଛି ।

ମେ ୧୫ ତାରିଖ ବେଳକୁ ଲିଣ୍ଡାର ଇମେଲ୍ ମିଳିଥିଲା ଜର୍ମାନୀରୁ । ୟୁନିଭର୍ସିଟିର ପରୀକ୍ଷା ସବୁ ସରିଗଲା ପରେ ରବି ଯଦି ଫ୍ରି ଥାଏ, ତେବେ ସେମାନେ ଗୋଟିଏ ପ୍ରପୋଜାଲ୍ ପାଇଁ ମିଟିଙ୍ଗ୍ କରନ୍ତେ । ରବି ଜଣେଇଲା, "ମୁଁ ମେ ୨୭ ତାରିଖରେ ଭାରତ ଯାଉଛି; ଫେରିବି ଜୁନ୍ ୧୮ରେ । ଯଦି ଜୁନ୍ ଶେଷ ଆଡକୁ ମିଟିଙ୍ଗ୍ ରଖିବ ତ ଭଲହେବ ।"

ଲିଣ୍ଡା ବିଚଳିତ ହୋଇଗଲା । ଏଇତ ଗ୍ରରିମାସ ତଳେ ରବି ଭାରତ ଯାଇଥିଲା । ଜର୍ମାନୀରୁ ଫୋନ୍ ଲଗେଇ ସିଏ ପଗ୍ଚରିଲା, "କଣ ହେଲା ରବି, ତମେ ପୁଣି ଭାରତ ଯାଉଛ? ଘରେ ସବୁ ଠିକ୍ ତ? "

ରବି ହସିହସି ଜଣେଇଲା, "ମୋର ବାହାଘର ହେଉଛି ।"

ଲିଣ୍ଡା - "ସେମିତି ପିଲାଳିଆମୀ କଥାକୁହନି ।"

ରବି - "ଏଇଟା ପିଲାଳିଆମୀ ନୁହେଁ, ସତ ।"

ଲିଣ୍ଡା - "ହେଲେ କେମିତି ? ତମେ ତ ମତେ ଆଗରୁ ସେମିତି ତମର କିଏ ଗାର୍ଲଫ୍ରେଣ୍ଡ ଅଛନ୍ତି ବୋଲି କହିବାର ମନେପଡୁନି । ଏଇଟା କଣ ତେବେ ଆରେଞ୍ଜଡ୍ ମ୍ୟାରେଜ୍ ? "

ରବି – "ଧରିନିଅ ସେମିତି । ହେଲେ ସେ ଝିଅକୁ ମୁଁ ଭଲପାଏ ଜାଣିଛି ।"

ଲିଣ୍ଡା - "ବହୁତ ଭଲ ଖବର । କନ୍‌ଗ୍ରାଚୁଲେସନ୍‌ସ୍ । ଆମେରିକା ଫେରିଲେ ମୁଁ ତମକୁ ଲଞ୍ଚ୍ ଖୁଆଇବାକୁ ନେବି ।"

ରବି - "ତମକୁ ନିମନ୍ତ୍ରଣ ରହିଲା । ଜୁନ୍ ୫ ତାରିଖରେ ବାହାଘର । ଯଦି ଆସିପାରନ୍ତ, ତମର ଭାରତ ଦର୍ଶନ ମଧ୍ୟ ହୋଇଯାଆନ୍ତା ।"

ଲିଣ୍ଡା - "ଭଲ ଅବସର ଥି । ହେଲେ ମୁଁ ଶୁଣିଛି, ଏ ସମୟରେ ସେଠି ବହୁତ ଗରମ । ତେଣୁ ରିସ୍କ ନେବାକୁ ଇଚ୍ଛା ହେଉନି । ତମେ ବାହାହୋଇ ଫେରିବା ପରେ ତ ଏଠି ରିସେପ୍‌ସନ୍ ଦେବନା ? "

ରବି - "ନିଶ୍ଚୟ । ତମେ ଜର୍ମାନୀରୁ କେବେ ଫେରୁଛ ? "

ଲିଣ୍ଡା - "ମେ ୨୦ ତାରିଖରେ ।"

ମେ ୨୦ ତାରିଖରେ ଫେରିବା ପରେ ଲିଣ୍ଡା ରବିପାଇଁ ଗୋଟିଏ ବିଶେଷ ଲଞ୍ଚ୍ ର ବ୍ୟବସ୍ଥା କରାଇଥିଲା । ସେଥିରେ ସେମାନଙ୍କର କିଛି ସହକର୍ମୀ ଓ ଛାତ୍ରଛାତ୍ରୀ ସାମିଲ୍ ଥିଲେ । ରଞ୍ଜନା ସବୁଠାରୁ ଅଧିକ ଖୁସିହେଲା । ସବୁ ବିଷୟରେ 'ଏ' ଗ୍ରେଡ୍ ରଖି ସିଏ ଆଗରୁ ଖୁସିଥିଲା । ରବିର ସାହାଯ୍ୟ ପାଇଁ ସେସବୁ ସମ୍ଭବ ହୋଇପାରିଥିଲା । ରବିକୁ ଶୁଭେଚ୍ଛା ଜଣେଇ ସିଏ କହିଲା, "ଆପଣଙ୍କୁ ଏବେ ଗୋଟିଏ ଘର କିଣିବାକୁ ପଡିବ । ଆଗେ ସିନା ଏକା ଥିଲେ । ଏବେ ତ ଆପଣଙ୍କୁ ଆମମାନଙ୍କୁ ଘରକୁ ବାରମ୍ବାର ଡାକି ଖୁଆଇବାକୁ ପଡିବ ।"

ରବି କହିଲା, "ନିଶ୍ଚୟ । ସେ ବିଷୟ ମୁଁ ବି ଭାବୁଥିଲି । ହେଲେ ଏତେ କମ୍ ସମୟରେ ହଠାତ୍ ଘର ସ୍ଥିର କରିବା ଟିକେ କଷ୍ଟ ହେବ । ଫେରିବା ପରେ ଦେଖିବା ।"

ରବି ତା' ପର କିଛିଦିନ ବ୍ୟସ୍ତ ରହି   । ମେ ୨୭ ତାରିଖରେ ଲିଣ୍ଡା ତାକୁ ରାଇଡ୍ ଦେଇ ଏଅର୍‌ପୋର୍ଟରେ ଛାଡିଦେଲା । ରବି ଗୋଟିଏ ଦିନ ଦିଲ୍ଲୀରେ କଟାଇ, ସେଠୁ ତିଲୁ ପାଇଁ ଗୋଟିଏ ହୀରାର ଗହଣା ସେଟ୍ କିଣି ଓଡିଶାରେ ମେ ୨୮ ତାରିଖରେ ପହଞ୍ଚିଲା । ବାପା ଓ ଭାଇ ଏୟାରପୋର୍ଟ ଆସିଥିଲେ । ବାହାରେ ବହୁତ ଗରମ, ହେଲେ ଗାଡିଟି ଶୀତତାପ ନିୟନ୍ତ୍ରିତ ଥିବାରୁ ଗାଡି ଭିତରେ ଭଲ ଲାଗୁଥାଏ । ମାମୁଁଙ୍କ ଘରେ ଖାଇପିଇ ସେଦିନ ସେମାନେ ପ୍ରମୋଦ ସହିତ ଯାଇ ହୋଟେଲ୍‌ର ସବୁ ବନ୍ଦୋବସ୍ତ ଯାଞ୍ଚ କରିଦେଇ ଆସିଲେ । ରବି ପ୍ରାୟତଃ ଭୁବନେଶ୍ୱରରେ ରହିଲା । ୩ ତାରିଖ ଦିନ ଗାଁକୁ ଗଲା । ୪ ତାରିଖରେ ଗାଁରେ ମଙ୍ଗଳପାଗ ସାରି ସମସ୍ତେ ପୁଣି ଭୁବନେଶ୍ୱର ଆସିଲେ । କିଛି ବନ୍ଧୁବାନ୍ଧବ ମାମୁଁଙ୍କ ଘରେ ରହିଲେ, ଓ କିଛି ହୋଟେଲରେ ରହିଲେ ।

ସବୁ ବିଧିବଦ୍ଧ ଭାବେ ହେଉଥିଲା ଓ ସବୁ ସେଇ ହୋଟେଲ୍ ଭିତରେ ହିଁ ହେଉଥିଲା । ରବିର ଖର୍ଚ୍ଚ କରିବାରେ କିଛି ଅଭାବ ନଥିଲା । ଏତେବର୍ଷ ଆପାର୍ଟମେଣ୍ଟରେ ରହି ଯାହା ସଞ୍ଚୟ କରିଥିଲା, ସେସବୁ ଯଦି ତାର ଓ ସମସ୍ତଙ୍କର ଖୁସିରେ ଲାଗିପାରିଲା, ସେଥିରେ କାର୍ପଣ୍ୟ କାହିଁକି ? ତିଲୁର ପରିବାର ମଧ୍ୟ ବଡ ଧୁମଧାମରେ ତାର ବିବାହ କରେଇବାକୁ ମନସ୍ଥ

କରିଥିଲେ । ଉଭୟ ପରିବାର ଖୁସି ଥିଲେ । ସମସ୍ତ ପରିବାରର ସଦସ୍ୟଙ୍କ ପାଇଁ ଚାରିଦିନ ଧରି ହୋଟେଲ୍ ବୁକ୍ କରାଯାଇଥିଲା । ଗରମ, ଗୁଳୁଗୁଳ ପାଇଁ ଡରି, ରବି ନିଜର ଚତୁର୍ଥୀ ଓ ରିସେପ୍‌ସନ୍ ସେଇ ହୋଟେଲ୍ ଭିତରେ କରାଇବା ପାଇଁ ସ୍ଥିର କରିଥାଏ । ମଙ୍ଗଳପାଗ ରାତିରେ ଝିଅ ଘର ପକ୍ଷରୁ ସଙ୍ଗୀତ ଓ ପୁଅଘର ପକ୍ଷରୁ ବି ଏକ ସ୍ୱତନ୍ତ୍ର ନାଚ, ଗୀତ ଉତ୍ସବର ଆୟୋଜନ କରାଯାଇଥିଲା ।

ବାହାଘର ଦିନ ବରଯାତ୍ରା ସେଇ ହୋଟେଲ୍‌ର ବଗିଚା ଭିତରେ ହିଁ ହେଲା । ବେଦୀ ବାହାଘର ରାତି ନଅଟାରେ ଆରମ୍ଭ ହୋଇ ବାରଟା ବେଳକୁ ସରିଲା । ବାହାଘରର ଅନେକ ଦାୟିତ୍ୱ ସମ୍ଭାଳିଥିଲା ଜାହ୍ନବୀ । ରବି ସେଠି ପଦ୍ମାକୁ କିଛି ସମୟ ପାଇଁ ଦେଖିଥିଲା, ହେଲେ ତାପରେ ସିଏ ଯେମିତି ଅନ୍ତର୍ଦ୍ଧାନ ହୋଇଗଲା । ଜୁଲି ଓ ଜାହ୍ନବୀଙ୍କର କଥାବାର୍ତ୍ତାରୁ ଯାହା ବୁଝିଲା, ତିଲୁର ବାହାଘର ପାଇଁ ସେମାନେ ଦୁଇଦିନ ତଳେ ଆମେରିକାରୁ ଆସିଥିଲେ; ଜେଟ୍‌ଲ୍ୟାଗ୍ ଏପର୍ଯ୍ୟନ୍ତ ଯାଇନି । ତାପରେ ପଦ୍ମା ଚାରିମାସର ପ୍ରେଗ୍‌ନାଣ୍ଟ ଅଛି ।

ମନ ଭିତରକୁ ବେଳେବେଳେ ବର୍ଷକ ତଳର ଦୃଶ୍ୟମାନ ପଶି ଆସି ରବିର ଭାବନାକୁ ଅସ୍ତବ୍ୟସ୍ତ କରାଉଥିଲେ । ହେଲେ ରବି ସେସବୁ ମାନସିକତା ଉପରେ ଆଜି ବିଜୟ ହାସଲ କରି ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛି । ତା' ଜୀବନର ଥୁଣ୍ଟା ଗଛରେ ନବ ବସନ୍ତ କାଉଁରୀ ସ୍ପର୍ଶ ଦେଇ ନୂଆ ଦ୍ରୁମ ରୋପଣ କରିଛି । ସିଏ ମଜ୍‌ନୁ ହୋଇ ମରିଯାଇନି, ସେ ବଞ୍ଚିଛି; ତା ଜୀବନରେ ଆସିଥିବା ଦ୍ୱିତୀୟ ସୁଯୋଗକୁ ସିଏ ତାର ପବିତ୍ର ପ୍ରେମରେ ସ୍ୱାଗତ କରିଛି; ତାର ପ୍ରଥମ ପ୍ରେମ ପଦ୍ମାକୁ ହୃଦୟ ଭିତରେ ଦେବୀ ରୂପରେ ପରିବର୍ତ୍ତିତ କରି ସଜାଇ ରଖିଛି, ତା' ପ୍ରତି ସିଏ ନିଷ୍ଠୁର ହୋଇନି ।

ରବି ମନେମନେ ଭାବିଲା, "ଈଶ୍ୱର ଯାହା କରନ୍ତି ସମସ୍ତଙ୍କର ମଙ୍ଗଳ ପାଇଁ । ରବିକୁ ବାହା ନହୋଇ ପଦ୍ମା ଖୁସିରେ ଅଛି ଓ ତିଲୁକୁ ବାହା ହୋଇ ରବି ମଧ୍ୟ ଖୁସିରେ ରହିବ । ଆଉ ଏ ବାହାଘରରେ କାହାକୁ ଭୟ ନାହିଁ, କାହାର ପ୍ରତିବାଦ ନାହିଁ, ସମସ୍ତେ ଖୁସି, ସମସ୍ତେ ଉତ୍ସାହିତ, ସବୁ କିଛି ଭଲ ଓ ଆନନ୍ଦମୟ । ଭଗବାନଙ୍କ ଆଶୀର୍ବାଦରୁ ଏମିତି ସମସ୍ତଙ୍କ ଜୀବନ ସର୍ବଦା ଶୁଭପ୍ରଦ ଓ ମଙ୍ଗଳମୟ ହୋଇ ରହୁ ।

ରବି ପରେ ଜାହ୍ନବୀଙ୍କୁ ପଚାରିଥିଲା, "ପଦ୍ମା ଯଦି ପ୍ରେଗ୍‌ନାଣ୍ଟ ଅଛି, ଏତେ କଷ୍ଟ କରି ଏ ଗରମରେ ଆମେରିକାରୁ ଆସିବା କଣ ତା' ପାଇଁ ଉଚିତ ହେଲା ?"

ଜାହ୍ନବୀ - "ତମେ ଜାଣିନ; ପଦ୍ମା ଶାଶୁଘରର ସମସ୍ତେ ଡିଲୁକୁ ଦେବୀ ବୋଲି ମାନନ୍ତି । ପୁଣି ଡିଲୁର ବାହାଘରକୁ ସେମାନେ ଆସିନଥାନ୍ତେ କେମିତି ?"

ରବି ବୁଝିଗଲା ।

ସେପଟେ ହୋଟେଲ୍ ରୁମରେ ପଦ୍ମା ଶୋଇଶୋଇ ଭାବୁଥିଲା, ଆଜି ତାର ପ୍ରାୟଶ୍ଚିତ ପୂରଣ ହୋଇଛି । ସିଏ ହିଁ ଡିଲୁ ମୁଣ୍ଡରେ ଭର୍ତ୍ତି କରିଥିଲା, "ଏତେଦିନ ପରେ ଏପଟେ ଆସିଛ ଯଦି, ସମ୍ବଲପୁର ଟିକେ ବୁଲିଯାଉନ । ଜୁଲି କ ତାଙ୍କ ଭାଇଙ୍କ ସାଥୀରେ ଯାଇପାରିବ । ତାଙ୍କୁ ଟିକେ ପଚାର । ସେମାନେ ବହୁତ ଭଲ । କଥା କାଟିବେନ ।" ଡିଲୁର ମେରୀଲାଣ୍ଡରେ ରେସିଡେନ୍‌ସୀ ହୋଇଯିବା ଖବର ଶୁଣି, ସିଏ ତାର ଦିଦିଙ୍କ ସହିତ କଥା ହୋଇଥିଲା । ସେତିକି ବେଳେ ତାଙ୍କ ମୁଣ୍ଡରେ ଭର୍ତ୍ତି କରିଥିଲା, "ଜାଣିଛ ସୁଲୁ ଦିଦି, ମତେ କାହିଁକି ଲାଗୁଛି ଡିଲୁ କାହାକୁ ହୁଏତ ଭଲ ପାଉଛନ୍ତି । ତମେ ଟିକେ ପଚାରୁନ । ସିଏ କହିବେନ ।"

ଏମିତି କ ପରମେଶ୍ୱରର ମୁଣ୍ଡରେ ବି ସିଏ ଡିଲୁ ଓ ରବିଙ୍କର ବାହାଘରର ଧାରଣା ଭର୍ତ୍ତି କରିଦେଇଥିଲା । ପରମେଶ୍ୱର ତ ଡିଲୁର ପିଲାବେଳର ସାଙ୍ଗ । ସିଏ ଡିଲୁକୁ ବାରମ୍ବାର ଚଡେଇବାରୁ ଡିଲୁ ମନରେ ବି ରବିଙ୍କ ପ୍ରତି ପ୍ରେମ ଭାବନା ତ୍ୱରାନ୍ୱିତ ହେଉଥିଲା ଓ ସିଏ ସ୍ୱଷ୍ଟ ହୋଇ ନିଜ ପରିବାରକୁ ଜଣେଇଥିଲା । ଏବେ ପଦ୍ମା ଖୁସି । ସିଏ ରବିଙ୍କ ଜୀବନରେ ଖୁସି ଭରିବା ପାଇଁ କଛି ତ କରିପାରିଛି ।

ତା' ପରଦିନ ରବିର ଚତୁର୍ଥୀ ରିସେପ୍‌ସନ୍ ମଧ୍ୟ ଖୁବ୍ ଭଲରେ ହେଲା । ଜୁଲି ଓ ଜାହ୍ନବୀ ରିସେପ୍‌ସନ୍ ପରିଚାଳନାର ଦାୟିତ୍ୱ ନେଇଥିଲେ । ମଞ୍ଚ ଖୁବ୍ ଆକର୍ଷଣୀୟ ଭାବେ ସଜା ହୋଇଥିଲା । ଯେତେବେଳେ ଜୁଲି ନାଚଗୀତର କାର୍ଯ୍ୟକ୍ରମରେ ଘୋଷଣା କଲା, "ଏବେ ଆମ ନାଚ କାର୍ଯ୍ୟକ୍ରମରେ ପରିବେଷଣ କରାଯିବ, ବସନ୍ତ- ପଲ୍ଲବୀ ଓ ବସନ୍ତ ରାଗର ଏକ

ଅଭିନୟ ଲଳତ ଲବଙ୍ଗଲତା- ପରିଶୀଳନ'', ରବି ପୁରା ଚମକ ପଡିଲା । ଏ କଣ ? ଆଜିକାଲି ବାହାଘର ରିସେପ୍‌ସନ୍ ପାର୍ଟିରେ ତ ସବୁଆଡେ ଡିଜେ ଓ ହିନ୍ଦୀ ସିନେମା ଗୀତର ନାଚ ହୁଏ । ଜୁଲି କେମିତି ଓଡିଶୀ ନାଚର ବ୍ୟବସ୍ଥା ରଖିଛି ? ହେଲେ ରବିକୁ ଜୁଲିର ବ୍ୟବସ୍ଥା ଭଲ ଲାଗିଲା । ପ୍ରକୃତରେ ସିଏ ଡିଜେ ଓ ହିନ୍ଦୀ ସିନେମାର ନାଚ ଅପେକ୍ଷା ଓଡିଶୀ ବେଶି ପସନ୍ଦ କରେ । ତେବେ ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା, ଜୁଲି କେମିତି ଜାଣିଲା, ରବି ମନ ଭିତରେ ବସନ୍ତ- ପଲ୍ଲବୀର ଧ୍ୱନ ଅନୁଭବ କରୁଥିଲା ବୋଲି ।

ଓଡିଶୀ ନୃତ୍ୟର ପରିଧାନ ପିନ୍ଧି ତିଲୁ ବୟସର କେତୋଟି ଝିଅ ଓଡିଶୀ ବସନ୍ତ- ପଲ୍ଲବୀ ଆରମ୍ଭ କଲେ । ରବି ସେ ନୃତ୍ୟରେ ଏତେ ନିମଜ୍ଜିତ ହୋଇଯାଇଥିଲା ଯେ, ତା' ବାମପଟରୁ କେତେବେଳେ ତିଲୁ ଅନ୍ତର୍ଦ୍ଧାନ ହୋଇ ଗଲାଣି, ତାକୁ ଜଣା ପଡିନଥିଲା । ବସନ୍ତ ପଲ୍ଲବୀର ଛନ୍ଦରେ ମଝିରେ ଆସି ଯୋଗଦେଲେ, ରାଧା ଓ କୃଷ୍ଣ ଭୂମିକାରେ ଦୁଇଜଣ । ସେମାନଙ୍କୁ କେନ୍ଦ୍ରରେ ରଖି ଅନ୍ୟ ସମସ୍ତ ଝିଅମାନେ ନାଚୁଥିଲେ । ଏମିତି ନାଚରେ, ନାଚରେ ଅଭିନୟ ଲଳତଲବଙ୍ଗଲତା- ପରିଶୀଳନ ମଧ୍ୟ ପରିବେଷିତ ହୋଇ ସଂପୂର୍ଣ୍ଣ ହୋଇଗଲା । ତାପରେ କଳାକାରମାନେ ମଞ୍ଚରୁ ବିଦାୟ ନେଲେ ଓ ଜଣେ ଗାୟକଙ୍କର କାର୍ଯ୍ୟକ୍ରମ ଆରମ୍ଭ ହେଲା । ତାଙ୍କ ଗୀତ ଗାଇବା ସରିବା ପରେ, ଜୁଲି ଏବେ ଭାଇ ଓ ଭାଉଜଙ୍କୁ କିଛି କହିବା ପାଇଁ ଡାକିଲା । ପ୍ରଥମେ ରବି ସମସ୍ତଙ୍କୁ ଧନ୍ୟବାଦ ଦେଇ ଯେତେବେଳେ ଓଡିଶୀ କଳାକାର ମାନଙ୍କୁ ଏବଂ ବିଶେଷଭାବେ ରାଧା ଓ କୃଷ୍ଣ ଭୂମିକାରେ ନାଚ କରୁଥିବା କଳାକାରମାନଙ୍କୁ ସ୍ୱତନ୍ତ୍ର ଧନ୍ୟବାଦ ଦେଲା, ସେତେବେଳେ ଜାହ୍ନବୀ ହସିହସି କହିଲା, "ଜାଣିଛ, ସେ କଳାକାରମାନେ କିଏ ? ''

ରବି କହିଲା, "ନା, କିନ୍ତୁ ଜାଣିବାକୁ ଚାହେଁ ।''

ଏତିକିବେଳେ ସମସ୍ତଙ୍କ ସହିତ ତିଲୁକୁ ନେଇ ପହଞ୍ଚିଲା ଜୁଲି । ସମସ୍ତଙ୍କ ପରିଚୟ ଦେଇସାରି ଶେଷରେ ଜଣେଇଲା, "ରାଧା ଭୂମିକାରେ ମୋ ଭାଉଜ ହିଁ ଅଭିନୟ କରୁଥିଲେ” ।

ରବିର ଆଶ୍ଚର୍ଯ୍ୟର ସୀମା ନାହିଁ । ଏତେ ବଡ କଥା ସମସ୍ତେ ତାଠାରୁ ଏପର୍ଯ୍ୟନ୍ତ ଲୁଚେଇ ରଖିଥିଲେ । ତିଲୁ ବି ଲୁଚେଇ ରଖିଥିଲା । ସିଏ ଏତେ ସୁନ୍ଦର ଓଡିଶୀ ନାଚପାରେ ?

ଜାହ୍ନବୀ ପଚାରିଲା, "ରବି ଭାଇ, ଏବେ ତ ତମେ ତିଲୁର ଗୁପ୍ତ ପ୍ରତିଭା ବିଷୟରେ ଜାଣିଲ । ତମ ଗୁପ୍ତ ପ୍ରତିଭା ବିଷୟରେ ଟିକେ ତିଲୁକୁ ଜଣାଅ ।"

ପ୍ରମୋଦ କହିଲା, "ହଁ ରବି, ତୁ ବହୁତ ଭଲଗୀତ ଗାଉଥିଲୁ । ଏବେବି ମୋର ମନେପଡେ ତୋର ସେ ଗୀତ ତୁ ଯାହାକୁ ସରସ୍ୱତୀ ପୂଜାରେ ଗାଉ, "ସୁଲଳିତ ବନଫୁଲ ହାରେ ଜନନୀକ' - ଏବେ ସେଇଟା ଗାଆ ନା ।"

ରବିର ଅନ୍ୟାନ୍ୟ ସଂପର୍କୀୟ ମାନେ ବି ଆସି ରବିକୁ ପ୍ରବର୍ତ୍ତାଇଲେ, "ଗାଆ ସେ ଗୀତଟି, ନହେଲେ ଆମ ବରଘରର ଓଜନ କମିଯିବ ।"

ରବି କହିଲା, "ମୁଁ ଗାଇଲେ ଓଜନ ଆହୁରି କମିବ ।"

ରବିର ହାଇସ୍କୁଲ୍‌ର ଶିକ୍ଷକ ସେଠି ବସିଥିଲେ । ସିଏ କହିଲେ, "ନା ରବି, ତୁ ସେ ଗୀତ କେତେବର୍ଷ ଧରି ଗାଇଛୁ, ଏମିତି କ ସ୍କୁଲ୍‌ର ବାର୍ଷିକ ଉତ୍ସବରେ ମଧ୍ୟ ଗାଇଛୁ । ସେ ଗୀତ, ସେ ବସନ୍ତରାଗ ତୋ ହୃଦୟ ଭିତରେ ଜୋଡା । ଗାଆ, ନିଶ୍ଚୟ ଭଲ ହେବ ।"

ସାର୍‌ଙ୍କ ପ୍ରେରଣା ପାଇ ରବି ଗାଇଲା, ସତରେ ନିଜ ହୃଦୟରୁ ହିଁ ସେ ଭାବାବେଗରେ ଗାଇଲା, ମନଭିତରେ ମା' ସରସ୍ୱତୀଙ୍କୁ ସ୍ମରଣ କରି, ପୁଣି କେତେବେଳେ ତିଲୁକୁ ମା' ସରସ୍ୱତୀ, ବରଦାୟିନୀ ଭାବେ ମନ ଭିତରେ ଭାବି ସିଏ ଅତି ଆତ୍ମବିହ୍ୱଳ ହୋଇ ଗୀତ ଶେଷକଲା ।

ତିଲୁର ବାପାଙ୍କ ଆଖିରୁ ଲୁହ ଝରିପଡିଲା । ସିଏ ମା' ସରସ୍ୱତୀଙ୍କର ଜଣେ ପରମ ଭକ୍ତ । ସିଏ ଆସି ରବିକୁ ଆଲିଙ୍ଗନ କରି ଓ ଆଶୀର୍ବାଦ କରି କହିଲେ, "ଆମ ତିଲୁ ପାଇଁ ତମେ ଈଶ୍ୱରଙ୍କ ବରଦାନ ହୋଇ ଧରାପୃଷ୍ଠକୁ ଆସିଛ । ତମକୁ ଜୁଆଁଇ ରୂପେ ପାଇ ଆମେ ନିଜକୁ ଧନ୍ୟ ମନେକରୁଛୁ । ତମେ ପଦାର୍ଥବିଜ୍ଞାନର ପ୍ରଫେସର୍ ଓ ତା' ସାଙ୍ଗକୁ ସୁଗାୟକ ମଧ୍ୟ ।"

ତିଲୁ ରବିକୁ ଚାହିଁଲା । ତା ଆଖିରେ ଆଖିରେ ରବିକୁ କୃତଜ୍ଞତା ଜଣେଇଲା । ରବି ବି ପ୍ରଶଂସକ ଦୃଷ୍ଟିରେ ତିଲୁକୁ ତା' ନାଚପାଇଁ କୃତଜ୍ଞତା ଜଣାଉଥିଲା ।

ସେଦିନ ରିସେପ୍‌ସନ୍ ପରେ ଆରମ୍ଭ ହୋଇଥିଲା ସେମାନଙ୍କର ମଧୁଚନ୍ଦ୍ରିକା ରାତି, ସେଇ ହୋଟେଲ୍‌ର ଏକ ସୁସଜ୍ଜିତ କୋଠରିରେ । ପ୍ରଥମେ ସେ କୋଠରି ଭିତରୁ ଶୁଭୁଥିଲା ବସନ୍ତ ରାଗର ସୁର ଓ ଛନ୍ଦ । ଉଭୟ ପତିପତ୍ନୀ ସେମାନଙ୍କର ପରସ୍ପରର ଏ ଗୁପ୍ତପ୍ରତିଭା ଆବିଷ୍କାର କରି ଏତେ ବିମୋହିତ ହୋଇଥିଲେ ଯେ, ଅନ୍ୟକୁ ପ୍ରଶ୍ନ ନକରି ରହିପାରି ନଥିଲେ । ତିଲୁ କହିଲା, "ବସନ୍ତ ରାଗ ମୋର ପ୍ରିୟ ରାଗ । ଆପଣ ଆଉ ଗୋଟିଏ ଗୀତ ଗାଆନ୍ତୁନା ।"

ରବି ତିଲୁର ଅନୁରୋଧ ଭାଙ୍ଗି ନ ପାରି ଆଉ ତିନୋଟି ବସନ୍ତରାଗର ରୋମାଣ୍ଟିକ୍ ଗୀତଗାଇ ଶୁଣେଇଲା ।

ରବି ଅନୁରୋଧ କଲା, "ଆଛା, ମତେ କୁହ, ଶରୀରରେ ପ୍ରେମର ତରଙ୍ଗ ଖେଳଲେ, ଓଡିଶୀରେ କେମିତି ପ୍ରକାଶ କରିହେବ ?" ତିଲୁ ଅଭିନୟ କରି ଦେଖାଇଲା । ରବି ଆମୋଦିତ ହେଲା ।

ରବି ପୁଣି ଅନୁରୋଧ କଲା, "କୁହ ତେବେ, ଦେହାତୀତ ପ୍ରେମ କଣ ସମ୍ଭବ ? ଯଦି ସମ୍ଭବ, ତେବେ ସେସବୁକୁ ଓଡିଶୀରେ କେମିତି ବର୍ଣ୍ଣନା କରିହେବ ?"

ତିଲୁ ରାଧାକୃଷ୍ଣଙ୍କ ପ୍ରେମର ଉଦାହରଣ ଦେଇ ସେସବୁ ବୁଝେଇଲା ।

ଏମିତି ବସନ୍ତରାଗର ଆଲୋଚନା କରୁକରୁ ବସନ୍ତରାଗ ଯେ କେତେବେଳେ ସେମାନଙ୍କୁ କବଳତ କରିନେଲା ଓ ସେମାନଙ୍କ ଦାମ୍ପତ୍ୟ ଜୀବନର ମଙ୍ଗଳରାଗ ଆରମ୍ଭ କରିଦେଲା, ସେମାନେ ଜାଣିପାରିଲେନ ।

ସକାଳେ ଉଠି ତିଲୁ କହିଲା, "ଆମକୁ ଆମେରିକା ଯିବା ପୂର୍ବରୁ, ମା' ସୋମଲାଇଙ୍କ ଦର୍ଶନ ପାଇଁ ଯିବାକୁ ପଡିବ । ମୁଁ ମାନସିକ କରିଥିଲି ।"

ରବି କହିଲା, "ମୁଁ ମଧ ସେଇକଥା ଭାବୁଥିଲି । ମୁଁ ବି ମାନସିକ କରିଥିଲି ।"

ଦୁଇଜଣ ଦିଜଣଙ୍କୁ ପୁଣି ଆଲିଙ୍ଗନ କରି କହିଲେ, "ଆମ ଦୁହିଁଙ୍କ ଭାବନା ଏକ ।"

ରବି ଜଣେଇଲା, "ମୁଁ ଜଗନ୍ନାଥଙ୍କ ପାଖରେ ବି ମାନସିକ ରଖିଥିଲି ।"

ତିଲୁ - "ସତରେ ନା' କଣ ? ତାହେଲେ ଆମେ ପ୍ରଥମେ ଜଗନ୍ନାଥଙ୍କ ଦର୍ଶନ କରିବାକୁ ଯିବା । ସେଇଠି ଆମେ ପରସ୍ପରକୁ ଜାଣିଥିଲେ । ସିଏ ପୁଣି ବନ୍ଦୋବସ୍ତ କରି ଆମକୁ ମା' ସୋମଲାଇଙ୍କ ଆଶୀର୍ବାଦ ନେବାକୁ ପଠେଇଥିଲେ । ସବୁ ମାନସିକ ପୂରଣ କରି ଆମେ ଆମ ଯୁକ୍ତଜୀବନ ଆରମ୍ଭ କରିବା ।"

ବାହାରେ ରୌଦ୍ରତାପ ଓ ଗୁଳୁଗୁଳ । ହେଲେ ହୋଟେଲ୍‌ର ସେ ଶୀତତାପ ନିୟନ୍ତ୍ରିତ କୋଠରି ଭିତରେ ବସନ୍ତରାଗର ଗୁଞ୍ଜନ ପ୍ରତିଧ୍ୱନିତ ହେଉଥିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀର ଆଗାମୀ ସଂଖ୍ୟା ଅଗଷ୍ଟ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁଲାଇ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ନିଜ ଆତ୍ମାର କର ଉଦ୍ଧାର



ହିମାଂଶୁ ଶେଖର ବାରିକ୍

ସତ୍ୟ ଏକା ବ୍ରହ୍ମ    ଆଉ ସବୁ ଭ୍ରମ
ମିଥ୍ୟା ଅଟଇ ସାର୍ ସଂସାର
ବ୍ରହ୍ମରେ ତ ଲୀନ    କରି ଦିଅ ମନ
ନିଜ ଆତ୍ମାର କର ଉଦ୍ଧାର ॥ ୧॥

ଜନମ ମୃତ୍ୟୁର    କାଳ ଚକ୍ରେ ଘୁରୁ
ପତିତ ହେଉ ଭବ ସାଗର
ଭବ ସାଗରର    ନାଉରୀକୁ ସ୍ମର
ନିଜ ଆତ୍ମାର କର ଉଦ୍ଧାର ॥ ୨॥

ଯକ୍ଷ ରାକ୍ଷସର    ପୂଜନ ନ କର
ସ୍ୱରାଜ ଭୂମା ପ୍ରାପତ କର
ତିଆଗୀ ଆଳସୀ    ବୈରାଗ୍ୟ ଅଭ୍ୟାସୀ
ନିଜ ଆତ୍ମାର କର ଉଦ୍ଧାର ॥୩॥

ଜଳରେ କମଳ    ପରି ବ୍ୟବହାର
ଭବେ ଅନାସକ୍ତ କର୍ମ କର
କାମ କ୍ରୋଧ ଲୋଭ    ଇର୍ଷା ଦ୍ୱେଷ ତ୍ୟାଗ
ନିଜ ଆତ୍ମାର କର ଉଦ୍ଧାର ॥୪॥

ତୋ ପତିତ ମନ    କର ସମର୍ପଣ
ପତିତପାବନ ଶ୍ରୀପୟର
ଅନନ୍ୟ ଭକତି    ଦିଅ ସଦା ମତି
ନିଜ ଆତ୍ମାର କର ଉଦ୍ଧାର ॥୫॥



ନିଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର

# ବସନ୍ତ ଆଗମନ



ରାଜଶେଖର "ଚମା"

ଆଗମନ ହେଲାଣି ମଦନ କାଳ ପ୍ରତୀକ ଋତୁ ବସନ୍ତ ,
ପ୍ରାକୃତିକ ସୌନ୍ଦର୍ଯ୍ୟ ର ଯାହା ଦୃଷ୍ଟାନ୍ତ ।
ନବପଲ୍ଲବ କରିଲେ କଳ୍ପତରୁ ସୁମଲତାଙ୍କୁ ହରିତ,
ସୁଗମ ଗତି ରେ ପ୍ରବାହିତ ହେଲେ ସରସ ସରିତ ।
ବିହଙ୍ଗ ନାଦ ରେ ଆରମ୍ଭ ହୁଏ ପ୍ରତି ଉଷା,
ଭାନୂଦୟ ଶୋଭନ ର କରି ହେବନ ପରିଭାଷା ।
ଶୁଭୁଥାଏ ଯେବେ ଆମ୍ବ ଗଛ ର ଗାନ- କୋଇଲି କୁହୁ ,
ଲାଗେ ଯେ କର୍ଣ ରେ ଝରୁଛି  ମଧୁର ମହୁ ।
ଉତ୍ତରାୟଣ ମାଘମାସ ର ବଡ଼ପର୍ବ ବସନ୍ତ ପଞ୍ଚମୀ,
ବିଦ୍ୟାଦାତ୍ରୀ ବାଗଦେବୀ ଙ୍କ ଆରାଧନା ହେତୁ ସୁପ୍ରସିଦ୍ଧ ଶ୍ରୀପଞ୍ଚମୀ ।
ମାଘସପ୍ତମୀ ପାଇଁ ଖ୍ୟାତି ପାଇଛି ଚନ୍ଦ୍ରଭାଗା ସିନ୍ଧୁସ୍ନାନ,
ଭକ୍ତ ଅନୁଭବ କରନ୍ତି ଶ୍ରୀ ସୂର୍ଯ୍ୟନାରାୟଣଙ୍କ ସ୍ତୁତି ର ରସପାନ ।
ପ୍ରଫୁଲ୍ଲିତ ହୁଅନ୍ତି ନାନା ପ୍ରକାର କୋମଳ କୁସୁମ,
ତାଙ୍କ ଦ୍ୱାରା ଅଳଙ୍କୃତ ଅରଣ୍ୟ ବାଟିକା ଦିଶନ୍ତି ଅତ୍ୟନ୍ତ ମନୋରମ ।
ଫଗୁଣ ମାସ ରେ ହୁଏ ମହାଶିବରାତ୍ରି ଜାଗର,
ଦୋଳ- ମେଳଣ  ହୋଲି ଦ୍ୱାରା ଉପାସକ ପ୍ରାପ୍ତ କରନ୍ତି କହ୍ନେଇଙ୍କ ପ୍ରେମସାଗର ।

ମଧୁମାସରେ ପାଳନ୍ତ ହୁଏ ଚୈତ୍ର ମଙ୍ଗଳବାର ବ୍ରତ,
ଉତ୍କଳଦେଶ ରେ ଯାହା ମାଁ ମଙ୍ଗଳାଙ୍କ ପାଇଁ ସମର୍ପିତ ।
ପ୍ରଭାତ ସମୟ ରେ ଦିଶେ ପତ୍ର ଉପରେ ନିର୍ମଳ ନୀହାର,
ଏ ଅଦ୍ଭୁତ ଦୃଶ୍ୟ ହେତୁ ପରିମଳ ପ୍ରକୃତିଙ୍କୁ ଜୁହାର ।
ବସନ୍ତ କାଳେ ଥାଏ ଆହ୍ଲାଦ ପରିବେଶ ସହ ସୌର ଉଷ୍ମ ନିୟନ୍ତ୍ରିତ,
ଯାହାର ଉପଭୋଗ ପାଇଁ ଧରିତ୍ରୀ କରିଛନ୍ତି ସମସ୍ତଙ୍କୁ ଆମନ୍ତ୍ରିତ ।
ବଉଳ ରେ ଭରି ଯାଏ ଆମ୍ବ ଗଛ,
ଆମ୍ବବାସ କଥା କଳ୍ପନା କରିଲେ ଦିଶେ କେବଳ ଆମ୍ବଫଳ ଗୁଚ୍ଛ ।
ବସନ୍ତ ଋସ ଚିରସ୍ଥାୟୀ ହେବାର ହେଲାଣି ଇଚ୍ଛା,
ନିର୍ଣ୍ଣୀତ ଅବଧି ବଦଳିବାର ଆମ ପାଖରେ ନାହିଁ ସ୍ୱେଚ୍ଛା ।

chvrajasekhar@gmail.com

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।**

**ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ସନ୍ଦେହର ବିଷ



ସୁଲୋଚନା ପଟ୍ଟନାୟକ

ଆଜି ରଥଯାତ୍ରା । ଆଡେଲଫିରେ ଥିବା ହିନ୍ଦୁ ମନ୍ଦିରରେ ଓଡିଆମାନେ ରଥଯାତ୍ରା ପାଳନ କରୁଛନ୍ତି । ସେଦିନ ମନ୍ଦିରରେ ଗୋଟେ ଫ୍ଲାୟର ଦେଖି ଅନୁପମା ସେଇଟାକୁ ଧରି ଘରକୁ ଫେରିଥିଲା । ଘରେ ଆସି ସ୍ୱାମୀଙ୍କ ଅଫିସରୁ ଫେରିବାର ଅପେକ୍ଷା କରିଥିଲା । ଖାଇବା ଟେବୁଲ ଉପରେ ଫ୍ଲାୟରଟିକୁ ରଖି ଦେଇ ନିଜ କାମରେ ଲାଗିଗଲା । ସେଦିନ ଗୁରୁବାର । ତେଣୁ ପୂଜାପୂଜି ସାରି ଘରଦ୍ୱାର ସଫା କରିବା ପରେ ଆଉ ସମୟ ମିଳିଲାନି । ହାଲିଆ ହୋଇ ଶୋଇଲା ବେଳକୁ ପ୍ରାୟ ଦଶଟା ବାଜିଲାଣି । ସ୍ୱାମୀ ରଜତ ବାବୁ ତଥାପି ଟିଭି ଦେଖୁଥିଲେ । ସେଇଟା ତାଙ୍କର ଏକମାତ୍ର ରିଲାକ୍ସେସନ୍ । ତେଣୁ ତାଙ୍କ ପାଖରେ ବସି ପାଞ୍ଚ ମିନଟ ସିଏ ବି ଟିଭି ଦେଖିଲା । ଏନ୍.ବି.ସି. ରେ ଦଶଟା ବେଳର ଖବର ସିଏ ଶୁଣୁଥିଲେ । ତେଣୁ ଆଉ ଅପେକ୍ଷା କରିବାକୁ ତାର ଇଚ୍ଛା ହେଲା ନାହିଁ । ଉପର ମହଲାକୁ ଯାଇ ବିଛଣା ଧରୁ ଧରୁ ତାକୁ ନିଦ ଆସିଗଲା ।

ପରଦିନ ସକାଳୁ ଉଠୁ ଉଠୁ ଡେରି ହୋଇଗଲା ଅନୁପମାର । ପ୍ରାୟ ସାତଟା ବାଜିଥିଲା । ରଜତ ବାବୁ ଅଫିସ ବାହାରିଗଲେଣି । ତାଙ୍କୁ ଅଫିସରେ ପହଞ୍ଚିବାକୁ ପ୍ରାୟ ଘଣ୍ଟାଏ ଲାଗେ। ତେଣୁ ଟ୍ରାଫିକ ଆଡେଇବାକୁ ସିଏ ଆଗରୁ ଯିବାକୁ ପସନ୍ଦ କରନ୍ତି । ଅନୁପମାର କାମ ଘରକୁ ପାଖ । ଦଶ ମିନଟର ରାସ୍ତା । ସିଏ ସୋସିଆଲ ସିକ୍ୟୁରିଟି ଅଫିସରେ କାମ କରେ । ବେଶି ଭିଡ କାମ ନୁହେଁ । ଖାଲି ଡେଟା ଅପଡେଟ୍ କରିବା କଥା । ତେବେ କାମକୁ ତ ଯିବାକୁ ହେବ ! ତେଣୁ ସିଏ କଫି କପେ ପିଇ ଦେଇ କାମକୁ ବାହାରିଗଲା । ଆଜି ଶୁକ୍ରବାର । କାମରୁ ଶୀଘ୍ର ଫେରିହେବ । ତିନଟା ବେଳକୁ ଘରକୁ ଆସି ରୋଷେଇ ଶେଷ କରିଦେଲେ ସଉଦାପତ୍ର ଆଣିବାକୁ ଯାଇ ପାରିବ । ରୋଷେଇ ପାଇଁ ପରିବା କଣ

ଅଛି ଦେଖିବାକୁ ସିଏ ଫ୍ରିଜ୍ ଖୋଲି ଦେଖିଲା । ସପ୍ତାହର ଖାଇବା ଆଉ ଲଞ୍ଚ ନେବା ପରେ କଛି ତରକାରୀ ଆଉ ଡାଲମା ବଳକା ଥିଲା । ପୁଅ ଖ୍ରିଜ ଘରକୁ ଫେରି ସାଙ୍ଗ ମାନଙ୍କ ସଂଗେ ସମୟ କଟାଇବାକୁ ଯିବ ବୋଲି ଆଗରୁ କହିଥିଲା । ସହଜେ ଶୁକ୍ରବାର ଦିନ ପ୍ରାୟ ସିଏ ଘରକୁ ପିଜା ମଗାଇଥାଏ । ବେଳେ ବେଳେ ମା- ପୁଅ ଦୁହେଁ ପରିବା ଥିବା ଅବା ସାଧା ପିଜା ମଗାନ୍ତି । ଆଉ ବେଳେ ବେଳେ ତିନହେଁ ବାହାରକୁ ଯାଇ ଡିନର ଖାଆନ୍ତି । ବେଳେବେଳେ ଭାରତୀୟ ରେଷ୍ଟୁରାଣ୍ଟ ଯିବାକୁ ସମସ୍ତେ ଠିକ୍ କରନ୍ତି । ପାଖରେ ଥିବା "ଚଟ୍ନି" ରେଷ୍ଟୁରାଣ୍ଟ ସମସ୍ତଙ୍କର ପସନ୍ଦ । ସେଠି ବାପ - ପୁଅ ଚକେନ୍ ଟିକା ମସଲା ଆଉ ଅନୁପମା ତନ୍ଦୁରୀ ଚକେନ୍ ଆଉ ନାନ ମଗାଇ ଖାଆନ୍ତି । ତରକାରୀ ସହିତ ଭାତ ଆସିଥାଏ । ସବୁ ସପ୍ତାହରେ ନୂଆ ନୂଆ ରେଷ୍ଟୁରାଣ୍ଟ ଯିବାକୁ ସେମାନେ ପସନ୍ଦ କରିଥାଆନ୍ତି । ଆଜି ଅନୁପମା ଠିକ କ "ଲା ମାଡେଲିନ' ମେକ୍ସିକାନ୍ ରେଷ୍ଟୁରାଣ୍ଟରେ ଖାଇବାକୁ । ସିଏ ସମସ୍ତଙ୍କର ଆସିବାକୁ ଅପେକ୍ଷା କଲା । ଏ ଭିତରେ ଘଣ୍ଟାଏ ବିତିଲାଣି । ରଜତ ବାବୁଙ୍କ ଆସିବାକୁ ଡେରି ହେବାରୁ ସିଏ ଗ୍ରୀନ୍ ଟି କପେ ପ୍ରସ୍ତୁତ କଲା । ଏତିକ ବେଳକୁ ଘର ଫୋନରେ କଲଟିଏ ଆସିଲା । କଲର ଆଇଡିରେ ଦେଖିଲା ରଜତ ଫୋନ କରିଛନ୍ତି । ଫୋନ୍ ଧରି "ହାଲୋ" କହିଲା । ଅପରପକ୍ଷରୁ ରଜତଙ୍କର କଣ୍ଠସ୍ୱର । କହିଲେ, "ଆଜି ଅଫିସରେ କାମ ପଡିଯାଇଛି । ମୁଁ ଫେରୁ ଫେରୁ ଡେରି ହେବ । ତେଣୁ ମୋ' ପାଇଁ ଅପେକ୍ଷା ନକରି ତୁମେ ଖାଇ ନିଅ" । ଅନୁପମାର ମନ ମରିଗଲା । "ହଉ" କହି ସିଏ ଫୋନ୍ ରଖିଲା । ମନରେ ସାମାନ୍ୟ ଖଟକା ପରି ଲାଗିଲା । ଏ ଭିତରେ କଛି ଦିନ ହେଲାଣି ତାକୁ କେମିତି ଅଲଗା ଲାଗୁଛନ୍ତି ରଜତ । କେମିତି ଖପଛଡା ମନେ ହେଉଛି ତାଙ୍କର ବ୍ୟବହାର । ସବୁବେଳେ ବିବ୍ରତ ଲାଗୁଛନ୍ତି । ସତେ ଯେମିତି କଛି ଖାଇଯାଉଛି ତାଙ୍କ ମନକୁ । କହୁନାହାନ୍ତି କାହାକୁ ।

ଆଜି ଭାବିଥିଲା, ରଥଯାତ୍ରାକୁ ଯିବାକୁ କହିବ ଆଉ ପଗ୍ଭରିନେବ ତାଙ୍କ ମନ କଥା । ସମୟର ଏ ଖେଳ ତାର ମନକୁ ବେଳେବେଳେ ଦବାଇଦିଏ । ଦୂର ଦେଶରେ ରହିବା ଦିନରୁ ମନ କଥା ମନରେ ରଖି ଚଳବାର ତାର ଅଭ୍ୟାସ ପଡିଗଲାଣି । ନୂଆ ବାହା ହୋଇ

ଆସିଲାବେଳେ ସମୟ କଟାଇବା ପାଇଁ ସିଏ ସବୁଦିନ କଛି ନା କଛି ନୂଆ ଜଳଖିଆ କରୁଥିଲା ରଜତଙ୍କ ପାଇଁ । ସେତେବେଳେ ଦିନକୁ ଦୁଇଥର ଫୋନ୍ କରି ସିଏ ବୁଝୁଥିଲେ ତା' କଥା । ଲାଗୁଥିଲା ଘରକୁ ଫେରିବାକୁ ଆଉ ତା ହାତ ତିଆରି ବରା, ଆଳୁଚପ୍ ଖାଇବାକୁ ଯେମିତି ତାଙ୍କୁ ତର ଦିଶେନ । ବେଳେ ବେଳେ ସିଏ ସମୋସା ବି କରିଥାଏ । କେଉଁ ଦିନ ଆଳୁ ପୂରଟା ଭଲ ହୁଏ ତ କେଉଁ ଦିନ ସମୋସାଟା ମନେ ହୁଏ ଆଳୁ ପୂରଦିଆ ପୁରି ଭଳ । ତଥାପି ରଜତ ବାବୁ ଖୁବ୍ ଖୁସିରେ ଖାଆନ୍ତି । ବେଳେ ବେଳେ ଗପ କରୁ କରୁ କପେରୁ ଦୁଇକପ ଗ୍ରହା ମାଗି ପିଅନ୍ତି । ଅନୁପମା ଖୁସି ହୁଏ । ଆଦୌ କାମ ନ କରିଥିବା ଝିଅ ପରି ସିଏ ଜଣା ଯାଏନା ବା ସିଏ ତାହା ଜଣାଇବାକୁ ଦିଏନା । ଯେମିତି ରୋଷେଇ ତାର ମନକୁ ଖୁସି ରଖିବାର ଏକମାତ୍ର ଉପାୟ । ସେ ସମୟ ଏବେ ଆଉ ନାହିଁ । କାମ କଲା ଦିନରୁ ଏବେ ଆଉ ସଂଧ୍ୟାବେଳର ଜଳଖିଆ କରିବାକୁ ବେଳ ମିଳେନ । କେବଳ ଶୁକ୍ରବାର, ଶନବାର ମନ ଭଲଥିଲେ ସିଏ ଜଳଖିଆ ବା ନୂଆ ଶିଖିଥିବା ତରକାରୀ କରିଥାଏ । ସମୟ ବଢିବା ସଙ୍ଗେ ସଙ୍ଗେ ଆଜିକାଲି ତାର କେଉଁଥିରେ ମନ ଲାଗୁନ । ଯେମିତି ମନ ଆଉ ସମୟ ଦୁଇ ବିପରିତ ଦିଗରେ ଗତି କରୁଛନ୍ତି ତା ପାଇଁ । ଆଜି ମନ ଥିଲେ ସମୟ ନାହିଁ, କାଲି ସମୟ ଥିଲେ ମନ ନାହିଁ । ସିଏ ମନକୁ ନୟନ୍ତ୍ରଣ କରିବାକୁ ଠିକ୍ କଲାବେଳେ ସମୟର କ୍ରୁର ହସ ତାକୁ ଅଗ୍ଯନକ୍ ଚମକାଇ ଦିଏ । ସମୟ ସଉତୁଣି ପରି ତାର ଖୁସିକୁ ବାଧା ଦେବାକୁ ବଦ୍ଧ ପରିକର ହେବା ପରି ମନେ ହୁଏ । ନଜ ମନକୁ ମନ ବିଶ୍ଳେଷଣ କରେ ଅନୁପମା । ଏ ପରିସ୍ଥିତିରେ କଏ ଦାୟୀ, ତାକୁ ଜାଣିବାକୁ ହେବ । ଜାଣିବାକୁ ହେବ ସମୟର ଶତ୍ରୁତାର କାରଣ । ପାଇବାକୁ ହେବ ଏକ ଉପାୟ ଆଉ ସମୟକୁ ନୟନ୍ତ୍ରଣ କରିବାର ସମାଧାନ ! କନ୍ତୁ ରଜତ ବାବୁଙ୍କ ଡେରୀ ହେବାର କାରଣ ଜାଣିବା ବର୍ତ୍ତମାନ ବେଶୀ ଦରକାର । ମାସେ ଦୁଇମାସ ହେଲା ରଜତ ଅନ୍ୟମନସ୍କ ରହୁଛନ୍ତି । ଫୋନ୍‌ଟାକୁ ହାତରୁ ଛାଡୁ ନାହାନ୍ତି । ଯେମିତି ଫୋନରେ କଛି ଖବର ଆସିବାର ପ୍ରତୀକ୍ଷା ଅଛି ଅବା ନୂଆ ଭଲପାଇବାର ଶୀକାର ହୋଇଥିବା ଅଳ୍ପ ବୟସ୍କ ଟିନ୍‌ଏଜର !! କଏ କଣ ଭାବୁଛି ବା ଭାବିବ ସେ ବିଷୟରେ ଚନ୍ତା ନାହିଁ ।

ବର୍ତ୍ତମାନ ଅନୁପମାର ଉପାୟ ନାହିଁ । "ଲା ମାଡେଲିନ" ଯିବା ପ୍ରସ୍ତାବ ଆଜି ସ୍ଥଗିତ ରହିଲା । ରାଜା ବି ଘରେ ନାହିଁ । ତେଣୁ ମାଇକ୍ରୋୱେଭରେ ଆଳୁଟାଏ ସିଝାଇବାକୁ ସିଏ ବସାଇଦେଲା । ଟମାଟୋ ଓ କଞ୍ଚାଲଙ୍କା କାଟି ତାଟିଆରେ ରଖିଲା । ଆଳୁ ସିଝାକୁ ଭାଉଜ ପାଗ କଲା ପରି ତା ସହ ନାଲି ପିଆଜକୁ ଚୁନଚୁନ୍ କରି କାଟି ମିଶାଇଲା । ଶୋରିଷ ତେଲ ନ ଥିବାରୁ ଅଲିଭ ତେଲରୁ ରାମୁଚେ ପକାଇ ଅଳ୍ପ ପାଣି ମିଶାଇ ତାକୁ ଚକଟି ନେଲା । ଲଙ୍କା ରାଗରେ ସବୁ ଭାରି ଭଲ ଲାଗିଲା । ଭୁଲିଗଲା ରଜତଙ୍କ ଆସିବା ବା ରେଷ୍ଟୁରାଣ୍ଟର ପ୍ରସ୍ତାବ । ଖାଇବା ସରିଲା ବେଳକୁ ସେରା ନଉଜରସିରୁ ଫୋନ କରିଥିଲା । ତା ସହ ପାଞ୍ଚ ମିନଟ୍ କଥା ହେଲା । ସେରା ତାର ବହୁତ ଭଲ ସାଙ୍ଗ । ଏ ଭିତରେ ବନ୍ଧୁତ୍ୱର ପନ୍ଦର ବର୍ଷ ହୋଇ ଗଲାଣି । ତାକୁ ମନ ଖୋଲି ସିଏ ସବୁ କହିପାରେ । ରଜତ ଖାଇବାକୁ ନ ଆସିବା, ଡେରିରେ ଆସିବା ଏ ସବୁ ବିଷୟ ତାକୁ ଚୁମ୍ବକରେ କହିଦେଲା । ସେରା କଥାକୁ ହାଲୁକା କରିବା ପାଇଁ କହିଲା, "ଅନୁ ତୁ ବହୁତ ଅଧିକା ଭାବୁଛୁ । ଏମିତି ବି ହୁଏ । ରଜତ ଭଲ ମଣିଷ । ଭାରି ସରଳ, ସତ୍ୟବାଦୀ ଆଉ ସାହାସୀ । ତେଣୁ ତାଙ୍କୁ ସନ୍ଦେହ କରିବାଟା ଭଲ ହେବ ନାହିଁ" । ସେରା ଠାରୁ ଆଶ୍ୱାସନା ପାଇ ତାକୁ ଭଲ ଲାଗିଲା । ସେରା ସହ କଥା ହେଲା ପରଠାରୁ ଅନୁପମାର ଚନ୍ତା ଜାଣ ଟିକେ କମି ଯାଇଛି । ରଜତ ସେଦିନ ରାତିରେ ଖୁବ୍ ଡେରିରେ ଘରକୁ ଫେରିଲେ । ଅନୁପମା କବାଟର ଖୋଲିବା ଶବ୍ଦ ଶୁଣିଥିଲା । କନ୍ତୁ ଦିନଯାକର କାମ ଆଉ ପୂର୍ବ ଦିନରୁ ଭଲ ନଦ ନ ହୋଇଥିବାରୁ ବୋଧେ ଉଠି ପାରି ନଥିଲା । ସହଜେ ସୋମବାର କାମକୁ ଯିବାକୁ ହେବ । ସବୁବେଳେ ସୋମବାର ଗୁଡିକ ବ୍ୟସ୍ତତାରେ କଟିଯାଏ । ଶନବାର, ରବିବାରରେ ଘର କାମ, କାହାକୁ ଫୋନ୍ କଲ କରିବା, କଏ ଡାକଲା, କାହା ଘରକୁ ଯିବା ଆଉ ମନ୍ଦିର ଯିବାରେ କୁଆଡେ ଦିନ ଗଳିଯାଏ ଜାଣି ହୁଏନା । ତେଣୁ ଏଇ ସୋମବାରରେ କଛି ବ୍ୟତିକ୍ରମ ହେବାର ଆଶଙ୍କା ନ ଥିଲା । ସକାଳୁ ନଦ ଭାଙ୍ଗିଲା ବେଳକୁ ଛଅଟା ବାଜିଲାଣି । ଗାଧୁଆ ଆଉ ପୂଜା ସାରି ସିଏ ବାହାରିଲା । ଗଲା ବର୍ଷ ପୁଅ "ମଦରସ୍ ଡେ"ରେ ଦେଇଥିବା ଧଳା ବ୍ଲାଉଜଟା ଆଉ କଳା ସ୍କାର୍ଟଟେ ପିନ୍ଧି ସିଏ କାମକୁ ବାହାରଗଲା । ପୁଅର ମନ ଆଉ ଉପହାର କଥା ମନକୁ ଆସିଲାରୁ ଅଳ୍ପ ଖୁସି ହେଲା । କେମିତି ଏକ ନୂଆ ଆତ୍ମସନ୍ତୋଷ ମିଳଲା । ଦର୍ପଣ ଆଗରେ

ନିଜକୁ ଆଉଥରେ ଦେଖିନେଲା । ନାଲି ଲିପଷ୍ଟିକକୁ ଓଠରେ ବୁଲାଇ ନେଲା । ଗାଡି ବାହାର କରି ଗାରେଜ ବନ୍ଦ କଲା । ଯନ୍ତ୍ରବତ ଏ କାମ ସବୁ ସୁରୁଖୁରୁରେ ହୋଇଗଲା । ଦଶ ମିନଟରେ କାମରେ ବି ପହଞ୍ଚିଗଲା । ନିଜ କ୍ୟୁବିକଲରେ ବସି ଭାବିଲା ଆଉ କପେ କଫି ପିଇଲେ ହୁଅନ୍ତା । ତେଣୁ ବ୍ୟାଗଟାକୁ ଡ୍ରୟାର ଭିତରେ ରଖି ବ୍ରେକ୍ ରୁମକୁ ଗଲା । ସେଠି ସେରା କଫି କପେ ଧରି ଆଦାମ୍ ସହ ଗପ ଜମାଇଥିଲା । ଅନୁପମାକୁ ଦେଖି ଦୁହେଁ କେମିତି ଅଛି, ଉଇକ୍ଏଣ୍ଡ କେମିତି ଗଲା ବୋଲି ପଚାରିଲେ । ଅନୁପମା "ସବୁ ଭଲ" ଆଉ "ପଚାରିଥିବାରୁ ସେମାନଙ୍କୁ ଧନ୍ୟବାଦ୍ କହି କଫି ଧରି ନିଜ ରୁମକୁ ଫେରି ଆସିଲା ।

ରୁମରେ ପହଞ୍ଚି ଦେଖିଲା ତା ଫୋନର କଲ ଲାଇଟ୍‌ଟା ଧପ୍ ଧପ୍ ହେଉଛି । କଲ ନେବାପାଇଁ ପାସଓ୍ୱାର୍ଡ ଦେଇ ସିଏ ଶୁଣିଲା ରଜତ ମେସେଜ ଛାଡିଛନ୍ତି । ଆଶ୍ଚର୍ଯ୍ୟ ହୋଇଗଲା । ଭାବିଲା କାହିଁକି ରଜତ ଘରେ କିଛି ନକହି ମେସେଜ ଛାଡିଛନ୍ତି । ଏମିତି ଦଶ ମିନଟରେ କଅଣ ହୋଇଗଲା ଭାବି ଟିକିଏ ଚିନ୍ତା କଲା । ସେଲ ଫୋନରେ ନ ଡାକି କମରେ ମେସେଜ ଦେଇଛନ୍ତି ଭାବି କାରଣ ଜାଣିବାକୁ ଉତ୍ସୁକ ହେଲା । ତେଣୁ ଆଉ ଚିନ୍ତା ନ କରି ଖବରଟା ଶୁଣିନେଲା । ରଜତ କହିଛନ୍ତି, "ଆଜି ତାଙ୍କର ବଷ୍ଟନ ଯିବାର ଅଛି, ସିଏ କହିବାକୁ ଭୁଲି ଯାଇଥିଲେ । ଦୁଇ ଦିନ ପରେ ଫେରିବେ" । ଅନୁପମାର ଆଶ୍ଚର୍ଯ୍ୟର ସୀମା ରହିଲାନି । କାନ୍ଦିବ କି ରାଗିବ ଭାବି ପାରିଲା ନାହିଁ । ରଜତଙ୍କୁ ଡାକି ପଚାରିବ ଭାବିଲା । କିନ୍ତୁ ରାଗ, ଅଭିମାନର ଯନ୍ତ୍ରଣା ତାକୁ ଅକ୍ତିଆର କରି ବସିଲା । ସିଏ କୌଣସି କାମରେ ମନ ଲଗାଇ ପାରିଲା ନାହିଁ । କେମିତି ଦିନଟା କଟିବ, କେମିତି କାମ କରିବ ସିଏ ଭାବି ପାରୁନଥାଏ । କିନ୍ତୁ ସୋମବାର ସକାଳର ମିଟିଂ ନଯାଇ ରହି ହେବନି । ମିଟିଂରେ ବସିଲେ ମଧ୍ୟ ସିଏ କୌଣସିଥିରେ ଭାଗ ନେଇ ପାରିଲାନାହିଁ । ସେରା ଟେବୁଲର ବିପରିତ ଦିଗରେ ବସି ସବୁ ଲକ୍ଷ୍ୟ କରୁଥାଏ । କାହାକୁ ନିଜ ମନ କଥା ନକହି ରହି ହେବନି ଭାବି ସେରାକୁ ମିଟିଂ ପରେ କହିବାକୁ ଠିକ୍ କଲା । ପୁଣି ଭାବିଲା, "କହିଲେ କୂଳ କୁଟୁମ୍ବକୁ ଲାଜ, ଆଉ ନକହିଲେ ଛାତି ଫାଟି ଯାଉଛି" । ମୁଣ୍ଡପୋତି ଶୁଣିସାରି ସିଏ ରୁମକୁ ଫେରିଲା । ସମସ୍ତେ ନିଜ ନିଜର ରୁମକୁ ସପ୍ତାହର ଯୋଜନା ନେଇ ଫେରିଗଲେ । ଅନୁପମା ଭାବିଲା

ମିଟିଂ ଚାଲୁ ରହିଥିଲେ ହୁଏତ ଭଲ ହୋଇଥାନ୍ତା । ନିଜ କକ୍ଷରେ ଏକୁଟିଆ ରହିଲେ ନିଜ ଚିନ୍ତା ନିଜକୁ ଖାଇ ଯିବ । ଦୁଃଖ ଅଧିକା ମନେ ହେବ । ମନକୁ ହାଲୁକା କରିବାର ଆଉ ଉପାୟ ନାହିଁ । ଏ ସବୁ ଅକାରଣ କଥା, ଯାହାକୁ ବଦଳାଇ ପାରିବନି ତାକୁ ନେଇ ଅଧିକା ଚିନ୍ତା କରିବା ଉଚିତ୍ ନୁହେଁ, ସିଏ ଜାଣିଛି, ହେଲେ ତାକୁ ବାଉଳି ଲାଗିଲା ପରି ମନେ ହେଲା । ସେତିକିବେଳକୁ ସେରା ଫୋନରେ ଡାକିଲା ଆଉ ତାକୁ ତ୍ରାହି ମିଳିଗଲା ଚିନ୍ତାରୁ । ସେରା ପଚାରିଲା କାହିଁକି ସିଏ ଏତେ ଅନ୍ୟମନସ୍କ ଜଣା ପଡୁଥିଲା । କହିଁକି କଣ ହୋଇଛି ବୋଲି ସିଏ ବାରମ୍ବାର ପଚାରିଲା । ଅନୁପମା ଉତ୍ତର ଦେବ କଣ କାନ୍ଦି ପକାଇଲା । ଦବି ରହିଥିବା କୋହ ଉଛୁଳି ଆସିଲା ହୃଦୟରୁ । ଭାବିଲା, ଏ ଭଳି କଣ କାହା ସହିତ ଘଟୁଥିବ? ସ୍ୱାମୀ କଅଣ ବାହାରକୁ ଯିବା କଥା ଭୁଲି ଯାଇ କାମକୁ ମେସେଜ ଛାଡିବାର କଥା ? ସେରା ସବୁ ଶୁଣିଲା । କୌଣସି ଉତ୍ତର ଦେଇ ପାରିଲା ନାହିଁ । ମନେ ହେଲା ଫୋନର ଅପର ପାର୍ଶ୍ୱରେ ଯେମିତି କେହି ନାହାନ୍ତି । ନୀରବତା ଭଙ୍ଗ କରି ସେରା କହିଲା, "ଏ ଭଳି କାର୍ଯ୍ୟର କାରଣ ତ ମୁଁ ଜାଣିପାରୁନି, କିନ୍ତୁ ତତେ ଏହାର କାରଣ ଜାଣିବାକୁ ହେବ । ମୋର ମନେ ହେଉଛି ସିଏ କାହା ସହ ମାନେ କେଉଁ ଝିଅ ସହ ବୋଧେ ବାହାରକୁ ଯାଇଛନ୍ତି, ଅଫିସ କାମରେ ନୁହେଁ । ତୁ ତାଙ୍କ ଅଫିସରେ ଆଉ କାହାକୁ ଯଦି ଜାଣୁ ତାକୁ ଡାକ ପଚାରିଲେ କଥା ଜଣା ପଡିଯିବ" । ଅନୁପମାର ସେରା କଥା ଆଉ ଶୁଣିବାକୁ ଇଚ୍ଛା ହେଲା ନାହିଁ । "ଆଉ ଗୋଟେ କଲ ଆସୁଛି" କହି ସେରା ସହ ସିଏ କଥା ବନ୍ଦ କଲା । କିନ୍ତୁ ମନେ ମନେ ଠିକ କଲା ଲଞ୍ଚରେ ସିଏ ରଜତଙ୍କ ଅଫିସ ଯାଇ ଏ କଥାର ରହସ୍ୟ ନିଶ୍ଚୟ ଉଦ୍ଘାଟନ କରିବ । କିନ୍ତୁ ଅପେକ୍ଷା କରି ପାରିଲା ନାହିଁ । ପର୍ସଟାକୁ କାନ୍ଧରେ ପକାଇ ଝଡ ବେଗରେ ଅଫିସରୁ ବାହାରି ଆସିଲା । ସେତେବେଳକୁ ମାତ୍ର ଏଗାରଟା ବାଜିଥାଏ । ଲଞ୍ଚ ସମୟ ବି ହୋଇ ନ ଥାଏ । କାହାକୁ କିଛି କହିବା ଦରକାର ନାହିଁ ଭାବି ସିଏ ବାହାରି ଗଲା । ଗାଡିର ଜିପିଏସରେ ରଜତଙ୍କ ଅଫିସ ଠିକଣା ପକାଇ ଡ୍ରାଇଭ୍ କରି ଅଧ ଘଣ୍ଟାରେ ତାଙ୍କ ଅଫିସରେ ପହଞ୍ଚିଗଲା । ସ୍ପିଡ୍ କଟକଣାକୁ ଖାତିର ନାହିଁ । ମନ ବି ପବନ ବେଗରେ ଗତି କରୁଥାଏ । ଷ୍ଟପ୍ ଚିହ୍ନକୁ ଦେଖି ନଦେଖିଲା ପରି ଚାଲିଥାଏ ଆଗକୁ । ରାସ୍ତାର ନାଲି ଆଲୁଅର ସଂକେତରେ ବାଧ୍ୟରେ ରହିବାକୁ ତାକୁ ବିରକ୍ତ ବି ଲାଗୁଥାଏ ।

ପୋଲିସ ଟିକେଟ ମିଳବାର ଭୟ ନଥିଲେ ତାହା ବି ସିଏ ହୁଏତ ମାନ ନଥାନ୍ତା । ଯାହା ହେଉ ଅଫିସକୁ ପହଞ୍ଚି ତାକୁ ତିନ ମହଲାକୁ ଯିବାକୁ ହେବ । ଦୁଇ ଗ୍ଥରିଥର ଏଲିଭେଟରର ସୁଇଚ ଟିପି ଆଉ ଅପେକ୍ଷା କରିବାର ତାର ଧୈର୍ଯ୍ୟ ନଥିଲା । ତେଣୁ ପାହଚ ଦେଇ ସିଏ ଯେମିତି ଦଉଡୁଥାଏ । ଅଫିସ ଦୁଆରେ ଦେଖିଲା ରବିନ୍ ବାହାରକୁ ଆସୁଛି । ଅନୁପମାକୁ ଦେଖି ସିଏ କହିଲା "ରଜତ ତ ଅଫିସରେ ନାହାନ୍ତି, ମୁଁ କଛି ସାହାଯ୍ୟ କରିପାରିବିକି" ? ଅନୁପମା ମିଛ କହିବାକୁ ବାଧ ହେ । କହିଲା, ସିଏ ଫୋନ୍‌ଟା ଅଫିସରେ ଛାଡି ଯାଇଥିଲେ ତ ମୁଁ ଏଇପଟେ ଯାଉଥିଲି, ତେଣୁ ନେଇଯିବାକୁ ଭାବିଲି" । ରବିନ "ହଉ, ଭଲ ହେଲା ଦେଖା ହୋଇ" କହି ଗ୍ଥଲିଗଲା । ଅନୁପମା ରବିନଠାରୁ ରଜତଙ୍କ ଅଫିସରେ ନ ଥିବା ଖବର ଜାଣିଲେ ବି ତଥାପି ତାଙ୍କ ରୁମ୍‌କୁ ଗଲା । ଟେବୁଲ, କ୍ୟାବିନେଟ, ଡ୍ରୟାର ସବୁ ଦର୍ଣ୍ଣି ପକାଇଲା । କାଗଜ ପତ୍ରକୁ ତନ୍ନ ତନ୍ନ କରି ଖୋଜିଗଲା । କାଳେ କେଉଁ କାଗଜରୁ କଛି ସୂଚନା ପାଇଯିବ ଭାବି ସବୁ ଘାଣ୍ଟିପକାଇଲା । କେଉଁଠୁ କଛି ନପାଇ ପୁଣି ନଜ ଅଫିସକୁ ଫେରିଲା । ଦିନଟା କଟିଗଲା ଅଶାନ୍ତିରେ । ସେଦିନ ଘରେ ପହଞ୍ଚି ଦେଖିଲା କୌଣସି କାମରେ ମନ ଲାଗୁନ । ସବୁଥିରେ ବିରକ୍ତ ବୋଧ ହେଉଛି । କାହା ସହ କଥା ହେବାର ଇଚ୍ଛା ନାହିଁ, ବ୍ରେଷେଇରେ ଇଚ୍ଛା ନାହିଁ । ଟିଭିରେ ବି ମନ ଲାଗୁନ । ଖାଇବାକୁ ଯାଇ ଦେଖିଲା କଛି ବଳକା ବଳକ ନାହିଁ । ଅନ୍ୟ କେଉଁ ଦିନ ହୋଇଥିଲେ ଗ୍ଥଇନଜ ବା ପିଜା ମଗାଇଥାନ୍ତା । ଆଜି କଛିକୁ ମନ କହୁନ । "ସିରିଏଲ" ଖାଇ ସେଦିନ ବିଛଣାକୁ ଗଲା । ମନରେ ଅନେକ ପ୍ରଶ୍ନ । ସନ୍ଦେହର ବିଷ ଯେମିତି ଚରି ଯାଇଛି ତାର ଦେହରେ, ରକ୍ତରେ ପ୍ରବାହିତ ହୋଇ ତାର ସମସ୍ତ ସତ୍ତାକୁ କାବୁ କରସାରିଛି । ସନ୍ଦେହର କୁହେଳ ପ୍ରସାରିତ ହୋଇ ଗ୍ଥଲିଥାଏ ଅନୁପମାର ପରିପାର୍ଶ୍ୱକୁ ।

ଦୁଇ ଦିନ ପରେ ରଜତ ଘରକୁ ଫେରିଲେ । ଅନୁପମା ରାଗରେ ଜଳୁଥାଏ । ପଗ୍ଥରିବ ବୋଲି ସମୟର ଅପେକ୍ଷାରେ ଥାଏ ପର୍ ! ରଜତ ବି କଛି ନହେଲା ପରି ଲୁଗା ବଦଳ ଟିଭି ଆଗରେ ବସିଗଲେ । ଅନୁପମା ତାଙ୍କୁ ଖାଇବାକୁ ପଗ୍ଥରିଲା ନାହିଁ । ରାଜ ସହ ରଜତ କଛି

ସମୟ କଥା ବାର୍ତ୍ତାକଲେ । ସ୍ତ୍ରୀର କଷ୍ଟହୃତାରେ ମର୍ମାହତ ନହେଲେ ବି ଅସୁଖୀ ହେଲେ ନିଶ୍ଚୟ । ବିତି ଯାଇଥିବା ଘଟଣା ତାଙ୍କୁ ଘଟଣା ପରି ଲାଗୁ ନଥିଲା । ଜାଣି ପାରିଲେନି କଅଣ ଭୁଲ ଅବା ଥାଇପାରେ ! ଅନ୍ୟ କେଉଁ ଦିନ ହୋଇଥିଲେ ଦୁହେଁ ଦୁହିଙ୍କୁ ଦୁଇ ଦିନ ପରେ ଦେଖି ପରସ୍ପର ସହ ଯୋଡି ହୋଇ ରହିଥାନ୍ତେ । ପରସ୍ପର ଠାରୁ ଅଲଗା ରହିବା ଯୁଗ ପରି ମନେ ହୋଇଥାନ୍ତା । ଏବେ ସେ ସବୁ ନାହିଁ ଭଲ ପାଇବାର ସ୍ରୋତସ୍ୱିନୀ ଝରଣା ସମୁଦ୍ରର ମିଳନର ଆଶା ରଖୁନି । କେଉଁଠି ଯେମିତି ଶୁଖି ମରି ଯାଇଛି କେବେଠାରୁ । ରଜତ ଆଉ ଅନୁପମା ପରସ୍ପରକୁ ଯେ ଦିନେ ଭଲ ପାଇଥିଲେ ତାହା ଏକ ପ୍ରଶ୍ନବାଚୀ ହୋଇ ରହିଯାଇଛି । ଏକା ଛାତ ତଳେ ରହିଲେ ବି ସେମାନେ ହୋଇଯାଇଛନ୍ତି ପରସ୍ପରର ଅଜଣା ଅବା ଅଳ୍ପ ଚହ୍ନାଜଣା ମଣିଷ ।

ଅନୁପମାର ମନରେ ସହସ୍ର ପ୍ରଶ୍ନବାଚୀ, ଅହେତୁକ ଭୟ । ଜୀବନର ଏଇ ନୂଆ ଅଧ୍ୟାୟରେ ସିଏ ନିଜକୁ ଏକ ଅସହାୟ ନାରୀ ହିସାବରେ ଦେଖି ଭୟଭିତ । ସନ୍ଦେହର ବିଷ ଜ୍ୱାଳାରୁ ସିଏ ମୁକ୍ତ ହୋଇପାରନ୍ତା ଯଦି ରଜତ ଆସି ତାକୁ କୁହନ୍ତେ କିଛି ! କେଉଁଠି କଅଣ ଘଟିଗଲା ! କେମିତି ତାଙ୍କ ଜୀବନରେ ଏହି ଅପ୍ରତ୍ୟାଶୀତ ପରିବର୍ତ୍ତନ ଅସିଗଲା ।

କୁହନ୍ତେ, "ଅନୁପମା, ଭୁଲି ଯାଅ ଯାହା ଘଟିଗଲା । ଆସ, ପୁଣି ଗଢିବା ଆମର ସଂସାର । ତୁମ ହୃଦୟରୁ କ୍ଷତକୁ ମୁଁ ଭଲପାଇବାରେ ଭରିଦେବି । ସନ୍ଦେହର ବାଦଲ ଭଲ ପାଇବାର ନୂତନ ସୂର୍ଯ୍ୟ ଉଦୟରେ ମିଳାଇ ଯିବ । ଆସ ଆମେ ଏହି ସନ୍ଦେହର ବିଷକୁ ଅମୃତ କରିବା ଏକାଠି" !

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# କାଉ ସହିତ ଦିନଟିଏ




ରୀତା ଅପରାଜିତା ମହାନ୍ତି

କାଉ
ରାତିର କଳା ଠାରୁ
ତୋ ଦେହ କାହିଁ ଏତେ କଳା... ...?
ତା' ଆଖିର କଳା
କେତେବେଳେ ନେଇ
ବୋଳିଲୁ ତୋ ଦେହରେ ... ...
ତା' ଛନ୍ଦାୟିତ କଳାଗହର
କେଶରୁ କାହିଁକି ନେଲୁ କାଳିମା......
ଧଳା କେଶଗୁଡା ତା' ମୁହଁରେ
କେମିତି କେମିତି ଲାଗୁଛି ......?
କାଉ
ସକାଳୁ କାହିଁକି
କା' କା' କରୁନୁ....?
ଭାରି ଲାଜୁଆ ସାଜିଛୁ
ଭାବିଛୁ ଗାଉଳ ଲାଞ୍ଚ ବିନା
ଏ କାମ କରିବୁନ ।
ଆଜିର ମହଙ୍ଗା ବଜାରରେ
ନିଜ କଥା ବୁଝିବା ଭାରି କଷ୍ଟ
ତୋ ମନ କଥା ବୁଝିବ କିଏ......?

କାଉ
ସେ ଥୁଣ୍ଟା ଗଛଟାରେ
କାହିଁ ମନମାରି ବସିଛୁ......?
ଆ',
ତୋତେ ମୋ ଲାଜ ଦେବି
ସ୍ନେହ ଦେବି
ସତ୍ୱତା ଦେବି
ଯେତେ ଯାହା ତୋତେ
ଦେବି ସବୁ ଅଜାଡି ।
କାଉ
ଶୂନ୍ୟର ମୋହ ଛାଡି ଆ'
ତୁ ବି ମୋ ପରି
ଛଟପଟ ହେବାକୁ ଆ'
ଏ ଡାଳରୁ ସେ ଡାଳ ଉଡି
ମୋହ ଛାଡି ଆ'
ଦେଖିବୁ ଜଳବାରେ
ଶାନ୍ତି.. ଶାନ୍ତି.. ଶାନ୍ତି ......

କାଉ
ମୋ କଥାରେ
ତୁ କ'ଣ ଭସି ଗଲୁଣି
ମୁଁ ଜାଣିଥିଲି ତୁ ବି ପଡିଯିବୁ
ପୃଥିବୀର ମୋହରେ.........
ଶୂନ୍ୟର ମୋହ ଛାଡି ଆ'
ତୁ ବି ମୋ ପରି
ଛଟ୍‌ପଟ୍ ହେବାକୁ ଆ' ।
କାଉ
ଆମେ ମିଶି
ଯନ୍ତ୍ରଣାର ସୀମାରେଖା ଟାଣିବା
ନିଜ ଦୁଃଖକୁ
ଆଉ କାହା ଆଖିରେ ଭରିବା
ଆଉ
ହସ ସବୁ ବ୍ୟାଗ୍‌ରେ ଭର୍ତ୍ତି କରି
ଆରଜନ୍ମ ପାଇଁ ସାଇତି ରଖିବା......
କାଉ
ତୁ କ'ଣ ଆରଜନ୍ମରେ
ମୋ ସହ ଦେଖା କରିବୁ ଏଇ ସହରର
ଜୀବନର ଏଇ ନିଛାଟିଆ ଗଳିରେ
ହଁ ;
ଏଇ ନିଛାଟିଆ ଗଳିରେ ।।



ପ୍ଲଟ୍ ନଂ - ୮୩ ସି
ଆମ୍ରପଲ୍ଲୀ, ଶୈଳଶ୍ରୀ ବିହାର
ଭୁବନେଶ୍ୱର - ୨୧

# ଅବଶୋଷ



ଅରୁଣ କୁମାର ପାତ୍ର

ତୁମେ ଥିଲ ଦୂରେ ମୁଁ ଥିଲି ଦୂରେ
ନଥିଲେ କେହି କାହାକୁ ଜାଣି,
କେଜାଣି କେମିତି ହେଲା ପରିଚୟ
ବିଧାତା ଯୋଡ଼ିଲା ଆଣି ।୧।

ହେଲା ଯେଉଁ ଦିନ ଚକ୍ଷୁର ମିଳନ
ଅଳ୍ପ ଦିନର କଥା
ଅଜଣା ତୁମେ ଗୋ' ନେଲ ପାଶେ ଟାଣି
ଘୁରିଗଲା ମୋର ମଥା ।୨।

ଭସାଣିଆ ତୁମ ନୟନ ଯୁଗଳେ
ବାରି ହେଉଥିଲା ପ୍ରେମବାଣୀ,
ମୋତେ ବି ସେଥିରେ ଭସାଇ ଦେଲ ଗୋ'
ଶିଖାଇ ପ୍ରେମ କାହାଣୀ ।୩।

ଗୋଧୂଳି ଲଗନ ଭୁଲିଲ କେମିତି
ସାତପର କରିଗଲ,
ପିଇବାକୁ ଦେଇ ଜହର ପିଆଲା
ପାଖରୁ ଦୂରେଇ ଦେଲ ।୪।

ଛାରଖାର ହେଲ୍ ଆଶା ଅଭିଳାଷା

ଉଜୁଡ଼ା ମନକୁ ନେଇ,

ଥରେ ସେହି ବାଟ କହି ଦିଅ ପ୍ରିୟା

ତୁମକୁ ଭୁଲିବା ପାଇଁ । ୫ ।

ରାତି ରାତି ଏବେ ରହି ଉଜାଗର

ଢ଼ାଲୁଅଛି ଆଖି ଲୁହ,

ଉଜୁଛି ଯାଇଛି ମନ ଉପବନ

କେମିତି ବଞ୍ଚିବି କୁହ? । ୬ ।

ଅନ୍ତରେ କାନ୍ଦୁଛି ମୁଁ ବାହାରେ ହସୁଛି

ଏହି ମୋର ପରିଚୟ

ମରି ସାରିଛି ମୁଁ ତେବେ ବି କରୁଛି

ବଞ୍ଚିବାର ଅଭିନୟ । ୭ ।

ଶିକ୍ଷକ, କେନ୍ଦୁପଦର,
ଫୁଲବାଣୀ - ୭୬୨୦୦୧, କନ୍ଧମାଳ ( ଓଡ଼ିଶା)

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ - ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ମୋ ମହାନ ଦେଶର ଜନତା



ବିନୟ ମହାପାତ୍ର


ଦେଶ ମୋର ମହାନ ଦେଶଟିଏ,
ଆଉ ମହାନ ମୋର ଦେଶବାସୀ,
ଯେଉଁଠି, ଭୋକଲା ଜନତାର ପେଟ
ଭାତରେ ନୁହେଁ,
ମିଠା ମିଠା କଥାରେ ଭରିଯାଏ ।
ଟିକଏ କଅଁଳ କଥାରେ,
ଟିକେ ସମବେଦନା
ଆଉ ଟୋପିଏ ଲୁହରେ,
ଭୋଟ୍ ବାକ୍ସରେ,
ଭୋଟ୍ ର ଶ୍ରାବଣୀ ବନ୍ୟା ଆସିଯାଏ ।



ଏଇଠି ନେତାଙ୍କୁ ଦେଶ ପାଇଁ
କଣ କରିବାକୁ ଅଛି
ଜଣା ଥାଉ କ ନ ଥାଉ,
କେଉଁ କଥା କହି ଭୋଟ୍ ନେଇ ହେବ
ସେ କଥା ବେଶ୍ ଜଣାଥାଏ ।
ଏଇଠି ପାଠ ପଢି ସନ୍ତ୍ରୀଟିଏ ହେବା
ଅନଶ୍ଚିତ ଆଉ ଯେତିକ କଠିନ,
ବିନା ପାଠପଢି ମନ୍ତ୍ରୀଟିଏ ହେବା
ସେତେ ଯେ ସହଜ ।
ବେଳେବେଳ ମନ, ଦ୍ୱନ୍ଦେ ପଡିଯାଏ,

ମୋ ଦେଶବାସୀ ସତରେ ସରଳ
ଅବା ବୋକାମୀର ଚରମରେ?
କବା ଏତେ ସରଳ ଯେ,
ସହଜରେ ବୋକା ପାଲଟି ଯାଆନ୍ତି?

ମୋ ଦେଶରେ କହିବାକୁ ମୁଦ୍ଦା କମ୍ ନାହିଁ
କେବେ ପାକସ୍ତାନ, କେବେ ହିନ୍ଦୁ ମୁସଲମାନ
କେବେ ଜାତିଆଣର ଟୋପି ପିନ୍ଧାଇ ଦିଅ
କଛି ନହେଲେ, ବିରୋଧି ଦଳର ଇତିହାସ
ନତି ବଖାଣୁ ଥାଅ ।
ମୋ ଦେଶରେ ଜନତାକୁ
ସବସିଡ ଛାଡଦିଅ ବୋଲି ନତି କୁହାଯାଏ,
ହେଲେ ନେତା ନଜ ଦରମା ବଢାଇ ଚାଲେ
ଆଉ ସବସିଡିର ଆନନ୍ଦ ନତି ନେଉଥାଏ ।
ଧନ୍ୟ ମୋର ମହାନ ଦେଶ
ଧନ୍ୟ ମୋର ଦେଶବାସୀ,
ପ୍ରତିଦିନ ନେତାଙ୍କ ଭାଷଣ ଶୁଣି,
ରାମ ରହିମର ଲଢାଇ କରନ୍ତି ।



କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

# ହାପି ରଜ...



ସୁବଳ ମହାପାତ୍ର

ସକାଳୁ ସକାଳୁ ନାନୁଆଁ ଡାକଲା, "ବବୁଲୁ, ଶୀଘ୍ର ଆ....ସିଆଡେ ଦଳ ସବୁ ଆସି ସାରିଲେଣି"। ଗାଁ ରେ ସମସ୍ତଙ୍କ ନାଁ ପଛରେ ଆ ଲାଗିବା ଥୟ। କୁନଆ, ପିଣ୍ଟୁଆ, ମଣ୍ଟୁଆ, ସନଆଁ, ମାନଆଁ, ନାନୁଆଁ ଏମିତି ସବୁ। ମୋ ନାଁ ଟା ବବୁଲୁ ବୋଲି ଟିକେ ଅଲଗା। ଯାହା ହଉ, ବୁଝିବାକୁ ଆଉ ବାକି ନଥିଲା ଯେ ପାଖ ଗାଁ ର ଝିଅ ଦଳ ଆମ ଗାଁ କୁ ଆସିଲେଣି ଦୋଳି ଖେଳି। ଗାଁ ରେ ଦୋଳି ଖେଳ ଟା ନଆରା। ଗୋଟେ ଗାଁ ର ଝିଅ, ଆର ଗାଁ ର ଦୋଳି କେମିତି ହେଇଛି ନ ଦେଖିଲେ ତାଙ୍କ ପୋଡପିଠା ହଜମ ହୁଏନି। ପୋଡପିଠା ହଜମ ହୁଏନି କି ଖାସି ଟା ପେଟ ଭିତରେ ମେ ମେ କରେ ମା ଗଙ୍ଗାଙ୍କୁ ଜଣା। ତାଙ୍କ ମନ ଭିତରେ ବି କଣ ସେମିତି କିଛି ଥାଏ କି? ଯାହା ଏ ଗାଁ ର ଟୋକାଙ୍କ ମନରେ ଥାଏ? କେଜାଣି?

ମୋର ପୁରା ବାଲ୍ୟକାଳ ଟି ସହରରେ କଟିଛି, ସେଥିପାଇଁ ମୁଁ ଏ ସବୁ ବିଷୟ ରେ ଟିକେ ଅନଭିଜ୍ଞ। କିନ୍ତୁ ନାନୁଆଁକୁ ସବୁ ଜଣା । ଯାହା ହେଲେ ଗାଁ ଟୋକା ନା। ମାମୁଁ ଘର ଗାଁରେ ରଜ ରେ କବାଡି ଖେଳ ଟା ଭଲ ଜମେ। ବୁଢା ହଡା ଯେତେ ସବୁ ଟ୍ୱେଣ୍ଟି ନାଇଁନ ଖେଳିବାରେ ବସି ଯାଆନ୍ତି। କଥା କଥା ରୁ ହାତାହାତି ଯାଏଁ କଥା ଯାଇ ତାସ ଚିରିବା ରେ କଥା ସରେ। ପୁଣି ଆଉ ହଳେ ଆସେ। ଟୋକା ଦଳ କିନ୍ତୁ ଲାଗନ୍ତି କବାଡି ଖେଳ ରେ। କବାଡି ଯେଉଁଠି ଖେଳ ହୁଏ, କିଛି ଦୂର ଛାଡି ଆମ୍ବ ତୋଟା ରେ ଭିଡା ଯାଇଥାଏ ଦୋଳି। କବାଡି ଖେଳ ର ଆକର୍ଷଣ ସେତେବେଳେ ଜମେ, ଯେତେବେଳେ ପାଖ ଗାଁ ରୁ ଝିଅ ଦଳ ଆସନ୍ତି ଦୋଳି ଖେଳିବା ପାଇଁ। ନିଜ ଗାଁ ଝିଅ ତ ସିଙ୍ଘାଣିନାକୀ, ଯେତେ ଭଲ ହେଲେ ବି କେଉଁ ମନକୁ ଆସେ? ଯାହା ହେଲେ ପାଖ ଗାଁ ଝିଅ ନା...ସୁନ୍ଦରୀ ଗୁଡା ତ....ଆଉ ।

ପୁରୁଷ ପଣିଆ ଦେଖେଇବାର ଏଇଟା ପ୍ରକୃଷ୍ଟ ସମୟ। ଆଃ....କାହାର ନା କାହାର ହୃଦୟ ଟି ଆମ୍ବ ଗଛ ରେ ଲଟକ ଥାଏ ଆଉ ସେଇ ଝିଅଟିକୁ ଛାଡି ବାକ ସମସ୍ତେ ଜାଣିଥାନ୍ତି ଏ ବିଷୟରେ। "ନନା, ଭାଉଜ ...ଭାଉଜ..." ଡାକରେ ଠଣ୍ ଠରି ହୋଇ ଯାଆନ୍ତି ସାଙ୍ଗମାନେ। ଥରେ ମୁହଁ ଉଠେଇ ଦେଖିଦେଲେ ତ ମନ କୁଣ୍ଢେମୋଟ।

ଗାଁ ରେ ପ୍ରେମ ମାନେ ଆଉ କଣ କି? ନା ପାର୍କ ଅଛି ନା ହୋଟେଲ। ମନ ଦିଆନିଆ ହୁଏ ଏଇ କବାଡି ଆଉ ଦୋଳ ଖେଳ ଭିତରେ। ପ୍ରେମ ଉଛୁଳେ କବାଟ ଫାଙ୍କ ରୁ ଅବା ନଈ କୁ ପାଣି ଆଣି ଗଲାବେଳେ। ସାଇକେଲ ଧରି ପ୍ରେମିକା ର ଗାଁ ଆଡେ ଘେରେ ମାରି ଆସିଲେ ମନ ଶାନ୍ତି। ସାଇକେଲ ର ଘଣ୍ଟି ଟା କେମିତି କେଜାଣି ଆପେ ଆପେ ବାଜି ଉଠେ ପ୍ରେମିକା ଘର ପାଖାପାଖି। କବାଟ ଫାଙ୍କ ରୁ ସତେ ଅବା କଏ ଗୁହିଁଥାଏ...ଦିଶିଯାଏ ଆଖିରୁ ଗୋଟେ କମ୍ବା ମୁହଁ ରୁ ଫାଳେ। ବାସ...ଦିନ ଯାକର କଷ୍ଟ ଦୂର ହୋଇଯାଏ। ପ୍ରେମିକା ର ରଙ୍ଗ କେଉଁ କମ କି?? ନଈ କୁ ପାଣି ଆଣି ଗଲାବେଳେ ଆଖି ଦି ଥର ବୁଲି ଯାଏ ସବୁ ଆଡେ, କାଳେ ଆସିଲେ କି? ଦେଖା ହେଲେ ବି ମଝିରେ ଷଣ୍ଢ ପୁରନ୍ତି ଗାଁ ର ବୟସ୍କ ଲୋକ କେହିଜଣେ। ଫେରୁଥିବେ ନଈ ଆଡୁ ନହେଲେ ଯାଉଥିବେ ବିଲ ଦେଖି। ଭାରି ଚଡି ଲାଗେ। ଆଖି ନଚେଇ ଆଖି ଆଖି ରେ ଗୁଳ ମାରେ ପ୍ରେମିକା ଟି ଆଉ ପ୍ରେମିକ ବି ସେତିକ ରେ ବେହାଲ.....

ବ..ବୁ..ଲୁ..ଉ..ଉ..ଉ.. ଏଇ ଡାକଟି ଯଥେଷ୍ଟ ଥିଲା ଦାଣ୍ଡ ପଟୁ ବାଡ଼ି ଯାଏଁ । ଟି ଶାର୍ଟ ଟି ଗଳେଇ ଦେଇ ବାହାରି ପଡ଼ିଲି। ସିକ୍ସ ପକେଟ ବାଲା ହାଫ ପ୍ୟାଣ୍ଟ କୁ ଫୁଲ ହାତ ବାଲା ଟି ଶାର୍ଟ। ନାନୁଆଁ କନ୍ତ ହାତ କଟା ଗଞ୍ଜି ଖଣ୍ଡେ କୁ ଲୁଙ୍ଗି ଖଣ୍ଡେ ପିନ୍ଧି ଥାଏ। ତାକୁ ପୁଣି ଆଣ୍ଠୁ ପାଖରୁ ଭାଙ୍ଗି ଗଣ୍ଠି ମାରି ପିନ୍ଧିଥାଏ। ତା ବେଶ ଦେଖି ମୁଁ କଣ କହିବି ଭାବୁ ଭାବୁ, ସେ ସାଇକେଲ ର ରଡ଼ ରେ ବସି ସାରି ମୋତେ ଇଙ୍ଗିତ କରୁଥିଲା ସିଟ ରେ ବସି ସାଇକେଲ ଚଳେଇବାକୁ। "ନା ବେ, ତୁ ଚଲା" କହି ମୁଁ ଟିକେ କୁନ୍ଥୁ କୁନ୍ଥୁ ହେଲି। "ମୋ ଭାଇଟା ପରା। ଲୁଙ୍ଗି ଟା ପିନ୍ଧିଛି, ନହଲେ ଚଳେଇଥାନ୍ତି । ଏଇଟା ରେ ପରା ସବୁଆଡୁ ଦିଶିବ । ମୁଁ ପଛେ ଡବଲ ମାରିବି" କହି ସେ ଅନୁନୟ ହେଲା। ଲୁଙ୍ଗି ଖଣ୍ଡେ ପିନ୍ଧି କେହି ଯେ ଝିଅଙ୍କୁ ଲାଇନ

ମାରିବା ପାଇଁ ଯାଇପାରେ ଏହା ମୋ ଚନ୍ତା ର ପରିସୀମା ବାହାରେ ଥିଲା। ଛାଡ଼, କହି ସାଇକେଲ ସିଟ ରେ ବସି ପେଡଲ ମାରିଲି ଆଗକୁ।

ନଇ ପାଖ ଆମ୍ବ ତୋଟା ରେ କବାଡି ଖେଳ ଟା ଜମି ଆସିଥାଏ, ତା'ସହ ଦୋଳ ଖେଳ ବି। "ସର" ସହ ଆଉ ଗୋଟେ ଝିଅ କୁ ଦେଖି ଆଖିଟା ବାରମ୍ବାର କାହିଁକି ସେପଟକୁ ଘୁରି ଯାଉଥାଏ। ସର, ମୋ ମାମୁଙ୍କ ଛାତ୍ରୀ। ମନଟା ଟିକେ ଖୁଜୁବୁଜୁ ହେଉଥାଏ କଣ ଗୋଟେ ପଚାରି ଦେବାକୁ। କନ୍ତୁ ଆରପଟେ ଅଳ୍ପ ଟିକେ ଡର ବି ଲାଗୁଥାଏ। ହଠାତ ନାନୁଆଁ ର ଡାକ ରେ ଚମକ ପଡିଲି, "ଆମ ପଟୁ ବବୁଲୁ ଖେଳବ, ତମେ ଶଳେ ସବୁ ଗଜା ଟୋକା ନବ ଆଉ ଆମକୁ ସେନ୍ତେରି ସବୁ ଦବ? ଚଳବନ ନନା, ସେ ସବୁ ଥାଉ ଆର କାଳକୁ। ତେମେ ଆମକୁ କଣ ବୋଲି ଭାବିଛ କ? ଆଜି ପାଣି ପିଏଇବୁ ରୁହ। ଜଣ ଜଣ କରି ଯଦି ଟେକ ନ ଆଣିଛୁ.... ଆ ରେ ବବୁଲୁ, ଏଇ ପଟକୁ ଆ...."

କଛି ସମୟ ଭିତରେ ଆରମ୍ଭ ହୋଇଗଲା କବାଡି, ଆମ ଦଳ ରୁ ଜଣେ ଜଣେ କରି ସବୁ ମରି ( out ହୋଇ) ସାରିଥାନ୍ତି । ଏକା ମୁଁ, କଣ କରିବି? ଏପଟେ କବାଡି ର ଦାୟ ନା ସେପଟେ ଚାହାଣି ର ଦାୟ? ଦୋଳ ପାଖରୁ ଆଖି ଦୁଇଟି ମୋତେ ଚାହିଁଥାନ୍ତି। ଏପଟେ ଗାଁ ର କଛି ପିଲା ମୋତେ ସାହସ ଦଉଥାନ୍ତି ତ ଆଉ କଛି, "ଇଏ ଭାଇ ଆମ ପଖାଳ ବଡି ନୁହେଁ, ପାରିବନ" ବୋଲି ମନ୍ତବ୍ୟ ଦେଉଥାନ୍ତି। ଆର ଦଳ ର ପିଲା ବି ମୋତେ ହତୋତ୍ସାହ କରିବାକୁ ଚେଷ୍ଟା କରୁଥାନ୍ତି। "ଯାହା ହବ ଦେଖାଯିବ" କହି ନାନୁଆଁ ମୋତେ ଆର ପଟକୁ ଯାଇ ଦି ଚାରିଟା କୁ ମାରି ଆସିବାକୁ ଇସାରା ଦେଲା। ଖେଳ ଖେଳ ରେ ହାର ଜିତ ଥାଏ। କନ୍ତୁ ସେ ଝିଅଟି ଆଗରେ ହାରିବାକୁ ଜମାରୁ ଇଛା ନଥାଏ ମୋର। କବାଡି...କବାଡି...କବାଡି...କହି ଆଗକୁ ମାଡ଼ିଗଲି। ଦୁଇ ତିନ ଥର ଏପଟ ସେପଟ ହେଲା ପରେ ଭିତର ଗାର ଛୁଇଁ ଆସିଲା ବେଳକୁ ହାତ ଦୁଇଟି କୁଆଡୁ ଆସି ମୋତେ ଧରି ସାରିଥିଲେ। ଜଣେ ପରେ ଜଣେ ଛଅ ଜଣ ଟାଣି ଧରି ଭିଡି ନେବାକୁ ଚେଷ୍ଟା କରୁଥାନ୍ତି। ମୁଁ ବି ସବୁ ବଳ ଖଟେଇ ଖସି ଆସିବାକୁ ଚେଷ୍ଟା କରୁଥାଏ। ହଠାତ ଜଣଙ୍କ ହାତ ଖସି ଯିବାରୁ ମୋ ବଳ ର ପ୍ରଭାବରେ ଆଗକୁ ଭିଡି ହୋଇଗଲି ଆଉ.... ମୁହଁ ମାଡି ତଳେ।

ଶଳାଟାର ବଳ ଅଛି ବେ...ତମେ ସବୁଗୁଡା ମାଇ ଛୁଆ। ଛଅ ଜଣ ଭିଡି ଧରି ପାରୁନ... ଖେଳ ଖେଳୁଛ ଆଉ? ..ଏଭଳ ମନ୍ତବ୍ୟ ଗୁଡିକ କାନ ରେ ବାଜିବାକ୍ଷଣି ଦୋଳ ଆଡକୁ ଗ୍ଚହିଁଲି। ଆଖି ଦୁଇଟି ଖୁସି ରେ କୁରୁଳ ଉଠୁଥିଲେ। କନ୍ତୁ ଦୁର୍ଭାଗ୍ୟବଶତଃ ମୋ ସିକ୍ସ ପକେଟ ପେଣ୍ଟ ଟି ଚରି ସାରିଥିଲା ଆଉ ମୁହଁ ତଳେ ମାଡ଼ ହୋଇ ରକ୍ତ ବାହାରି ସାରିଥିଲା। ଗୋଡ ହାତ କଥା ନକହିବା ଭଲ। ପଡୁ ପଡୁ କୁଆଡେ ମୁଁ ମଝି ଗାରଟି ଛୁଇଁ ଦେଇଥିଲି ଆଉ ଆର ଦଳ ର ଛଅ ଜଣ ଯାକ ମରି ( out ) ହୋଇ ସାରିଥିଲେ।

ଖେଳ ରେ ଖଣ୍ଡିଆ ଖାବର୍ ହୋଇ, ମୁଁ ଆଉ ଖେଳବିନ ବୋଲି କହି ନଈ ଆଡେ ଧୋଇ ହେବାକୁ ଗଲି। ନାନୁଆଁ କନ୍ତୁ ଖେଳବାକୁ ରହିଲା। ନଈ ରେ ପଶି, ରକ୍ତ ବାହାରୁଥିବା ଜାଗା ଗୁଡାକୁ ଧୋଇଲା ବେଳେ ପାଖରୁ କଛି ଶବ୍ଦ ଶୁଭିଲା, "ଜିତିବା କଣ ନହାତି ଜରୁରୀ ଥିଲା"? ଗ୍ଚହିଁ ଦେଖିଲି ସେଇ ଝିଅ ଟି। ଆଖିରେ ଆନନ୍ଦ ମିଶ୍ରିତ କଷ୍ଟ ର ସୂଚନା। ଆନନ୍ଦ, ମୁଁ ଜିତି ଯାଇଥିଲି। କଷ୍ଟ, ମୋ ଗୋଡ଼ ହାତ ଖଣ୍ଡିଆ ହୋଇଥିଲା। "ନା, ମାନେ ମୁଁ ତ ଖସି ଆସିବାକୁ ଚେଷ୍ଟା କରୁଥିଲି, ...ହଁ, ହୁଏ ଏସବୁ ଖେଳ ରେ..." କଷ୍ଟ ସମ୍ଭାଳ ମୁହଁରେ ହସ ଫୁଟେଇ ଏକାଥରେ କହିଗଲି ଏତକ। ଖଣ୍ଡିଆ ଯୋଗୁଁ ଜାଗା ଗୁଡିକ ପୋଡି ଉଠୁଥିଲେ ବି, ଏ ସମୟ ରେ ମୁଁ ଆହୁରି ତିନୋଟି ମ୍ୟାଚ ଖେଳ ପାରିବି ବୋଲି ମୋ ମନ କହୁଥିଲା।

ମୁଁ ବୋଧେ ପ୍ରେମ ରେ ଥିଲି....ଆଉ ସେ? ? ?

ଗାନ୍ଧିନଗର, ଗୁଜରାଟ- ୩୮୨୦୦୯


ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ମନେପଡ ତମେ....



ସ୍ମିତା ତ୍ରିପାଠୀ

ବହୁତ ମନେପଡ ତମେ
ସକାଳ ସୁରୁଜ ଆସିଲା ପରେ
ତୁମକୁ ମୁଁ ଖୋଜେ
ଗତ ରାତିର ସନ୍ତକ ନେଇ
ବହୁତ ମନେ ପଡ ତୁମେ
ଦିନ ଦୁଇ ପହରେ
ନିରୋଳା ମୁହୂର୍ତ୍ତ ରେ
ତୁମ ଆଲିଙ୍ଗନ ପାଇଁ
ବହୁତ ମନେ ପଡ ତମେ
ମଧ୍ୟାହ୍ନ ଭୋଜନ ବେଳେ
ନିଜ ଆଙ୍ଗୁଳ ସ୍ପର୍ଶ ତମ ଓଠରେ
ବହୁତ ଖୋଜେ ତମକୁ
ସାଂଧ କାଳୀନ ସମୟେ
ପ୍ରେମମିଶା ପବନ ରେ ଭାସିବାକୁ
ସନ୍ଧ୍ୟା ନଇଁ ଆସେ
ତର୍‌ ଉକୁଟି ଯାଏ
ତର୍‌ ଗଣୁ ଗଣୁ
ଫିକ୍‌ କନା ହସି ଦିଏ ମୋ ପ୍ରେମିକା
ହଁ ରେ ମୋ ପ୍ରେମିକା
ତମକୁ ମୁଁ ଖୋଜେ
ତମକୁ ମୁଁ ଗୁହେଁ



ନଷିଦ୍ଧ ରାତି ରେ
ଆଲିଙ୍ଗନ ଚୁମ୍ବନ କରୁ କରୁ
ତମେ ଶୋଇପଡିଲା ପରେ ବି
ତମକୁ ଦେଖିବାକୁ
ଭଲପାଏ ତମ ଶାନ୍ତ ମନ ର ଶୀତଳତାକୁ
ଆଉଁସି ଦେବାକୁ
ଅସ୍ତବ୍ୟସ୍ତ ହେଇ ଯାଇଥିବା
କେଶ ରାଶି କୁ
ଉନ୍ମୁକ୍ତ ହୋଇ ପଡିଥିବା
ବୋତାମ କୁ ଲଗେଇବାକୁ
ମନ କହେନା
ମନ କହେନା...
ମନ ବୋଲେ ଆଲିଙ୍ଗନ କରିଦେ
କୋଳେଇ ଦେ
ସକାଳର ସୁରଜ ଆସିବା ଯାଏ
ଶୁଏଇଦେ ତୋ କୋଳ ରେ.....

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଘା, ଅନୁଗୁଳ- ୭୫୯୧୨୨

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com


# ଅନୁରୋଧ



ସାଗରିକା ମହାନ୍ତି

ଗୋଧୁଳି ବେଳାର ଅସଂଖ୍ୟ ଅନୁରୋଧକୁ
ଏଡାଇ ନପାରି ପାଦ ଥାପିଛି ମୁଁ ତୁମ
ତନ୍ଦ୍ରାଳୁ ଅଗଣାରେ ।

ଆକାଶର ନୀଳିମାକୁ ତୋଳି ଆଣି ତୁମ
ଆଖିରେ କଜ୍ଜଳ କରି ପିନ୍ଧେଇବାର
ଆସ୍ପର୍ଦ୍ଧାରେ ସରିଯାଇଛି ମୁଁ ସୀମାନ୍ତର
ଦିଗବଳୟ ପରି ।



ତୁମେ ଯଦି ଗୃହଁ ସଖୀ,
ଜହ୍ନ ସହ ସାଲିସ୍ କରି ମାଗି ଆଣିବି ମୁଁ
ଚଇତି ପାହାନ୍ତାରୁ କିଛି ନିର୍ଜନ ବେଳା ।

ଢେଉ ଠାରୁ ଖୋଜିଆଣିବି, ସମୁଦ୍ରର
ଗଭୀରତାରେ ଉବୁଟୁବୁ ବୋଇ ଜୀବନକୁ
ଅନୁଭବିବାର ଉଦ୍ଦାମତା ।

ତୁମେ ଯଦି କୁହ ସଖୀ,

ଫୁଲଠାରୁ ଆଣିଦେବି ପ୍ରିତୀବୋଳା

ରଙ୍ଗ କଛି, ଖାସ୍ ତୁମରି ପାଇଁ ।

ତାପରେ ଆତ୍ମପ୍ରତ୍ୟୟର ଗହନ ନଦରେ,

ତୁମେ ଦିଶୁଥିବ କୁହୁଡି ପରି ଆକାଶର

ଏପାଖରେ, ଆଉ ମୁଁ ସମୟକୁ ଠକଦେଇ

ହଜିଯିବି ଅନ୍ତରୀକ୍ଷର ଆର ପାଖରେ ।

ନବୀ ମୁମ୍ବାଇ, ମହାରାଷ୍ଟ୍ର

ବେଦାନ୍ତୀର ଆଗାମୀ ସଂଖ୍ୟା ଅଗଷ୍ଟ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁଲାଇ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ସ୍ମୃତି



ପ୍ରବୀଣ କୁମାର କବି

ସ୍ମୃତି, ଏକ ଅଙ୍କାବଙ୍କା ନଇ
ଏକ ମଧୁଋତୁ
ଉଦାସୀ ଆଖିର,
ସ୍ମୃତି, ଏକ ଧୂଆଁ ଭର୍ତି ସୁନୀଳ ଆକାଶ
ଏକ କ୍ଲାନ୍ତ ସମୟ
ଗୋଧୂଳ ସଞ୍ଜର ।୧।

ସ୍ମୃତି, ଏକ ଦିନଲିପି ପୃଷ୍ଠା,
ପବନର ସଂଘାତରେ
ସଂଘର୍ଷମୟ, କମ୍ପମାନ
ଆଲୁଅରେ ଲେଖା।

ସ୍ମୃତି, ଏକ ଜହ୍ନର ଦିପାଳୀ,
ହାହାକାର ହୃଦୟକୁ
ଦିଶାହରା ଜୀବନକୁ
ଖିନଭିନ୍ନ କରି
ଦେଉଥାଏ ଜାଳ ।୨।

ସ୍ମୃତି, ଏକ ଅଦେଖା ଯନ୍ତ୍ରଣା
ହୃଦୟର ପାନ୍ଥଶାଳେ,
ଲେଖିହୁଏ ଲିଭେଇ ହୁଏନ
ମହୁଲି ନଶାରେ,

ସ୍ମୃତି, ଏକ ବିଭକ୍ତ ସମୟ
ସପନର ଅଧାଦେଖା ଛାଇ,
ଛୁଇଁଯାଏ ଅଛୁଆଁ ସ୍ୱର୍ଶରେ
ପାହାନ୍ତି ପ୍ରହରେ... ।୩।

ସମ୍ପାଦକ, "ବଣମଲ୍ଲୀ",
ଆନନ୍ଦପୁର, କେନ୍ଦୁଝର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ବିଦ୍ୟାପତୀ ଓ ଲଳତାର କାହାଣୀ ( ଶିମିଳପାଳ ଜଙ୍ଗଲ)



ଅଶୋକ ବିଶ୍ୱାଳ

ମୁଁ ଖଡିଆମାନଙ୍କ ଜୀବନଶୈଳୀ ଉପରେ ପଢୁଥିଲି । ସେମାନଙ୍କର ସାମାଜିକ ପ୍ରଥା, ନିଷେଧ ଦ୍ରବ୍ୟ, ସେମାନଙ୍କର ବିଶ୍ୱାସ; ଲେଖାଥିଲା ଖଡ଼ିଆ ବ୍ରାହ୍ମଣ ଠାରୁ ଖାଦ୍ୟ ଗ୍ରହଣ କରିନପାରେ । ସେମାନଙ୍କର ଝିଅ ଲଳତା, ବିଶ୍ୱାବସୁ ଶବରର ଝିଅ, କେବେ ଏକ ବ୍ରାହ୍ମଣକୁ ବାହା ହୋଇଥିଲା । ବିଦ୍ୟାପତି ନାମ ଥିଲା ତାର । ଝିଅର ଘରେ ଖାଦ୍ୟ ଖାଇବା ମହାପାପ, ସମାଜରେ ଠିକ୍ ମାନ୍ୟ ନେହେଁ । ମୁଁ ମୋ ଆଖିକୁ ବିଶ୍ୱାସ କରିପାରୁନଥିଲି । ମୁଁ ବହିକୁ ଦେଖିଲି, ସେହି ମହାନ ଶବର, ଜଗନ୍ନାଥ ଦୀକ୍ଷାର ଧାମର ସଂସ୍ଥାପକ ମାନଙ୍କର, ବଂଶୀଧରମାନେ ଏମାନେ, ଶିମିଳପାଳ ଭିତରେ ସତରେ ରହିଛନ୍ତି, ସାଧାରଣ ଲୋକଙ୍କର ଆଖିରୁ ବହୁ ଦୂରରେ ! ମୁଁ ବିଦ୍ୟାପତି ଆଉ ଲଳତାର ସେଇ ପ୍ରେମ କାହାଣୀ ମନେ ପକାଉଥିଲି, ସେଉଠୁଁ ଆରମ୍ଭ ହୋଇଥିଲା ଜଗନ୍ନାଥ ଧର୍ମ, ଓଡିଆମାନଙ୍କର ଆରାଧ୍ୟ ଦେବତା ମହାପ୍ରଭୁ ଜଗନ୍ନାଥ ଦିନେ କ'ଣ ସତରେ ଶିମିଳପାଳ ପାହାଡରେ ଥିଲେ? ଆଉ ସେଇଠୁ କଣ ଦିନେ ଭସିଯାଇଥିଲେ ମହାସମୁଦ୍ରକୁ ।

## ବିଦ୍ୟାପତୀ ଲଳତାର କାହାଣୀ:

ରାଜା ଇନ୍ଦ୍ରଦ୍ୟୁମ୍ନ ଥିଲେ ବିଷ୍ଣୁଙ୍କର ମହାଭକ୍ତ, ତାଙ୍କର ଏକ ମାତ୍ର ଇଚ୍ଛା ଥିଲା ବିଷ୍ଣୁଙ୍କୁ ତାଙ୍କର ପୂର୍ଣ୍ଣ ରୂପରେ ଦେଖିବେ, ଏହି ଧରାଧମରେ । ସେ ସ୍ୱପ୍ନ ଦେଖିଲେ, ସେଥିରେ ନିର୍ଦ୍ଦେଶ ଥିଲା ବିଷ୍ଣୁ ନିଜର ପୂର୍ଣ୍ଣ ରୂପରେ ଉତ୍କଳ ପ୍ରଦେଶରେ ପ୍ରତୀୟମାନ ହେବେ । ସେ ସମୟରେ ଓଡିଶାର ଅନ୍ୟନାମ ଉତ୍କଳ ଥିଲା । ତେଣୁ ସେ ତାଙ୍କର ରାଜ ପୂଜକଙ୍କର ଭାଇ ବିଦ୍ୟାପତିକୁ ଭଗବାନଙ୍କ ଖୋଜିବା ପାଇଁ ଉତ୍କଳ ପ୍ରଦେଶ ପଠାଇଲେ । ବିଦ୍ୟାପତି ଉତ୍କଳ

ପ୍ରଦେଶରେ ପହଞ୍ଚିଲେ, ଅନେକ ଖୋଜିଲା ପରେ ଖବର ପାଇଲେ ଭଗବାନ ବିଷ୍ଣୁ ନିଜର ପୂର୍ଣ୍ଣ ରୂପରେ ନୀଳ ମାଧବ ହୋଇ କେଉଁ ଏକ ଘୋର ଅରଣ୍ୟ ମଧ୍ୟରେ ଏକ ପାହାଡ଼ ଗୁମ୍ଫାରେ ଶବରମାନଙ୍କ ଦ୍ୱାରା ପୂଜା ପାଉଛନ୍ତି । ଶବରମାନଙ୍କର ମୁଖ୍ୟ ହେଉଛି ଶବର ବିଶ୍ୱାବସୁ , ତେଣୁ ସେ ମୁଖ୍ୟ ଶବରଙ୍କୁ ଦେଖାକଲେ । ଶବର ତାଙ୍କୁ ଆଶ୍ରୟ ଦେଲେ । ସେଇ ବ୍ରାହ୍ମଣଙ୍କ ଜ୍ଞାନରେ ଶବର ମୁଗ୍ଧ ହୋଇଥିଲେ । ବ୍ରାହ୍ମଣଙ୍କ ଭିତରେ ଲୁଚ ରହିଥିବା ଇଛା ବିଷୟରେ ଜାଣିନଥିଲେ ଶବର । ବିଦ୍ୟାପତି ବହୁ ଚେଷ୍ଟା କଲେ, ନୀଳମାଧବଙ୍କର ଖବର ପାଇଲେ ନାହିଁ, ନୀଳମାଧବଙ୍କୁ ଅତି ଗୁପ୍ତ ଭାବରେ ରଖାଯାଇଥିଲା। ବ୍ରାହ୍ମଣଙ୍କର ନିତ୍ୟସାଧନର ଯୋଗାଡ କରିବା ଆଉ ତାଙ୍କର ଉପଯୁକ୍ତ ରକ୍ଷଣା ବେକ୍ଷଣ କରିବାର ଦାୟିତ୍ୱ ଦିଆଯାଇଥିଲା ଶବରଙ୍କର ଅସମାନ୍ୟ ସୁନ୍ଦରୀ କନ୍ୟା ଲଳିତାଙ୍କ ଉପରେ, ବ୍ରାହ୍ମଣଙ୍କୁ ପ୍ରତିଦିନ ଫୁଲ ଦିଆଯିବ ପୂଜା ପାଇଁ, ଫଳ ଦିଆଯିବ ଆହାର ପାଇଁ । ଲଳିତା ଥିଲେ ପୂର୍ଣ୍ଣ ଯୌବନାବତୀ, ଶରୀରର ପ୍ରତି ଅଙ୍ଗରେ ଯୌବନର ତରଙ୍ଗ, ଗତିରେ ମାଦକତା, ଶରୀର ସୁଗନ୍ଧରେ ମହକ, ଚାଲିରେ ଆକର୍ଷଣ । ସେ ଥିଲେ ଅତ୍ୟନ୍ତ କର୍ମପରାୟଣା, କର୍ମନିଷ୍ଠା, ତାଙ୍କର ପ୍ରତିଟି କାମ ନିଷ୍ଠାର ସହିତ କରୁଥିଲେ । ବ୍ରାହ୍ମଣ ତାଙ୍କର ନିଷ୍ଠା, ଭକ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ, ଜଙ୍ଗଲ ମଧ୍ୟରେ ଏତେ ନିଷ୍ଠାବାନ୍ କେମିତି ହୋଇପାରେ । ଶବରୀର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇଗଲେ ବ୍ରାହ୍ମଣ । ସେହି ରହିବା ସମୟରେ ବ୍ରାହ୍ମଣ ଆଉ ଲଳିତାଙ୍କ ମଧ୍ୟରେ ପ୍ରେମ ଉତ୍ପନ୍ନ ହେଲା, ବିବାହ ଅନୁଷ୍ଠିତ ହେଲା, ବୋଧହୁଏ ଏ ବିବାହରେ ନୀଳମାଧବଙ୍କର ବିଷୟରେ ଖବର ମିଳିପାରେ, ଭଗବାନ ବୋଧ ହୁଏ ତାହା ଚାହୁଁଛନ୍ତି ।

ସମୟ ବିତିଗଲା ତଥାପି ସେ ଖବର ପାଇପାରିଲେ ନାହିଁ । ନିଜର ରାଜାଙ୍କୁ ଖବର ଦେବା ଦରକାର, ସେ ଅନେକ ଦିନ ହେଲା ରହି ଗଲେଣି । ଜଙ୍ଗଲ ରହଣି ସମୟରେ ବିଦ୍ୟାପତି ଲକ୍ଷ୍ୟ କଲେ ଏକ ଅସାଧାରଣ ଚଳଣି, ପ୍ରତି ରାତିରେ ଶବର ରାଜା ବାହାରି ଯାଆନ୍ତି କେଉଁ ଏକ ଅଜଣା ଜାଗାକୁ, ଫେରି ଆସନ୍ତି ପରଦିନ ପାଖାପାଖି ମଧ୍ୟାହ୍ନ ସମୟରେ, ଯେତେବେଳେ ଶବରରାଜ ଫେରନ୍ତି ତାଙ୍କ ଦେହରେ ଗନ୍ଧକ, କସ୍ତୁରୀ, ଚନ୍ଦନ ଆଦିର ସୁଗନ୍ଧ ଥାଏ । ବିଦ୍ୟାପତି ନିଜର ପତ୍ନୀଙ୍କୁ ଏହି ରହସ୍ୟକୁ କହିବା ପାଇଁ ଅନୁରୋଧ କଲେ। ସରଳ ଲଳିତା ପ୍ରଥମେ ଅମଙ୍ଗ ହେଉଥିଲେ, କିନ୍ତୁ ବାର ବାର ଅନୁରୋଧ କଲା ପରେ ସେ କହିଥିଲେ ରହସ୍ୟ । ପ୍ରତି ରାତିରେ ତାଙ୍କ ବାପା ଏକ ଅଜଣା ଜାଗାକୁ

ଗ୍ଭଲିଯାଆନ୍ତି ସେମାନଙ୍କର ଆଗ୍ଭଧ ଦେବ ନୀଳମାଧବଙ୍କ ପୂଜା ଅର୍ଚ୍ଚନା କରିବା ପାଇଁ । ବିଦ୍ୟାପତି ଖୁବ୍ ଖୁସି ହୋଇଗଲେ, ଶେଷରେ ସେ ନୀଳମାଧବଙ୍କ ଖବର ପାଇଛନ୍ତି, ସେଇଠି ସେ ଅଛନ୍ତି ମହାବିଷ୍ଣୁ ପୂର୍ଣ୍ଣ ରୂପରେ । ପ୍ରେମରେ ଅନ୍ଧ ଲଳିତା ଗୃହର ପ୍ରତିଜ୍ଞା ଭୂଲି ଯାଇଥିଲେ, ନୀଳମାଧବ ବିଷୟରେ କାହାକୁ ଖବର ନଦେବା ପାଇଁ କୁହାଯାଇଥିଲା ତାଙ୍କୁ । ଏଣେ ବିଦ୍ୟାପତି ଲଳିତାଙ୍କ ପାଖରେ ଅଳି କରୁଥାନ୍ତି, ସେ ଟିକେ ନୀଳମାଧବଙ୍କୁ ଦେଖନ୍ତେ । କିନ୍ତୁ ଝିଅ ସାହସ କରିପାରୁନଥାଏ । ଶେଷରେ ସାହସ ଏକାଠି କରି ବାପାଙ୍କୁ କହିଲା ନିଜ ସ୍ୱାମୀଙ୍କ ଇଛା, ସେ ଟିକେ ଭଗବାନଙ୍କୁ ଦର୍ଶନ କରିବାକୁ ଗ୍ଭହୁଁଛନ୍ତି । ଶବର ଗ୍ଭଜା ନିଜ କାନକୁ ବିଶ୍ୱାସ କରି ନଥିଲେ, ତାଙ୍କର ନିଜ ଝିଅ ଏହି ରହସ୍ୟକୁ ଅନ୍ୟ ଆଗରେ କହିଦେଇଛି । ନିଜର ସ୍ୱାମୀଙ୍କର ଅଳି ମାନିକରି ଲଳିତା ପିତା ପାଖରେ ଅନୁଗ୍ଭେଧ କରି ଗ୍ଭଲିଥିଲେ । ଶେଷରେ ଶବର ଗ୍ଭଜା ଗ୍ଭଜି ହେଲେ ଝିଅର ଇଛା ରଖିବା ପାଇଁ, ଆଖିରେ ଅନ୍ଧ ପୁଟୁଳୀ ବାନ୍ଧିକରି ବିଦ୍ୟାପତୀଙ୍କୁ ପୂଜାର ସ୍ଥାନକୁ ନିଆଯିବ, ସେ ଗ୍ଭସ୍ତା କାହାକୁ ବତାଇବେ ନାହିଁ । ବିଦ୍ୟାପତି କିଛି ସୋରିଷ ମଞ୍ଜି ଏକାଠି କଲେ, ତାକୁ କପଡାରେ ବାନ୍ଧିଦେଲେ । ଶବର ଗ୍ଭଜାଙ୍କୁ ନଜଣାଇବା ଭଳି ସେ ରଖିଥାଆନ୍ତି । ବିଦ୍ୟାପତିଙ୍କୁ ଅନ୍ଧ ପୁଟୁଳୀକୁ ବାନ୍ଧି ଦିଆଯାଇଥାଏ । ସେ ଜଙ୍ଗଲରେ ଶବର ଗ୍ଭଜାଙ୍କ ପଛେ ପଛ ଗ୍ଭଲିଥାନ୍ତି ବ୍ରହ୍ମଣ ବିଦ୍ୟାପତି । ଗ୍ଭସ୍ତା ସାଗ୍ଭ ଗୋଟି ଗୋଟି କରି ମଞ୍ଜି ପକାଉଥାନ୍ତି, ଶବର ଗ୍ଭଜା ଜାଣି ପାରିଲେ ନାହିଁ, ନୀଳମାଧବଙ୍କ ରହିବା ସ୍ଥାନରେ ସେମାନେ ପହଁଞ୍ଚିଲେ।

ଶବର ଗ୍ଭଜା ଖୋଲିଦେଲେ ଜ୍ୱାଇଁଙ୍କର ଅନ୍ଧପୁଟୁଳୀ। ବ୍ରାହ୍ମଣ ବିଦ୍ୟାପତୀ ନୀଳମାଧବଙ୍କ ସୌନ୍ଦର୍ଯ୍ୟରେ ଯେମିତି ଅନ୍ଧ ହୋଇଗଲେ। ଭଗବାନ୍ ବିଷ୍ଣୁ ତାଙ୍କର ପୂର୍ଣ୍ଣ ରୂପରେ ଏଠି ଆବିର୍ଭାବ ହୋଇଛନ୍ତି । ତାଙ୍କୁ ଦେବତାଙ୍କ ପାଖରେ ଛାଡି ଶବର ଗ୍ଭଜା ଫୁଲର ସନ୍ଧାନରେ ଗଲେ, ତାଙ୍କର ପୂଜାର୍ଚ୍ଚନା କରିବାକୁ ପଡିବ, କିଛି ସମୟ ପରେ ସେ ଫେରିଆସିଲେ, ସ୍ଥାନ ସଫା କରି ଦେବତାଙ୍କର ପୂଜାର୍ଚ୍ଚନା କଲେ । ତା ପରେ ସେମାନେ ଫେରି ଆସିଥିଲେ ନିଜର ଆବାସକୁ । ପରେ ଶବର ପତ୍ନୀଙ୍କ ଠାରୁ ବିଦାୟ ନ ନେଇ ବିଦ୍ୟାପତି ନିଜର ପ୍ରଦେଶ ଉଦ୍ଦେଶ୍ୟରେ ପ୍ରସ୍ଥାନ, ଏହି ଆବିଷ୍କାର ଗ୍ଭଜାଙ୍କୁ କହିବାକୁ ପଡିବ । ନିଜ ଗ୍ଭଜ୍ୟରେ ପହଞ୍ଚି ଗ୍ଭଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସବୁ ବଷୟ କହିଲେ ।

ରାଜା ସେ ରାସ୍ତାରେ ଦିନେ ଆସି ପହଁଞ୍ଚିଲେ ନୀଳମାଧବଙ୍କ ସ୍ଥାନରେ । ବାଟରେ ଫୁଟିଥାଏ ସୋରିଷ ଫୁଲ, କିନ୍ତୁ ସେମାନେ ଦେବତାଙ୍କୁ ପାଇଲେ ନାହିଁ ସେଠି, ଭଗବାନ ନୀଳମାଧବ ଆଶ୍ଚର୍ଯ୍ୟଜନକ ଭାବେ ଅଦୃଶ୍ୟ ହୋଇଗଲେ । ରାଜା ବହୁତ ଦୁଃଖି ହୋଇଗଲେ । ସେଠି ସେ ସ୍ୱପ୍ନାଦେଶ ପାଇଲେ, ଦୈବୀବାଣି ହେଲା, ରାଜା ପୁରୀର ସମୁଦ୍ର କୂଳକୁ ଯାଆନ୍ତୁ, ସେଇଠି ଭାସୁଛି ଏକ ମହାଦାରୁ, ସମୁଦ୍ରର ତରଙ୍ଗରେ ଉଦ୍ବେଳିତ ହେଉଛି । ରାଜା ଆଦେଶ ଅନୁସାରେ ପୁରୀର ସମୁଦ୍ର କୂଳ ଚାଲିଗଲେ । ସମୁଦ୍ରରେ ଏକ କାଠ ଗଣ୍ଡି ଭାସୁଥିଲା । ଏହି କାଠଗଣ୍ଡିକୁ ଉପଯୁକ୍ତ ରୂପ ଦେବାକୁ ପଡିବ, ନୀଳମାଧବଙ୍କର ଶରୀରକୁ ରୂପ ଦେବାକୁ ପଡିବ । ରାଜା ଦେଶର ଭିନ୍ନ ଭିନ୍ନ ପ୍ରାନ୍ତରୁ ଶ୍ରେଷ୍ଠ କାରୀଗରମାନଙ୍କୁ ଅଣାଇଲେ । କିନ୍ତୁ କେହି ସେ ଦାରୁବ୍ରହ୍ମକୁ ଛୁଇଁ ମଧ୍ୟ ପାରୁନଥାନ୍ତି, ଯେମିତି ସେମାନେ କାଠ ଉପରେ କାମ କରିବା ଆରମ୍ଭ କରୁଥାନ୍ତି ସେମାନଙ୍କର ଛେଣୀ ଭାଙ୍ଗି ଯାଉଥାଏ । ରାଜାଙ୍କର ବୁଦ୍ଧି ବଣା ହୋଇଗଲା । ସେ ଭଗବାନଙ୍କୁ ପ୍ରାର୍ଥନା କଲେ । ଶେଷରେ ଭଗବାନ ନିଜେ ଆସିଲେ ଏକ ବୁଢା କାରୀଗର ରୂପରେ, କହିଲେ ରାଜାଙ୍କୁ - ସେ ସେଇଠି ୨୧ ଦିନ ପାଇଁ କାମ କରିବେ, କାଠକୁ ଉପଯୁକ୍ତ ରୂପ ଦେବେ, କିନ୍ତୁ ସାବଧାନ କଲେ ରାଜାଙ୍କୁ ୨୧ ଦିନ ପର୍ଯ୍ୟନ୍ତ ଦ୍ୱାର ଖୋଲା ହେବ ନାହିଁ । ତାପରେ ସେ ବିଜ୍ଞାଣୀ ଦାରୁବ୍ରହ୍ମଙ୍କୁ ନେଇ ମନ୍ଦିର ଭିତରକୁ ଚାଲିଗଲେ ଆଉ ଦ୍ୱାର ବନ୍ଦ କରିଦେଲେ । ଦିନ ବିତିଗଲା, ସମସ୍ତେ ଅନାଇ ରହିଛନ୍ତି । ରାଣୀ ନିଜେ ବନ୍ଦ ଦ୍ୱାର ପାଖରେ ଅପେକ୍ଷା କରନ୍ତି । ୧୪ ଦିନ ପର୍ଯ୍ୟନ୍ତ ଭିତରୁ ନିହାଣର ଶବ୍ଦ ଶୁଣାଯାଉଥାଏ । ତା ପରେ ଶବ୍ଦ ଶୁଣା ଗଲା ନାହିଁ । ରାଜା ବିବ୍ରତ ହୋଇପଡିଲେ । ରାଣୀ ଗୁଣ୍ଡିଚା ବିବ୍ରତ ହୋଇପଡିଲେ । ବୁଢା କାରୀଗର ବୋଧହୁଏ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଦ୍ୱାର ଖୋଲି ଦିଆଗଲା, ସେମାନେ ବୁଢା କାରୀଗରଙ୍କୁ ପାଇଲେ ନାହିଁ । ଦାରୁ ବ୍ରହ୍ମଙ୍କୁ ବର୍ତ୍ତମାନର ଅପୂର୍ଣ୍ଣ ରୂପ ଦିଆଯାଇଥିଲା । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ବର୍ତ୍ତମାନ ରୂପ ଯାହା ଆଜି ନୀଳାଚଳ ପୁରୀରେ ଦେଖାଯାଏ ।

ମୁଁ ମୋର ଶରୀର ବି ହଲାଇ ପାରୁନଥିଲି, ମୋର କାନ ଯେମିତି ତାଟା ହୋଇଯାଇଥିଲା । ଏ କାହାଣୀ ଅବିଶ୍ୱାସନୀୟ, ଖଡିଆ ଶବରମାନଙ୍କର ସତରେ କଣ ଏ କାହାଣୀ? ଏହି କାହାଣୀରେ ଓଡିଶା ଜାତିର ଇତିହାସ ଯେ ଅଛି, ମୁଁ କେମିତି ବିଶ୍ୱାସ କରନ୍ତି । ଓଡିଆ ଜାତିର ଅଧିଷ୍ଠାତା ଏହି ଜଙ୍ଗଲର ଭିତରେ କେଉଁଠି ଦିନେ କ'ଣ ସତରେ ଲୁଚ ରହିଥିଲେ?

ଆଉ ଏମାନେ କ'ଣ ସତରେ ସେଇ ଶବରମାନଙ୍କର ଦାୟାଦ ? କଏ ଜାଣିଛି ଏହାର ରହସ୍ୟ । ଶିମିଳପାଳର କାଳଆଣିର ପବନରେ ମିଶିଯାଇଛି ଏତେ ଯେ ରହସ୍ୟ ।

ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା କହିଲେ, ଭଗବାନ ବିଷ୍ଣୁ ଏହି ରୂପରେ ଶ୍ରୀକ୍ଷେତ୍ରରେ ଆବିର୍ଭାବ ହୋଇଛନ୍ତି, ସେ ନୀଳାଚଳରେ ଆଶିର୍ବାଦ ଦେଉଛନ୍ତି । ଯିଏ ନୀଳଚଳରେ ଚକ୍ର ଉପରେ ଉଡୁଥିବା ବାନାକୁ ଦେଖିବ ତାକୁ ଭବସାଗରରୁ ମିଳବ ମୁକ୍ତି । ମୁଁ ଉଚ୍ଚ ପାହାଡ ଆଡକୁ ଅନାଇଲି । ପାହାଡଟି ଯେମିତି ଏକ ମନ୍ଦିର ରୂପ ନେଉଥିଲା । ଶିମିଳପାଳର ଦେବାଦେବୀମାନେ ସେଇଠି ସ୍ଥାନ ଗ୍ରହଣ କରିଛନ୍ତି । କାଳୀଆଣି ପବନ ବୋହି ନେଇ ଆସିଛି ସେମାନଙ୍କର ଆଶିର୍ବାଦ । ଆଉ ଉପରେ ଥିବା ଧଳା ବଉଦ ହେଉଛି ନୀଳଚକ୍ରର ବାନା ।

ମୁଁ ମୋର ଆଖି ବନ୍ଦ କରିଦେଲି । ଲଳତା ଆଉ ବିଦ୍ୟାପତି ଆଉଥରେ ଏ ଘୋର ଅରଣ୍ୟରେ ଜନ୍ମ ନେଇଛନ୍ତି ପ୍ରେମିକ ପ୍ରେମିକା ଭାବେ, ଲଳତା ବିଦ୍ୟାପତିଙ୍କର ବିଶ୍ୱାସଘାତକତାରେ ଅତିଷ୍ଠ ହୋଇଯାଇଛନ୍ତି, କ୍ରୋଧିତା ହୋଇଛନ୍ତି । ସେ ଭାବିନଥିଲେ ତାଙ୍କର ପ୍ରେମିକ ତାଙ୍କୁ ଏମିତି ବିଶ୍ୱାସଘାତକତା କରିବ, ଆଖିରୁ ଝରି ପଡିଛି ଲୁହ । ତାଙ୍କର ଜାତିର ଅନ୍ୟ ଶବରମାନେ ତାଙ୍କ ଉପରେ କ୍ଷୁବ୍ଧ, ନୀଳମାଧବ ହଜିଯାଇଛନ୍ତି ସେମାନଙ୍କ ଜଙ୍ଗଲରୁ, ସେ ଅନ୍ୟଆଡେ ଛାଡି ଚାଲିଯାଉଛନ୍ତି । ଆଉ ପ୍ରେମ ପାଗଳ ବିଦ୍ୟାପତି ଲଳତାଙ୍କୁ ଫେରାଇବାକୁ ଚାହୁଁଛନ୍ତି। କହୁଛନ୍ତି ଏହା ଭଗବାନଙ୍କର ଇଛା ଅନୁସାରେ ହୋଇଥିଲା ।ନୀଳମାଧବ ଶ୍ରୀକ୍ଷେତ୍ରରେ ଏହି ରୂପରେ ପ୍ରକାଶ ପାଇବାର ଥିଲା, ସାରା ପୃଥିବୀର ମୁକ୍ତିର ନିମନ୍ତେ । ଲଳତା ଏତେ ନିଷ୍ଠୁର ନହୋଇପାରନ୍ତି, ତାଙ୍କୁ ବୁଝାଇବା ଦରକାର । ଲୋକଟି ନିଜର ପ୍ରେମିକାକୁ ଅନାଉଛି । ମୁଁ ଖଡିଆମାନଙ୍କର ଗୀତର କେତୋଟି ଅଂଶ ପଢୁଥିଲି ।

ଗାଇଆଳମାନେ ତୁମେ ଦେଖିଛ କି?
ଛେଳି ରଖା ପିଲାମାନେ ଦେଖିଛକି ?

କେଉଁ ଆଡେ ଗଲା ମୋର ପ୍ରୟତମା
ପାହାଡ ସବୁଆଡେ
ଦିନ ହୁଏ ଘୋର ଅନ୍ଧକାର
ବାଘ ଭାଲୁ ସବୁଆଡେ ।
କେଉଁ ଆଡେ ଗ୍ଲିଗଲା ମୋର ହୃଦୟ ପ୍ରତିମା ।

ଜଙ୍ଗଲ ଏଠି ଘନ ଘୋର
ଉଚ ପାହାଡ଼ ସବୁଆଡ଼ ।
ଭାଲୁ ବାଘ ଘୂରି ବୁଲୁଛନ୍ତି ।
ଅନ୍ଧାର ଆସୁଅଛି ମାଡି ।
କେଉଁ ଆଡେ ଗଲ ମୋର ପ୍ରେମର ଶଙ୍ଖାଳୀ ।

ଉଡୁଛି ଶାଢୀ କାନ୍ଧରୁ ତାହାର
ଆଖିରୁ ଝରି ପଡୁଅଛି ଲୁହ
କେଉଁ ଆଡେ ତୁମେ ଗ୍ଲିଗଲ
ନକହି ମୋତେ
ଅଭିମାନ କରି ।।

କାଳଆଣି ପବନରେ ଭରି ରହିଥିଲା ଜୀବନର ସଙ୍ଗୀତ, ସେହି ଅମର ଆତ୍ମାମାନଙ୍କର ଭାଷା, କେତେ ଯେ କିମ୍ବଦନ୍ତୀ ଭରି ରହିଛି ସେହି ଗଭୀର ଜଙ୍ଗଲରେ । ମୁଁ ସେ ନୀଳ ପାହାଡକୁ ଅନାଇ ରହି ଥିଲି, ସବୁଜ ପାହାଡକୁ ଅନାଇ ରହିଥିଲି, ଉପରେ ଭାସି ଯାଉଥିଲା ମେଘ, ଲମ୍ବା ଛାଇ ପଡିଥିଲା ଦୂର ପ୍ରଦେଶରେ ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା



# କେମିତି ହେବି ମୁଁ ଶିରି ହନୁମାନ୍ ଗ୍ଲିଶା ( କୋଶଲି)



ଆର୍ତ୍ତତ୍ରାଣ ଖୁର୍ଡିଆ

ଅନୁବାଦ- ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଡିଆ

ର୍‌ାମଗୁରୁ ପାଦ୍ ପଦମକେ ଧାଇ
ହନୁମାନ୍ ଗ୍ଲିଶାକେ ଗାଉଛେଁ ମୁଇଁ ।
ଗ୍ରହିଆଡେ ଫଲଦିଆ ତୁମର୍ ନାମେ ଯଶ
ର୍‌ାମ୍ ନାମେ ଭରିଛେ କେତନ କେତେ ରସ୍ ।୧ ।
ଗ୍ୟାନ୍ ଶୁନ୍ ତୁଛା ଆଏ ଇ ମୋର୍ ଶରୀର୍
ଗୁହାରୀ କରୁଛେଁ ତୁମକେ ହେ ମହାବୀର ।
ଦୁଖ୍ ହରନ୍ କରି ଗ୍ୟାନ୍ ମତେ କର ଦାନ୍
ଇ ସଁସାରେ ଖ୍ୟାତ ହେଉଛନ୍ ମହାପୁରୁ ର୍‌ାମ୍ ।୨ ।
ହେ ପରଭୁ ହନୁମାନ୍ ଗ୍ୟାନର ଗଂତାଘର୍
କପୀର ଭିତରେ ତୁମେ ସବୁବେଲେ ଉଚତର୍ ।
ନ ସହ ତିନହିପୁରର୍ ସବୁ ଦୁଖ୍ ଯାତନା
ସେଥିର୍ ଲ୍‌ାଗି କେତେ କେତେ ଉଡେ ତୁମର ନାଁ ।୩
ଶିରିର୍‌ାମ୍ ଦୁତ୍ ତୁମର ପାଦେ ଶରନ୍
ଇ କଲୁଯୁଗର୍ ଦୁଖ୍ ସବୁ କର ହରନ୍ ।
ସତୀ ଅଂଜନାର୍ ତୁମେ ବଡ୍ ଗେହ୍ଲେଇ ପୁଅ
ଶିରି ର୍‌ାମ ସେବାର୍ ଲ୍‌ାଗି ବଡା ଗହଗହ ।୪ ।
ତୁମର୍ ପର୍‌ାକରମ୍ ଦେଖି ସବୁଲୁକେ ବାଇଆ
ବଜରଂଗ୍ ବାଲିର୍ ନାମ୍ ଗୁନଯଶ୍ ଗାଇଯା ।
ଖର୍‌ାପ୍ ଲୁକ୍ ମାନକୁ ତାରି ଉଡାଶ ବାନା
ଭଲଲୁକକେ ସବୁବେଳେ ଭରସା ତମେ ସିନା ।୫ ।

ଚକ୍ ଚକ୍ ସୁନା ଦିହେଁ ଦିଶ କେତେ ସୁଁଦର
ବଲଶାଲୀ ପବନ୍ ପୁତା ବଡା ପରଖର୍ ।
କୁଂଚ୍ କୁଂଚଆ ବୋଲେ ତୁମର କୁଁଡଲ୍ ଦିଶେ ଅଏଁନ୍
ସୁଁଦର୍ ଦିଶୁଥିସି ଯେନତା ଝଲମଲ୍ ପାଏନ୍ ।୬ ।
ଗୁଟେ ହାତେ ତୁମର ସୁଁଦର ଦିଶେ ଗଦା,
ଆର ହାତେ ଫର୍ ଫର୍ ଉଡୁଥିସି ଧଜା ।
ହଲଦି ନରମଲପଏତା ଦିହେଁ ଲମ୍ବିଛେ,
ଭକତର୍ ମନ୍ କେ ସତେ ସେ ଟାନ ନେଉଛେ ।୭ ।
ଏକାଦଶ୍ ରୁଦ୍ର ତୁମେ ହେଇଛ ଅବତାର୍,
ମାରୁତି ନାମ୍ ଧରି ପାଳୁଛ ଇ ସଁସାର୍ ।
ତେଜ୍ ଆରୁ ପରତାପେ ତୁମେ ଅଟ ନପୁନ୍,
ସୁଖ୍ ପାଏ ଯିଏ ଗାଏସି ତୁମର୍ ଗୁନ୍ ।୮ ।
ଦୁନଆଁର୍ ସବୁ ଜିନଷ୍ ତୁମକୁ ଅଟେ ଜନା,
ରାମ୍ ପରଭୁ ଭଜଲେ ତୁମେ ପରସନ୍ ସିନା ।
ଗୁନବାଲ୍ ତୁମେ ଅଟ ଅତି ଚତୁର୍,
ରାମ୍ କାମ୍ ଲାଗି ସବୁବେଲେ ଆତୁର୍ ।୯ ।
ରାମଚରିତ୍ ଶୁନବାକେ ସଦା ତୁମର୍ ମନ୍,
ତୁମର୍ ନାମ୍ ଜପଲେ ବଢସି ଧନ୍ ଜନ୍ ।
ରାମ୍ ଲଖନ୍ ଆରୁ ସୀତା ତିନହି ମୁରତି,
ହରଦେ ତୁମର ସଦା କରୁଅଛନ୍ ରାଜୁତି ।୧୦ ।
ସାଧନାର ବଲରେ ଧରି ଛୁଟିଆ ଦିହିଁକେ,
ପରବେଶ୍ ହେଲ ଯାଇ ଲଙ୍କାପୁରକେ ।
ଗ୍ୟାନ ଦାତା ତୁମେ ବିକଟ୍ ରୁପ୍ ଧରି,
ଜାଲିଦେଇ ଭସମ୍ କଲ ଲଙ୍କା ପୁରୀ ।୧୧ ।
ରାମ୍ କାମ୍ ଲାଗି ସଦା ତୁମର ମନ୍,
ତାକର୍ ଲାଗି ଭିମ୍ ରୂପ୍ କଲ ଧାରନ୍ ।
ମାରି ଦେଲ ତୁମେ ଅସୁର୍ ବଉଁଶ୍ ସବୁ



ଉଡାଇଲ ନାମ୍ ସେ ରାମ୍ ମହାପରଭୁ ୧୨ ।
ହିମାଲଏନୁ ଯାଇ ଆନଲ୍ ସନଜୀବନ,
ଗଲାବେଳେ ଅଧାବାଟରେ ମାରି କଲନେସି ।
ନୂଆଁ ଜୀବନ୍ ଲଖନକେ ଦେଇଥିଲ ତୁମେ,
ବଡା ତାକତ୍ ଅଛେ ତୁମର୍ ଇ ରାମ୍ ନାମେ ।୧୩ ।
ଇ କାମେ ମହାପୁରୁ ରାମ୍ ହେଇକରି ଖୁସି,
ପରସଁସା କଲେ ଆରୁ ଦେଲେ କେତେ ସାବାସୀ ।
ଧଏନ୍, ଧଏନ୍, ତୁମେ ପରଭୁ ହନୁମାନ୍,
ସମାନ୍ ହେଲ ଭରତ୍ ସାଂଗେ ବଁଗାଇ ପରାନ୍ ।୧୪ ।
ହେ ବୀର ହନୁମାନ୍ ତୁମର ମହତ୍ କାମ୍,
ରାମ୍ ନାମ୍ ରେ ଅଛେ ସତେ ତିନହି ଧାମ୍ ।
କଲି ଯୁଗେ ସଦା ପାଉଛ ସନମାନ୍
ତୁମର ଛାତିରେ ସଦା ରାମ୍ ବିରାଜମାନ୍ ୧୫ ।
ଆହେ ବୀର ଦେଖି ତୁମର୍ ଯଶ୍ କୀରତି,
ସତକେ ସବୁବେଳେ ତୁମେ କରିଛ ପିରତୀ ।
ଦେବର୍ଶୀ ନାରଦ୍ ଆରୁ ଦେବତା ମିଶିକରି,
ଗୁନ୍ ଗାଏସନ୍ ତୁମର ସୁହୁରି ସହୁରି ।୧୬ ।
ଧନପତି ଜୁବେର୍ ଆର୍ ଧରମରାଜ୍ ଯମ୍,
ତୁମର୍ ବିନା ଇ ସଭେଁ ହେସନ୍ ଅକ୍ଷମ୍ ।
ଭଜନ ଭାବେ ତୁମର୍ ନାମ୍ ଯିଏ ଗାଏସି,
କବି ଲେଖକ୍ କାଏଁ ତାର୍ ସମାନ୍ ହେସି ।୧୭ ।
ରାଜଗାଦି ହରାଇ କରି ବୁଲୁଥିଲେ ବନେ,
ସୁଗ୍ରୀବକେ ରାମ୍ ସାଂଗେ ଭେଟାଇଲ ଦିନେ ।
ମଇତର୍ ହେଇ ସୁଗ୍ରିବକେ କେତେ ସାହାଜ୍ କଲେ,
ବାଲିକେ ମାରି ସୁଗ୍ରିବକେ ରାଜଗାଦୀ ଦେଲେ ।୧୮ ।
ବିଭିଷନ୍ ମଂତର୍ ସମାନ୍ ତୁମର କଥା,
ପାଲନ୍ କରି ଲୁକେ ଗାଏସନ୍ ଗାଥା ।



ସୁନାର ଲଁକା ରାଜପଦ୍ ବିଭିକେ ମିଲଲା,
ଜଗତରେ ଇ କଥା ଖ୍ୟାତି ଲାଭ୍ କଲା ।୧୯ ।
ଶହେ ଯୋଜନର୍ ଦୁରେ ସୁରଜ୍ ଥିଲା,
ତାହାକେ ଭାବଲ ଫଲ୍ ବାଗିର୍ ପାଚଲା ।
ପିଲାଦିନେ ତାହାକେ ଭୁଖେ ଖାଏବାର ଲାଗି,
ସୁରଜ୍ ନଜେ ଉଡଲ ବେଗି ବଜରଂଗି ।୨୦ ।
ହାତରେ ଧରି ମୁଦି ଆରୁ କହି ସୀତାରାମ୍,
ଡେଗଲ୍ ସମୁଦର୍ ନାଇଁ କରି ବିଶରାମ୍ ।
ଇ କାମ୍ କରବା ଲୋକ୍ ଯେ ସଁସାରେ ନାଇଁ
ଧଏନ୍ ହେଲ ତୁମେ ହନୁମାନ୍ ଗୁସାଇଁ ।୨୧ ।
ଦୁନଆଁର୍ ଇ ଯେନ୍ ବିଶାଲ୍ ସଁସାରେ,
ଅତି ବଡ୍ କଠିନ୍ ଜିନଷ୍ ମାତରେ ।
ତୁମରଦୟା ବଲେ ତାହା ଅତି ଜଲଦିରେ,
ଦୁର୍ ହେସି ଦୁଖ୍ ସତେ ବଡା ସହଜରେ ।।୨୨ ।
ରାମ୍ ମାହାପୁରୁର୍ ତୁମେ ଅଟ ଦୁଆରପାଲ୍,
ପଶିନାଇଁ ପରେ ପାଶକେ କେଭେଭି କାଲ୍ ।
ରାମ୍ ପରଭୁ ନକେ କେହି ଯାଇ ନାଇଁ ପାରନ୍,
ତୁମର ଠାନେ ପହେଲା ନାଇଁ ପଶଲେ ଶରନ୍ ।୨୩ ।
ତୁମର୍ ଠାନେ ଜେନ୍ ଲୋକ୍ ଶରନ୍ ନେସି,
ଦୁଖ୍ କଟି ତାହାକେ ସୁଖ୍ ମିଲି ଯାଏସି ।
ଯାହାକେ ମାହାବୀର ତୁମେ ବଁଚାଅ,
ତାହାକେ ଆରୁ କଏ କରି ପାରଏ ବିନାଶ ।୨୪ ।
ଯେତେ ବେଲେ ଜାନଲ୍ ତୁମର୍ ଭିତରର୍ ଶକତି,
ଛାଡେଦେଲ ସବୁ ଅଧରମ୍ ଆରୁ ଅନୀତି ।
ନଜର୍ ବଲକେ ତୁମେ ନଜେ ଦେଇ ମନେଇ,
ତିନହି ଭୁବନରେ ଇ କଥା ଦେଲ ଜନେଇ ।୨୫ ।
ମହାବୀର୍, ମହାବୀର୍ ନାମକେ ଜପଲେ,

ସବୁ ଦୁଖ୍ ଦୁର୍ ହେସି ଇ ମାଏଟ୍ ତଲେ ।
ଭୁତ୍ ପେତନ କେହି ପାଶକେ ନାଇଁ ଆସନ୍,
କେଶରୀ ପୁତା ନାମକେ ସଭେଁ ଡାରୁଥିସନ୍ ।୨୬ ।
ହନୁମାନ୍ ନାମକେ ମନେ ଧାନରେ ଧଏଲେ,
ରୁଗ୍ ଦୁଖ୍ କଟି ଯାଏସି ଜୀବନ୍ କାଲେ ।
ଦୁନଆଁର୍ ସବୁ ରୁଗ୍, ଦୁଖ୍ କରି ଦହନ୍,
ରାମ୍ ପରଭୁ ସାଂଗେ ଯାଇ ମାଏଲ ରାବନ୍ ।୨୭ ।
ସବୁ କଠିନ୍ କାମକେ ତୁମେ ଧରି ନେଇ,
ରାମ୍ ନାମକେ ଇ ସଁସାରେ ଦେଲ ବଢେଇ ।
ସକଲ୍ କାମକେ ତୁମେ କର ସାଧନ,
ପରଭୁ ମଏଧେ ବଡ୍ ରାମ୍ ରାଜନ୍ ।୨୮ ।
ଭକତିରେ ଜନାଇଲେ ପାରଥନା,
ମନେ ବିଗ୍ବର୍ କରି କଲେ କାମନା ।
ମନ୍ ଭିତର୍ କଥାକେ ତାର୍ କର୍ ପୁରନ୍,
ଜଏ ହନୁମାନ୍ ଜଏ ପବନର୍ ନଂଦନ୍ ।୨୯ ।
ଇ ସଁସାରର୍ ସବୁ ସଁସାରିକ୍ କାମ୍,
ରାମ୍ ମାହାପୁରୁ ନାମେ ଅଛେସବୁ ଧାମ୍ ।
ତୁମର୍ ବଲରେ ଇ ଗ୍ବରହି ଯୁଗକ୍,
ଜନେଇ ଦିଅ ଇ କଥା ଇ ସଁସାରକେ ।୩୦ ।
ପାଟିରେ ଧରି କରି ପରଭୁରାମ୍ ନାମ୍
ସମୁଦର୍ ଡେଗି ତୁମେ ଗଲ ଅବିରାମ୍ ।
ଅସୁର୍ ମାନକର୍ ତୁମେ ଜୀବନ୍ କାଶକ୍,
ରାମ୍ ଆରୁ ସୀତାକର୍ ଅଟ ବଡ୍ ସେବକ୍ ।୩୧ ।
ମାତା ସୀତା ସବୁବେଲେ ତୁମକୁ ପରସନ୍,
କୁରପା ବାରି କୁରପା କରୁଛ ସିନଚନ୍ ।
ମାରି ଅସୁର୍ ଭକତ୍ ମାନକୁ କରୁଛ ସିଧି,
ନାମ୍ ଧରିଅଛ ତୁମେ କରୁନାର୍ ନଧି ।୩୨ ।

ସବୁବେଲେ ତୁମର୍ ହୁରଦେ ଅଛନ୍ ର୍‌ମ୍
ଜପଲେ ହନୁ ମିଲେ ବହୁତ୍ ଆର୍‌ମ୍ ।
ଗହ ଗହମନରେ ମାହାପୁରୁ କାମକରି,
ସବୁ ଅସୁର୍ ମାନକୁ ତୁମେ ପକାଲ ମାରି ।୩୩ ।
ତୁମର୍ ନାମ୍ ଜପଲେ ର୍‌ମ୍ ହେସନ୍ ଖୁସି
କୁରପା କରି ଦୁଖ୍ ନେଇ ଯାଏସନ୍ ଶୁଷି ।
ଦୁର୍ ହେସି ଦୁଖ୍ ଜନମ୍ ଜନମର,
ଭଜଲେ ହନୁମାନ୍ ଆରୁ ରଘୁବର୍ ।୩୪ ।
ଯିଏ ଅଟେ ପରହୁ ତୁମର ଗେହ୍ଲା ଭକତ,
ମଲ୍‌ପରେ ବଏକୁଁଠକେ ସିଧା ଟେକନଅ ତ ।
ଇଠାନେ ଜନମ୍ ହେଲେ ହରି ଭକତ୍ ହେସନ୍,
ଭଲ ମୁନୁଷ୍ ମିତାନ୍ ହେଇ ଦିନ୍ ବିତାସନ୍ ।୩୫ ।
ଅଲଗା ମାହାପୁରୁକେ ନାଇଁ ଦେଇ ମନ୍,
ମନ୍ ଭିତରେ ତୁମକୁ କରଲେ ଭଜନ୍ ।
ହନୁମାନ୍, ହନୁମାନ୍ ନାମକେ ଗାଇ କରି,
ଯେତେସବୁ ରୁଗ୍ ଦୁଖ୍ ଯାଏସି ସରି ।୩୬ ।



ଜଏ ହନୁମାନ୍ ତୁମେ ମୁକତିର ଦୁଆର୍,
ଇ ଯୁଗେ ସଭେଁ ତୁମକୁ କରୁଛନ୍ ଜୁହାର୍ ।୩୭ ।
ଜଏ, ଜଏ, ଜଏ ହନୁମାନ୍ ଗୁସାଇଁ,
କୁରୁପା କର ପରଭୁ ଇ ସଁସାର୍ ପାଇଁ ।
ସକଲ୍ ରୁଗ୍, ଦୁଖ୍, ଯାତନା କର ଯେ ଦୁର୍,
ସଁସାର୍ ଭିତରେ ତୁମେ ଅଟ ବଡ୍ ସୁର୍ ।୩୮ ।
ଯିଏ ଇ ଚ୍ଲିଶାକେ ପାଠ୍ କରସି,
ସହଜେ ସବୁନେ ସେ ସଫଲ ପାଏସି ।
ଇତାର ଲ୍‌ଗି ସାଖି ଅଛନ୍ ଗଉରି ପତି,
ଦୁର୍ ଗତିରୁ ସଁସାରକେ କରମୁକତି ।୩୯ ।
ସଂଥ୍ କବି ତୁଲସି ଦାସ୍ ଇଟା କହୁଛନ୍,

ସବୁବେଳେ ହନୁମାନ୍ ନାମ୍ ନେଉଛନ୍ ।
ହରଦେ ସବୁବେଳେ କର ମୋର୍ ବାସ୍,
ଅଧରମ୍ ଅନଏକେକର ବିନାସ୍ ।୪୦ ।

## ଦୋହା

ପବନ୍ ପୁତା ଦୁଖ୍ ଦହନ୍ ମଂଗଲ୍ ମୁରତି ରୁପ୍
ରାମ୍, ଲଖନ୍, ସୀତା ସହିତ୍ ଅଧରମ୍ କର ଲୁପ୍ ।୧ ।

## ଶିରି ହନୁମାନ୍ ଆଲତି

ଆଲତି କରୁଛେଁ ଆହେ ହନୁମାନ, ଇ ଯୁଗରେ ତୁମେ ବଡ୍ ଭଗବାନ୍ ।୧ ।
ତୁମର୍ ବଲେ ଗିରି ଗୁବରଧନ୍ କଅଁପେ ଇ ଜଗତର୍ ରୁଗ୍ ଦୁଖ୍ ତୁମକୁ ସଅଁପେ ।୨ ।
ବଡ୍ ବଲବାନ୍ ପୁଓ ଅଂଜନାର ତୁମେ, ସାଧୁ ମାନକୁ ସାହା ହେସ ମାରୁତି ନାମେ ।୩ ।
ରଘୁନାଥ୍, ରଘୁନାଥ୍ ବୋଲି କହି, ପଲାଇ ଆଇଲ ଲଁକା ଜାଲିଦେଇ ।୪ ।

ସମୁଦର୍ ଡେଗି କରି ପହଂଚଲ୍ ଲଁକା, ଡରି ଗଲେ ଅସୁର୍ ଶୁନ ତୁମର୍ ହୁଁକା ।୫ ।
ମେଘନାଦର୍ ଶରେ ମୁରଛା ଲଖନ୍, ସନଜିବନ ଦେଇ କରି ରଖଲ୍ ଜୀବନ୍ ।୬ ।
ପାତାଲପୁରକେ ଯାଇ ରାମ୍ କହି କରି, ଅହିରାବନ୍ ମାରିଦେଇ ଆଏଲ ଫିରି ।୭ ।
ଗୁଟେ ହାତ୍ ତୁମର ସାଧୁର ସେବକ୍, ଆର ହାତ୍ ତୁମର ଅସୁର ନାଶକ୍ ।୮ ।
ଦେବତା ନର ମିଶି ତୁମକୁ କରନ୍ ମୀନତି ହନୁମାନ୍ ନାମରେ ଅଛେ ସତେ ବଡା ଶକତି ।୯ ।
ଯିଏ ପରଭୁ ହନୁମାନ୍ ଆଲତୀ ଗାଏସି, ବଏକୁଁଠ୍ ଯାଇ ସେତ ବଡା ସୁଖ୍ ପାଏସି ୧୦ ।
ଲଁକା ଭସମ୍ କରିଦେଲ ତୁମେ ହନୁମାନ୍, କୋଶଲିରେ ହନୁଯାଶ୍ "ଆର୍ତ୍ତ" କଲା ବଖାନ୍ ।୧୧ ।

ସୌଦାମିନୀ ନଳୟ, ବଙ୍କିଆ, ବିରମହାରାଜପୁର



# ଆଶା

ଭସ୍କର ଚନ୍ଦ୍ର ଖଣ୍ଡା

ଘଟଣା ବହୁଳ ଜୀବନ ଛନ୍ଦରେ
ଗୃହେଁ ବା ନ ଗୃହେଁ ସିଏ
ଯାଏ ଛନ୍ଦି ଏ ମଣିଷ
କେଉଁ ଏକ ଅଜଣା ଭୂଇଁରେ
ରଖି ଦେଇ ତା'ର ସେଇ ପାଦ
ବଢ଼ିଗୃଲେ ସେ ଆଗକୁ
ଖୋଜେ ସେଇ କରଣ ଝଲକ
ଯା'ର ନାମ ଆଶା  ।୧।

ଜୀବନର ପ୍ରଚ୍ଛଦପଟରେ
କରିଗୃଲେ ଅଭିନୟ
ହସ ହସ ତା ମୁହଁରେ
ଛୁପି ଯାଏ ବେଦନାର ଛାପ
କହିଥାଏ କଛି ସିଏ
ଆଉ କଛି ରହିଯାଏ
ଚରଦିନ ପାଇଁ
ଅଯାଗା ଘାଆର ସେନ୍ତ ପରିଭଷା  ।୨।

ଚଢ଼େ ସେଇ ଆଶାର ପାହାଚ
ଯାଏ ପୁଣି ପାଦ ତା'ର ଖସି
ବଂଚବାର ସେ ବାସନା ପାଇଁ
ଭୁଲି ଯାଏ ସେ ଧୃବକ ସତ୍ୟ
ସତେ ଅବା ନଶାଗ୍ରସ୍ତ
ନଏ ଜନ୍ମ କେତେ ନୂଆ ଆଶା
ଭସିଯାଇ ସେ ବୈତରଣୀରେ
ଯାଏ ଭୁଲି ସବୁ ସେ ନରାଶା  ।୩।

ଏଇତ ଜୀବନର ଛନ୍ଦ
ବାନ୍ଧେ କେବେ ପାଦରେ ନୁପୁର
ତାଳରେ ତାଳ ମିଳାଇ
ତୋଳେ କେତେ ନୂଆ ନୂଆ ସ୍ୱର
ସେଇ ରାଗିଣୀ ଛନ୍ଦରେ
ଗାଏ କେତେବେଳେ ସିଏ
ଗୁଣୁ ଗୁଣୁ ହୋଇ
ତୋଳେ ପୁଣି କେତେ ନୂଆ ଆଶା ।୪।

ସହଦେବଖୁଣ୍ଟା, ବାଲେଶ୍ୱର

# ଭାଗ୍ୟ ନିୟନ୍ତା



ଆଶା ସାହୁ ( ଆରତୀ)

ନିର୍ନିମେଷ ଦୃଷ୍ଟିରେ ଅନେଇ ରହିଛି ରୂପାଲି । ବାପାଙ୍କର ସ୍ୱପ୍ନ ରୂପାଲି । **Air Pilot** ରୂପାଲି । ଖଣ୍ଡ ଖଣ୍ଡ ବାଦଲ୍ ଭାସି ଭାସି ଚାଲିଛନ୍ତି । ଜଣା ନାହିଁ ତାଙ୍କର ଗନ୍ତବ୍ୟ ସ୍ଥଳ କେଉଁଠି । ଆଉ ରୂପାଲିକୁ ମଧ୍ୟ ଜଣାନାହିଁ ତାର ଅନ୍ତିମ ଲକ୍ଷ୍ୟସ୍ଥଳ କେଉଁଠି ।

ପିଲାବେଳେ ତାର ଜାଆଁଳା ଭଉଣୀ ସୋନାଲି ସହ ଖେଳୁ ଖେଳୁ ଆକାଶରେ ଯଦି ବାଦଲ୍ ଦେଖେ, ଖେଳ ଛାଡି ଧାଇଁ ଯାଇ ବସିପଡେ ଆକାଶକୁ ଅନେଇ ଅନେଇ । ତୋଫା ଧଳା ସମୁଦ୍ର ଫେଣ ଭଳି ବାଦଲ । ଯେମିତି କିଏ ତୁଳା ଭିଣି ଉଡେଇ ଦେଇଛି ।

ଏକ ଧ୍ୟାନରେ ସେ ନିରୀକ୍ଷଣ କରେ ସେ ବାଦଲମାନଙ୍କୁ । ସୋନାଲି ଆସି ତାକୁ ହଲେଇଦେଇ ଟାଣେ, "ଠକା, ହାରିଲୁ ବେଳକୁ ପଳେଇ ଆସୁଛି । ଚାଲ୍, ବାଜି ପୂରା କର ।" ରୂପାଲି କାନରେ କିଛି ବାଜେନି । ସେ ପୂରାପୂରି ହଜିଯାଇଥାଏ ବାଦଲ୍ ମାନଙ୍କର କୁହୁକ ରାଜ୍ୟରେ । ପୂରାପୂରି ମଜ୍ଜିଯାଇଥାଏ ତାଙ୍କର ନିରନ୍ତର ବଦଳୁଥିବା ରୂପରେଖରେ ।

"ହେଇ ସୋନାଲି, ଦେଖ୍ । ସେ ବାଦଲଟା କିପରି ଶୁଣ୍ଢ ଟେକିଛି । ଏବେ ସେ ପାଣି ଢାଳିଲେ ବର୍ଷା ହେବ । ଦେଖ୍, ଦେଖ୍, ଆମ ମୁଣ୍ଡ ଉପରେ ବାଦଲଟା କିପରି ଉଡାଜାହାଜ ପରି ଦେଖାଯାଉଛି । ମୁଁ ବଡହେଲେ ନିଶ୍ଚୟ ଉଡାଜାହାଜରେ ବସିବି । ହେଇଟି, ସେ ବାଦଲଟା ଠିକ୍ ତୋରି ପରି ଦିଟା ବେଇ ପକେଇଛି ରିବନ୍ ଲଗେଇ । ମୁଁ କେବେ ଚୁଟି ବଢେଇବିନି, ବେଣୀବି ବାନ୍ଧିବିନି ।"

ସୋନାଲି ବିରକ୍ତ ହୁଏ, ଚଡେ, ପୁଣି କାନ୍ଦେ । "ମୁଁ କାଲିଠାରୁ ତୋ ସାଙ୍ଗେ ଖେଳିବିନି, ତୋର ମୋର କଟି ।"

ବାସ୍ ରୂପାଲି ଝଟ୍ କିନା ନିଜ ଖିଆଲି ରାଜ୍ୟରୁ ଫେରିଆସେ । ସୋନାଲି କାନ୍ଦିଲେ, କଟି ହେଲେ ସେ ପୁଣି କଣ କରିବ ଯେ? ସୋନାଲିକୁ ସେ ବହୁତ ଭଲପାଏ । ତା ସହ କଥା ନହେଲେ ତ ତାକୁ ଭାତ ରୁଚବ ନାହିଁ । ସୋନାଲି ବେକରେ ହାତ ଛନ୍ଦି ସେ କୁହେ, "ଚାଲ, ଚାଲ, ଖେଳିବା ।"

ପୁଣିଥରେ ଜିତୁଥିବା ବାଜି ଜାଣି ଜାଣି ହାରିଯାଏ । ଏମିତିରେ ବି ସେ ସବୁବେଳେ ଜାଣି ଜାଣି ହାରିଯାଏ ଖ୍ୟାସ୍ ସୋନାଲିକୁ ଖୁସି କରିବା ପାଇଁ । ସୋନାଲିଟା ନାକ କାନ୍ଦୁରି । ଟିକେ ଟିକେ କଥାରେ ତାର ଦୁଇ ଆଖିରୁ ଗଙ୍ଗା ଜମୁନାର ଧାର ବୋହି ଆସେ । ଜିତୁ ସେ, ଖୁସି ହେଉ ।

ମାଆ କହେ ରୂପାଲି, ସୋନାଲିଠାରୁ ପୂରା ଦଶ ମିନିଟ୍ ବଡ । ସାନ ଭଉଣୀଟା ତାର, ତାକୁ କନ୍ଦାଇବା ଠିକ୍ ନୁହେଁ ।

କେବେ କେବେ ସୋନାଲି ତାକୁ ଚଡାଏ, "ମୁଁ ସୋନାଲି, ସୁନାରେ ତିଆରି । ମୋତେ ସମସ୍ତେ ଆଦରରେ ପିନ୍ଧନ୍ତି, ମୁଣ୍ଡରେ, ବେକରେ, କାନରେ, ହାତରେ । ମୁଁ ଅମୂଲ ମୂଲ । ତୁ ଟା ରୂପା ନା ରୂପା, ତୋତେ କିଏ ପଚାରେ । ତୋତେ ପିନ୍ଧନ୍ତି ଗୋଡରେ, ପାଉଁଜି, ଝୁଣ୍ଟିଆ ।"

ମନ ଦୁଃଖ ହୋଇଯାଏ ରୂପାଲିର । ଏମିତିରେ ମଧ୍ୟ ସେ ସୋନାଲି ପରି ଗୋରୀ କି ସୁନ୍ଦରୀ ନୁହେଁ । ତାର ଚୁଟି ସୋନାଲି ଚୁଟି ପରି ସୁନ୍ଦର ନୁହେଁ । ତେଣୁ ମାଆ ପାଟି କଲେ ସୁଦ୍ଧା ବାପାଙ୍କ ସହ ଯାଇ ଚୁଟି କଟାଇ ଆସେ । କିନ୍ତୁ ସୋନାଲିକୁ ସେ ଓଲଟା ଚଡାଏନି । ବାପାଙ୍କ ପାଖକୁ ଧାଇଁଯାଏ । ବୋଉ ପାଖକୁ ଯାଏନି । ସେତ କଣ ସବୁ କାମ ତରବର ହୋଇ କରୁଥିବ ଯେ ତା କଥା ବି ଶୁଣିବନି । ଓଲଟା ତାକୁ କଣ ନା କଣ କାମ ବରାଦ କରିଦେବ ।

ବାପାଙ୍କ ପାଖରେ ଫେରାଦ ହୁଏ ସେ । ବାପା ବୁଝାନ୍ତି, "ହେଃ, ସେଇଟା ହୁଣ୍ଡିଟା । ପାଠ ବି ଭଲ ପଢୁନ । ସିଏ କଣ ଜାଣିଛି? ତୁ ଆମର ପାଠ ପଢ ମନ ଦେଇ । ଦେଖିବୁ, ତୋ ସୁନା କଣ, ହୀରା ପାଲଟି ଯିବୁ ।"

ସୋନାଲି ଶୁଣି ପକାଏ, ଭେଁଭେଁ କାନ୍ଦେ । "ମୁଁ ବି ହୀରା ପାଲଟିବି ।" ବାପା ଦୁହିଁଙ୍କୁ କୋଳକୁ ଆଉଜାଇ ଗେଲ କରନ୍ତି । ବାପା ଆଜି କେଉଁଠାରେ କେଜାଣି ହଜିଯାଇଛନ୍ତି । ଦିନେ ହାଟ ସଉଦା କରିବାକୁ ଯାଇଥିଲେ ଯେ ସେଦିନରୁ ଆଉ ଫେରିନାହାନ୍ତି । ଲୋକେ ଆସି କଣ କହିଲେ କେଜାଣି, ମାଆ କାନ୍ଦି କାନ୍ଦି ବେହୋସ୍ ହୋଇଗଲା । ଚେତା ଫେରିଲା, ଡାକ୍ତରଖାନାରେ, ଦୁଇଦିନ ପରେ ଚେତା ପାଇ ସେ ପାଗଳୀ ପରି ଚକ୍ରାର କଲା । ସୋନାଲି, ରୂପାଲି ର ପଛପଟେ ରହି ଗୋଟାପଣେ ଥରୁଥାଏ । ଦାଦା, ବଡବାପା ଲେଖାର ଗାଁ ଲୋକମାନେ ରୂପାଲିକୁ କହୁଥାନ୍ତି –"ମାଓବାଦୀମାନେ ତୋ ବାପାକୁ ବନ୍ଧକ ରଖିଛନ୍ତି । ଏବେ ଘରର ବଡ ହିସାବରେ ତୋତେ ତୋ ମାଆର ଓ ଭଉଣୀର ଦାୟିତ୍ୱ ନେବାକୁ ପଡିବ, ତୋ ବାପା ଫେରିଲା ଯାଏ ।

ପଛରେ କଏ କଏ କହୁଥାନ୍ତି, "ସିଏ କଣ ଆଉ ଫେରିବ? ଜଣାନାହିଁ ସେ ବଞ୍ଚିଛି କ ନାହିଁ? ସରକାର କଣ ଏତେ ଶୀଘ୍ର ମାଓବାଦୀଙ୍କ ସର୍ତ୍ତକୁ ମାନବେ? "

ରୂପାଲିର ଅର୍ଦ୍ଧପକ୍ୱ ମସ୍ତିଷ୍କରେ କନ୍ତୁ ଗୋଟିଏ ବାକ୍ୟ ରହିରହି ପ୍ରତିଧ୍ୱନିତ ହେଉଥାଏ –"ତୁ ଘରର ବଡ, ତୁ ଘରର ବଡ" ।

କିଛିଦିନ ଗଲା । ମାଆ ପ୍ରକୃତିସ୍ଥା ହେଲା । ପିଲା ଦୁହିଁଙ୍କୁ ତ ବଢାଇ କୁଢାଇ ବାହାଘର କରିବାକୁ ପଡିବ । ଘର, ବିଲ- ବାଡୀ ସବୁର ଦାୟିତ୍ୱ ତୁଲାଇବାକୁ ପଡିବ । ଘର ଛାଡି ବାପଘରକୁ ମଧ୍ୟ ଯାଇପାରିବ ନାହିଁ । ଗଲେ ସେଠାରେ କଏ ଅଛି ଯେ? ଭାଇ ତ ନାହାନ୍ତି । ଜାଣି ଜାଣି ଗୋଟେ ଭଉଣୀ ଅଛି ଯେ ସେ ଗୋଟେ ବେକାରିଆ ଲୋକର ହାତ ଧରି ପଳାଇଯାଇଛି ପ୍ରେମରେ ଅନ୍ଧ ହୋଇ । ତାର ଖୋଜ ଖବର କିଛି ନାହିଁ ।

ମାଆ ବିଗ୍ରୁରୀ କାଚ ସିନ୍ଦୁର ଥାଉ ଥାଉ ବିଧବା ହୋଇଗଲା । ଏତେ ବଡ ଘରର ଦାୟିତ୍ୱ । ଭିତର ବାହାର ସବୁ କାମ ବୁଝିଲା ବେଳକୁ ଥକଯାଏ ସେ । ରୂପାଲି ସବୁ ଦେଖେ । ମାଆକୁ ସାହାଯ୍ୟ କରିବାର ବୟସ କ'ଣ ତାର ହେଲାଣି? ସେ କନ୍ତୁ ଛୋଟ ଛୋଟ ଘର କାମରେ ମାଆକୁ ସାହାଯ୍ୟ କରେ । ସୋନାଲିର ଯତ୍ନ ନଏ । ଏଇ କେଇଟା ଦିନରେ ଯେମିତି ସେ ସୋନାଲିଠାରୁ ବୟସରେ ଢେର ବଡ ହୋଇଗଲା । ଦଶ ମିନଟ୍ ଟା ଦଶ ବର୍ଷ ହୋଇଗଲା । ସେ ମନ ଦେଇ ପାଠ ପଢେ । ସୋନାଲିକୁ ଗେଲରେ ଆକଟ କରି ପଢାଏ । ମାଆକୁ ଡରେ । ଯେନ ତେନ ପ୍ରକାରେଣ ଅନୁଗ୍ରହ ପାସ୍ କରୁଥାଏ ଶ୍ରେଣୀ ପରୀକ୍ଷା ମାନଙ୍କରେ । ଖେଳ ଓ ଫେସନ କରିବାରେ ସେ ଧୁରନ୍ଧର ହୋଇଯାଇଥାଏ । ଟିକେ ବଡ ହେଲାରେ ସେ ଦିନକୁ ଦଶଥର ଲେଖା ମୁହଁ ଧୁଏ । ମୁଣ୍ଡ କୁଣ୍ଡାଏ, ପାଉଡର ବୋଳହୁଏ ।

ରୂପାଲି ହସି ହସି ପଗ୍ରରେ, ଆଉ କ'ଣ ଏସ୍କିମୋ ବନଯିବୁ ନା କଣ? ସୋନାଲି ବେଳେବେଳେ ନଜର ମୋତି ପରି ଦାନ୍ତକୁ ଦେଖେଇ ଫିକ୍ କନା ହସିଦିଏ । ରୂପାଲି ତା ଭଉଣୀର ସୌନ୍ଦର୍ଯ୍ୟକୁ ମନ୍ତ୍ରମୁଗ୍ଧ ହୋଇ ଅନେଇ ରହେ ।

ବେଳେବେଳେ ମୁଡ ଖରାପ ଥିଲେ ସୋନାଲି ଚଡିଯାଇ କୁହେ, "ତୁ କ'ଣ **jealousy feel** କରୁଛୁ" । ରୂପାଲିର କୋମଳ ହୃଦୟରେ କଣ୍ଟାଟିଏ ଫୋଡି ହୋଇଯାଏ ଅବା । ହେଲେ ସୋନାଲି ପ୍ରତି ବିରକ୍ତିଭାବ ଜମା ବି ଆସେନା । "ଫୁଲେଇଟା" ।

ଦିନ ଯାଇ ଗ୍ରତି ହୁଏ, ପୁଣି ଦିନ ହୁଏ । ସପ୍ତାହ ବିତେ ମାସ ପରେ । ଏହିପରି ବର୍ଷ ବର୍ଷ ବିତିଯାଏ । ବାପା ଫେରନ୍ତି ନାହିଁ କ ତାଙ୍କ ବିଷୟରେ କଛି ସମାଗ୍ରର ଭି ମିଳେ ନାହିଁ । କଏ କୁହେ, ସରକାର ମାଓବାଦୀଙ୍କ ସର୍ତ୍ତ ମାନଯିବେ । କଏ କୁହେ ତା ବାପାଙ୍କୁ ମାଓବାଦୀମାନେ ମାରି ଦେଇଥିବେ । ମାଆ ଘରର ଦାୟିତ୍ୱ ତୁଲାଇ ତୁଲାଇ ଅକାଳରେ ବୃଦ୍ଧା ପାଲଟିଯାଏ । ରୂପାଲି ପାଠ ପଢୁ ପଢୁ ମାଆକୁ ସାହାଯ୍ୟ କରୁକରୁ କେତେବେଳେ ଯେ ଏରୋନୋଟିକଲ୍ ଇଞ୍ଜିନୀୟରିଂ ପାସ୍ କରିଯାଏ, ସେ ନଜେ ମଧ୍ୟ ଜାଣି ପାରେନ ।

ସୋନାଲି ଅତି ସୁନ୍ଦରୀ ତରୁଣୀରେ ପରିଣତ ହୋଇଯାଏ। ହୋମ ସାଇଂନ୍ସରେ ଥର୍ଡକ୍ଲାସ ଗ୍ରେଜୁଏଟ।

ଆଜିକାଲି କ'ଣ କେବଳ ରୂପର ଗ୍ରହିଦା ଅଛି ବିବାହ ବଜାରରେ। ପାଠ ମଧ୍ୟ ଦରକାର। ରୂପକୁ ତ **compromise** କରି ହେବ। ଦି ଜଣ ରୋଜଗାରିଆ ନହେଲେ ଜୀବନର ଗାଡି ସୁରୁଖୁରୁରେ ଚାଲି ପାରିବନ। ରୂପାଲି ପାଇଁ ପ୍ରସ୍ତାବ ଉପରେ ପ୍ରସ୍ତାବ ଆସୁଥାଏ। ସେ କିନ୍ତୁ ମନାକରେ। ସେ ଜଣେ ପାଇଲଟ୍। ପ୍ରଥମେ ସୋନାଲିର ଦାୟିତ୍ୱ ସରିଲେ ଯାଇ ସେ ବାହା ହେବ।

ସେ ଦିନ ମଧ୍ୟ ଆସିଲା। ରୂପାଲି ପାଇଲଟ୍ ହେଲା। ଉଡାଜାହାଜରେ ଉଡିଲା। ତା ସହ ସୋନାଲି ଓ ମାଆକୁ ମଧ୍ୟ ଉଡାଜାହାଜ ରେ ବସାଇଲା।

ଏହିପରି ଜାହାଜ ଉଡାଇ ଉଡାଇ କେବେ ଯେ ନିଜ ମନକୁ ମଧ୍ୟ ଉଡାଇ ଦେଲା, କୋ-ପାଇଲଟ୍ ସୁମନ୍ତ ପାଇକରାୟ ସହ ସେ ନିଜେ ବି ହେତୁ ପାଇଲାନି। ସୁମନ୍ତ ପାଇକରାୟ, ଆଭିଜାତ୍ୟର ପ୍ରତିମୂର୍ତ୍ତି। ତାଙ୍କୁ ନିଜ ମନକଥା ନକହି ସେ ତାଙ୍କୁ ଡାକିନିଏ ଘରକୁ। କିନ୍ତୁ ମାଆ ଓ ଭଉଣୀଠାରୁ ସୁମନ୍ତ ପ୍ରତି ତାର ଆକର୍ଷଣକୁ ଲୁଚାଇ ଦିଏ। ଏହିଠାରେ ହିଁ ତାର ଭୂଲ ରହିଯାଏ। ସୋନାଲି ଭଲପାଇ ବସେ ସୁମନ୍ତଙ୍କୁ। ସୋନାଲି ପାଇଁ ସେତେ ଭଲ ପ୍ରସ୍ତାବ ଆସୁନଥାଏ। ମାଆ ଚିନ୍ତିତା ଥାଆନ୍ତି। ସୋନାଲି ରୂପାଲିଠାରୁ ସବୁ ଜିନିଷ ଏପର୍ଯ୍ୟନ୍ତ ଦାବି କରି ଆସିଛି। ତେଣୁ ସେ ସିଧାସଳଖ ରୂପାଲିକୁ ନିଜ ମନକଥା କହିଦେଲା। ରୂପାଲି ମୁଣ୍ଡରେ ଯେପରି ବ୍ରଜପାତ ହେଲା।

ସୁମନ୍ତ କହିଛନ୍ତି ନେକ୍ସ ଛୁଟିରେ ସେ ତାଙ୍କୁ ବାପା ମାଆଙ୍କୁ ନେଇ ଆସିବେ। କ'ଣ କରିବ ରୂପାଲି। ରାତି ରାତି ତାକୁ ନିଦ ହୁଏନା। ଖୋଲିଦେବକି ସେ ନିଜ ମନକୁ ସୋନାଲି ସାମନାରେ। ଯଦି ସେ ନମାନେ? ଛିଃ, ଏପର୍ଯ୍ୟନ୍ତ ସେ ସୋନାଲିର ସମସ୍ତ ଦାବି ପୂରଣ କରି ଆସିଛି। ତା ଛଡା ସୋନାଲିକୁ ଉପଯୁକ୍ତ ପାତ୍ରଟିଏ ବି ତ ମିଳିଯିବ। ଯେମିତି ଅଲିଅଳ ହୋଇ ସେ ବଢି ଆସିଛି ସେହିପରି **life maintain** କରିପାରିବ।

ରୂପାଲିର ତ ଭବିଷ୍ୟତ ଉଜ୍ଜ୍ୱଳ । ତା ବ୍ୟତୀତ ସୁମନ୍ତ ଏତେଟା ତା ସହ ଯୋଡି ହୋଇନାହାନ୍ତି ବୋଲି ତାର ଧାରଣା । ଆଉ ସେ ମଧ୍ୟ ନଜର ମନର ଫରୁଆକୁ ଖୋଲିନ ସୁମନ୍ତଙ୍କ ସାମନାରେ । ସୋନାଲି ଏତେ ସୁନ୍ଦରୀ, ସେ କ'ଣ ଏ ପ୍ରସ୍ତାବରେ ଅରାଜୀ ହେବେ?

ରୂପାଲିର ଚନ୍ତାର ଥଳକୂଳ ନଥାଏ । ସେ କଛି ନଷ୍ପତ୍ତି ନେଇ ପାରୁନଥାଏ । ସୁମନ୍ତଙ୍କୁ ପଗ୍ଚରି ଦେବକ?

ନା, ତାଙ୍କ ବାପା ବୋଉ ଆସନ୍ତୁ, ତା ପରେ ଯୋଉ କଥା । ସେ ଦିନଟି ବି ଆସିଗଲା । ସୁମନ୍ତ ତାଙ୍କ ବାପା ବୋଉଙ୍କୁ ଧରି ଆସିଲେ । ଏହିଠାରେ ଏକ କାଣ୍ଡ କରିଦେଲା ରୂପାଲି । ସୋନାଲିକୁ ପଠାଇଦେଲା ତାଙ୍କ ପାଖକୁ । ସୋନାଲୀର ନଖୁଣ ରୂପ ଓ ଆଣ୍ଠୁଯାଏ ପଡିଥିବା ଲମ୍ବା କଳା ମଚମଚ ଚୁଟି ଦେଖି ତାଙ୍କବାପା ବୋଉ ମୁଗ୍ଧ ହୋଇପଡିଲେ । ରୂପାଲି କବାଟ ଫାଙ୍କରୁ ସବୁ ଦେଖୁଥାଏ । ସୁମନ୍ତଙ୍କର ମୁଗ୍ଧ ଦୃଷ୍ଟି ମଧ୍ୟ ତା ଠାରୁ ଅଛପା ରହିଲା ନାହିଁ । ସୁମନ୍ତଙ୍କର ବୋଉ ସାଙ୍ଗେ ସାଙ୍ଗେ ନଜ ବେକରୁ ଚଉସରି ହୀରା ହାରଟିଏ ପିନ୍ଧାଇବାକୁ ଉଦ୍ୟତ ହେଉଥିବାରୁ ସୁମନ୍ତ ବାଧା ଦେବାକୁ ଯାଉଥିଲେ । କନ୍ତୁ ନଜର ପଡିଗଲା ରୂପାଲିର କାକୁତିଭରା ହାତ ଯୋଡିଥିବା ଦୃଷ୍ଟି ଉପରେ ।

ବାପା ବୋଉଙ୍କୁ ପଠାଇ ଦେଇ ସୁମନ୍ତ ରହିଗଲେ ପଛକୁ ।

ରୂପାଲି ସେଠାରୁ ପଳାଇଯାଇ ପୋଖରୀ ହୁଡାରେ ବସି ସେହିଭଳ ଅନେଇଥାଏ ତାର ପ୍ରିୟ ବାଦଲମାନଙ୍କୁ । ହାତୀଟିଏ ସତେ ଅବା ସୁବର୍ଣ୍ଣ କଳସଟିଏ ଟେକଛି ଶୁଣ୍ଢରେ । ଅଜାଡି ଦେବ ସୋନାଲୀ ମୁଣ୍ଡ ଉପରେ ।

ସୁମନ୍ତ ଆସି ହଠାତ୍ ପଗ୍ଚରିଦେଲେ –"କାହିଁକ ଏପରି କଲ ରୂପାଲି? ପ୍ରଶ୍ନସୂଚକ ଦୃଷ୍ଟିରେ ଅନେଇଲା ରୂପାଲି, "କ'ଣ ହେଇଛି କ? ମୋ ଭଉଣୀ କ'ଣ ତୁମର ପସନ୍ଦ ନୁହେଁ? " ପୋଖତ ଅଭିନେତ୍ରୀ ଭଳ ସେ କହିଗ୍ଚଲିଲା, " ମୁଁ ତ ଅନେକ ଦିନରୁ ତୁମକୁ ମୋ ଭଉଣୀ ଜ୍ୱାଇଁ ହିସାବରେ ଦେଖି ଆସିଛି । ଭୟ ଥିଲା, କାଳେ ତୁମ ବାପାବୋଉ

ଗୃହକରିଆ ବୋହୂ ଖୁଜୁଥିବେ । କିନ୍ତୁ ଠାକୁରଙ୍କ ଦୟାରୁ ସୋନାଲୀ ତାଙ୍କର ପସନ୍ଦ ହୋଇଛି ।" ନଜର ବକେକଟ୍ ଚୁଟିରେ ହାତ ବୁଲାଉ ବୁଲାଉ ସେ କହୁଥାଏ ।

ସୁମନ୍ତ ନିର୍ବୋଧ ଭଳିଆ ଅନେଇଥାନ୍ତି । ନିଜ ମନଭିତରେ ଖୋଜୁଥାଆନ୍ତି ରୂପାଲି ପ୍ରତି କିଛି ଆକର୍ଷଣକୁ । ଆଗରୁ କହିଥାଆନ୍ତେ ଭଲା । ସେତେ ଭାବିଥିଲେ ବାପାବୋଉ ରୂପାଲିକୁ ଦେଖିବାକୁ ଆସୁଛନ୍ତି ବୋଲି । ରୂପାଲି ବି କେମିତି ତାଙ୍କୁ ଅନ୍ଧାରରେ ରଖିଲା ଯେ ।

ରୂପାଲି ଖୁଲଖିଲ୍ ହସି ସୁମନ୍ତଙ୍କ ହାତ ଧରି ଘର ଭିତରକୁ ନେଇଗଲା । "ତୁମର ତ କାଲି ଡିଉଟି ନାହିଁ । ମୋତେ କିନ୍ତୁ ପ୍ରସ୍ତୁତ ହେବାକୁ ପଡିବ" କହି ରୁମ୍ ଭିତରକୁ ଚାଲିଗଲା ଓ ସୋନାଲୀକୁ ପଠାଇଦେଲା ତାଙ୍କ ପାଖକୁ ।

ଖୁବ୍ ଧୁମଧାମରେ ବିବାହ ହେଲା । ସୁମନ୍ତ ଓ ସୋନାଲି ର । ଲୋକେ ରୂପାଲିକୁ ଧନ୍ୟଧନ୍ୟ କଲେ । ସୋନାଲୀ ଆଖିରେ ଆଖିଏ ମମତା ଭରି ରୂପାଲିଠାରୁ ବିଦାୟ ନେଲା ।

କାନ୍ଦୁଥିବା ମାଆକୁ ପଡୋଶୀଙ୍କ ଗହଣରେ ଛାଡି ରୂପାଲି ଚାଲିଆସିଲା ବାଡିପଟକୁ । ନଡିଆ ଗଛକୁ ଆଉଜି ବାଦଲ ଗଣିବାକୁ ଲାଗିଲା । ତାଙ୍କର ଓ ତାର ଲକ୍ଷ୍ୟକୁ **compare** କଲା ।

ବାଡିପଟ ଧଡାଟି ଖୋଲି କିଏ ସେ ବୃଦ୍ଧ ଜଣେ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ପଶୁଛନ୍ତି । ଦୋ ଦୋ ଚହ୍ଲା ଲାଗୁଛନ୍ତି । "ବାପା!!"

ବାପାଙ୍କ କୋଟରଗତ ଆଖିରୁ ଗର୍ବ, ଅଭିମାନ ଓ ପ୍ରଶଂସାର ଅଶ୍ରୁ ବୋହି ଆସୁଥାଏ । ରୂପାଲି ବାପାଙ୍କୁ କୋଳ କରିଥାଏ । ସତେ ଅବା ଅନେକ ବର୍ଷ ପରେ ସନ୍ତାନ ହରାଇଥିବା ମାଆଟିଏ ନିଜ ସନ୍ତାନକୁ ଫେରି ପାଇଛି ।

ରୂପାଲିର ଏବେ କିଛି ଲୋଡା ନାହିଁ । ସେ ତା ବାପାଙ୍କୁ ଫେରିପାଇଛି । ତାଙ୍କ ଆଖିରେ ସେ ହୀରାର ଚମକ ପାଇଯାଇଛି ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# ପ୍ରେମର ରଂଗ



ଆଶୁତୋଷ ମେହେର

ପ୍ରଥମ ବର୍ଷାରେ
ଧୋଇଯାଇ କୃଷ୍ଣଚୂଡାର
ରଂଗ କାହିଁକ କେଜାଣେ
ଆହୁରି ଗାଢ ହୋଇଯାଇଛି
ମୋ ଆଖିରେ ଆଜି ।।
ତୁମେ ଯେମିତି
ଥରେ ଥରେ ଦେଖାଯାଅ
ବେଶୀ ସୁନ୍ଦର,
ପାଖରେ ଚୁପଚୁପ ବସି
ଅନାଇ ଥାଅ ଆକାଶକୁ
ପ୍ରେମର ଭାଷାରେ ମସଗୁଲ ହୋଇ।।
ସତରେ କଅଣ
ପ୍ରେମର ରଂଗ ଫୁଟିଉଠେ
ସଂର୍ପକ ମହକର
ବର୍ଷାରେ ଧୋଇଯାଇ
କୃଷ୍ଣଚୂଡାର ନୂଆଁ ରଂଗପରି??



ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ପ୍ରକୃତିର ମନଲୋଭା ଦୃଶ୍ୟ



ମଧୁଛନ୍ଦା ବେହେରା

ପ୍ରଭାତର ପ୍ରଥମ ପ୍ରହରକୁ,
ଛୁଇଁଯାଏ ସୂର୍ଯ୍ୟର ରକ୍ତାକ୍ତ ବର୍ଣ୍ଣାଳୀ
ମୁଗ୍ଧ କରେ ପକ୍ଷୀର କାକଳୀ
କଢିଟିଏ ଫୁଲ ହୋଇ ଉପହାର ଦିଏ
ପ୍ରକୃତି ମାତାକୁ,
ତା' ସୌନ୍ଦର୍ଯ୍ୟ ସଜେଇ ଦିଏ,
ତା' ମହକରେ ମହକାଇ ଦିଏ ଚର୍ତୁପାର୍ଶକୁ
ଆଉ ହସି ଉଠେ ସବୁଜ ସକାଳ
ମୋହିନଏ ସବୁରି ମନକୁ
ଗୁଣୁଗୁଣୁ ମହୁମାଛି ଗୁଣୁଗୁଣୁ ଗୀତ ଗାଇ
ଫୁଲରୁ ମହୁପିଇ
ରଙ୍ଗ ବେରଙ୍ଗର ପ୍ରଜାପତି ସହ ମିଶି
ଆନନ୍ଦେ ନାଚଇ ।
ନଇ, ନାଳ, ପୋଖରୀ ଓ ଝରଣା ର
କୁଳୁକୁଳୁ ନାଦ
ସୁଲୁସୁଲୁ ବାଆ ସଙ୍ଗେ
କୋଇଲି ର କୁହୁକୁହୁ ଡାକ
ପ୍ରକୃତିର ଓଠ ରେ ଭରିଦିଏ ହସ ।
ପୁଣି ଆଷାଢର ପହିଲି ବର୍ଷା ରେ
ମେଣ୍ଟିଯାଏ ମାଟି ମା'ର ତୃଷ୍ଣା
ସେହି ଶୋଷ ରୁ ଛୁଟିଆସେ



ଭିଜା ଭିଜା ମାଟିର ମହକ
ସତେ ଏକ ନଆରା ବାସ୍ନା
ଝିପିଝିପି ବର୍ଷା ରେ,
ଆପେ ଆପେ ଢାଙ୍କି ହୋଇଯାଏ
ପ୍ରକୃତି ସବୁଜତାର ଗ୍ଭଦର
ନାଲି ଟୁକୁଟୁକୁ ସାଧବ ବୋହୁର ଗ୍ଭଲି
ସକାଳକୁ କରେ ଆହୁରି ସରସ ସୁନ୍ଦର
ପୁଣି ସଞ୍ଜ ନଇଁ ଗଲେ ଚନ୍ଦ୍ରମାର ଶୀତଳ ସ୍ପର୍ଶ
ନରବତା ର ଏକ ଦୀର୍ଘ ପ୍ରୟାସ
ସତେ!
ଏଇ ତ ପ୍ରକୃତିର ମନଲୋଭା ରୂପ ॥

କଟୱାରିଆ ସରାଇ, ନୂଆ ଦିଲ୍ଲୀ

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଗ୍ଭହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com& editor.vedantimagazine@gmail.com

Whatsapp & Mobile: 9594993733

# ବିଶ୍ରାମ.....!!



କାର୍ତ୍ତିକ ପାଣିଗ୍ରାହି

ଜୀବନଟା ଏକ ଅସରନ୍ତି ଚଲାପଥ
ସରିନାହିଁ ସରିବନି ଚାଲିଥିଲେ
ଅନ୍ତନାହିଁ ଶେଷନାହିଁ ଅଶେଷ ସେ...
ଜୀବନଟା ରାସ୍ତାମୟ
ଚାରିଆଡେ ରାସ୍ତା ଆଉ ରାସ୍ତା
ବୁଢିଆଣି ଜାଲପରି ବିଛାଇ ହୋଇଯାଏ,
ଆଃ....
ଥକଯାଏ ଗୋଡ, ହାତ, ଦେହ ପୁଣି ମନ
ଚାହେଁ ସେ ବିଶ୍ରାମ...
କିନ୍ତୁ ବିଶ୍ରାମ କୁ ପାଇବାକୁ ହେଲେ,
ଚାଲିବାକୁ ହେବ ଆହୁରି
ଆହୁରି ଅନେକ ବାଟ.....
ଯେଉଁଠି ହୁଏତ ପହଁଞ୍ଚିବା ଦୁଃସାଧ..
ବିଶ୍ରାମ ସେଇଠି ଅଛି ଯୋଉଠି,
ଜୀବନର ଚଲାପଥ ଶେଷ....
ଶେଷ ଆମ ବାସନା କାମନା ଆଉ,
ଜୀବନର ସମସ୍ତ ମୂର୍ଚ୍ଛନା.....
କେବେ ଖୋଜି ଖୋଜି ଥକଲେ ବି

ମିଳେନାହିଁ ବିଶ୍ରାମ ର ପତ୍ତା,
ସରିଯାଏ ଯେବେ ଜୀବନର ପଥ
ଆପେ ଆପେ ଗ୍ଭଲିଆସେ ବିଶ୍ରାମ
ଦେବା ପାଇଁ ସେ
ଚିର ବିଶ୍ରାମ.....

## ବିଶ୍ରାମ.....୨

ରେ ବିଶ୍ରାମ....
ଦେଇଯା ଦେଇଯା ଆସି ବ୍ୟଥିତ
ପ୍ରାଣରେ ଆଶାର ପୀୟୁଷ
ଅବା ଜୀବନର ଆଶ.....
ଦେଖିଥିଲି ଦିନେ ତୋତେ ସେହି
ଅନ୍ଧାରୀ ଗଳରେ,
ଯେଉଁଠି ତୁ ହଜାଇ ଦେଇଥିଲୁ
ତୋ କାୟାର ସମସ୍ତ ଅସ୍ତିତ୍ୱ....
ରେ ବିଶ୍ରାମ....
ତୁ କ ଥକଗଲୁ....
କରି କରି ଜୀବନ ସଂଗ୍ରାମ.....?
ମୁଁ ଜାଣିଥିଲି...., ତୁ ପାରିବୁନ
ତଥାପି....
ମୁଁ ଆସିଥିଲି ତୋତେ
ବୋଲାଇ ଆସିବା ପାଇଁ.....
ତୁ କ ରହିଗଲୁ ବିଶ୍ରାମ ଆଶାରେ?
କହ୍ନ ରେ ବିଶ୍ରାମ....!



ଯେତେବେଳେ ଧାଆନ୍ତି ସମସ୍ତେ
ନେଇ ଆଶାର ଆକାଶ
ତୁ ତୋ ଥାଉ ସମସ୍ତଙ୍କ ଆଗେ....
ହେଲେ ଆଜି ଏ କ ଅଷ୍ଟଶ୍ଚାର୍ଯ୍ୟ?
ହଁ ରେ ବିଶ୍ରାମ....!!
ଯେବେ ହେବ ସୂର୍ଯ୍ୟାଦୟ
ପଶ୍ଚିମା ଆକାଶେ....
ବହିବ ବୈତରଣୀ ଉର୍ଦ୍ଧରୁ ଉର୍ଦ୍ଧକୁ
ସେ ଦିନ ହୁଏତ ତୁ ପାଇବୁରେ
ବିଶ୍ରାମ
ବିଶ୍ରାମ ର ସତ୍ତା......

***

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# କଣ୍ଟାଗଛରେ ଅମରତ୍ୱ:
# ଅମରକଣ୍ଟକ

ପ୍ରିୟବ୍ରତ ପାଢ଼ୀ

ଅମରକଣ୍ଟକ ବୁଲି ଢେର ଦିନ ପର୍ଯ୍ୟନ୍ତ ମୁଁ କୌଣସି ସ୍ୱଷ୍ଟ ସିଦ୍ଧାନ୍ତରେ ପହଞ୍ଚି ପାରୁନଥିଲି ଯେ ଜାଗାଟିରେ ଏତାଦୃଶ ନାମକରଣର ପଛରେ ନିର୍ଦ୍ଦିଷ୍ଟ ଯୁକ୍ତି କଣ ଥାଇପାରେ । ଶାସ୍ତ୍ରରେ, ଲୋକମୁଖରେ, କମ୍ବଦନ୍ତୀରେ, ଇତିହାସରେ କେତେ ପ୍ରକାରର ଲେଖା – କୌଣସି ଯୁକ୍ତିମତେ ସନ୍ତୋଷ ଦେଇ ପାରିଲା ନାହିଁ । ଅତଏବ ମତେ ସନ୍ତୁଷ୍ଟ କଲାଭଳି ମୁଁ ନିଜ ପାଇଁ ନିଜେ ମତଟିଏ ନିର୍ଣ୍ଣୟ କଲି । ମୋ ସହ ମତାନ୍ତର ହେବା ପାଇଁ ପାଠକଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଲା ।

କଣ୍ଟାଗଛଟିଏ ସବୁ ମଣିଷଙ୍କ ଚକ୍ଷୁଶୂଳ । ଆମର ସ୍ୱଚ୍ଛନ୍ଦ ଜୀବନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଶତ୍ରୁର ପ୍ରତୀକ ହେଉଛି କଣ୍ଟାଗଛ, ଯାହାର ମୂଳୋତ୍ପାଟନ ଆମର ଏକାନ୍ତ କାମ୍ୟ । ଆମେ ଗୃହୁଁ ତାକୁ ଉପାଡ଼ି, ଫୋପାଡି, ପୋଡି ନିଶ୍ଚିହ୍ନ କରୁଦେବୁ । କିନ୍ତୁ ଭୂମି ଯଦି ତାକୁ ବାରବାର ଜୀବନ୍ୟାସ ଦେବାରେ ସକ୍ଷମ, ଜଳରେ ଯଦି ଅମରତ୍ୱର ଉତ୍ସ ଥାଏ, ସମୀରଣ ଯଦି ବହି ଆଣୁଥାଏ ସ୍ୱର୍ଗୀୟ ତାରୁଣ୍ୟର ଓଜଃ ଶକ୍ତି, ସୂର୍ଯ୍ୟାଲୋକରେ ଯଦି ଥାଏ ଅଖଣ୍ଡ କାନ୍ତିର ଆଭା, ସମସ୍ତ ଅପମୃତ୍ୟୁରୁ କବଚ୍ଛବୃତ୍ତ କରି ରଖିବା ପାଇଁ ବର୍ଷାଜଳ ଯଦି ସକ୍ଷମ ଥାଏ, ତେବେ ସଂସାରର ସମସ୍ତ ଶତ୍ରୁ ଏକାଠି ହେଲେ ମଧ୍ୟ ସେହି ଭୂମିରେ ଲାଳତପାଳତ ସାମାନ୍ୟ କଣ୍ଟାଗଛଟିକୁ ମଧ୍ୟ ନିଶ୍ଚିହ୍ନ କରିବାରେ ଅସଫଳ ହେବେ । ଏଭଳି ଅମରତ୍ୱ ପ୍ରଦାନ କରିପାରୁଥିବା ପୁଣ୍ୟ ଭୂଖଣ୍ଡଟିର ନାମ ହେଲା ଅମରକଣ୍ଟକ ।

ମଧ୍ୟପ୍ରଦେଶର ଅନୁପପୁର ଜିଲ୍ଲାର ଏକ ମନୋରମ ଧାର୍ମିକ ସ୍ଥଳୀ ହେଲା ଅମରକଣ୍ଟକ । ୧୨୦ କି.ମି. ଦୂରରେ ଥିବା ଛତିଶଗଡର ବିଳାସପୁର ହେଉଛି ନିକଟସ୍ଥ ସବୁଠୁ ବଡ ସହର । ବିଳାସପୁର ଯିବା ପାଇଁ ବସ୍ ର ଅପେକ୍ଷାରେ ଥିଲି । ରାତି ଏଗାରଟା ବେଳେ ଅମରକଣ୍ଟକର ନବନିର୍ମିତ ବସଷ୍ଟାଣ୍ଡ୍ ରେ ବହଳ ଅନ୍ଧକାରକୁ ଚିରି ମଝିରେ ମଝିରେ ଖଣ୍ଡେ

ପଟେ ଟିଉବ୍ ଲାଇଟ୍ ର ଆଲୁଅ । ସଦ୍ୟ ବର୍ଷାସ୍ନାତ ସଡକ ଓ ବୃକ୍ଷମାନେ କାଲୁଆ ପବନରେ ଥରି ଉଠୁଥିଲେ । ଆଗ୍ନେୟଗିରିରୁ ଧୂଆଁ ଓ ପାଉଁଶ ଆକାଶ ମୁଖେ ଉଠିଲା ପରି ଝଡିପୋକ ଅବିଶ୍ରାନ୍ତଭାବେ କୌଣସି ଭଙ୍ଗା ଉଇବିଳାରୁ ଉଠି ଗ୍ଲାଲିଥିଲେ । ଲାଇଟ୍ ପାଖରେ ପୁଞ୍ଜାପୁଞ୍ଜା ଝଡିପୋକଙ୍କ ଅସଫଳ ଡେଣାଝଡା ଉଡାଣ ସାଙ୍ଗକୁ ପେଗ୍ନ ଓ କଜଳପାତି ସେମାନଙ୍କୁ ଝାମ୍ପି ନେବାର ଦୃଶ୍ୟ । ଏତେ ବହଳ ଅନ୍ଧକାର ଓ ସ୍ତବ୍ଧ ନୀରବତା ବିନ୍ଧ୍ୟ ପର୍ବତର ଏହି ବନାଞ୍ଚଳରେ ହିଁ ମିଳପାରେ! ହୋଟେଲ୍ ସବୁରେ ଧୂଆମଜା ସାରି, ବଳକା ଓ ଅଇଁଠା ଭାତ- ତରକାରୀ କଏ ଜଣେ ଫୋପାଡି ଦେଇ ଗ୍ଲାଲିଗଲା । କୌଣସି ବତୀଖୁଣ୍ଟ ତଳେ ନିରାଶ୍ରୟ ପରି ଜାକଜୁକ ହୋଇ ବସିଥିବା ଆଦିବାସୀ ପରିବାରଟିଏ ତତକ୍ଷଣାତ୍ ତତପର ହୋଇ ଉଠିଲେ ଏବଂ ସବୁକଛି ଅଇଁଠା ଖାଦ୍ୟଦ୍ରବ୍ୟକୁ ଆଣିଥିବା ଟିଣ ଡବା ଓ ଲାଉତୁମ୍ବାରେ ଭରି ନେଇଗଲେ । ପୁରୁଷ ଲୋକଟିର ଲେଙ୍ଗୁଟି ସାଙ୍ଗକୁ ସ୍ତ୍ରୀ ଲୋକଟିର ନାମକୁ ମାତ୍ର ବସ୍ତ୍ର । ତା ସାଙ୍ଗରେ ଜଳାତଙ୍କ ରୋଗୀ ପରି ଦିଶୁଥିବା ଦୁଇଟା ଲଙ୍ଗଳା ଛୁଆ । ସମ୍ପତ୍ତି ବୋଇଲେ ଖଣ୍ଡେ ଧନୁ ଓ ଗୋଟିଏ ଲାଙ୍ଗୁଡ ନଥିବା ଶିକାରୀ କୁକୁର । ଶୁଣିଥିଲି ଏମାନେ ହେଉଛନ୍ତି କୌରବ ବା ପାଣ୍ଡବ ଜାତିର ଆଦିବାସୀ ସଂପ୍ରଦାୟର ଲୋକ । ସହର ବଜାରର ଲୋକକୁ ଦେଖିଲେ ଦୌଡି ପଳାନ୍ତି । ତଥାପି ପେଟ ବିକଳରେ ଟାଣି ହୋଇ ସହରୀ ଲୋକଙ୍କ ଉଚ୍ଛିଷ୍ଟକୁ କୋଟିନିଧି ଭଳି ସଂଗ୍ରହ କରନ୍ତି ।

ଅମରକଣ୍ଟକ ଆସିବାବେଳେ କ୍ଷୁଦ୍ର ହୋଇ ଆସିଥିଲି, ଏବେ ଫେରିଲାବେଳେ ଅନେକ ଅନୁଭୂତିରେ ସ୍ଥିର ଓ ସ୍ଫୀତ ହୋଇ ପଡିଥିଲି । ଠିକ୍ ଯେମିତି ଏଠାରୁ ବାହାରିଥିବା ନର୍ମଦା ନଦୀ ଆରମ୍ଭରେ ସରୁ ଧାରଟିଏ, ସମୁଦ୍ରରେ ମିଶିଲା ବେଳକୁ ସ୍ଥିର ଓ ପ୍ରକାଣ୍ଡ ନଦୀଟିଏ । ଯଥା ସମୟରେ ବସ୍ ଆସିଗଲା ଏବଂ ବିଳାସପୁର ଦିଗେ ନିଶାର୍ଦ୍ଧରେ ଯାତ୍ରା ଆରମ୍ଭ କଲି । ସାରା ରାତି ଅପଲକ ନେତ୍ରରେ ଉଜାଗର ରହି ବିନ୍ଧ୍ୟାଞ୍ଚଳର ଏହି ଅଭେଦ୍ୟ ବନରାଜିକୁ ଉପଭୋଗ କରିବା ବି ଉଦ୍ଦେଶ୍ୟ ଥିଲା । ରାସ୍ତାରେ ବାଘ, ଅଜଗର, ଗୟଳ ବା ରାତ୍ରିଚର ନିଶାଦ ଜଣେ ଦୃଶ୍ୟ ହୋଇଗଲେ ମୋର ଯାତ୍ରା ଯେ ପୂର୍ଣ୍ଣାଙ୍ଗ ହେଇଯିବ! ଏହା ହେଉଛି କାହ୍ନା ଜାତୀୟ ଉଦ୍ୟାନର ପାରିପାର୍ଶ୍ୱିକ ବନାଞ୍ଚଳ, ଯାହାକୁ ଦେଖି ରୁଡୟାର୍ଡ କପଲିଙ୍ଗ୍ ଙ୍କ ବିଖ୍ୟାତ ବହି "ଜଙ୍ଗଲ ବୁକ୍" ସୃଷ୍ଟି ହୋଇଥିଲା । ଘାଟି ରାସ୍ତାର କନକନଆ

ମୋଡମାନଙ୍କରେ ସତେକ ମୋଗଲି, ସେର ସିଂ, ବଗିରା, କାଲୁଆ ଆଦି ଚରିତ୍ରମାନେ ଚଳପ୍ରଚଳ ହେଉଥିଲେ । ନଶାର୍ଦ୍ଧର ବନଗୃରୀ ପରି ସେଇ ଚରିତ୍ରମାନଙ୍କ ଗହଣରେ ଏକାକାର ହୋଇଯିବା, କାଳ୍ପନିକ ସ୍ତରରେ ମୋ ପାଇଁ ଏକ ସ୍ୱାଭାବିକ ଘଟଣା ହୋଇଗଲା ।

xxxxxx

ରାୟପୁରରୁ ବିଳାସପୁର ଏକ ବୈଚିତ୍ର୍ୟହୀନ ରେଳଯାତ୍ରା ଥିଲା । ପେଣ୍ଡ୍ରାରୋଡ ପାଇଁ ଟ୍ରେନ ସମୟ ଥିଲା ଆହୁରି ଦୁଇଘଣ୍ଟା । ଅତଏବ ବିଳାସପୁରର ଗହଳ ବଜାର ରାସ୍ତାରେ ଟହଲ ମାରିବା ଥିଲା ମୋପଇଁ ଏକମାତ୍ର ବିକଳ୍ପ । ଏହି ସହରର ନାମକରଣ ପଛରେ ରହିଛି ଏକ ବିକଳ ଇତିହାସ । ବହୁବର୍ଷ ତଳେ ଏହି ଭୂଖଣ୍ଡର ରାଜାଙ୍କ ଲୋଲୁପ ଦୃଷ୍ଟିପଡିଲା ଜଣେ ବିବାହିତା ମହିଳାଙ୍କ ଉପରେ । ମହିଳା ଜଣକ ଥିଲେ ଜଣେ କୈବର୍ତ୍ତ ବଧୂ, ନାମ ଥିଲା ବିଳାସ । ବିଳାସକୁ ଜବରଦସ୍ତ ନଜର ରକ୍ଷିତା କରି ରଖିବାକୁ ଚାହିଁଲେ ରାଜନ୍ । ବିଳାସଙ୍କ ନିମନ୍ତେ ସେପରି କାର୍ଯ୍ୟରେ ସମ୍ମତି ଦେବା ଥିଲା ମୃତ୍ୟୁଠାରୁ ଭୟାବହ, ଅନ୍ୟଦିଗେ ରାଜନଙ୍କ ଆକ୍ରୋଶରୁ ଜୀବନ ନେଇ ବର୍ତ୍ତିବା ବି ଥିଲା "ବିଳାସ"ଙ୍କ ଅସହାୟ ସ୍ୱାମୀଟି ନିମନ୍ତେ ଅସମ୍ଭବ । ଅତଏବ ସମ୍ମାନର ସହ ମରିଯିବା ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଆତ୍ମହତ୍ୟା ପଥା ବାଛିନେଲେ । ତା ପରଠୁ ଏହି ଜାଗାଟିର ନାଁ ବିଳାସପୁର ହୋଇଗଲା ।

ବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଅନ୍ୟ ଏକ କାରଣରୁ ବିଳାସପୁର ଥିଲା ବହୁ ଚର୍ଚ୍ଚିତ । କନ୍ୟାଭ୍ରୁଣ ହତ୍ୟା ନିମନ୍ତେ ଏଠାରେ ଖୋଲା ଯାଇଥିଲା ଶତାଧିକ ଅବୈଧ ନର୍ସିଂହୋମ୍ । ସାରା ଭାରତରୁ ଆସି ଲୋଭୀ ଡାକ୍ତରମାନେ ଏହି ହତ୍ୟା କାର୍ଯ୍ୟରେ ଲିପ୍ତ ଥିଲେ । ଅଧିକାଂଶ ଛକରେ ବୋର୍ଡ ଲାଗୁଥିଲା –"୫୦୦ଟଙ୍କା ଖର୍ଚ୍ଚ କରନ୍ତୁ ଏବଂ ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚାନ୍ତରୁ ମୁକ୍ତି ପାଆନ୍ତୁ ।" ଅର୍ଥାତ୍ କନ୍ୟାଭ୍ରୁଣର ନଷ୍ଟ ପାଇଁ ୫୦୦ ଟଙ୍କା ଖର୍ଚ୍ଚ କଲେ, ଭବିଷ୍ୟତରେ ଯୌତୁକ ବାବଦରେ ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚରୁ ତ୍ରାହି ମିଳିଯିବ । ସମୟ ଏପରି ଥିଲା ବହୁ ଉଦାସ ଓ ଚନ୍ତିତ ଦମ୍ପତି ବିଳାସ ପାଇଁ ନୁହେଁ, ବରଂ ଉଦବିଗ୍ନ ମନ ନେଇ ବିଳାସପୁର ଆସୁଥିଲେ । ରାସ୍ତାଘାଟ, ଲଜ୍, ଡାକ୍ତରଖାନା ଆଦି ଏଭଳି ଚନ୍ତିତ ଦମ୍ପତିଙ୍କ ଦ୍ୱାରା ଭର୍ତ୍ତି

ହୋଇ ରହୁଥିଲା । ଆଜି ଅବଶ୍ୟ ସମୟ ବଦଳଯାଇଛି, କଡା ଆଇନ ପ୍ରଚଳନ ଫଳରେ ଅନେକ କଛି ସୁଧାର ଆସିଛି ।

ବିଳାସପୁରରୁ ପେଣ୍ଡ୍ରାରୋଡ୍ ଷ୍ଟେସନ ପୁଣି ଏକ ଘଟଣାହୀନ ରେଳଯାତ୍ରା । ପେଣ୍ଡ୍ରାରୋଡରେ ଓହ୍ଲାଇ ପଡିବା ପରଠୁ ହିଁ ବିନ୍ଧ୍ୟାଞ୍ଚଳର ଅନନ୍ୟ ଶିରୀ ମନକୁ ଉଚାଟ କରିନେଲା । ଉଭୟ ପେଣ୍ଡ୍ରା ସହର ଓ ପେଣ୍ଡ୍ରାରୋଡ୍ ସହର ଇଂରେଜଙ୍କ ଅମଳରୁ ଶିକାରୀମାନଙ୍କ ପେଣ୍ଠସ୍ଥଳ ରୂପେ ଖ୍ୟାତ ଥିଲା । ରେବାଖଣ୍ଡର ରାଜାଙ୍କ ଅଧୀନରେ ଆସୁଥିଲା ପେଣ୍ଡ୍ରା ଜମିଦାରୀ । ଧଳାବାଘକୁ ପୋଷାମନାଇ ଏକଦା ରେବା ଖଣ୍ଡର ରାଜା ବିଖ୍ୟାତ ଥିଲେ । ପେଣ୍ଡ୍ରା ଜମିଦାର, ବାଘ ଶିକାର ପାଇଁ ଆସୁଥିବା ରାଜା, ମହାରାଜା ଓ ଇଂରେଜମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେଇ ପ୍ରିୟ ଭାଜନ ହେଉଥିଲେ । ପେଣ୍ଡ୍ରା ରୋଡରେ ଥିବା ଇଂରେଜ ଅମଳର ପୁରୁଣା ବଙ୍ଗଳା ଘରଟି ସେ ଦୃଷ୍ଟିରୁ ବହୁ ଚର୍ଚ୍ଚିତ । ଇଂରେଜମାନେ ଆସୁଥିଲେ, ବାଘ ଶିକାର କରି ବୀର ଦର୍ପରେ ଫେରୁଥିଲେ । ମଲାବାଘକୁ ଲମ୍ବା କରି ଶୁଆଇ ଦିଆଗଲା ପରେ, ତା ମୁଣ୍ଡ ଉପରେ ବୁଟ୍ ପିନ୍ଧା ପାଦଟିକୁ ରଖି, ଗୋଟିଏ ହାତ ନଶ ଉପରେ ରଖି, ସାହେବମାନେ ଫଟୋ ଉଠାଉଥିଲେ । ଫଟୋ ଦେଖାଇ ନିଜ ପ୍ରେମିକା ଓ ସ୍ତ୍ରୀ ମାନଙ୍କୁ ମନେଇବା ଗୋଟେ ଫେସନ୍ ଥିଲା । ତେଣୁ କରି ସହସ୍ରାଧିକ ଫଟୋର ପଶ୍ଚାତ୍ ରେ ଏହି ବଙ୍ଗଳାଟିରେ ଛବି ଦେଖିବାକୁ ମିଳଥାଏ । ଶହେବର୍ଷ ତଳେ ଯାତାୟତ ପାଇଁ ଘୋଡା ବା ଘୋଡାଗାଡି ଥିଲା ଏ ଅଞ୍ଚଳରେ ଏକମାତ୍ର ଅବଲମ୍ବନ । ଦେଇ ପେଣ୍ଡ୍ରାରୋଡରୁ ଘୋଡାପିଠିରେ ବସି ମୈକାଲ ପର୍ବତଶ୍ରେଣୀର ସଂକୀର୍ଣ୍ଣ ଓ ବନ୍ଧୁର ରାସ୍ତା ଶିକାରୀମାନେ, ପରିବ୍ରାଜକମାନେ ନର୍ମଦାର ଉଦଗମ ସ୍ଥଳ ଓ କପିଳଧାରା ଜଳପ୍ରପାତ ପର୍ଯ୍ୟନ୍ତ ଯାଉଥିଲେ । ଆଜି ସେ ଦୃଶ୍ୟ ନଶ୍ଚିହ୍ନ । ସାଧାରଣ ପରିବହନ ବସ୍ ଯୋଗେ ଆମେ ଆସି ପହଞ୍ଚିଗଲୁ ଅମରକଣ୍ଟକ । ଭାରତର ଅନ୍ୟାନ୍ୟ ଧାର୍ମିକପୀଠ ତୁଳନାରେ ତାହା ଥିଲା ଏକବାର ଭିନ୍ନ । ଲୋକସଂଖ୍ୟା ଥିଲା କମ୍, ଖୁବ୍ ବେଶୀରେ ପନ୍ଦର ହଜାର । ଦୋକାନ ବଜାରରେ ଭିଡ ନାହିଁ । ପୁରୁଣା ମନ୍ଦିର, ତତସଂଲଗ୍ନ ମଠ, ଗଳି, ଭଙ୍ଗାଦଦରା ଘର, ଅପରିଚ୍ଛନ୍ନ ବସ୍ତି, ସାଲୁବାଲୁ ଭିକାରୀ ଏସବୁ କଛି ନାହିଁ । ସତେ ଯେମିତି ଏଇ କଛି ବର୍ଷ ହେଲା ଶୈଳନିବାସଟିଏ ପ୍ରସ୍ତୁତି ପଥେ ଚାଲିଛି । ରାସ୍ତା ସବୁ ସଫା, ଓସାରିଆ, ଚାରିଆଡେ ଜଳପୂର୍ଣ୍ଣ ହ୍ରଦ, ପୋଖରୀ ବା ଜଳ

ଜମିଥିବା ଗୋଚର ଜମି। ବଡ ବଡ ଆଭିଜାତ୍ୟପୂର୍ଣ୍ଣ ହୋଟେଲର ବ୍ୟବସ୍ଥା ନାହିଁ। ଜୈନ, ଶିଖ ବା ହିନ୍ଦୁ ଧର୍ମଶାଳାମାନଙ୍କରେ ରହିବା ଛଡା ଯାତ୍ରୀମାନଙ୍କ ପାଇଁ ଅନ୍ୟ ରାସ୍ତା ନାହିଁ। ମହାଭାରତ ଓ ରାମାୟଣ ସମୟରୁ ଜାଗାଟିର ପ୍ରସିଦ୍ଧି ଥାଇ ସୁଦ୍ଧା ତୀର୍ଥଜାଗା ମାଫିକ୍ ଭିଡ ସୃଷ୍ଟି ହୋଇନାହିଁ – ଏହା ହିଁ ବଡ ଆଶ୍ଚର୍ଯ୍ୟର କଥା। ସାଧାରଣ ଧାର୍ମିକ ମନକୁ ଖୁସି କରିଦେଲା ଭଳି ଏଠାରେ ଢେର ମନ୍ଦିର ଅଛି। ଗଲି ଗଲି ବୁଲିବା ପାଇଁ ସୁନ୍ଦର ଓ ଫର୍ଚ୍ଚା ରାସ୍ତା ଅଛି, ନିରବରେ ସମୟ କାଟିବା ପାଇଁ ଘନ ଜଙ୍ଗଲ ଅଛି, ହ୍ରଦ ଅଛି, ପ୍ରପାତ ଅଛି, ଦେଶୀ ଓ ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରମାନ ରହିଛି, ହଜାରେ ବର୍ଷ ତଳର ଚମତ୍କାର କାରୁକାର୍ଯ୍ୟଭରା ମନ୍ଦିରମାନ ବି ରହିଛି। ଦୁଇ ତିନି ଦିନ ରହି ଏସବୁ ବୁଲାବୁଲି କରିବାରେ ଯେଥେଷ୍ଟ ଆନନ୍ଦ ମିଳିଥାଏ। ଅତଏବ ରହିବା ପାଇଁ ବାସସ୍ଥାନର ସନ୍ଧାନରେ ବାହାରି ପଡିଲୁ। ନିତ୍ୟକର୍ମ ସାରିବା ପାଇଁ ହଠାତ୍ କରି ଗୁରୁଦ୍ୱାରରେ ଥିବା ଧର୍ମଶାଳାରେ ପ୍ରବେଶ କଲୁ।

ଗୁରୁ ନାନକ ଥିଲେ ଜଣେ ମହାନ ପରିବ୍ରାଜକ। ତାଙ୍କ ଜୀବ- ଦଶାରେ ସେ ଅମର- କଣ୍ଟକ ଆସିବା ଏକ ଐତିହାସିକ ସତ୍ୟ। ଜ୍ଞାନ ସଂଗ୍ରହ ପାଇଁ ସେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ମିଶୁଥିଲେ। ସେ ଥିଲେ ଜଣେ ମୁଗ୍ଧ ଶ୍ରୋତା, ଅତଏବ ମନ୍ତ୍ରବତ୍ ଶ୍ରୋତାଙ୍କୁ ଆୟତ୍ତ କରି ପାରୁଥିବା ଜଣେ ବକ୍ତା ମଧ୍ୟ ଥିଲେ। ତାଙ୍କ ସମୟର ଅନ୍ୟ ଜଣେ ମହାନ୍ ସନ୍ଥ କବୀର ମଧ୍ୟ ଏଠାରେ ଢେର ବର୍ଷଯାଏ ରହିଥିଲେ। କବୀର ଚଉତରା ବୋଲି ଜାଗାଟିଏ ଅଛି, ଯେଉଁଠି ସେହି ଦୁଇ ମହାନ୍ ସଂସ୍କାରକ ଢେର ଦିନଯାଏ ଆଲୋଚନାରତ ଥିଲେ। ନାନକଙ୍କ ଆଗମନକୁ ସ୍ମରଣ କରିବାକୁ ଯାଇ ଶିଖ୍ ମାନେ ଅମରକଣ୍ଟକର ଗଢିଛନ୍ତି ଏକ ଭବ୍ୟ ଗୁରୁଦ୍ୱାର। କହିବା ବାହୁଲ୍ୟ ମଧ୍ୟପ୍ରଦେଶର ଏହି ଅଞ୍ଚଳରେ ସ୍ଥାୟୀ ରୂପେ ବସବାସ କରୁଥିବା ଶିଖମାନଙ୍କ ସଂଖ୍ୟା ଏକବାର ଶୂନ୍।

ଅବୋଲକରା ଭଳି ଆମେ ଛତାକମ୍ବଳ ଗୁରୁଦ୍ୱାରର ଅତିଥି ଘରେ ରଖିଦେଇ, ସ୍ନାନଶୌଚ କରି ରହିବା ଜାଗାର ସନ୍ଧାନରେ ବାହାରିଗଲୁ। ଉପଯୁକ୍ତ ଜାଗା ମିଳିଲେ ଚାଲିଯିବା ପାଇଁ ପ୍ରସ୍ତୁତ ଥିଲୁ। ଗୁରୁଦ୍ୱାରକୁ ଲାଗି ଶ୍ରୀ କଲ୍ୟାଣ ସେବାଶ୍ରମ ଟ୍ରଷ୍ଟ। ଆଧୁନିକ ସୁବିଧାସୁଯୋଗ

ଥିବା ଏକ ବିଶାଳ ଆଶ୍ରମ । ଭିତରେ ବିଭିନ୍ନ ଗୁରୁଙ୍କ ବଡବଡ ଛବି ଲାଗିଛି, କୌଣସି ଏକ ଜାଗାରେ ନତ୍ୟ- ଧୁନର ବ୍ୟବସ୍ଥା ଅଛି, ଯଜ୍ଞଶାଳା ଅଛି, ଗୋଶାଳା, ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା, ଶାସ୍ତ୍ର ପଠନ ଓ ଆଲୋଚନା ଘର, ଧର୍ମ ପୁସ୍ତକର ପାଠାଗାର, ଟିଭିରୁମ୍ ଆଦି ସବୁକଛି ଅଛି । ପାଖାପାଖି ଶହେ ଯାତ୍ରୀ କମରା, କନ୍ତୁ ସବୁତକ ପୂର୍ଣ୍ଣ ।

ଗୁରୁ ନାନଙ୍କ ଦେବଙ୍କ ବଡପୁଅ ଥିଲେ ଆଚାର୍ଯ୍ୟ ଶ୍ରୀ ଚନ୍ଦ୍ରଦେବଜୀ । ଚନ୍ଦ୍ରଦେବ ହେଉଛନ୍ତି ଉଦାସୀନ ସଂପ୍ରଦାୟର ମୁଖ୍ୟ ଆଚାର୍ଯ୍ୟ । ପାର୍ଥିବ ଜୀବନର ସମସ୍ତ ଆକର୍ଷଣ ପ୍ରତି ଉଦାସୀନ ରହି କେବଳ ଆଧାତ୍ମିକ ଜୀବନ ପ୍ରତି ସଦା- ଉନ୍ମୁକ୍ତ ରହିବା ହେଲା ଏହି ସଂପ୍ରଦାୟର ମୁଖ୍ୟ ଜୀବନଦର୍ଶନ । ଏହି ସଂପ୍ରଦାୟର ଜଣେ ତରୁଣ ତପସ୍ୱୀ ଶ୍ରୀ କଲ୍ୟାଣ ଦାସଜୀ ଏକଦା ଏଠାରେ ଆସି ଆରମ୍ଭ କରିଥିଲେ ସେବାଶ୍ରମ । ବୈଦିକ ରୀତିରେ ବିଭିନ୍ନ କର୍ମକାଣ୍ଡ ସାଙ୍ଗକୁ ବେଦ ଅଧ୍ୟୟନ, ଯଜ୍ଞ, ସ୍ୱାଧ୍ୟାୟ, ଜନ କଲ୍ୟାଣ, ବୃକ୍ଷରୋପଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଏହି ସେବାଶ୍ରମର ମୁଖ୍ୟ ଅଙ୍ଗ ।

ମନେ ପଡୁଚ, ଆଜକୁ ତିରିଶ ବର୍ଷ ତଳେ କଲ୍ୟାଣ ଦାସଜୀ ଆସିଥିଲେ ଆମ ଗାଁ ଆସ୍କା । ସେ ବର୍ଷ ଆମ ଅଞ୍ଚଳରେ ବର୍ଷାର ଭୀଷଣ ଅଭାବ ରହିଥିଲା ଏବଂ ଭୟଙ୍କର ମରୁଡିର ଉତପ୍ତ ପଦଧ୍ୱନ ଶୁଣିବାକୁ ମିଳୁଥିଲା । ଋଷିକୁଲ୍ୟାର ଶୁଖିଲା ବାଲୁକା ଶଜ୍ୟାରେ ଆରମ୍ଭ ହେଲା ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରିବା ନମନ୍ତେ ଯଜ୍ଞ । ଯଜ୍ଞର ପୂର୍ଣ୍ଣାହୁତି ପୂର୍ବରୁ କଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଯଜ୍ଞ ଭଣ୍ଡୁର କରିବା ପାଇଁ ସୋରଡା ଘାଇରୁ ପାଣି ଛାଡିଦେଲେ । ପାଣି ଆସିବା ବାହାନା ଦେଖେଇ ପୋଲିସ ଜବରଦସ୍ତ କଲ୍ୟାଣଜୀଙ୍କୁ ନଦୀ ଶଯ୍ୟାରୁ ଉଠେଇ ନେଲେ । ଯଜ୍ଞ ଭଣ୍ଡୁର ହେଲା, କନ୍ତୁ ସେଦିନ ହିଁ କଳା ମେଘ ଘୋଟି ବର୍ଷା ଆସିଥିଲା ।

ଆଶ୍ଚର୍ଯ୍ୟ କଥା, ଆମ ଅଞ୍ଚଳର କୁମୁଟି ଓ ସୁନାରୀଙ୍କ ଭଳି ସ୍ୱଚ୍ଛଳ ବ୍ୟାପାରୀମାନେ ହିଁ ଉଦାସୀନ ବାବାଙ୍କୁ ଯଜ୍ଞ ଆରମ୍ଭ ପାଇଁ ପ୍ରବର୍ତ୍ତାଇ ଥିଲେ । ସୁବର୍ଣ୍ଣ ବ୍ୟବସାୟୀମାନେ ଜାଣିଥିଲେ ଯେ, ଯଦି ଅକାଳ ପଡେ, ଲୋକେ ଭାତ ମୁଠାକ ପାଇଁ ସମସ୍ତ ସଞ୍ଚୟ ସାରି ଦେବେ, ତେବେ ଅଳଙ୍କାର ପାଇଁ କଏ କୋଉଠୁ ଅର୍ଥ ଯୋଗାଡ କରିବ? ଫସଲ ଭଲ ହେଲେ ବ୍ୟବସାୟ- କାରବାର ମଧ୍ଧ ଭଲ ହେବ । ଉଦାସୀନ ବାବାଙ୍କ ସ୍ୱଚ୍ଛଳ ଭକ୍ତଗଣ

ପାର୍ଥିବ ଧନସମ୍ପତ୍ତି ପାଇଁ ପ୍ରଚଣ୍ଡ ଆସକ୍ତ, ଅଥଚ ଆଧ୍ୟାତ୍ମିକ ଜୀବନ ପାଇଁ ଚର ଉଦାସୀନ । ଅମରକଣ୍ଟକରେ ଥିବାବେଳେ ଦୁଇ ଦୁଇ ଥର ଭୁରି- ଭୋଜନର ସୁଯୋଗ ପାଇ କଲ୍ୟାଣ ଆଶ୍ରମ ପ୍ରତି ଆମର ଆସକ୍ତି ବଢି ଯାଇଥିଲା ।

ସେବାଶ୍ରମରୁ ହତାଶ ହେଇ ବସା ସନ୍ଧାନରେ ଯାଉ ଯାଉ ଅମରକଣ୍ଟକର କଛି ଅନାବିଳ ଦୃଶ୍ୟ ଆଖିରେ ପଡୁଥିଲା । ବୁଢା ବୈଦ୍ୟମାନେ ଜଙ୍ଗଲରୁ ସଂଗ୍ରହ ହୋଇଥିବା ଚେରମୂଳ ଛେଚୁଛେଚରେ ଲାଗିଥିଲେ, କଛି ତନ୍ତୀ ପାରମ୍ପରିକ "ମାହେଶ୍ୱରୀ" ଲୁଗାବୁଣାରେ ଲାଗିଥିଲେ । କଏ ଜଣେ ଖବର ଦେଲେ ଜୈନ ଧର୍ମଶାଳାରେ ଚେଷ୍ଟା କରନ୍ତୁ । ଢେର ଦୂରରୁ ଅଧା ତିଆରି ବିଶାଳ ଜୈନ ମନ୍ଦିରଟି ଦେଖା ଯାଉଥିଲା । ବଡବଡ କ୍ରେନ୍ ଯୋଗେ ବଡବଡ ଗୋଲାପୀ ରଙ୍ଗର ବାଲିପଥର ସବୁ ଉଠା ଯାଉଥିଲା । ସତେକ କାରଖାନାଟିଏ ତିଆରି ଚାଲିଛି । ଅକ୍ଷରଧାମ ଭଳି ଏହା ମଧ୍ୟ ଦିନେ କାରୁକାର୍ଯ୍ୟ ଭରା ବିଶ୍ୱପ୍ରସିଦ୍ଧ ଜୈନପୀଠ ହେବ – ଏକଥା ଏ କେହି ଅନୁମାନ କରିପାରେ । ବଡବଡ ପଥର ଉପରେ ନହାଣମୁଗୁର ସବୁ ଠକ୍ ଠାକ୍ ହୋଇ ଚାଲିଥିଲା, କେଉଁଠି ପୁଣି ପଥର ସବୁ ପାଲିସ୍ ହେଉଥିଲା । ବଡବଡ ପଥର ଖମ୍ବ ଓ ବିମ୍ ସବୁ ତଳେ ଶୋଇ ରହିଥିଲେ । ଯେ କୌଣସି ବିଶାଳ ସ୍ଥାପତ୍ୟ- କୀର୍ତ୍ତି ନର୍ମାଣ ପୂର୍ବରୁ ଓ ଭାଙ୍ଗିରୁଜି ଯିବାପରେ ଦେଖିବାକୁ ଏକାଭଳି । ମତେ ଲାଗୁଥିଲା ମୁଁ ରୋମ କୋଲସିୟମ୍ ବା ଭଗ୍ନପ୍ରାୟ ଗ୍ରୀକ୍ ନଗରୀର ରାଜପ୍ରାସାଦ ଭିତରେ ବୁଲୁଛି । ଉଜୁଡା ପ୍ରସ୍ତର ଖଣ୍ଡ, ସ୍ତମ୍ଭ ଓ ମିନାର ସବୁ ଇତସ୍ତତଃ ପଡି ସେ ଭ୍ରମକୁ ଦୃଢୀଭୂତ କରୁଥିଲେ । ଏହି ସର୍ବୋଦୟ ଦିଗମ୍ବର ଜୈନ ମନ୍ଦିର ଦିନେ ଯେ ଅମରକଣ୍ଟକ ତଥା ସାରା ମଧ୍ୟପ୍ରଦେଶର ଏକ ପ୍ରମୁଖ ଦର୍ଶନୀୟ ଜାଗା ହୋଇଯିବ – ଏଥିରେ ମୁଁ ଥିଲି ନଃସନ୍ଦେହ । ମନ୍ଦିର ବେଢାରେ ଗୋଟିଏ ଫଳକ ଦେହରେ ମନ୍ଦିର ସମ୍ପର୍କରେ କଛି ତଥ୍ୟ ଉଲ୍ଲେଖ ଥିଲା । ମନ୍ଦିରରେ ପ୍ରସ୍ତାବିତ ଅଷ୍ଟଧାତୁର ଆଦିନାଥଙ୍କ ମୂର୍ତ୍ତିର ଉଚ୍ଚତା ହେବ ୨୪ ଫୁଟ, ଓଜନ ହେବ ୨୮୦୦୦ କ.ଗ୍ରା. । ଆଦିନାଥ ସ୍ଥାପିତ ହେବେ ପଦ୍ମଫୁଲ ପରି ଦେଖାଯାଉଥିବା ଏକ ସିଂହାସନରେ । ତିଆରି ସରି ସ୍ଥାପିତ ହୋଇଥିବା ସେଇ କମଳ ସିଂହାସନର ଓଜନ ହେଉଛି ୨୪୦୦୦ କ.ଗ୍ରା., ଯାହାକି ପୃଥିବୀର ଓଜନତମ ସିଂହାସନ ।

କୌଣସି ଏକ କାନ୍ଥରେ ଜଣେ ଉଲଗ୍ନ ଜୈନଗୁରୁଙ୍କ ଫଟୋ ଲାଗିଥିଲା, ଯେଉଁଠି ସେ ମୁକ୍ତ ହସ୍ତରେ ମନ୍ଦିର ନିର୍ମାଣ ନିମନ୍ତେ ଦାନ କରିବାକୁ ଅନୁରୋଧ କରୁଛନ୍ତି । ସମସ୍ତ ଆସକ୍ତିରୁ ମୁକ୍ତରହି ଦିଗମ୍ବର ସାଜିଥିବା ଏହି ଜୈନଗୁରୁ ମାନେ ପୁଣି କି ମୋହରେ ପଡି ଏତେ ବଡବଡ ଜୈନମନ୍ଦିର ନିର୍ମାଣ ପାଇଁ ଅର୍ଥ ସଂଗ୍ରହରେ ଲାଗି ପଡନ୍ତି, ମହନ୍ତ ହୁଅନ୍ତି, ଦିଗବିଜୟରେ ବାହାରନ୍ତି, ଅଥଚ ଉଲଗ୍ନ ହୋଇ ରହିଥାନ୍ତି – ଏ ବିଷୟରେ ଭାବି ମୁଁ କୌଣସି କୂଳକିନାରା ପାଉ ନଥିଲି । ଯାହାହେଉ, ଏହି ଗୁରୁମାନଙ୍କ ମୁଖ ନିଃସୃତ ନବୋଦୟ, ସର୍ବୋଦୟ, ଅନ୍ତୋଦୟ, ଭୂଦାନ ଭଳି ଚମତ୍କାର ଶବ୍ଦମାନ ଭାରତୀୟ ରାଜନୀତିରେ ଖୁବ୍ ପ୍ରଭାବଶାଳୀ । ଆମର ଜ୍ଞାନୋଦୟ ହେଲା ଏ ଏଠାରେ ମଧ୍ୟ ରହିବା ପାଇଁ ଖାଲି ଜାଗାନାହିଁ । ତେଣୁ ଗୁରୁଦ୍ୱାରକୁ ପୁଣି ଫେରି ଆସିଲୁ ।

ଗୁରୁଦ୍ୱାରରେ ରହିଛି ସୁଲଭ ଦରରେ ଏକାଧିକ କମରାର ବ୍ୟବସ୍ଥା, ଅବଶ୍ୟ ନିମ୍ନମାନର । ଖଟ ଉପରେ ଶୋଇ, ଅଳସ ଓ ତନ୍ଦ୍ରାଚ୍ଛନ୍ନ ମୁହୂର୍ତ୍ତରେ ଏକଥା କଳ୍ପନା କରୁଥିଲି ଯେ – ଏଇଟା ହେଉଛି ସେଇ ପୁରାଣ ପ୍ରସିଦ୍ଧ ଜାଗା ଯେଉଁଠାରୁ ବାହାରିଛି ତିନଟି ବିଖ୍ୟାତ ନଦୀ – ନର୍ମଦା, ସୋନଭଦ୍ର ଓ ଜୁହିଲା । ଏଣୁ ଜାଗାଟିକୁ ନଦୀ- ମାତୃକାର ଦେଶ ବୋଲି କହିବାରେ ତ୍ରୁଟି ନାହିଁ । କାମଧାମ କରୁଥିବା ପିଲାଟିଏ ବଡ ଜୋର୍ ରେ ପିଇବା ପାଣି ଥୋଇଦେଇ ଚାଲିଗଲା । ଅମରକଣ୍ଟକର ପାଣି ଏତେ ମଧୁର ଯେ ସାରା ଭାରତରେ ତା ର ତୁଳନା ନାହିଁ । ସେଦିନ ପେଟଭରି ଏତେ ପାଣି ତୃପ୍ତମନରେ ପିଇଥିଲି ଯେ ଲାଗୁନ ସାରା ଜୀବନରେ ଏଭଳି ଦ୍ୱିତୀୟ ଅନୁଭୂତି ଆସିବ । ପ୍ରକୃତିର ସାଧାପାଣି ମୁନ୍ଦେ, ଏତେ ସନ୍ତୋଷ ଦେଇପାରେ, ତାହା ଅନ୍ତତଃ ପରୀକ୍ଷା କରିବା ପାଇଁ ସମସ୍ତ ପାଠକଙ୍କୁ ଅନୁରୋଧ ରହିଲା । ଥରୁଟେ ଅନ୍ତତଃ ଅମରକଣ୍ଟକ ଆସିବା ହେଉ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଫେରିଆସନ୍ତାକ ପିଲାଦିନ




ଶିଶିର କୁମାର ପଣ୍ଡା

ପେଟପାଇଁ ସିନା ଗୁକରୀ କରଇ
ଯାଇଛ ମୁଁ କଲିକତାରେ
ହେଲେ ମୋ ଓଡ଼ିଶା ମନେ ପଡୁଥାଏ
ସବୁବେଳେ ସବୁ କଥାରେ ।
ଯେଉଁ ଗାଆଁ ମାଟି, ପାଣି, ପବନରେ
ଛୋଟବେଳୁ ମୁହିଁ ବଢ଼ିଛି
ସେଇ ସାହିର ମୁଁ ଗ୍ବଟଶାଳ ଘରେ
ସିଲଟରେ ପାଠ ପଢ଼ିଛି ।
ବୁଲିଛି ଖେଳଛି ବରଷା ଶୀତରେ
ତୋଟା- ମାଳ ବିଲ- ପଦାରେ
ବିଡ଼ା ବିଡ଼ା କେତେ କଚଡ଼ା ଆଣିକ
ସଜେଇଛି ଧାନ ଗଦାରେ ।
ଅଭୁଲା ଦିନର କଥା ଏବେ ଖାଲି
ଆଖି ଆଗେ ଭସି ଯାଉଛି
ଦୂର ଆମ୍ବଡାଳେ କୋଇଲି ଯେମନ୍ତ
କୁହୁକୁହୁ ଗୀତ ଗାଉଛି ।

ଶିଗ୍ରମ, କାଳଆ, ସୁରଥ, ବାବୁଲା
କଏଯେ କୁଆଡ଼େ ରୁହନ୍ତି
ଦେଖା କ ସାକ୍ଷାତ ହୁଏନାହିଁ, ଖାଲି
ଫୋନ୍ ରେ କଥା ହୁଅନ୍ତି ।
ଆସନ୍ତା କ ଥରେ ଲେଉଟି ସେଦିନ
ମନେମନେ ହୁଏ ବାହୁନ
ସେଇ ସାଙ୍ଗସାଥି ପାଇତ ଯାଆନ୍ତି
ଯାହାକୁ ଏବେ ମୁଁ ପାଉନ ।

କୁଆଁସ, ମେରଦା କାଟିଆ,
ଯାଜପୁର



# ପହିଲି ବରଷା ବୁନ୍ଦା



ରମେଶ ଚନ୍ଦ୍ର ମଲିକ

ପହିଲି ବରଷା ବୁନ୍ଦା

ସତେ କେଡେ ମିଠା ଅଠା

ନଭାକାଶ ଅନ୍ତପୁରଟି ଛାଡି

ବଉଦ ଗ୍ରଣୀ କଳା ଓଢଣୀ କାଢି

ଓଦା କେଶ ସତେ ଦେଉଛି ଝାଡି

ରିମ୍ ଝିମ୍ ମୋତି ପଡୁଛି ଝଡି

ଜାତି ଜାତି ତରୁ ଲତା

କହନ୍ତି ମନ ଗୋପନ କଥା

ଟୋପାଏ ସରଗ ସଳଳ ପାଇ

ଏ ରୂପ ସୌନ୍ଦର୍ଯ୍ୟ ଉଠିଛି ଚେଇଁ

ଚଷା ଭାଇ ପାଦ ଲାଙ୍ଗୁଳ ତଳେ

ବପନ କରିବ ବୀଜ ସଅଳେ

ପରିବା ଫସଲ ତୋଳ ମହୀମଣ୍ଡଳେ

ଫୁଟାଇବ ହସ ସଭି ମୁଖ ଭୂଗୋଳେ

ନାଉରୀଆ ଭାଇ ଅଳସ ଥୋଇ

ପାର କରିଦେବ ଉଛୁଳା ନଈ

ଜଳାଭାବ ପୁଣି ହୋଇଲା ଦୂର

ଖାଲଖମା ନାଳ ହେଲେ ଉଛୁର

ପୂର୍ଣ୍ୟ ପୂର୍ଣ୍ଣତାରେ ଭରିଲା କୋଳ

ଉଲ୍ଲାସ ଲେସିଲା ମୌସୁମୀ ବେଳ

ବରଷା ଋତି ଜଗାଏ ତାତି ଏ ମନେ ପ୍ରୀତି

ଜଳ ହିଲ୍ଲୋଳେ ଚହଲେ ସପନେ ଛାତି

ମଲା କାଠ ପଥରେ ପଡିଲେ ସେ ମୋତି

ନବ ଉନ୍ମାଦନେ ତହିଁ ଝଲସେ ଜୀବନ ଜ୍ୟୋତି

ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, କଟକ



# କହେ ନଧି ସାହୁ



ଶଙ୍ଖସିନ୍ଧୁ ପୁରୋହିତ

ମହାପ୍ରଭୁ ଙ୍କର ଚାବି ହଜିଗଲା,
ଉଭେଇ ଗଲାଣି ଧନ,
ଲୀଳାମୟଙ୍କର ଲୀଳା କୁ ଭେଦିଣ
ଖାଇ ଗଲେ ସବୁ ପଣ୍ଡିତ ମହାଜନ।
ଜିଲ୍ଲାପାଳ କୁ ତୁମେ ଜେଲ ପଠାଇବାକୁ
ହେଉଛ ଡର ଡର,
ପଣ୍ଡା ପଢ଼ିଆରୀ ଙ୍କର ନା ନେଉ ନାହଁ
ସେ କ ସାବତ ପୁଅ?
ଭଣ୍ଡାର ଖୋଲିଲେ ଦେହ ଦାହ ଦେବ
ବୋଲି ଯିଏ ଦେଇଥିଲା ଧମକ..
ଚାବି ହଜି ଗଲା ପରେ କୁଆଡେ ଗଲେ
ସେ ମହାନ ମହାନ ସେବକ?
ଶ୍ରୀମନ୍ଦିର ର ଫୋଟୋ ଭାଇରଲ ହୁଏ
କ୍ୟାମେରା ମୋବାଇଲ ମନା,
ନଧି ବୁପୁରା ତ ବୁଝିପାରେ ନାହିଁ
ହଉ ଥାଏ ତନ୍ନା ବନା ।
କହେ ନଧି ସାହୁ
ଏକ କସ ହେଲା....
ଭାବୁଛି ଦିନ ରାତି,
ପ୍ରତି ମୁହୂର୍ତ୍ତ ରେ ଘଟୁଛି ମୋ ଦେଇ
ମୋର ତ କାହିଁ କଣା ହଉ ନାହିଁ ଛାତି?



ଧାନ ବୁଣିଥିଲି ବରଷା ହେଲା ନ
ଯାହା ବି ଅମଳ ହେଲା
କାଳ ବୈଶାଖୀ ବର୍ଷା ରେ ଭିଜିଲା।
ଧାନ ନେଲି ବିକ...
ବିକରି ନାହିଁ।
ଲୋନ କରି ଥିଲି ଛାଡ଼ ବି ନାହିଁ,
ବୀମା କରିଥିଲି ପଇସା ନାହିଁ ।
ବ୍ୟାଙ୍କ ଜମା ଖାତା...
ଜମା ନ କରିବାରୁ ପଇସା କଟିଲା ଧଇଁ ଧଇଁ
ପାଠ ପଢ଼ାଇଲି ପୁଅ କୁ..
ଭ୍ରି ବିଥିଲି ପଢି ସରିଲେ...
ସାହେବ ହେବ...
ଚୌକରେ ବସି ଅର୍ଡର ଦେବ..
ଦୁଃଖ ସୁଖ ରେ ମୋ ଭରସା ହେବ
ହେଲେ କାହିଁ।
କୁଜି ପଛେ ଦୌଡ଼ି ଦୌଡ଼ି ଯୁବ ନେତା ପରେ
ଦିଏ..
ଧାନ ବସ୍ତେ ବିକ ପେଟ୍ରୋଲ ଭରେ..
ମିଟିଂ ସରିଲେ ଢକଲମ ମାରି ଘରକୁ ଫିରେ।
ଆଉ ତୁମେ କହୁଛ ଗୃବି ହଜିଗଲା..
ଅମୁକ ହେଲା ଢ଼ିମୁକ ହେଲା..
ମୋର ତ ଗୃବିକୁ ଛଡାଇ ଯିଏ ବର୍ବାତ କଲା....
ତା ପାଇଁ କ ଦଣ୍ଡ ଅଛି ହୋ..
ମହାବାହୁ..
ଅତି ଜଲଦି ତାକୁ ମିଳୁ ଆହେ ମହା ବହୁ।

ବଡାଲି, ଭଲୁଣ୍ଡା, ସୁବର୍ଣ୍ଣପୁର

# ଅନ୍ତରାଳେ



ନୃସିଂହ ଚରଣ ବେହେରା

ଛାତ୍ର ଜୀବନରୁ କବିତା ଏବଂ କ୍ଷୁଦ୍ରଗଳ୍ପ ଲେଖିବା ମୋହନର ଗୋଟିଏ ଅଭ୍ୟାସ । ସେ ଅନେକ ଦିନୁ ଲେଖା ଲେଖି କରୁଥିଲେ ମଧ୍ୟ ତା'ର କୌଣସି ଲେଖା ପତ୍ର ପତ୍ରିକାରେ ପ୍ରକାଶ ପାଇନାହିଁ । ସେ ମଧ୍ୟ ଏ ଦିଗରେ କେବେ ଚେଷ୍ଟା କରିନାହିଁ । ତା'ର ଏକାନ୍ତ ଇଚ୍ଛା ଭବିଷ୍ୟତରେ କେବେ କବିତା କମ୍ବା ଗଳ୍ପ ସଂକଳନ ପ୍ରକାଶ କରିବା ସେ ତା'ର ଲେଖା କାର୍ଯ୍ୟରେ କେବେ ତୃଟି କରିନାହିଁ । ନୟମିତ ଲେଖେ । ଥରେ ତା'ର ଜଣେ ବନ୍ଧୁ କିଛି କବିତା ଓ ଗଳ୍ପକୁ ନେଇ କେତେକ ପୂଜା ସଂଖ୍ୟାରେ ପ୍ରକାଶ କରିବାକୁ ସକ୍ଷମ ହେଇଥିଲା । ଲେଖା ଗୁଡିକ ପାଠକ ମାନଙ୍କ ଦ୍ୱାରା ଆଦୃତ ହେଲା । ପ୍ରକାଶକ ମାନେ ଲେଖା ପ୍ରକାଶ କରିବାକୁ ଆଗେଇ ଆସିଲେ। ଏଥିରେ ମୋହନର ଉତ୍ସାହ ବଢିଲା ଓ ଲେଖା ଲେଖି ଚାଲିଥାଏ ।

ବିବାହ ବନ୍ଧନରେ ବାନ୍ଧିହୋଇ ସାଂସାରିକ ଜୀବନରେ ଲେଖିବାର ଗତି କମିଗଲା ସତ ବନ୍ଦ ହେଲାନାହିଁ । ଚାକରି କାଳରେ କେତେ ଯାଗାକୁ ବଦଳ ହେଲା । ପିଲାମାନଙ୍କ ପାଠ ପଢାରେ ଅସୁବିଧା ହେଲେବି ସଂସାର ଠିକ୍ ଚାଲିଥାଏ । ପିଲାମାନଙ୍କର ପାଠ ପଢା ପ୍ରାୟ ଶେଷ ହେବା ଉପରେ । ବଡଝିଅ ପାଇଁ ବରପାତ୍ର ଖୋଜା ଚାଲିଛି, ମାତ୍ର ସ୍ଥିର ହୋଇ ପାରୁନଥାଏ । କାହାର ଜାତକ ମିଳୁନାହିଁ ତ କଏ ଅଧିକ ଯୌତୁକ ମାଗୁଛି । ସ୍ତ୍ରୀଙ୍କର ଇଚ୍ଛା ଡାକ୍ତର କମ୍ବା ଇଂଜିନୟର ଦରକାର । କନ୍ତୁ ମୋହନ କ'ଣ କରିପାରିବ ? ବନ୍ଧୁମାନେ ଆଶ୍ୱାସନା ଦେଇ କହୁଛନ୍ତି ବେଳ ଆସିଲେ ଆପେ ଆପେ ଠିକ୍ ହୋଇଯିବ । ବ୍ୟସ୍ତ ହେବାର କିଛି ନାହିଁ । ଶ୍ରୀମତୀ କୁହନ୍ତି ମୋହନ ଅପଦାର୍ଥ, ଅଫିସ ଭଲ ତ ସବୁ ଭଲ ।

ଅନ୍ୟ ବନ୍ଧୁ ବାନ୍ଧବଙ୍କ ସହିତ ସମ୍ପର୍କ ନକହିଲେ ଭଲ । ତିନ ବର୍ଷ ତଳେ ବିବାହର ଗ୍ରୋପ୍ୟ ଜୟନ୍ତି ପାଳତ ହୋଇଛି ।

ଦିନକର କଥା, ଗୋଟିଏ ପତ୍ରିକାରେ ସଂପାଦକ ଟେଲିଫୋନ୍ କରି କହିଥିଲେ ଲେଖାଟିଏ ପଠାଇବା ପାଇଁ । ସେ ମୋହନର ଲେଖା ଗୁଡିକ ସବୁବେଳେ ପ୍ରକାଶ କରନ୍ତି । କ୍ଷୁଦ୍ର ଗଳ୍ପଟିଏ ଲେଖା ସରିଥାଏ, କବିତାଟିଏ ଲେଖିଲେ କାମ ସରିଯିବ । ତେଣୁ ସେ କବିତା ଲେଖିବାରେ ଲାଗିଗଲେ । ପଦଟିଏ ଲେଖାହେଲା-

"କଲମ୍ବ ସରିଛି କାଳ ଲଖନୀ ମୋ ସରିଛି

ମନର ମାନସୀ ମୋର ବହୁଦିନୁ ମରିଛି ।"

ଏତିକବେଳେ ଟେଲିଫୋନର ଘଣ୍ଟି ବାଜି ଉଠିଲା । ମୋହନ କବିତା ଛାଡି ଟେଲିଫୋନ ଧରିଲେ । ବନ୍ଧୁ ଯଦୁ ବାବୁ ଫୋନରେ ଜଣାଇ ଦେଲେ ଶୀଘ୍ର ଅଫିସକୁ ଯିବାପାଇଁ କାରଣ ବଡ ହାକମ ପରିଦର୍ଶନରେ ଆସିବେ । ଟେଲିଫୋନ ପାଇବା ପରେ ମୋହନର ବ୍ୟସ୍ତତା ବଢିଗଲା । ସେ ଆଉ ଡେରି ନକରି ସିଧା ଗାଧୁଆ ଘରକୁ ଯାଇ ନତ୍ୟକର୍ମ ସାରି ଖାଇ ଦେଇ ଅଫିସକୁ ଗ୍ଭଲିଗଲେ ।

ଅଫିସ୍ ଛୁଟିପରେ ଘରକୁ ଆସି ପୋଷାକ ବଦଳାଇ ଚୌକି ଉପରେ ବସି କପେ ଗ୍ଭ' ପାଇଁ ଅପେକ୍ଷା କରିଥାନ୍ତି ମୋହନ । କିଛି ସମୟ ପରେ ଖାଲି ହାତରେ ଝଡ ବେଗରେ ଛୁଟି ଆସିଲେ ଘରଣୀ । ମୁହଁ ଫଣଫଣ, ନାକ ସଣ ସଣ କରି ଝାଡି ଦେଇଗଲେ କେତେ କ'ଣ । ମୋହନ କିଛି ବୁଝି ପାରୁନଥାନ୍ତି । ପଗ୍ଭରିଲେ ଶ୍ରଦ୍ଧାରେ କ'ଣ ହୋଇଛି ? କାହିଁକି ଏ ଅବତାର ? ଆଉ ଭଲ ଲେକ ଦେଖାନ କହି ମନଇଛା ଝାଡି ଗ୍ଭଲିଲେ ଘରଣୀ । ବୁଡି ବୁଡି ପାଣି ପିଉଛନ୍ତି ଯେମିତି କିଛି ଜାଣି ପାରୁ ନାହାନ୍ତି । ଗୋଟେ ପଣେ ତୁଳସୀ ଇତ୍ୟାଦି କେତେ କ'ଣ କହି ଗ୍ଭଲିଥାନ୍ତି । ଏ କଥା ଶୁଣି ମୋହନର ଧୈର୍ଯ୍ୟର ବାଲିବନ୍ଧ ଭୁଷୁଡି ପଡିଲା ଏବଂ ବିରକ୍ତି ମିଶା ସ୍ୱରରେ କହିଲା ବନ୍ଦ କର ଏ ନାଟକ । କ'ଣ ହୋଇଛି କୁହ! ସଙ୍ଗେ ସଙ୍ଗେ ଘର ଭିତରକୁ ଦୌଡିଯାଇ ଖଣ୍ଡେ କାଗଜ ଦେଖାଇ କହିଲେ ଏ ମନର

ମାନସୀ କଏ ? ମୁଁ ଘଟଣାକୁ ଠଉରାଇ କହିଛି କହିବା ପୂର୍ବରୁ ପଡୋଶୀ ରୀନାବୋଉକୁ ଲକ୍ଷ୍ୟକରି ଶ୍ରୀମତୀ କହିଲେ ଓ ତାକୁ ତାହାହେଲେ ପ୍ରେମ କରୁଛ । ଏ କଥା ଶୁଣି ମୋହନର ରକ୍ତ ଗରମ ହୋଇଗଲା । ଯାହା ସହିତ ଦିନେ ପାଇଁ କଥାବାର୍ତ୍ତା ହୋଇ ନାହିଁ ଯଦିଓ ତାଙ୍କ ବିଷୟରେ ନାନା କଥା ଶୁଣାଯାଏ । ତାଙ୍କୁ ଲକ୍ଷ୍ୟକରି ଆକ୍ଷେପ କରିଥିବାରୁ ମୋହନ ଅସମ୍ଭାଳ ହୋଇ କହିଲା ଚୁପ କର, ଦୀର୍ଘ ୨୮ ବର୍ଷର ବିବାହିତ ଜୀବନ ପରେ ଆଜି ଏକଥା କହି ପାରିଲ, ତୁମକୁ ଲଜ୍ଜ୍ୟା ନାହିଁ ? ଶିକ୍ଷା ନାହିଁ ବୋଲି ଦୀର୍ଘଦିନର ଅନୁଭୂତିରୁ କ'ଣ କିଛି ଶିକ୍ଷା ଲାଭ କରିନ ? ମନେରଖ ଯଦି ଆଉ କେବେ ଏପରି ବ୍ୟବହାର କର ତେବେ ସେ ଦିନ ମତେ ଚହ୍ନିବ ।

୨୧୭, ୟୁନଟ- ୯( ଫ୍ଲାଟ) , ବାୟାବାବା ମଠ ଲେନ, ଭୁବନେଶ୍ୱର- ୨୨

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅପେକ୍ଷା



ପ୍ରଶାନ୍ତ କୁମାର ନାଥ

ତୁମ କଥା ଆଜି ଭାରି ମନେପଡୁଛି

ମନେପଡୁଛି ତୁମ ସାଥେ କଟିଥିବା

ଯେତେସବୁ ମିଠାମିଠା ମୁହୂର୍ତ୍ତ।

ଆଉ ସେହି ମୁହୂର୍ତ ସବୁହିଁ

ମୋ ଛାତିରେ କଣ୍ଟାହୋଇ ଫୋଡି

ହୋଇଯାଉଛି,

ରକ୍ତାତ କରିଦେଉଛି ମୋ ମନକୁ।

କ୍ଷତ ବିକ୍ଷତ କରି ପକାଉଛି

ମୋ ଭାବନାରେ ବାନ୍ଧିହୋଇ ରହିଥିବା

ସବୁ ଆଶାର ପରିଧିକୁ।

ମୁଁ ସ୍ୱୀକାର କରିପାରୁନ ବସ୍ତବତାକୁ।

ମନକୁ ମୋର ସେହି ଗୋଟିଏ ପ୍ରଶ୍ନ

ଉଙ୍କି ମାରୁଛି,

ସତରେ କଣ ତୁମେ ମୋତେ ଛାଡ଼ି ରହି ପାରିବ ?

ନା ତୁମେ ପାରିବନ ପୁଣିଥରେ

ଫେରିଆସିବ ମୋ ପାଖକୁ ,

ସ୍ୱପ୍ନ ଆଉ ଭାବନା ଏହି ଦୁଇଟିକୁ

ଅତିକ୍ରମ କରି ମୁ ଆପଣାର କରି ପାରୁନ

ବସ୍ତୁବତାକୁ।

ସେହି ସ୍ୱପ୍ନ ଆଉ ଭାବନାକୁ ନେଇ

ଏମିତି ମୋର ଅପେକ୍ଷା ଥିବ ତୁମପାଇଁ।

ଯଦି କେବେ ଇଛା ହୁଏ ପୁଣିଥରେ

ଫେରିଆସିବା, ଦେଖିବ ସେମିତି ମୁଁ

ରହିଥିବି ତୁମ ଅପେକ୍ଷାରେ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର



# ମା



ପ୍ରକାଶ ଚନ୍ଦ୍ର ପଣ୍ଡା

ଜୀବନ ଆରମ୍ଭ ତୁମ ଠାରୁ ମା
କେଉଁଠି ଜାଣେନ ଶେଷ,
ଏତିକ ଜାଣିଛି ଏ ଜୀବନେ ମୋ
ତୁମେ ଭରିଛ ବିଶ୍ୱାସ,
ତୁମ ହାତଧରି ଚାଲିବା ଶିଖିଛି
ସଂସାର ପଥ ବିଷମ
ତୁମ ଓଠ ଭାଷା ଶିଖାଇଛି କଥା
ଧନ୍ୟ ଏ ମୋ ଜୀବନ
ସବୁ ତୁମ ଦାନ ଏ ମୋ ଜୀବନ
ତୁମେ ଜୀବନେ ପ୍ରେରଣା
ତୁମାଶିଷ ମା ଜୀବନ ପୂର୍ଣ୍ଣତା
ତୋ ବିନା ଜୀବନ ଊଣା
ଜିତିବାର କଳା ଶିଖାଇଛ ମା
ଜୀବନ ଯୁଦ୍ଧରେ ମୋତେ
ବଞ୍ଚିବାର ରାହା ଦେଖାଇଛ ତୁମେ
ବ୍ୟର୍ଥ ତୁମ ବିନା ସତେ
ସ୍ନେହ ଶ୍ରଦ୍ଧାର ନାହିଁ ପଟାନ୍ତର
ତୁଳନା ନାହିଁ ତୁମର
ତୁମେ ଅଦ୍ୱିତୀୟ ମୋ ପାଇଁ ମା
ତୁମକୁ କୋଟି ଜୁହାର

କଲ୍ୟାଣପୁର, ଭୁଈଁପୁର, ଯାଜପୁର, ପାଣିକୋଇଲି

# ଆଶା ଓ ସମୟ



ରାଜେଶ ପୂଜାରୀ

ଏବେ ଆଶାମାନେ ଯେତେ ସତେଜଶୀଳ

ସେତିକ ସତେଜ ଏ ସମୟ ବି!

ଲଗୁଛି ସତେ ଯେମିତି

ସକଳ ସ୍ୱପ୍ନ ସତ ହେବା ଉପରେ

ଜଣାନାହିଁ....

ଆଶା ଆକାଂକ୍ଷାର ଫୁଲ କୁଞ୍ଜରେ

ନବୀନ ସୂର୍ଯ୍ୟର ପାଦଗୃପ

ବୁଣି ଦେବ ନୂତନ ଲଳମା

ପାଣି ପିଇ ସାରି ଶୋଷ ନିବାରଣ ପରେ

ଜଣେ ଅପୂର୍ବ ଶାନ୍ତିର ଅନୁଭୂତିରେ ଭିଜେ

ଠିକ୍ ସେମିତି....

କେତେକାଳୁ ଝାଉଁଳ ପଡିଥିବା
ଆଶାମାନେ ବଞ୍ଚିବା ପାଇଁ
ମୁଣ୍ଡ ଟୁଙ୍ଗାରୁଥାନ୍ତି ।

କେତେ ରସମୟ
ଏ ସମାମ୍ ସମୟ
ଯା ପାଖେ ବନ୍ଧା ପଡିଛି
କେତେ ନୂଆଁ ପୁରୁଣା ସ୍ୱପ୍ନରାଜି ।

ୟାରି ଭିତରେ ଜନ୍ମ ନେଲେଣି କେତେ ଆଶା
ମଉଳ ଗଲେଣି କେତେ ଦଗ୍ଧ ମଧୁବନେ
କେତେ ପୁଣି ଗଲେ ଭାସି ଲୁହର ଝରେନ
ସେ ଜନ୍ମିତ ମୃତ ଆଶା ସମୁହର
ଏକଲ୍ ସାକ୍ଷୀ ଏ ତମାମ୍ ସମୟ ।

କୁଶମେଲ, ଝାରସୁଗୁଡା



# ମଉଳା ଫୁଲର ବାସ୍ନା



ଶାନ୍ତିଲତା ମିଶ୍ର

- "ଆଣ୍ଟି କଣ ଦିଲ୍ଲୀ ଯାଉଛନ୍ତି" ! ମୁହଁ ଉଠେଇ ମ୍ୟାଗାଜିନ ଉପରୁ ଗ୍ୱହିଁଲେ "ଚନ୍ଦ୍ରିକା ଦେବି" । ଏମିତି କୋଉ ପଢୁଥିଲେ ବା ସେ, ଖାଲି ପୃଷ୍ଠା ଓଲ୍ଟାଇ ଛବି ଦେଖୁଥିଲେ । ଆଖିକୁ ଆଉ କୋଉ ଭଲ ଦିଶୁଛି ଯେ ବସି ବହି ପଢିବେ । ତେଣୁ ଆଣ୍ଟି ଡାକରେ ହଠାତ ମୁହଁ ଉଠେଇ ଦେଖିଲେ ସୁନ୍ଦର ଝିଅ ଟିଏ ପାଖରେ ଠିଆହୋଇଛି । ବୟସ କୋଡିଏ ବା ବାଇଶ ଭିତରେ ହେବ ବୋଧେ, ଆଜି କାଲି ଝିଅ ମାନଙ୍କ ବୟସ ଜାଣିବା ଭାରି କଷ୍ଟ । ବେଶ ଭୁଷା ମେକ୍ ଅପ୍ ରେ ଭରପୁର ଏଇ ଝିଅ ମାନେ ତାଙ୍କୁ ସବୁ ଏକା ବୟସ ପରି ଲାଗନ୍ତି କୋଡିଏ ହୁଅନ୍ତୁ ବା ତିରିଷ, ଗ୍ୱଳଶ ।

- "ହଁ ଦିଲ୍ଲୀ ଯାଉଛି । ଆଉ ତୁମେ ?" - " ହଁ ମୁଁ ବି । ଫ୍ଲାଇଟ ଟା ଘଣ୍ଟାଏ ଡେରି ଆଜି ହବ । ଆପଣ ଯଦି କଛି ମନେ ନ କରନ୍ତି ମୋ ଲଗେଜରେ ଟିକେ ଧ୍ୟାନ ରଖିଥିବେ । ମୁଁ ଟିକେ ବାଥରୁମ ଯିବି । ତାପରେ ଟିକେ ଗିଫଟ ସପରେ କଛି ଜିନଷ କଣି କରି ଆସିବି ।
- "ହଁ ହଁ, ମୁଁ ତ ଏଇଠି ବସିଛି ଯାଅ" । ଝିଅ ଟିର ନାମ କେବଳ ଚପଳା ନୁହେଁ ମତି ବି ବେଶ ଚପଳ ସାଙ୍ଗକୁ ଗପିବାରେ ବି ଧୁରନ୍ଧର୍ ।

- "କଲେଜ ର ଶୀତ କାଳ ଛୁଟିରେ ଘରକୁ ଆସିଥିଲି । ଏବେ ଫେରୁଛି ଯେ ଦେଖେ ଆଉ କଛି ଆମ ଓଡିଶା କଳା କୃତି ଉପରେ କଛି ଜିନଷ ଯଦି ସପ୍ ରେ ମିଳଯାଏ ସାଙ୍ଗ ମାନଙ୍କ ପାଇଁ ନେଇକ ଯିବି । ଯଦିଓ ଭୁବନେଶ୍ୱରରୁ କଛି ଆଣିଛି, ଏଠି କଣୁଛ ମିଳେ ତେଣୁ ଯାଇ ଟିକେ ଦେଖି ଆସେ । ଆପଣ ଯଦି କଛି ମନେ ନ କରିବେ ।"

- "ଆରେ ନା ନା ମନେ କରିବାର ଏଥିରେ କଣ ଅଛି । ଯାଅ ନା ।" ପୁଣିଥରେ ଝିଅଟିର ପୁର୍ନଃନୁରୋଧ । ଆଜି କାଲି ଝିଅ ମାନଙ୍କର କଥା ବାର୍ତ୍ତା ଗ୍ଭଲି ଚଳଣ ରେ କେତେ ପରିବର୍ତ୍ତନ ତାଙ୍କ ଯୁଗ ଅପେକ୍ଷା । ତାଙ୍କ ସମୟରେ ଝିଅ ମାନଙ୍କ ମୁହଁରୁ ପଦେ କଥା ବି ବାହାରୁ ନଥିଲା । ଦଶ ପଦରେ ପଦେ ଉତ୍ତର ଦଉଥିଲେ । ବାହାରକୁ ଏମିତି ଏକା ଏକା ଯିବା ଏକ ବିରାଟ ସ୍ୱପ୍ନ । ଯାହା ହଉ ଯୁଗ ଆଗେଇଛି । ଓଢଣା ଭିତରେ ଘରେ ବସି ରହିବାର ଯୁଗ କେବେଠୁ ଶେଷ ହୋଇ ଯାଇଛି ।

ଝିଅଟି କାନରେ ଇଅର ଫୋନ ଲଗେଇ ତା ସେଲ୍ ଫୋନ୍‌ରୁ କିଛି ଶୁଣୁଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ଦେଇ କହିଲା ଆଣ୍ଟି ଏଥିରେ ବଢିଆ ଓଡିଆ ଗୀତ ମୁଁ ଏଥର ଡାଉନଲୋଡ କରି ଆଣିଛି ଆପଣ ଶୁଣନ୍ତୁ ବସି । ଆପଣଙ୍କ ସମୟ ବି ପାସ୍ ହେଇ ଯିବ । ଏସବୁ ବହୁ ପୁରୁଣା ଓଡିଆ ଗୀତ ମମୀ ବସି ଶୁଣନ୍ତି । ତାଙ୍କ ଠୁ ଆଣିଛି ଏଥର । ବହୁତ ଭଲ ଲାଗୁଛି । ଭଦ୍ର ମହିଳାଙ୍କ କଣ୍ଠ ସ୍ୱର କ ଚମତ୍କାର କ ମଧୁର ସତରେ ମହୁ ଝରିଲା ପରି ସ୍ୱର । ସେ ସମୟରେ ବି ଏପରି ଗୀତ ସବୁ ସୃଷ୍ଟି ହେଇଥିଲା । ଖୁବ ଅଳ୍ପ ବାଦ୍ୟ ଯନ୍ତ୍ର ବ୍ୟବହାର କରା ଯାଇଛି । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମମୀ କହୁଥିଲେ ତାଙ୍କ ସମୟର ସେ ଜଣେ ବହୁତ ବଡ ନାମକରା ରେଡିଓ ଆଟିଷ୍ଟ ଥିଲେ । ତାଙ୍କ ନାଁ ଟା କଣ ବର୍ତମାନ ମନେ ପଡୁ ନାହିଁ । କିଛି ନିଜସ୍ୱ ସମସ୍ୟା ଯୋଗୁ ବେଶୀ ଗୀତ ଗାଇ ପାରି ନଥିଲେ । ଏପରି ଭାବରେ ଟ୍ୟାଲେଣ୍ଟର ଅକାଳ ମୃତ୍ୟୁ ହେବାଟା ଦୁଃଖର ବିଷୟ । ଆର ଥର ଘରକୁ ଆସିଲେ ମମୀଙ୍କ ପାଖେ ଆଉ ଯଦି କିଛି ଗୀତ ଏମିତି ତାଙ୍କ ପାଖରେ ଥାଏ ନେଇ ଆସିବି । ମୁଁ ଜାଣି ନଥିଲି ଏତେ ଭଲ ମନ ଛୁଆଁ ଗୀତ ହେଇ ଥିବ ବୋଲି ।

ଝିଅ ଟି ପୂର୍ଣ୍ଣଛେଦ ନ ପକେଇ କୋଉଠି, ଅନର୍ଗଳ ଗପି ଗ୍ଭଲିଛି । ଭଲ ଲାଗୁଛି ଶୁଣିବାକୁ ତା କଥା । ସେ ବି ତ ଏକକୀ ବସିଥିଲେ । ପୁଅ ପାଖକୁ ଦିଲ୍ଲୀ ଯାଉଛନ୍ତି । ବର୍ଷକୁ ତିନ ଗ୍ଭରି ଥର ଏମିତି ଯାଆନ୍ତି, ନାତୀ ନାତୁଣି ଙ୍କ ପାଖେ କିଛି ସମୟ ବିତେଇବା ପାଇଁ । ପୁଅ ବୋହୁ ଦୁଇ ଜଣ ଗ୍ଭକରୀ କରୁଥିବା ହେତୁ ବେଶୀଘରକୁ ଆସି ପାରନ୍ତିନ, ବାଧ ହୋଇ ତାଙ୍କୁ ହିଁ ଯିବାକୁ ପଡେ ସେମାନଙ୍କ ପାଖକୁ । ଝିଅ ଟି ତାଙ୍କ କାନରେ ଇଅର ଫୋନ୍

ଲଗେଇ ସେଲ ଫୋନ୍ ଧରେଇ ଦେଇ ଗ୍ଭଲିଗଲା । ଗୀତ ଶୁଣି ସେ ଚମକ ପଡିଲେ । ଆରେ ଏ ତ ତାଙ୍କରି ଗୀତ, ତାଙ୍କରି କଣ୍ଠ ସ୍ୱର । ପଇଁତିରିଶ ବର୍ଷ ହୋଇ ଗଲାଣି ସେ ସଂଗୀତ ଜଗତରୁ ବିଦାୟ ନେଇଥିଲେ । ସ୍ୱାମୀ ଅଶୋକଙ୍କ ଅକାଳ ମୃତ୍ୟୁ ପରେ ସେ ଆଉ କେବେ ବି ଗୀତ ବୋଲି ନାହାଁନ୍ତି । ଅଶୋକ ହିଁ ତାଙ୍କ ପ୍ରେରଣାର ଉତ୍ସ ଥିଲେ । ସବୁବେଳେ ତାଙ୍କ ସୁମଧୁର ସ୍ୱରର ଉଚ୍ଚ ପ୍ରଶଂସା କରି ତାଙ୍କୁ ବାଧ କରିଥିଲେ ଗୀତ ଶିଖି ରେଡିଓ ଷ୍ଟେସନରେ ଗାଇବାକୁ ।

କିନ୍ତୁ କାର୍ ଦୁର୍ଘଟଣାରେ ଯେତେବେଳେ ତାଙ୍କର ମୃତ୍ୟୁ ଘଟିଥିଲା ସେ କିଛି ବର୍ଷ ମୂକ ପ୍ରାୟ ହୋଇ ଯାଇଥିଲେ । ତା ପରଠୁ ଗୀତ ସେ ଆଉ କେବେ ଗାଇ ନଥିଲେ । କେବଳ ଭଗବାନ ଓ ଅଶୋକଙ୍କ ଫୋଟୋ ପାଖରେ ପ୍ରତ୍ୟେକ ଦିନ ଗତ ପଇଁତିରିଷ ବର୍ଷ ହେବ ସେ ନିରବରେ ଗାଇ ଗ୍ଭଲିଛନ୍ତି । ରେଡିଓ ଷ୍ଟେସନରୁ ବହୁତ ଥର ତାଙ୍କୁ ଡକରା ଆସିଥିଲା କିନ୍ତୁ ସେ ଯାଇ ନଥିଲେ । ଶୁଣିବା ଲୋକ ତ ନଥିଲେ, ଗାଇଥାନ୍ତେ ସେ କାହାପାଇଁ । ତାଙ୍କ ଜୀବନରେ ସବୁ ଶ୍ରୋତା ଗୋଟେ ପଟେ ଅଶୋକ ଗୋଟେ ପଟେ । ସବୁଠୁ ଆଶ୍ଚର୍ଯ୍ୟ ଲାଗିଲା ଯେ ସେ ସଙ୍ଗୀତ ଜଗତରେ ଏବେବି ବଞ୍ଚିଛନ୍ତି ତା ପୁଣି ଏ ନୂତନ ଯୁବ ପିଢିଙ୍କ ମନରେ । ତାଙ୍କୁ ଲୋକ ଚିହ୍ନି ପାରୁ ନାହାଁନ୍ତି ସତ କିନ୍ତୁ ସେମାନଙ୍କ ମନ ଭିତରେ ଜାଗା ଦେଇ ଥିବାରୁ ଖୁସି ଲାଗିଲା । ବୋର୍ଡିଙ୍ଗ ପାଇଁ ଆନାଉନସ୍ ହେଇଗଲାଣି । ଝିଅ ଟି ଫେରି ଆସି ତରତରରେ ତା ଜିନଷ ପତ୍ର ତାଙ୍କଠାରୁ ଫୋନ୍ ନେଇ ଲାଇନକୁ ଗ୍ଭଲିଗଲା ବହୁ ବାର ଧନ୍ୟବାଦ କହି ।

ଝିଅଟି ତାଙ୍କୁ ଚହ୍ନି ପାରିଲାନ ସତ କିନ୍ତୁ ତାଙ୍କ ଗୀତକୁ ଭୁଇୟସି ପ୍ରଶଂସା କରି ଗ୍ଭଲିଗଲା । ସତରେ ଫୁଲସିନା ଝରି ପଡି ମଉଳ ଯାଏ । କିନ୍ତୁ ତାର ମହକ କେବେ ବି ଝରି ମଉଳେନା, ଏଇ ପବନରେ ଭାସି ବୁଲୁ ଥାଏ। ଲୋକ ମାନେ କହି ଦିଅନ୍ତି କୋଉ ଫୁଲର କି ବାସ୍ନା ନ ଦେଖି ନ ଶୁଙ୍ଘି କରି ବି ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଗୃବି ହଜିଯିବା ପରେ



ଡ.ସୌମ୍ୟ ରଞ୍ଜନ ମିଶ୍ର

ରତ୍ନ ଭଣ୍ଡାରର ଗୃବି ହଜିଥିବା ଶୁଣି
ମହାଲକ୍ଷ୍ମୀ ମନେ ମନେ ହେଲେ ଗୁଣି
କେଜାଣି ଥିବକ ନଥିବ ଆଉ
ସୁନା, ରୂପା, ହୀରା, ମୋତି, ମଣି ।
ସବୁଯାକ ଦୋଷ ହିଁ ୟାଙ୍କର
ବାଡ ତେଣେ ଖାଇଲାଣି କ୍ଷେତ
ଷାଠିଏ ପଉଟି ଖାଇ, ନିଶ୍ଚିନ୍ତାରେ ଯାଉଛନ୍ତି ଶୋଇ
ମୁଁ ମାଇପି ଲୋକଟା, ଏତେ କଥା ବୁଝିବି କେମନ୍ତ ।
ୟାଙ୍କୁ ତ ନିଶ୍ଚୟ ପଡିଥାନ୍ତା ଗାଳି
ଭାଇନାଙ୍କୁ ଏକଥା ବୋଧେ ଜଣା ନାହିଁ
ସେହି ଭାଇନା ହିଁ ଭରସା ମୋହର
ଆଉ କାହା କଥା ଇୟେ ଶୁଣୁଛନ୍ତି କାହିଁ ।
ମହାଲକ୍ଷ୍ମୀଙ୍କର ମନକଥା ଜାଣି
ସଙ୍ଗେ ସଙ୍ଗେ ଉଭା ହେଲେ ଚକ୍ରପାଣି
ଦେବୀଙ୍କ ଓଠରେ ଦେଇକରି ହାତ
କହନ୍ତି ପ୍ରଭୁ ଜଗନ୍ନାଥ ।
ସକଳ କଥା ମୋ ଗୋଚର
ଅଛଇ ଗୃବି କେଉଁଠାର
କିନ୍ତୁ ମୁଁ କହିବି କିପରି

ସେକଥା ହେଉଅଛି ଘାରି ।
ଗଜପତିଙ୍କ ସ୍ୱପ୍ନେ ଆସି
ଦିଅନ୍ତୁ ସେଥି କଥା ଭାଷି
ସଂଶୟ, ଆକ୍ରୋଶ ସବୁ ଯାଉ କଟି
ନହେଲେ ବିରୋଧୀ ହେବେ ପିଟାପିଟି
ଲକ୍ଷ୍ମୀଙ୍କ କଥା ଶୁଣି ବୋଲନ୍ତି ଗୋସାଇଁ
ତମେ ଦେବୀ, ଭାଙ୍ଗ ଦେଇଛ କ ପିଇ
ସ୍ୱପ୍ନ ଖାଲି ସତ ହୁଏ ଖୋଜା ହେଲାବେଳେ ଦାରୁ
ବରଗଛରେ ଗୁହିଁଲେ କ ଫଳବ କଖାରୁ ।
ସରକାର ତ ପାରି କମିଶନ
ଖୋଜୁଛନ୍ତି ଥାନ ଓ ଅଥାନ
ସାଙ୍ଗରେ ଅଛନ୍ତି ପ୍ରଶାସନ, ସେବାୟତ
ଗୃବିକୁ ନଶୟ କରିବେ ଆୟତ୍ତ ।
ଜଗନ୍ନାଥଙ୍କ କଥା ଶୁଣି
କଟାକ୍ଷ ମା ଦେଲେ ହାଣି
ସବୁତ ତୁମ ଲୀଳା ଖେଳା
ବେକାରେ ହୁଏ ମୁଁ ବାଉଳା ।
ତୁମର ଯାହା ଇଚ୍ଛା କର
ଯାଉଛି ମୁହିଁ ରୋଷଘର
ନହେଲେ କେମନ୍ତ ଭୁଞ୍ଜିବ
ଲୀଳାକୁ ଶଜାଡି ପାଇବ ।



ମଧୁଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା, ଓଡିଶା

# ପାନ୍ଥଶାଳା



ସାଗର ପ୍ରଧାନ

ପାନ୍ଥଶାଳା ମୁଁ ପାନ୍ଥଶାଳା
ରାସ୍ତା କଡ଼ରେ ହୋଇଛି ଠିଆ
ନିସଂଗତା ଚର ଭୁଇଁରେ
ସ୍ଥିତି ମୁଁ ରହିଛି ଏକୁଟିଆ।

ରାତ୍ରୀ କାଳେ ଯାତ୍ରୀ ଆସନ୍ତି
ରାତି ଯାପନ କରିବା ପାଇଁ
ପାହାନ୍ତି ରବି କର ସ୍ପର୍ଶେ
ପରଦେଶ କୁ ଯାଆନ୍ତି ଧାଇଁ।

ସ୍ୱାର୍ଥ ପର ସଂସାରେ ଆଜି
ନିଃସ୍ୱାର୍ଥପର କେହିବି ନାହିଁ
ଚିହ୍ନା ଆଜି ଅଚିହ୍ନା ସାଜେ
ସମ୍ପର୍କ ସେତୁ ଭାଙ୍ଗିବା ପାଇଁ।

ତିଳେ ନାହିଁ ମୋ ମନେ ଦୁଃଖ
ଏକାନ୍ତେ ଆଜି ରହିଛି ବୋଲି
ମନରେ ମୋ ଆଶା ବାନ୍ଧିଛି
ଜୀବନ ସାଥି ଆସିବ ଚାଲି।

ପଦାଦିଗି, ଗଞ୍ଜାମ


# ରଜ ପରବ



ପୂର୍ଣ୍ଣଚନ୍ଦ୍ର ରଣା

ରଜ ଦୋଳି ମିଠା ଅଳି
ମୋ ମାଆର ମମତା
ବାପାଙ୍କର ମିଠା କଳି
ମନେ ଦିଏ ସ୍ଥିରତା ॥ ( ୧)

ତାସ୍ ଖେଳ ପିଲ୍ ମେଳ
ମୋ ଗାଁ ର ସଂସ୍କୃତି
ହୁଏ ଖେଳ କବାଡି ଯେ
ଏହି ଆମ ପ୍ରକୃତି ॥ ( ୨)



କେତେ ସାଂଗ ସାଥି ପୁଣି
ପରବରେ ମିଶନ୍ତି
କେତେ ମିଠା ଆଲୋଚନା
ସାଥି ମେଳେ କରନ୍ତି ॥ ( ୩)

ଯୁବତୀଙ୍କ ପଙ୍ଖା ଦୋଳି
ସତେ କେତେ ସୁନ୍ଦର
ନବ ବସ୍ତ୍ର ପରିଧାନ
ମୋହେ ମନ ମୋହର ॥ ( ୪)

ପୋଡ ପିଠା ହୁବେ ସତେ
ଏହି ରଜ ପରବେ
ଆନନ୍ଦରେ ଖାଆନ୍ତି ଯେ
ପରିବାରେ ସରବେ ॥( ୫)

ବରଷରେ ଆସେ ଥରେ
ଏହି ରଜ ପରବ
କର ପାଳନ ଆନନ୍ଦେ
ଖାଇ ସାତ ଦରବ ॥ ( ୬)

ହାଟସିଂହାପୁର, ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜଗନ୍ନାଥ ଙ୍କ କରୁଣା
## ( ଅନୁଭୂତି)



ପୁଷ୍ପିତା ଭୂୟାଁ

ଶ୍ରୀ ଶ୍ରୀ ବଡ଼ ଠାକୁର ଜଗନ୍ନାଥ ଙ୍କୁ ମୋର କୋଟି କୋଟି ପ୍ରଣାମ। ତାଙ୍କର କୃପା ଅପରମ୍ପାର। ଭକ୍ତର ମନସ୍କାମନାକୁ ସେ ଅଚିରେ ପୂରଣ କରନ୍ତି। ତାଙ୍କର ଦର୍ଶନ ମାତ୍ରକେ ଭକ୍ତର ମନ ଆହ୍ଲାଦିତ ହୋଇଯାଏ ଏକ ଅପୂର୍ବ ଆନନ୍ଦରେ। ସବୁ ପାପ ଧୋଇ ହୋଇ କୋଟି ଜନ୍ମର ପୂର୍ଣ୍ଣ ମିଳେ। ତାଙ୍କର ଲୀଳା ଅପରମ୍ପାର। ସେ ଚାହିଁଲେ ସବୁ ଅସମ୍ଭବ କୁ ସମ୍ଭବ କରି ପାରନ୍ତି। ତାଙ୍କ ଇଛା ଅନୁସାରେ ଏ ଜୀବ ଜଗତ ସୃଷ୍ଟି । ତାଙ୍କର ଟିକଏ ଦର୍ଶନ ପାଇବା ପାଇଁ ଭକ୍ତ ର ମନ ଉନ୍ମାଦିତ ହୁଏ। ସେ ଆକୁଳ ପ୍ରାର୍ଥନା କରେ, ହେ ପ୍ରଭୁ ତୁମ୍ଭେ ଦୟା କଲେ ମୁଁ ଟିକଏ ଦର୍ଶନ କରି ପାରିବି। ସେ ଭକ୍ତ ର ମାନବାଞ୍ଛା କୁ ପୂରଣ କରିବେ ବୋଲି ତାର ପ୍ରଗାଢ଼ ବିଶ୍ୱାସ ଥାଏ।

ସେଦିନ ମୋର ମନ ବ୍ୟାକୁଳ ହୋଇ ଉଠି ଥିଲା କପରି ମୁଁ ଭଗବାନ ଙ୍କୁ ତାଙ୍କର ଜନ୍ମ ବେଦି 'ଆଡ଼ପ ମଣ୍ଡପ' ରେ ଟିକଏ ଦର୍ଶନ କରନ୍ତି କ ? ଦିନ ରାତି ମୋତେ ଛଟପଟ ଲାଗିଲା ଏହି କଥା ଭାବି ଭାବି। ମନେ ମନେ ସ୍ଥିର କଲି ନା ଯେମିତି ହେଲେବି ମୁଁ ଏଥର ନିଶ୍ଚୟ ପୁରୀ ଯିବି। ଶରଧା ବାଲିରେ ତିନି ରଥ ଦେଖିବି। ଶ୍ରୀ ଗୁଣ୍ଡିଚା ମନ୍ଦିର ରେ ତିନି ଦିଅଁ କୁ ଦର୍ଶନ କରିବି।

ସତ କୁ ସତ ଭଗବାନ ମୋର ମନବାଞ୍ଛା ପୂରଣ କଲେ । ମୋର ଡୋରି ଲାଗିଲା। ପର ଦିନ ସକାଳୁ ମୋର ପୁରୀ ଯିବାର ଠିକ ହେଲା। ମୁଁ ଖୁସିରେ ଆତ୍ମ ବିଭୋର ହୋଇ ପଡିଲି। କେମିତି ରାତି ପାହିବ, ସେଦିନ ରାତିସାରା ମୋତେ ନିଦ ନାହିଁ ।

ପ୍ରସିଦ୍ଧ ହେରାପଞ୍ଚମୀ ର ତିଥିରେ ମୁଁ ମାଉସୀମା' ମନ୍ଦିର ରେ ତିନି ଠାକୁରଙ୍କୁ ଆଡ଼ପ ମଣ୍ଡପ ରେ ଦେଖି ଆନନ୍ଦିତ ହୋଇ ଗଲି। ଆଖିରୁ ଆନନ୍ଦାଶ୍ରୁ ବୋହି ପଡିଲା କେଇ ବୁନ୍ଦା। କେତେ ସୁନ୍ଦର ସେ ରୂପ ଅବର୍ଣ୍ଣନୀୟ । ସେଇ ଖଣ୍ଡିତ ହାତରେ ସମସ୍ତଙ୍କୁ ସେ ଯେପରି ଆଲିଙ୍ଗନ କରୁ ଛନ୍ତି ଆଉ ମୃଦୁମୃଦୁ ହସୁଛନ୍ତି।

ପ୍ରବଳ ଭିଡ ଥାଏ ମନ୍ଦିର । ଯାଗା ଟିକେ ସଂକୀର୍ଣ୍ଣ ଥିବାରୁ ଏତେ ଜନ ଗହଳ ମଧ୍ୟରେ, ସମସ୍ତେ କିପରି ଠିକ୍ ଭାବରେ କାଳିଆର ଶ୍ରୀମୁଖ ଦର୍ଶନ କରିବେ ସେଥି ପାଇଁ ଠେଲା ଠେଲି ବି କିଛି ମାତ୍ରାରେ ଚାଲିଥାଏ। ସମସ୍ତେ ଝାଳ ରେ ଗାଧୋଇ ଥାନ୍ତି ଏକ ରକମ । ସେଥିରେ ପଣ୍ଡା ମାନଙ୍କର ବି ସାହାଯ୍ୟ ଥାଏ, କିପରି ସମସ୍ତଙ୍କୁ ଠାକୁର ଦେଖାଇବେ। କିଛି ମାତ୍ରାରେ ପଇସା ପତ୍ରର ବି କାରବାର ଚାଲିଥାଏ । ତଥାପି ସମସ୍ତେ ବ୍ୟଗ୍ର କିପରି ଭଗବାନଙ୍କ ଶ୍ରୀ ମୁଖ ଦର୍ଶନ କରିବେ। କେତେ ବୟସ୍କା ବୁଢା ବୁଢ଼ୀ ବି ଏହା ମଧ୍ୟରେ ଠେଲା ପେଲା ହୋଇ ମାଡିଚାଲି ଥାନ୍ତି ଆଗକୁ ଆଗକୁ, ସମସ୍ତଙ୍କର ଗୋଟିଏ ପ୍ରୟାସ ମହାପ୍ରଭୁଙ୍କ ଦର୍ଶନ।

ମୁଁ ମଧ୍ୟ ଗହଳ ଭିତରେ ଆଗକୁ ଆଗକୁ ମାଡି ଚାଲିଲି ପୁଅ ର ବାରଣ ସତ୍ତ୍ୱେ । ସତେ ଯେପରି ମୋତେ କିଏ ଆଗକୁ ଆଗକୁ ଭିଡୁଛି। ମନଭିତର ସେଇ ଗୋଟିଏ ଆଗ୍ରହ ଅତି ନିକଟରୁ କିପରି କାଳିଆ ସାଆନ୍ତ କୁ ଭଲରେ ଦର୍ଶନ କରିବି। ସେଇ ଠେଲା ପେଲା ମଧ୍ୟରେ ମୁଁ ଯାଇ ଗର୍ଭ ଦ୍ୱାର ନିକଟରେ ପହଞ୍ଚି ଯାଇଥିଲି। ସେଠାରେ ତିନି ଠାକୁରଙ୍କୁ ମନ ପୁରାଇ ଘଡ଼ିଏ ଚାହିଁଲି । କି ଅପୂର୍ବ ସେ ଅନୁଭୂତି। ଦେହରେ ମୋର ଏକ ଶିହରଣ ଖେଳିଗଲା। ତାକୁ ଶବ୍ଦ ରେ ବର୍ଣ୍ଣନା କରି ହେବନି। ସତେ ଯେପରି ଭଗବାନ ମୋ ମନ ର ଆଶା ପୂରଣ କରିଛନ୍ତି। କି ଆକର୍ଷଣ ତାଙ୍କର ! କାହିଁକି ସମସ୍ତେ ଟାଣି ହୋଇ ଯାଉଛନ୍ତି, ତାଙ୍କ ଆଡକୁ । ତାର ଉତ୍ତର ବୋଧେ ଦେବା ଅସମ୍ଭବ। ଭିତର ଚଟାଣ ଟା ପାଣି ଆଉ ଘିଅ ରେ ଏକଦମ ଖସଡ଼ିଆ ହୋଇଥାଏ। ପଡି ଯିବାର ବି ଭୟଥାଏ। ତଥାପି ପାଦ ଚପି ଚପି ସମସ୍ତେ ଆଗକୁ ଆଗକୁ ମାଡି ଚାଲିଥାନ୍ତି ।

ମଝିରେ ମଝିରେ ପଣ୍ଡା ମାନଙ୍କର 'ହେ' 'ହେ' ରଡି । ପୋଲିସ ମାନଙ୍କର ତାଗିଦ। କାହାରି ସେ ସବୁକୁ ଖାତର ନାହିଁ। ସମସ୍ତଙ୍କର ଉଦ୍ଦେଶ୍ୟ ଗୋଟିଏ। କି ଅଦ୍ଭୁତ ଆକର୍ଷଣ !

ସମସ୍ତଙ୍କୁ ସେ ଯେପରି ଗୋଟିଏ ଡୋରି ରେ ବାନ୍ଧି ଦେଇଛି। ଯେମିତି ବାହୁ ପ୍ରସାରି ସେ ସମସ୍ତଙ୍କୁ ଡାକୁଛି, "ଆସ ସମସ୍ତେ ଆସ, ମୋ ଛତ୍ର ଛାୟା ତଳକୁ, ମୁଁ ସମସ୍ତଙ୍କୁ ମୋ ହୃଦୟ ମଧ୍ୟରେ ସ୍ଥାନ ଦେବି ।"

କାଳଆର ହସ ହସ ମୁହଁ, ନାଲି ଟୁକ ଟୁକ ଅଧର, ଚକା ଚକା ନୟନ ସମସ୍ତଙ୍କୁ ବିମୋହିତ କରୁଛି। କ ଅପୂର୍ବ ସେ ଦୃଶ୍ୟ।" ଜଗତର କଲ୍ୟାଣ କର, ସମସ୍ତଙ୍କୁ ସତ୍ ବୁଦ୍ଧି ଓ ଜ୍ଞାନ ଦିଅ, ସମସ୍ତଙ୍କୁ ଭଲ ରେ ରଖ," ପ୍ରାର୍ଥନା କରି ମୁଁ ତାଙ୍କୁ ପ୍ରଣାମ କଲି। ତାପରେ ଧୀରେଧୀରେ ସେ ଠେଲା ପେଲା ମଧ୍ୟରୁ ମୁଁ ଅପସରି ଆସିଲି।

ଭୋଗ ବାହାରି ଯାଇଥାଏ। ଆନନ୍ଦ ବଜାର ଭିତରେ ପଶିଲି। ଓଃ ! କ ଗହଳ । କେଉଁଠି ପାଦ ପକେଇବାକୁ ବି ଜାଗା ନଥାଏ। କଏ ଶୁଖିଲା ଭୋଗ କଣିବାରେ ଲାଗିଛନ୍ତି ତ କଏ ଅନ୍ନ ପ୍ରସାଦ। ଯିଏ ଯେଉଁଠି ଜାଗା ଟିକେ ପାଇଲେ ବସି ପ୍ରସାଦ ସେବନ କରୁ ଥାନ୍ତି। ମୁଁ କଛି ଶୁଖିଲା ଓ ଅବଢ଼ା କଣି ଆନନ୍ଦ ବଜାର ବାହାରକୁ ଆସିଲି । ମନଟା ଆନନ୍ଦ ରେ ଉଲ୍ଲସିତ ହୋଇ ଯାଉଥାଏ, ସତେ ଯେପରି ଗୋଟେ ଗଡ଼ ଜିତି କରି ଆସିଛି।

ବାହାରେ ପ୍ରବଳ ଖରା ହୋଇଥାଏ। ଜୋତା, ଚପଲ ଠିକଣା ଜାଗାରୁ ଆଣି ମୁଁ ଓ ମୋ ପୁଅ ଦାଣ୍ଡ କୁ ଆସିଲୁ । ଗୁଣ୍ଡିଚ୍ଚା ମନ୍ଦିର ଦାଣ୍ଡ ରେ ତିନ ରଥ ଛିଡା ହୋଇ ଥାଏ। ଠାକୁର ମାନଙ୍କୁ ମାଉସୀ ଘରେ ପହଞ୍ଚାଇ ଦେଇ ସେମାନେ ସେଠାରେ ଯେପରି ଥକା ମେଣ୍ଟାଉ ଥାନ୍ତି। ରଥ ତିନୋଟି କୁ ଦେଖି ବି ମନ ଆନନ୍ଦିତ ହୋଇ ଗଲା। ପୂର୍ବରୁ ମୁଁ ଯାହା ଟି. ଭି. ମାଧ୍ୟମ ରେ ରଥ ସବୁ ଦେଖି ଥିଲି। ରଥ କୁ ଛୁଇଁ ମୁଣ୍ଡିଆ ମାରିଲି। ତାପରେ ବଡ଼ ଦାଣ୍ଡ ଆଡକୁ ଗାଡି ରଖା ଯାଇଥିବା ସ୍ଥାନ କୁ ମୁହାଁଇଲୁ।

ପ୍ରବଳ ଖରା ହେଉଥାଏ ମନ ହେଉଥାଏ ଭଗବାନ ଟିକେ ଛାଇ କରି ଦିଅନ୍ତେନ । ଟିକେ ଆମକୁ ବର୍ଷା ରେ ଭିଜାଇ ଦିଅନ୍ତେନ ! ଏ ଖରା ଗରମରୁ ଟିକେ ଆଶ୍ୱସ୍ତି ମିଳନ୍ତା। ସମୁଦ୍ର କୂଳ ଆଡେ ଆମ ଗାଡି ଗ୍ଭଲିଲା। ପୁରୀ ଯିବ ପୁଣି ସମୁଦ୍ର ଦର୍ଶନ କରିବନ ! ସମୁଦ୍ର ର

ଆକର୍ଷଣ ବି ମନମୁଗ୍ଧ କରା ସେଠାରେ ପହଂଚ ସାଙ୍ଗରେ ନେଇଥିବା ପ୍ରସାଦ ସେବନ କଲୁ ଗାଡି ଭିତରେ ବସି। ତାପରେ ମାଆ ପୁଅ ସମୁଦ୍ର ପାଖକୁ ଗଲୁ।

ଠାକୁର ମୋ କଥା ଶୁଣିଲା ପରି, ସାଙ୍ଗେ ସାଙ୍ଗେ କଳା ବାଦଲ କେତେ ଖଣ୍ଡ ଭସି ଆସିଲା । ଦଶ ପନ୍ଦର ମିନଟ ଭିତରେ ଅଳ୍ପ ଅଳ୍ପ ବର୍ଷା ବି ଆରମ୍ଭ ହୋଇଗଲା। ମୋତେ ଲାଗିଲା ଇଏ ବର୍ଷା ର ପାଣି ବୁନ୍ଦା ନୁହେଁ ଭଗବାନଙ୍କ କରୁଣାର ବର୍ଷା । ମୁଁ ଆନନ୍ଦ ବିଭୋର ହୋଇ ଗଲି।

ଗାଡି ରେ ବସି ଆମେ ଫେରିଲୁ ସ୍ୱର୍ଗ ଦ୍ୱାର ଦେଇ। ସ୍ୱର୍ଗଦ୍ୱାର ପାଖେ ମନ ଟା ବିକଳ ରେ ମୋ ବାପାଙ୍କୁ ଖୋଜିବାକୁ ଲାଗିଲା। ଏଇ ଅଳ୍ପ ଦିନ ତଳେ ତ ତାଙ୍କୁ ସେଠାକୁ ନିଆ ଯାଇ ଥିଲା। ସତେ ଯେପରି ସେ ସେଠାରେ ଅଛନ୍ତି ମୋତେ କାଳେ ଦୃଶ୍ୟ ହୋଇ ଯିବେ। ଯଦିଓ ମୁଁ ଜାଣିଥିଲି, ଏହା ସମ୍ଭବ ନୁହେଁ। ଭଗବାନ ମୋର ଏଇ ଇଛା କେବେ ବି ପୂରଣ କରିବେନ। ଜନ୍ମ ମୃତ୍ୟୁ ର କରାଳ ଛାୟାରେ ସେ ତ ଲୀନ ହୋଇ ଯାଇଛନ୍ତି ପଞ୍ଚଭୂତ ରେ। ମନକୁ ବୁଝାଇ ନେଲି, ତାଙ୍କ ଆତ୍ମାତ ବିଲୀନ ହୋଇଯାଇଛି ମହାନ ଆତ୍ମା ରେ।

ଭଗବାନ ଙ୍କୁ କୋଟି ପ୍ରଣାମ କରି ମୁଁ ସେଦିନ ପୁରୀ ରୁ ଫେରିଲି, ମନ ଭିତରେ ଅଜସ୍ର ଆନନ୍ଦ ନେଇ। ପୁଣି କେବେ ମୋର ସୌଭାଗ୍ୟ ହୋଇବ ପ୍ରଭୁ, ପୁଣି ଆସି ବଡ ଦେଉଳରେ ତୁମକୁ ଦର୍ଶନ କରିବି ଆଉ ତୁମର ମହାପ୍ରସାଦ ପାଇ କୋଟି ପୂର୍ଣ୍ଣ ଅର୍ଜନ କରିବି ।

ଜୟ ଜଗନ୍ନାଥ !!!

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା

# ଶ୍ରାବଣୀ



ସ୍ୱାତୀ ବନ୍ଦନା କର

ଶ୍ରାବଣୀ ଗୋ ତୁମେ ଶ୍ରାବଣ ରେ ଭିଜି
ଆଉ ଥରେ ଗୃଲିଆସ
ହାତ ଧରି ମୋର ପାଶେ ଭିଡିନଅ
କୁହ ମୋ ପାଖରେ ବସ - ୦-

ତୁମେ ଯେ ଆସିଲେ ମଧୁ ବରସଇ
ତଥାପି ପିୟାସୀ ମୁହିଁ
ମଧୁ ପାଶେ ରହି ମଧୁ ନ ମିଳଇ
ମୋ ପରି ମଧୁପ ନାହିଁ
ଆଖି ବୁଜିଦେଲେ ତୁମେ ଦିଶିଯାଅ
ଖେଳଯାଏ ଓଠେ ହସ - ୧-

ତୁମେ ଥିଲେ ପାଶେ ଯେତେ ଅସମୟେ
ଲାଗେନହିଁ ମୋତେ ଡର
ଭଲଲାଗେ ନାହିଁ ମନ ବୁଝେ ନାହିଁ
ତୁମେ ହିଁ ସପନ ମୋର
ହୃଦୟ ମନ୍ଦିର ତୁମେ ହିଁ ରହିଛ
ତୁମ ବିନା ସବୁ ବିଷ - ୨-

ପ୍ରତିଟି ମୁହୂର୍ତ୍ତ ମୋ ପାଇଁ ଦରଦ
ଖୋଜେ ମୁଁ ତୁମରି ସଙ୍ଗ
ବୋଳ ଦେବା ପାଇଁ ଅଙ୍ଗେ ଅଙ୍ଗେ ତୁମେ
ପ୍ରୀତି ର ପୁରବି ରଙ୍ଗ
ନଶ୍ୱ ହୋଇ ବି ତୁମକୁ ହାରିନ
ତୁମେ ମୋ ଶେଷ ନଶ୍ୱାସ - ୩-

ଭୁବନେଶ୍ୱର



# ତୁମ ପାଇଁ...



ପ୍ରଦେଶ କୁମାର ପ୍ରଧାନ

ପ୍ରତୀକ୍ଷାକୁ ମଣି ତପସ୍ୟା
କାହିଁ କେତେ ଦିନୁ ରହିଛି ଗୃହିଁ
ଶୁଣିବାକୁ ତବ ପଦଧ୍ୱନୀ,
ଜୀବ ଯିବ ଯିବ ବୋଲି ହୁଏ
ଘଟ ଘାଟ ଡେଇଁ
ତଥାପି ସରେନା ମୋ କାହାଣୀ ।
ପଥର ପାଲଟେ ନାରୀ
ବୃକ୍ଷ ଲତା ଅପ୍ସରୀ
ବାର୍ଦ୍ଧକ୍ୟେ ବାତ୍ସଲ୍ୟ ମମତା,
ତୁମ ବିନା ଏ ଜୀବନ
ଜଳବିହୁନେ ଯେନ ମୀନ
ସନ୍ତାନ ରୂପେ ଖୋଜେ ତୁମକୁ ପିତା ।
ରାତି ସରି ହୁଏ ଦିନ
ସଂସାର କରେ ସୂର୍ଯ୍ୟ ସ୍ନାନ
ମନ ମୋର ରହି ଯୁଆଶ ସେହିଠାରେ,
ସ୍ୱପ୍ନ ମୋର ସତେ ହେବ ସତ
ସ୍ୱଚକ୍ଷୁରେ ଦେଖିବି ଜଗନ୍ନାଥ
ଭାବନାରେ ଚକ୍ଷୁରୁ ଲୋତକ ଝରେ ।
ଦିନ ମୋର ଆଜି ସରେ
ନାମ ତୁମ ନେଇ
ହରେ ରାମ ହରେ ରାମ
ରାମ ରାମ ହରେ ହରେ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# କାବୁଲିବାଲା



ସୁଧାଂଶୁ ଦ୍ୱିବେଦୀ

କେ କହନ୍ତି ଜଣେ କାବୁଲାବାଲାର କାହାଣୀ
ଲାଲ ଲଙ୍କା ଦେଖି ଦିନେ ବହିଲା ତା ପାଟିରୁ ପାଣି ।
ଭାବିଲା – କେଡେବଡ ଦାନା, ଖାଇଲେ ବଳ ହେବ ବଢିଆ
ବୋଧେ ଏଇ ଋତୁର କୌଣସି ଲାଲ ଫଳ ମଧୁରିଆ ।
ଗୋଟେ ଆଠଣି ଫିଙ୍ଗି ଦେଲା ଝୁଲା ପଡେଇ
ବୁଢୀ ମାଉସୀକୁ ଦେଲା ଯାହା- ତାହା ବୁଝେଇ ।
ଲାଲ୍ ଲାଲ୍ ସରୁ ଚଜଟେ ଯଦି ହୋଇଥାଏ ଖାଇବାର
ତାହେଲେ “ତଉଲି ଦେ ମୋତେ ଆଠଣା ପଇସାର ।
ହଁ, ଯାକୁତ ସଭିଏଁ ଖାଆନ୍ତି ବିଗୃରି ମାଉସୀ କହେ
ଆଠଣାର ସେରଭର୍ତ୍ତୀ ଲଙ୍କା କାବୁଲି ଝୁଲାରେ ଦିଏ ।
ଶସ୍ତାରେ ସେରଭର୍ତ୍ତି ଲଙ୍କାପାଇ ଖୁସି ହେଲା କାବୁଲି
ଗଛମୂଳେ ବସି ଧିରେ ଧିରେ କଲା ତାକୁ ପାକୁଳ ।
ଟିକେ ପରେ ଲଙ୍କାର କରାମତି ଝିଭରେ ଦେଖାଇଲା ଯେମିତି
ଊଃ- ଆଃ- ହୋଇ ଆଖିରେ ତା ପାଣି ବହିଲା ସେମିତି ।
କିନ୍ତୁ, କାବୁଲି ମରଗ ଲାଲ ଲଙ୍କାରୁ ମୋହ କିବା ଛାଡେ!
ଖରଚ କରିଛି ଆଠଣା ଯା ପାଇଁ ମୁହଁ କିବା ମୋଡେ?
ଏତିକବେଳେ ସେଇପଟେ ଆସିଲା ଜଣେ କନେଷ୍ଟବଳ
କହିଲା – ବୋକା! କଣ ପାଇଁ ଏମିତି ହେଉଛୁ ତୁ କଲବଲ?
କାବୁଲି ନଶକୁ ମୋଡି କହେ –ମୁଁ ମରଦ ନୁହେଁ ଯେମିତି ସେମିତି
ଯାଆ ତୁ ଏଠୁ ଗଲି ମୁଁ ଖାଉଛି ଲାଲଫଳ ଏଭଳ ଏମିତି ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# ଭକ୍ତି ଓ ଭଗବାନ



ଜୟଶ୍ରୀ ପଟ୍ଟନାୟକ

ଯୁଗେ ଯୁଗେ ଭଗବାନ ଭକତର ବାନ୍ଧବ । ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସଂପର୍କ ଅବିଚ୍ଛେଦ୍ୟ, ଅଭିନ୍ନ ।

ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ଦେଖିବା, ଜାଣିବା ଅସମ୍ଭବ । କାରଣ ଏହି ଭାବନା ଅସୀମ, ଅନନ୍ତ, ନିରାକାର, ଅବର୍ଣ୍ଣନୀୟ । ମଣିଷର ନିଷ୍ଠା, ତ୍ୟାଗ ସାଧନା ହିଁ ତାକୁ ଭଗବାନଙ୍କ ନିକଟତର କରାଇଥାଏ । ଯିଏ ଏକାଗ୍ରତାର ସହିତ ଅନ୍ତଃକରଣରେ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ କରିଦିଏ ସେ ହିଁ ପ୍ରକୃତରେ ଭକ୍ତ ପଦବାଚ୍ୟ । ଭଗବାନଙ୍କୁ ପାଇବାକୁ ହେଲେ ଲୋଭ, ମୋହ, ମାୟା, କ୍ରୋଧ, ଅଶାନ୍ତି ଗୁଣକୁ ଦୂରେଇବା ଦରକାର । ଯିଏ କହେ ମନର ମୂଳେଏ ଜଗତ । ସିଏ ମନକୁ ସତ୍, ଚିତ୍ ଆନନ୍ଦର କର୍ମରେ ଲଗାଇବା ଉଚିତ । ମନକୁ ଚିନ୍ତା ଓ ବାହ୍ୟ କୁସଂସ୍କାର ଜନିତ କାର୍ଯ୍ୟ କଳାପରୁ ଦୂରେଇ ରଖିବା ଉଚିତ୍ । ମନ ସବୁବେଳେ ଇଚ୍ଛା ଅନିଚ୍ଛାର ଦ୍ୱନ୍ଦ ମଧ୍ୟରେ ଗତି କରୁଥାଏ । ବେଳେବେଳେ କଣ କରିବ ସ୍ଥିର କରି ପାରୁ ନ ଥାଏ । ସେ ନମ୍ର ହେବ ନା ଅହଂକାରୀ ? ମନୁଷ୍ୟ ଜୀବ ଭିତରେ ଶ୍ରେଷ୍ଠ । ସଂସାରରେ ସେ ଏକ ଚେତନାଶୀଳ ଭାବ ସତ୍ତା । ତା ଚେତନା ଶକ୍ତି ଯେତେବେଳେ ଜାଗ୍ରତ ହୁଏ ସେ ସେତେବେଳେ ଠିକ୍ କଣ ଭୁଲ କଣ ଉପଲବ୍ଧି କରିପାରେ । ମନ ବେଳେବେଳେ କ୍ରୋଧ, ଘୃଣା, ଅଭିମାନ, ଉଦ୍ବିଗ୍ନତା, ବ୍ୟସ୍ତତା ଏବଂ ବିମୁଖତା ପ୍ରଭୃତି ମନ୍ଦ ସ୍ୱଭାବ ଦ୍ୱାରା ପରିଗ୍ଳାନ ହୁଏ । ସେତେବେଳେ ସେ ହୁଏ ଉଗ୍ର । ଯେତେବେଳେ ସେହି ଅନୁଭବ ଶାନ୍ତ, ଶିଷ୍ଟ, ଦୟା, କ୍ଷମା ଆଚରଣ କରେ

ସେତେବେଳେ ସେ ହୋଇପଡେ ନମ୍ର । ଯେଉଁମାନେ ଗର୍ବ, ଅହଂକାରର ବଶବର୍ତୀ ହୁଅନ୍ତି ନିଜର ବିନାଶ କରି ବସନ୍ତି । ଏଠାରେ ଉଦାହରଣ ନିଆ ଯାଇପାରେ କଛି ଚରିତ୍ରର, ରାବଣର ଅହଂକାର, ଦୁର୍ଯୋଧନର ଗର୍ବ ସେମାନଙ୍କ ବିନାଶର କାରଣ ହୋଇଥିଲା । ସାଧାରଣ ମଣିଷ ମୁଁ କରୁଛି ବୋଲି ସବୁବେଳେ ଅଭିମାନ କରେ । ରାମାୟଣରେ ଗୋଟିଏ ଶ୍ଲୋକ ଅଛି – "ଅହଂ କରେ୍ମିତି ବୃଥାଭିମାନଃ" ।

ବାସ୍ତବିକ ଆମେ ଆମ ଜୀବନ କାଳରେ ମୁଁ ଏଇୟା କରୁଛି, ସେୟା କରୁଛି ବୋଲି କହିଥାଉ । କନ୍ତୁ ବାସ୍ତବରେ କରିବା ବାଲା ହିଁ କରିଥାଏ । ଜୀବ ଅଭିମାନ କରେ । ମାତ୍ର ଜୀବ କଣ କରେ ? କର୍ତା ବା କଲାବାଲା ସ୍ୱୟଂ ଭଗବାନ । ଦୁର୍ଯୋଧନ ଯେତେବେଳେ ମୃତ୍ୟୁ ଶଯ୍ୟାରେ ପଡିଥିଲେ ସେତେବେଳେ ସେ ଭଗବାନ ଶ୍ରୀକୃଷ୍ଣଙ୍କୁ କହିଛନ୍ତି ହେ ହୃଷିକେଶ ! ଆପଣ କଣ ଭାବୁଛନ୍ତି ଧର୍ମ କଣ ମୁଁ ଜାଣିନାହିଁ ? ମୁଁ ଜାଣେ ଧର୍ମ କଣ ତଥାପି ଧର୍ମରେ

ମୋର ପ୍ରବୃତି ଜନ୍ମିନାହିଁ । ଜାଣିଛି ପାପ କଣ? ତଥାପି ତହିଁରୁ ନିବୃତି ହେଉନାହିଁ । ସବୁରି ମୂଳରେ ତୁମେ ସ୍ୱୟଂ ତୁମେ । ଯିଏ ଜୀବ ସେ ଇଶ୍ୱର, ଯେ ଇଶ୍ୱର ସେ ଜୀବ । ଦୁଇଟି ଯାକ ଚରିତ୍ର ତାଙ୍କର ।

ଜଗନ୍ନାଥ ହେଉଛନ୍ତି ସାକ୍ଷାତ ପୁରୁଷୋତମ । ସେ ହେଉଛନ୍ତି ସତ୍ ଚତ୍ ଆନନ୍ଦର ସଂପୂର୍ଣ୍ଣ ସ୍ୱର । ସେ କୌଣସି ଅବତାର ନୁହଁନ୍ତି । ନିଜେ ସ୍ୱୟଂ ଅବତାରୀ । ତାଙ୍କ ଠାରୁ ଅବତାର ମାନେ ଜାତ ହୁଅନ୍ତି । ତେଣୁ ସେ ଶ୍ରୀକୃଷ୍ଣ, ଶ୍ରୀରାମ ଇତ୍ୟାଦି ରୂପରେ ବିମଣ୍ଡିତ ହୁଅନ୍ତି । ମାତ୍ର ଶ୍ରୀକୃଷ୍ଣ ଓ ଶ୍ରୀରାମ କେଉଁଠାରେ ଶ୍ରୀ ଜଗନ୍ନାଥଙ୍କ ରୂପ ଧାରଣ କରନ୍ତି ନାହିଁ । ଶ୍ରୀ ଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ।

ତେଣୁ, ଶ୍ରୀ ଜଗନ୍ନାଥ ହିଁ ଓଡିଶାର ଧର୍ମ, ସଂସ୍କୃତି ତଥା ଇତିହାସର ପ୍ରତୀକ । ସେ ଜଣେ ମାନବରୂପୀ ଭଗବାନ । ଭାରତର ତୀର୍ଥ ମାନଙ୍କ ମଧ୍ୟରେ ପୁଣ୍ୟ ନୀଳାଚଳ ଧାମ । ଶ୍ରୀକ୍ଷେତ୍ର ପୁରୀରେ ବାର ମାସରେ ତେର ପର୍ବ ହୁଏ । ଆର୍ଯ୍ୟଭୂମି ଭାରତ ବର୍ଷ ଧାର୍ମିକ

ତଥା ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର । ଉତ୍କଳ ହେଉଛି ଉତ୍କର୍ଷ କଳାର ଦେଶ । ଓଡିଶାର ଗର୍ବ, ଗୌରବ ହିଁ ଜଗନ୍ନାଥ । ଆମ ପରିଚୟ ବିଶ୍ୱ ଦରବାରରେ ଓଡିଶାର ପାଣି, ପବନ, ଜଗନ୍ନାଥ ସଂସ୍କୃତି କୁ ନେଇ । ସେ ଅସୀମ, ଅନନ୍ତ, ଅପାର । ପୁରୀ କ୍ଷେତ୍ର ପୁରୁଷୋତମ କ୍ଷେତ୍ର ରୂପେ ସର୍ବତ୍ର ବିଦ୍ୟମାନ । ସର୍ବ ଧର୍ମ ସମନ୍ୱୟର କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର । ଏହି କ୍ଷେତ୍ରରେ ଧନୀ, ଗରୀବ, ଦୁଃଖି, ରଙ୍କି, ଉଚ୍ଚ, ନୀଚ ଭେଦଭାବ ନାହିଁ । ପୁରୀ ଶଂଖନାଭି ମଣ୍ଡଳ, ବା ଶଂଖକ୍ଷେତ୍ର ରୂପେ ପ୍ରସିଦ୍ଧ । ତେଣୁ ଗୀତରେ କୁହାଯାଇଛି

ଥକାମନ ଗୁଲଯିବା, ଚକାନୟନ ଦେଖିବା
ଶଂଖ ନାଭି ମଣ୍ଡଳରେ ବେନ ନେତ୍ର ପଖାଳବା ।

ସେ ସଗୁଣ, ନର୍ଗୁଣ ସ୍ୱରୂପର ଉର୍ଦ୍ଧରେ । ସିଏ ରୂପ, ଅରୂପର ଉଦ୍ଧ୍ୱର୍ରେ । ସେ ଆଦିମ ଶାବର ସଂସ୍କୃତିର ଦେବତା ରୂପେ ସର୍ବ ଜନ ବିଦିତ । କନ୍ତୁ ସମୟର ପ୍ରବାହରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଭିତରେ ବିଭିନ୍ନ ଧର୍ମର ଅପୂର୍ବ ସମନ୍ୱୟ ଏହାକୁ କରିଛି ମହିମା ମଣ୍ଡିତ ଓ ଅଦ୍ୱିତୀୟ ।ଏହି ସଂସ୍କୃତି ହିଁ ସବୁ ବର୍ଣ୍ଣ ସଂପ୍ରଦାୟର ମହାମିଳନ କ୍ଷେତ୍ର ।

ଆଦିବାସୀ ଶବର ପୂଜିତ ଦେବତା ନୀଳମାଧବ ପରବର୍ତୀ ସମୟରେ ଶ୍ରୀ ଜଗନ୍ନାଥ ହୋଇଥିବାରୁ ଏବେ ମଧ ଶବର, ଦଇତାପତି ମାନେ ନବ କଳେବର, ଅଣସର ସେବା ଓ ରଥଯାତ୍ରା ସମୟରେ ଜଗନ୍ନାଥ ଙ୍କର ପୂଜାର୍ଚ୍ଚନା କରୁଛନ୍ତି ।

ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ କେବଳ ଓଡିଶାର ଆରାଧ ଦେବତା ନୁହଁନ୍ତି ସେ ଅଟନ୍ତି ଅନନ୍ତ କୋଟୀ ବିଶ୍ୱ, ବ୍ରହ୍ମାଣ୍ଡ ର ପ୍ରାଣକର୍ତା, ତ୍ରାଣକର୍ତା, ଭାଗ୍ୟ ବିଧାତା । ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ରୂପ, ଆକାର ଓ ନାମରେ ନାମିତ ହୋଇ ଧରାପୃଷ୍ଠରେ ସ୍ୱୟଂ ଭଗବାନ ମାନବ ରୂପରେ ଅବତରଣ କରି ସନ୍ଥପାଳନ ଓ ଦୁଷ୍ଟଦଳନ କରିବାର କମ୍ବଦନ୍ତୀ ମାନ ଧର୍ମଶାସ୍ତ୍ର ଓ ପୁରାଣ ଗୁଡିକରେ ଲିପିବଦ୍ଧ । ଭାତୃଭାବ, ପାରସ୍ପରିକ ଅନୁମୋଦନ, ଶ୍ରଦ୍ଧା, ବିଶ୍ୱାସ ଓ ଆନ୍ତରିକତା ଏହି ଭାବ ରହିଛି ଜଗନ୍ନାଥ ସଂସ୍କୃତିରେ । ତାଙ୍କ ମହାପ୍ରସାଦରେ ଜାତିଆଣ ଭାବ ନାହିଁ । ତେଣୁ ଏଥିରୁ ଜଣାଯାଏ ଯେ ଆଧ୍ୟାତ୍ମିକତା ହିଁ ଜଗନ୍ନାଥ ସଂସ୍କୃତିର

ମୌଳିକତା । ପ୍ରତିବର୍ଷ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପ୍ରଭୁଙ୍କର ଘୋଷଯାତ୍ରା, ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ବଡଦାଣ୍ଡ ଲୋକାରଣ୍ୟ ହୋଇ ପଡେ । ସମଗ୍ର ପୃଥିବୀର ସବୁ ସ୍ଥାନର ଲୋକ ଏକତ୍ରିତ ହୋଇ ତାଙ୍କର ଦର୍ଶନ ପାଇଥାନ୍ତି ।

ତେଣୁ, କୁହାଯାଇଛି ଚାଲ ସଖୀ ଆମ୍ଭେ ଦର୍ଶନ କରିବା ନୀଳଗିରି କାଳଆକୁ ।

କେଉଁ ଶୁରପତି ବେଶ କରିଅଛି ଗିରିବର ତୋଳଆକୁ । ସେ ଅନ୍ତର୍ଯ୍ୟାମୀ, ସର୍ବବ୍ୟାପୀ ତାଙ୍କ ଠାରୁ ସବୁ ଜୀବଜଗତ, ଅବତାର ଓ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି । ଯିଏ ଏକାଗ୍ରତାର ସହିତ ଅନ୍ତଃକରଣରେ ନିଜକୁ ଭଗବାନଙ୍କ ପାଖରେ ସମର୍ପିତ କରିଦିଏ ସେ ହିଁ ପ୍ରକୃତରେ ଭକ୍ତ ପଦବାଚ୍ୟ । ନିଷ୍ଠା, ତ୍ୟାଗ ଓ ସାଧନା ହିଁ ଭକ୍ତ ହେବାର ମୂଳ ଉତ୍ସ । ଯିଏ ଏସବୁ ଗୁଣକୁ ଆୟତ କରିଥାଏ ଭଗବାନଙ୍କ ପ୍ରକୃତ ଭକ୍ତ ରୂପେ ବିବେଚିତ ହୋଇଥାଏ  ବିଶ୍ୱାସରୁ ଭକ୍ତି, ଭକ୍ତିରୁ ମୁକ୍ତି । ଦରିଦ୍ର ସୁଦାମା ଠାରୁ ଭକ୍ତ କବି ସାଲବେଗ, ଶ୍ରୀ ଚୈତନ୍ୟ ଠାରୁ ଦାସୀଆ ବାଉରୀ ପର୍ଯ୍ୟନ୍ତ ସମସ୍ତେ ଭକ୍ତି ଭାବରେ ବଶୀଭୂତ ହୋଇ କୃଷ୍ଣ ପ୍ରେମର ବିରହ ଜ୍ୱାଳାରେ ଜର୍ଜରିତ ହୋଇଛନ୍ତି । ମହାପୁରୁଷ ମାନେ ଦୁଇଟି ଭାବନେଇ ଭଗବାନଙ୍କୁ ଉପଲବ୍ଧି କରିଥାଆନ୍ତି । ପ୍ରଥମଟି ବିରହ, ଓ ଦ୍ୱିତୀୟ ଟି ମିଳନ । ଯେଉଁଠି ବିରହ ନାହିଁ ସେଠି ମିଳନର କୌଣସି ଆନନ୍ଦ ନାହିଁ କାରଣ ବିରହ ସଦା ଭଗବତ୍ ସତ୍ତାଓର ଉପଲବ୍ଧି କରାଇଥାଏ । ବିରହ ନ ଥିଲେ ପ୍ରେମର ସ୍ୱାଦ ନ ଥାଏ ।  ଆଉ ଯେଉଁଠି ବିରହରେ ଭଗବତ୍ ସତ୍ ତା ଭରି ରହିଛି ସେ ମିଳନରେ ସ୍ୱର୍ଗୀୟ ସୁଖ ଅଛିଓ। ଈଶ୍ୱରଙ୍କୁ ପାଇବାର ଆତ୍ମତୃପ୍ତି ବି ଅଛି । ଯେଉଁଠି ଭକ୍ତି ଅଛି, ସେଠି ପ୍ରେମ ବି ଅଛି, ସୁନ୍ଦର ଜୀବନାନୁଭୂତି ରହିଛି ।

ଜୟ ଜଗନ୍ନାଥ ।


ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା



# ସାଧବ ବୋହୂ

ରାଜଲକ୍ଷ୍ମୀ ସାହୁ

ବରଷା ଆସିଲେ ସାଧବ ବୋହୂର
ଉଲ୍ଲସି ଉଠଇ ମନ
ନାଲିପାଟ ପିନ୍ଧି ଧୀରି ଚାଲି ତାର
ହରଇ ସଭିଙ୍କ ମନ ।
ମେଘ ଆକାଶରେ ଘୋଟି ସେ ଯେବେ
ଚଉଦିଗ ଯାଏ ଘେରି
ମନରେ ତାହାର ଗରବ ନଥାଏ
ଚାଲୁଥାଏ ଧିରି ଧିରି ।
କଅଁଳ ଘାସର ସବୁଜ ପତରେ
ପାଣି ପଡୁଥାଏ ଝରି
ନାଲି ଟୁକୁଟୁକୁ ସାଧବ ବୋହୂର
ପଣତ କାନକୁ ଧରି ।
କ୍ଷେତ ବନାନୀରୁ ବାଡି ବଗିଚାରେ
ସବୁଠି ସବୁଅ ହେଉ
ସତେକି ହସୁଛି ସାଧବ ବୋହୂ ତା
ଓଠରୁ ଝରୁଛି ମହୁ ।
ତା ପାଇଁ ପରା ପୃଥିବୀ ରାଣୀଟା
ଆହୁରି ସୁନ୍ଦର ଦିଶେ
ସବୁଜ ରଙ୍ଗର ଧାନ କ୍ଷେତ ସବୁ
ଖୁସି ଖୁସି ହୋଇ ହସେ ।



ଅତିଥି ଅଧ୍ୟାପିକା,
କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ
ଜଗାଇ, ବାଲେଶ୍ୱର

# ଧୃତରାଷ୍ଟ୍ର



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ମୁଇଁ କଣା ଆଏଁ ଫେର ବି
ମୋର ହାତେ ସାସନ
ଇଟା ପିଢ଼ିନୁ ପିଢ଼ି ଆଏ
ଆମେ ସାସନ କରମୁ
ଦୁର୍ଯ୍ୟୋଧନ୍ ହି ସାସକ ହେବା
ପାଂଡବ୍ କେବେ ହଇ ନ ପାରେ
ସାସକ, ଚଲେ ନ ତାର ସାସନ ।

ଆମେ ଜାହା କହେମୁ
ସେଟା ନିତି ନିୟମ
ପଥରର ଗାର ।
କେହି ଆଂଗଠି ଲମେଇ
ନ ପାର,
ଅନିଏ ଥି ଆମର ନିଏ,
ବିଦୁର ଭିସ୍ମ ବାଗିର ଲୋକ
ଖସରି ଜାଏସନ୍,
ଆମର ସାସନ ଥି ହଁ ମାରସନ୍ ।
ଦୁର୍ପତିର ଶାଢ଼ି ଘିଚ୍ଛା ହେଲା
କେ ଉଁ ଚୁଁ କଲେ
ସତ ଲୋକକୁ ବନବାସ ପଠାଲୁ
କେ ବିରୋଧ କଲା ।
ନାଁଇ !

ଯୁଗ ଯୁଗ ପିଢ଼ିନୁ ଉତୁରିଛେ
ପୁରାନ ଇତିହାସ ସାଖି
ନିଜର ସୁଆର୍ଥ ଲାଗି ସାସନ୍ ।

ଏଛେନ୍ ବି ଚଲୁଛେ ଚଲୁଥିବା
ଦୁର୍ପତିମାନେ ବାଟେଘାଟେ ଏନ୍ତା
ନିଉଛାବର କରୁଥିବେ
ଜଉବନ୍ ଜୀବନ,
ଭିକ୍ ମାଗୁଥିବେ ନ୍ୟାୟ ଲାଗି
କଣା ଭଏଁରା ଦରବାରେ ।

ଯୁଧିଷ୍ଠିର ଥରେ ସାସକ୍ ଥିଲା
ଜିତି କରି ବି ହାରିଗଲା
ଏଛେନର ସମିଆ ଥି,
ଦୁର୍ଜୋଧନ ହାରିକରି ଜିତିଗଲା
ତାର ସାସନ
ଜେନ୍ ଆଡ଼େ ଦେଖଲେ
ଥାନା, କୋଟ କଚେରୀ
ସାସକ ନାଇ ଶୋସକ ମିଲବେ ।

ଫେରଗୁଟେ ସୁସାସନ ଲାଗି
ମହାଭାରତ ହୋଇପାରେ
ପାଂଡବମାନେ ଚେଁତଲେ ।

ପ୍ରଧାନପାଲି, ସମ୍ବଲପୁର

# ନଶା ନବାରଣ ଲ୍‌ଗି ପଦେ



ଜୟପ୍ରକାଶ ଦୁରିଆ( ରମଣ)

ପହିଲ କୁକର୍ ଯେନ୍ତା ଡାକଛେ, ମଙ୍ଗଲୁର ନଦ ଫାକଲ୍
କେନନେ ଶୁଇଛୁ ନନର, ମାଁ, ଉଠ୍ ଉଠ୍ ବୋଲି ଡାକଲ୍ ॥
କାହିଁଗଲ୍ ମୋର, କାହାଲି ଭଙ୍ଗ୍ ଉଠ୍ ତୋ ଦେବୁ ବଏଗ୍
ଆଏଁଖ୍ ରେଢି ରେଢି ମାଏଜି ଖୁଜଲ୍ ନାଇଁ ଦିଶୁରେ ବଏଲ୍ ॥
ଡିବିରି ଜଲେଇ ଖୋଜରେ ମାଏଜି, କେନନେ ରଖିଲୁ ଯେ ଢୁଇ
ନାଇଁ ପାଏଲେ ତୋତେ ରେ ନାଏଜି ପିଟି ପକାମିନ ମୁଇଁ ॥
( ଗ୍ସନ) ଚଉଲ ଘେନବା ପଏସା ଥି ତମେ ଘେନଲ ଭଙ୍ଗବିଡି
ଇହାଦେ କହୁଛ ଡିବ୍ରି ଜଲ୍ ଆର ମୋତେ ଉଠୋଉଛ ବାଡି ॥
ସକାଲ ପାଏଲ୍ ନାଇଁ ମିଲଲ୍ ଲ୍‌ଗିଛେ ଦୁହିଁକର କଳ
ହେଢକ ବେଲକେ ଅନ ଉଠଲ୍ ଢାଁ କର, ନକେ ଗଲ୍ ଗ୍ଲି ॥
ପଚର୍‌ଲ୍ ତାର୍ ମାଁ ବୁଆକେ କାଏଁ ହେଲ୍ ଯେ ଲ୍‌ଗୁଛ ଗାଳ,
ମାଁ କହୁଛେ ଶୁନଗୋ ନନ ତୋର ବୁଆ ମୋତେ ପିଟି ପକାଲ୍ ବୋଲି ॥
କାଏଁ ହେଲ୍ ଯେ ମାଁ, ବୁଆ ପିଟଲ୍ କହିଦେ ତୁଇ ଟିକେ ମୋତେ,
କାହାଲି ଭଙ୍ଗ୍ ନାଇଁ ମିଳଲ୍ ଯେ ଠେଁସେ ପକେଇଛେ କେତେ ॥
କାହାଲି ଭଙ୍ଗ୍ କେ ଫିଙ୍କ ଦେଇ ଛେଁ ମୁଇଁ ବେରଆଡେ ଆମର
ନାଇଁ ବୁଝି ସୁଝି ପିଟି ପକାଲୁ ବୁଆ, ମାଁ କାନ୍ଦୁଛେ ମୋର ॥

ନିଶା ଦରବ ଲାଗି ହେଉଛେ କେତେ ରୋଗ ଅନେକ ପରକାର
ଧନ୍ ଯାଇ ଯାଇ ଜୀବନ୍ ଯାଉଛେ, ବୁଡି ଯାଉଛେ ଘର ॥
ଢୁଇ ମରିଗଲେ ହଏଗୋ ବୁଆ କଏ ମୋତେ ପାଠ୍ ପଢାବା
ଢୁଇ ମରିଗଲେ ମାଁ ଟା ମୋର, ଝୁରି ଝୁରି ମରି ଯିବା ॥
ଆଏଜ ପରେ ନିଶା ନିବାରଣ ଦିନ୍ ନିଶା ଦରବ ଛାଡିଦେ
ଆଏଜ ଠାନୁ ନିଶା ନାଇଁ ଖାଏଁ ବୋଲି କରିଆ ପାରିଦେ ॥

ନୂଆପଡା, ଓଡିଶା

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।**

**www.editor.vedantimagazine@gmail.com**

# କାଉ ମରଣ



ଅଶୋକ କୁମାର ସେଠୀ

ଧୀରେ ଧୀରେ ଗାଁ ଲୋକ ସବୁ ରୁଣ୍ଡ ଗ୍ଭଉଳ ଘର ସମ୍ମୁଖରେ । ଏହି ଗଜା ଟୋକା ଟା ଏମିତି ଏ ବୟସରେ ଆର ପାରିକୁ ଗ୍ଭଲିଯିବା କଥା କେଏ ଗ୍ରହଣ କରି ପାରୁନଥିଲେ । ଏ ତ ସବୁ ନିୟତିର ଖେଳ । ବିଧିର ବିଧାନ କେ କରିବ ଆନ...! ରଖିଥିବୁ ପାଚଲା... ବାଛିନେବୁ କଞ୍ଚାରେ କୁମର...! ସମସ୍ତଙ୍କ ମୁହଁ ବିଷର୍ଣ୍ଣତାରେ ଭରି ଭରି । ଘର ଅଗଣାରେ ଗ୍ଭଉଳ ସ୍ତ୍ରୀ ର ବୁକୁ ଫଟା ଚିତ୍କାର । ଗ୍ଭଉଳର ଦେଢ ବର୍ଷର ଝିଅ ତା ମା କୁ କେବଳ ବଲ ବଲ ହୋଇ ଗ୍ଭହିଁ ରହିଛି । ତା ବୁଝିବା ବାହାରେ ନିଶ୍ଚିତ ଏ ଘଟଣା । ଗ୍ଭଉଳ ସ୍ତ୍ରୀ ଏ ଭିତରେ ଦି ଥର ଚେତା ଶୂନ୍ୟ ହେଇଗଲାଣି । ଖାଲି ଗୋଟିଏ କଥା କହି ଝୁରି ହେଉଥାଏ, "ମୋ ସଂସାର ତ ଉଚ୍ଛନ ହୋଇଗଲା....! କାହା ମୁହଁ ଗ୍ଭହିଁ ରହିବି..ଏମିତି ଆକୁଳ ହୋଇ ଅଗଣାରେ ଝୁରି ହୋଇ ଭୂଇଁ ଦଗ୍ଭଣ୍ଡି ହେଉଥାଏ । ରୁଣ୍ଡ ହୋଇଥିବା ଲୋକେ ଗୁଣୁ ଗୁଣୁ ହୁଅନ୍ତି, "ଆହାଃ..ବିଗ୍ଭରି କେଡେ ହତଭାଗୀଟିଏ...!" ଏଇତ ଦି ବର୍ଷ ହେବ ଗ୍ଭଉଳ ର ବାହାଘରକୁ । ଦାଣ୍ଡ ପିଣ୍ଡା କାନ୍ଥରେ ଲେଖା ହୋଇଥିବା ଶୁଭ ବିବାହ ସେମିତି ଚକ ଚକ କରୁଛି ଗ୍ଭଉଳ ସହିତ ମନୀଷା ବଡ ପାନ ଭିତରେ ଦୁହିଁଙ୍କ ନାଁ ।

ଗ୍ଭଉଳ ର ମୃତ୍ୟୁ ଖବର ପହଂଚବା କ୍ଷଣି ସମସ୍ତେ ମର୍ମାହତ । ନିଶ୍ଚିତଭାବେ ଅଧିକା ଆଘାତ ପାଇଛି ଗ୍ଭଉଳ ସ୍ତ୍ରୀକୁ । ବେଳୁ ବେଳ ତୀବ୍ରତର ତା ବୁକୁଫଟା ଚିତ୍କାର । ଗ୍ଭଉଳ କିଛି ଦିନ ଟ୍ରକ ରେ ହେଲ୍ପର ରହିବା ପରେ ଏବେ ପାଞ୍ଚ ମାସ ହେବ ଡ୍ରାଇଭର ହୋଇଛି । ଦୂର ଦୂରାନ୍ତ ଯାଏଁ ବି ଟ୍ରକ ଚଳେଇବାର ଦକ୍ଷତା ହାସଲ କରିସାରିଲେଣି । ତା ସହ ଜଣେ ହେଲ୍ପର ବି ଟ୍ରକରେ ଯାଏ । ଆଜି ସେ ହେଲ୍ପର ଟୋକା ସକାଳେ ଖବର ଦେଲା ଗ୍ଭଉଳ ଭାଇ ଆଉ ନାହାନ୍ତି । ଆମ ସମସ୍ତଙ୍କୁ ଛାଡି ଆରପାରିକୁ ଗ୍ଭଲିଗଲେ । ଏମିତି ଏକ ଦୁଃଖଦ

ଖବର ସଭିଁଙ୍କୁ ମର୍ମାହତ କରିଥାଏ । ଗାଁ ମୁଖିଆ ଆସି ସଭିଁକୁ ସାନ୍ତ୍ୱନା ଦେଲେ । ଯାହା ହେଇଯାଇଛି ଆଉ କଣ ଫେରି ଆସିବ? ଅନ୍ତିମ ସଂସ୍କାର ପାଇଁ ବିଭିନ୍ନ ଆନୁସଙ୍ଗିକ ଯୋଗାଡ କରିବା ପାଇଁ ମୁଖିଆ କଛି ଗାଁ ଲୋକଙ୍କୁ ଦାଇତ୍ୱ ନ୍ୟସ୍ତ କଲେ । କୋକେଇର ବ୍ୟବସ୍ଥା ଓ ଜୁଇ ପାଇଁ ପାଖମୁଣ୍ଡିଆ ରୁ ଗଛ କାଟିବାକୁ ଏ ସବୁ ପାଇଁ ବି ବ୍ୟବସ୍ଥା କରାଗଲା । ହେଲେ ତା ମର ଶରୀର କଣ ଏବେ ଡାକ୍ତରଖାନାରେ ବ୍ୟବଚ୍ଛେଦ ହେବାରେ ବିଳମ୍ବ ହେଉଛି କି?

ନିର୍ଦ୍ଧିଷ୍ଟ ସମୟ ମଧରେ ସବୁ ଯୋଗାଡ ସରି ଯାଇଥାଏ । କୋକେଇ ସଜଡା ସରିଥାଏ । ବାଉଁଶ, ମାଠିଆ, ଖଇ ସବୁ ଯୋଗାଡ ସରିଛି । ସବୁ ମାଲ ମାନେ ବି କେତେବେଳୁ ଆସି ଦାଣ୍ଡ ପିଣ୍ଡାରେ ବସିଲେଣି । ପଡିଶାଘର ସବୁ ଯାହା ସବୁ ରନ୍ଧା ରନ୍ଧି କରିଥିଲେ, ମାଠ୍ହୋଇଯାଇଥିବାରୁ ବାରି ଆଡେ ସବୁ କୁଢେଇ ଦେଇ ଆସିଲେ । ପାଲଟା ଲୁଗା ଧୋଇ ଘରକୁ ଫେରିଲେ । ଯେଉଁ ସବୁ ସ୍ତ୍ରୀ ଲୋକମାନେ ଆସିଥିଲେ ସଞ୍ଜ ପହରେ ପାଲଟା ଲୁଗା, ମୁଣ୍ଡ ଧୋଇ ହକାଳ ଘରକୁ ଫେରିଲେଣି । ସକାଳୁ ଏଇ ସଞ୍ଜ ହେବାକୁ ବସିଲାଣି । ମାଛି ଅନ୍ଧାର ହେବ ହେବ ହେଉଛି ଏ ଯାଏଁ ଶବ କାହିଁ ପହଁଚ ନାହିଁ ବୋଲି ଗାଁ ମୁଖିଆ ଯାକୁ ତାକୁ ପଗ୍ଚରି ବୁଝୁଥାନ୍ତି ।

ଅପେକ୍ଷା କରି କରି ସଭିଏଁ ଅତିଷ୍ଠ ର ଭାବ ସଭିଙ୍କ ମୁହଁରୁ ଜଳ ଜଳ ଦେଖା ଗଲାଣି । ଗ୍ଉଳ ର ସ୍ତ୍ରୀ ର କାନ୍ଦଣା ଧୀରେ ଧୀରେ ଧିମା ପଡିଆସିଲାଣି । ସମସ୍ତେ ଗ୍ଚହିଁ ବସିଥାନ୍ତି କେମିତି କାମ ତୁଟିଗଲେ ତା ପରେ ବି ଅନେକ କ୍ରିୟା କର୍ମ ଅଛି । ବର୍ଷା ଦିନ ମେଘ ବି ଢାଙ୍କି ରଖିଛି । ଗୋଟେ ଅସରା ଝିପି ଝିପି କରି ଥରେ ପଳେଇଗଲାଣି । ଶୁଖିଲା କାଠ ବଡ କଷ୍ଟରେ ଯୋଗାଡ ହୋଇଛି, ସେ ବି ଦର କଞ୍ଚା ।

ଏତେ ଉଚ୍ଛୁର ହେବାରୁ ଯେଉଁ ସ୍ତ୍ରୀ ଲୋକମାନେ ଆସିଥିଲେ ବିଧବାର ନୀତି କର୍ମ କରିବା ଲାଗି ସେମାନେ ବହୁ ବୁଝାବୁଝି କରି ଗ୍ଉଳ ସ୍ତ୍ରୀ କୁ ନେଇ ପୋଖରୀ କୁ ଗଲେ । ପୋଖରୀ ତୁଠ ରେ ସଧବା ର ଯବନିକା ପଡିବ । ବିଧବା ବେଶ ସବୁ ମାଙ୍ଗଳକ କର୍ମରୁ ବଂଚତ ହେବାର ଆୟାରମ୍ଭ । ସିମାନ୍ତରୁ ସବୁଦିନ ପାଇଁ ଲିଭିଯିବ ସିନ୍ଦୁର । କୋଉ ଜନ୍ମର ପାପକୁ

ଓଲଟ ପାଲଟ କରି ଖୋଜୁଥାଏ ଗ୍ଭଉଳ ର ସ୍ତ୍ରୀ । ହେ.... ବିଧାତା, ମୋ କପାଳେ କାଇଁ ଏ ମନ୍ଦ ବିହି....!!

ନା, ଏଥର ପୁଛିବାକୁ ପଡିବ ଏତେ ଉଚ୍ଛୁର ହେତୁ? ଗ୍ଭଉଳ ତ ଗୋଟିଏ ପୁଅ, ତା ବାପା ମା ଙ୍କ ଜୀବନ ଏବେ ବା କୁ ବତା! ଜୀବନର ଶେଷ ପାହାଚରେ ।

ଘର ଠାରୁ କଛି ଦୂରରୁ ଗାଡି ଲାଇଟି ଦେଖା ଗଲା କ୍ରମଶଃ ନକଟତର ହେଉଥାଏ । କଛି ଦୂରରେ ଗାଡିଟି ଅଟକ ଗଲା ସେଥିରେ କେହି ଜଣେ ଓହ୍ଲେଇବାର ଜଣା ପଡୁଥାଏ । ହାତ ରେ ଗୋଟେ ବଡ ବ୍ୟାଗ ଧରିଯେଉଁ ଲୋକଟି ମୁଚକୁନ୍ଦ ହସି ହସି ଆଜି ଦୁଆର ମୁହଁରେ ଉପସ୍ଥିତ ହେଲା ସେ ନଜେ ଥିଲା ଗ୍ଭଉଳ ।

ଗାଁ ମୁଖିଆ ଗ୍ଭଗରେ ପଞ୍ଚମ..! କାନ ମୂଳ ତୋର ତତେଇ ଦେବି ଜାଣିଛୁ..! ହଇରେ," ତୁ କ ପାଲା ଲଗେଇଛୁ ଏଠି ..? "

ନାଇଁ ମ ଦାଦା, ମୁଁ ଗାଡି ଚଳାଉଥିଲା ବେଳେ ବାୟସ ଦମ୍ପତି ଙ୍କ ନବିଡ ମୁହୂର୍ତ୍ତ ମୋ ଆଖି ରେ ପଡିଗଲା । ଆପଣ ତ ବୟୋଜ୍ୟେଷ୍ଠ ସେ ଦୃଶ୍ୟ କେତେ ଅଶୁଭ ..? ? ଏମିତ ଗୁଜବ ପ୍ରଗ୍ଭର କଲେ ବିପଦ ଟଳଯାଏ ବୋଲି ମୁଁ ପୁରୁଖା ମାନଙ୍କଠାରୁ ଶୁଣିଥିଲି । ସେଥିପାଇଁ ମୁଁ ଏମିତି କରିଥିଲି । ହେଲ୍ପର କୁ କହିଥିଲି ଜଣେଇବାକୁ। ସେ ମରଣ ନୁହେଁ; କାଉ ମରଣ ବୋଲି ।

ଝଅଟ ପୋଖରୀ ତୁଠକୁ ଯା..ଆଉ କଛି ଘଟିବା ଆଗରୁ ସେଠି ଅଟକା..! ଆଉ ଟିକେ ପରେ ନଚେତ ସବୁ ଯିବ ସରି..

ଗ୍ଭଉଳ ପଡି ଉଠି ପୋଖରି ତୁଠେ ପହଞ୍ଚି, ରୁହ ରୁହ ଦୂରୁ ପକେଇଲା ହୁରି..... କାଉ ମରଣ, କାଉ ମରଣ କହି ଛାଡୁଥାଏ ହୁରି.....

କଲ୍ୟାଣପୁର, ନୟାଗଡ

# ଫରକ୍



ଜ୍ୟୋତିର୍ମୟ ବେହେରା

ଜାଣି ପାରୁନଥିଲି ଜାଣୁଛି
ତୁମେ ଥିଲାବେଳେ ଆଉ ଗଲାପରେ ଫରକ୍ କଣ ଅଛି !?
ତୁମେ ଥିଲାବେଳେ ଲେଖୁଥିଲି, ଏବେ ବି ଲେଖୁଛି
ଆଗରୁ ଭାବିବାକୁ ପଡୁନଥିଲା, ଏବେ ଭାବିବାକୁ ପଡୁଛି ।
ତୁମେ ଥିଲାବେଳେ ଗାଲୁଥିଲି, ଏବେ ବି ଗାଲୁଛି
ଆଗରୁ ଅମାନିଆ ଥିଲି, ଏବେ ଦେଖିଚାହିଁ ଚାଲିବାକୁ ପଡୁଛି ।
ଫରକ୍ କେବେ ନଥିଲା, ଫରକ୍ ଏବେ ଏତିକି ଅଛି ॥

ଭଦ୍ରକ, ବେନ୍ତାଳ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ତୃତୀୟ ଶ୍ରେଷ୍ଠ



ଖଗେଶ୍ୱର ବାଗ

ଯା' ବକ୍ଷେ ଶୋଭିତ ନୀଳ ପାରାବାର    ଗିରି ନଦୀ ବନ ଅପୂର୍ବ ସମ୍ଭାର
ନିବାସନ୍ତି ଯହିଁ ଦେବ ସଦାଶିବ    ବିଚରନ୍ତି ହର୍ଷେ ଯାବତ ସଜୀବ
ବ୍ରହ୍ମାଣ୍ଡେ ଏ ତ, ତୃତୀୟ ଗ୍ରହଟି ପୃଥିବୀ, ଶ୍ରେଷ୍ଠ ॥

ଯା' ଜୀବନ ଛାର ଅଗ୍ରଜର ବିନା    ତୁଚ୍ଛ ରାଜ ସୁଖ କାମନା ବାସନା
ବହି ଖେଦ ହୃଦେ ଚାତକଯେସନେ    ଚାହିଁଥିଲେ ପଥ ଭ୍ରାତା ଆଗମନେ
ତ୍ୟାଗ ସତତ, ତୃତୀୟ ଭ୍ରାତା ଯେ ଭରତ ଶ୍ରେଷ୍ଠ ॥

ଯା'ର ପରାକ୍ରମ ନାହିଁ ପଟାନ୍ତର    କେବେ ଗୁରୁ କେବେସଖା ସହୋଦର
ଯା' ନୟନ ବିଶ୍ୱ ରୂପ ଦରଶନ    ପ୍ରିୟ ହୋଇ ନାଶ କଲେ ପ୍ରିୟଜନ
ମହାଭାରତ, ତୃତୀୟ ପାଣ୍ଡବ ବୋଲନ୍ତି ଶ୍ରେଷ୍ଠ ॥

ଚିର ଚାରୁଚନ୍ଦ୍ରକରେ ବିମୋହନ    ବାରବାର ଚିତ୍ତ କରେ ଆକର୍ଷଣ
ରବି ଶଶୀ ପରି ନୟନ ଯୁଗଳ    ଜୀବ ଯିବା ଯାଏ କରେ ସମୁଜ୍ଜ୍ୱଳ
ତୃତୀୟନେତ୍ର, ବିନାଶ ସର୍ଜନା ନିମିତ୍ତ ଶ୍ରେଷ୍ଠ ॥

ଜ୍ୟେଷ୍ଠ ହୋଇ ଜାତ ହେଲେ ସୁତାସୁତହେଲେ ବା ଅନୁଜ ହୁଏ ପ୍ରିୟପାତ୍ର
ପିତାମାତା ଦୁଃଖ ବୁଝେ ଯା'ର ମନ    ଭ୍ରାତା ଭଗିନୀର ଚିନ୍ତା ଚିରନ୍ତନ
ହୋଇ ମଧ୍ୟ ସେ ତ, ତୃତୀୟ ସନ୍ତାନ ଜନମୀ ଶ୍ରେଷ୍ଠ ॥

ମୁରଲିଧର ଶିକା

# ହେମା ଆମେ ପାର

ଜନମ ଗୁଟେ ମରନ ଗୁଟେ
ନାଇସେ ଭିନ ଭିନ
ପିଲା ହଉକ ଟୁକେଲ ହଉ
ନାଇ ଭବୁ କେଭେ ହିନ

ପିଲା ଜନମ ଗହକ ଲାଗସି
ଟୁକେଲ ଜନମ ପିତା
ଟୁକେଲ ଇହାଦେ ଖେପିଗଲାନ
ବକୁଛେ ନେତା ଗୁତା

ଦେଶ ବିଦେଶେ ନାଁ ରଖଲା
ଇ ଆମର ଟୁକେଲ
ପାଟ୍ ଖେଲ ନଁରଧା ଡେଗାନୁ
ନାଇ ନ କେଭେ ଫେଲ

ପିଲା ହେଉଛେ ଲଡକୋ କୋଗ୍ରେ
ବୁଡି ଗଲା ତାର ନାଁ
ମଦ ଗଞ୍ଜେଇ ଆଫୁ ଜୁଆରି ହଇ
ବୁଡାଲା ବାପର ନାଁ

ବୁଢା ବୁଢୀ ହେଲେ ଥିରହୁକେ ନାଇ
ଲାଗସି କେତେ ଗାଲି

ଜିଇତା ଜିଇତା ମାଁ ବୁଆ କେ
ଦେଉଛେ ସତେ ଜାଲି

ଟୁକେଲ ଥିଲେ ପାଖେ ନଁରଦି ଆଏସି
କରସି ଗୁଟାଁ ଉଟାଁର
ଦୁଖ୍ ସୁଖକେ ଠିଆ ହଇ କରି
କରି ଦେସି ସବୁ ପାର

ମାଁ ବୁଆର ସେବା କରି ଗୃଲସି
ଗୁଡେ ହାତେ ଦେସି ତେଲ
ବାପ ଭାଇକେ ବୁଝେଇ ସୁଜେଇ
କରି ଦେସି ଫେର ମେଲ

ପିଲା ହେଲେ ବିହା ହେସି ଅଗ୍ସ ବୁହା
ମାଏଝର ବୁଲେ ଚଲସି
ମାଁ ବୁଆକେ କଏ ପଗ୍ସରେ
ବାଡି ଠେଙ୍ଗେ ଧରି ଧାଏସି

ଟୁକେଲ ବଡ କ ପିଲାବଡ ଯେ
ତମେ କର ବିଗ୍ସର
ଟୁକେଲ ଜନମ କେ ଆଦର କଲେ
ହେମା ଆମେ ପାର

କୁତୁର୍ଲା, ଲରମ୍ବା, ପାଟଣାଗଡ, ବଲାଙ୍ଗୀର



ଅନୁପମ ବେହେରା

# ଜହ୍ନ ଗୋଲାପ ଓ ଭଅଁର

ଗୋଟିଏ ସୁନ୍ଦର ପୃଥିବୀ ଥାଏ । ସେଇ ସୁନ୍ଦର ପୃଥିବୀରେ ଥାଏ ଗୋଟିଏ ସୁନ୍ଦର ଫୁଲ ବଗିଚା । ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାରେ ଥାଏ ଗୋଟିଏ ସୁନ୍ଦର ଗୋଲାପ ଫୁଲ ଗଛ । ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସୁନ୍ଦର ଗୋଲାପ ଗଛଟିରେ ଦିନେ ଜନ୍ମ ନିଏ ସୁନ୍ଦର ଗୋଲାପ କଢିଟିଏ । ତା'ରି ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଯାଏ ସମଗ୍ର ପୃଥିବୀ । ଚତୁର୍ଦ୍ଦିଗ ମହକିଯାଏ ତା ସୁଗନ୍ଧରେ । ଯେଉଁଦିନ କଢିଟି ଫୁଲ ହୁଏ ସେଇଦିନ ତା'ର ଦେଖା ହୁଏ ଆକାଶର ରାଜକୁମାର ଜହ୍ନ ସାଥିରେ । ସେଇ ପ୍ରଥମ ଦେଖାରେ ଭଲ ପାଇ ବସନ୍ତି ଦୁହେଁ ଦୁହିଁଙ୍କୁ ।

ନିଇତି ସନ୍ଧ୍ୟାରେ ଜହ୍ନ ଆସେ ଅସଂଖ୍ୟ ତାରାର ଶୋଭାଯାତ୍ରା ନେଇ । ତା'ର ସ୍ୱଚ୍ଛ ଧବଳ ଶୀତଳ ଜ୍ୟୋସ୍ନାରେ ଭିଜେଇଦିଏ ଗୋଲାପର ପ୍ରତିଟି ପାଖୁଡାକୁ । ସ୍ନିଗ୍ଧ ହୋଇଯାଏ ଗୋଲାପ, ଜହ୍ନର କୋମଳ ସ୍ପର୍ଶରେ । ସୁଲୁସୁଲିଆ ପବନର ତାଳେ ତାଳେ ମଥା ହଲେଇ ସ୍ୱୀକାର କରିନିଏ ଜହ୍ନର ପ୍ରେମ ନିବେଦନକୁ । ଧିରେ ଧିରେ ଦୁହିଁଙ୍କ ପ୍ରେମ ସଂପର୍କ ହୋଇଯାଏ ଆହୁରି ନିବିଡ । ଦୁହିଁଙ୍କର ପ୍ରେମ କାହାଣୀର ଚର୍ଚ୍ଚା ହୁଏ ସାରା ପୃଥିବୀରେ ।

ଭଅଁର ପାଖରେ ବି କଥା ପହଞ୍ଚିଯାଏ । ତା ଖଳ ବୁଦ୍ଧି ସଂପନ୍ନ ମସ୍ତିଷ୍କ ଗ୍ରହଣ କରିପାରେନା ଏ କଥାଟିକୁ ସହଜରେ । ସେ ଆସି ପହଞ୍ଚେ ସେଇ ସୁନ୍ଦର ବଗିଚାରେ ଗୋଲାପର ଠିକଣା ସଂଗ୍ରହ କରି । ବିମୋହିତ ହୋଇଯାଏ ସେ ଗୋଲାପର ସୌନ୍ଦର୍ଯ୍ୟକୁ ସ୍ୱ ଚକ୍ଷୁରେ ଦେଖି । ମନେ ମନେ ପଣ କରିନିଏ ତା'କୁ ନଜର କରିବାକୁ ।

ଗୁଣୁ ଗୁଣୁ ଗୀତ ଗାଇ ଉଡିବୁଲେ ଗୋଲାପ ର ଚତୁପାର୍ଶ୍ୱରେ । ଗୋଲାପ କିନ୍ତୁ ପ୍ରତ୍ୟାଖ୍ୟାନ କରିଦିଏ ଭଅଁରର ପ୍ରେମ ନିବେଦନକୁ । ସହଜରେ ଗ୍ରହଣ କରି ପାରେନା ସେ ଗୋଲାପର ପ୍ରତ୍ୟାଖ୍ୟାନକୁ । ହଳାହଳ ବିଷ ସଂଚରିଯାଏ ତା ହୃଦୟରେ । ପ୍ରତିଶୋଧର ବହ୍ନି ବ୍ୟତିବ୍ୟସ୍ତ କରିପକାଏ ତା ବିଚଳିତ ମସ୍ତିଷ୍କକୁ ।

ପୁଣିଥରେ ଗୁଣୁଗୁଣୁ ଗୀତଗାଇ ଭଅଁର ଉଡିବୁଲେ ଗୋଲାପର ଚତୁପାର୍ଶ୍ୱରେ । ଗୋଲାପ କିନ୍ତୁ ତାକୁ ଚାହେଁନା ଆଡ ଆଖିରେ । ଆୟତ୍ତରୁ ବାହାରକୁ ଚାଲିଯାଏ ଭଅଁରର କ୍ରୋଧ । ଛିନ୍ନଭିନ୍ନ କରି ପକାଏ ସେ ଗୋଲାପର ପ୍ରତିଟି ସୁନ୍ଦର ପାଖୁଡା ଗୁଡାକୁ । କିଛି କ୍ଷଣ ଭିତରେ ଗୋଲାପର ସୌନ୍ଦର୍ଯ୍ୟ ହଜିଯାଏ ପୃଥିବୀ ଗର୍ଭରେ । ଭଅଁରର ବିଜୟସୂଚକ ଅଟ୍ଟହାସ୍ୟରେ ଥରିଉଠେ ସୁନ୍ଦର ଫୁଲ ବଗିଚାଟି ।

ଏମିତି ଏକ ଲୋମହର୍ଷଣକାରୀ ହୃଦୟବିଦାରକ ଦୁର୍ଘଟଣାରେ ମର୍ମାହତ ହୋଇ ସୂର୍ଯ୍ୟ ବିଶ୍ରାମ ନିଅନ୍ତି ପଶ୍ଚିମ ଆକାଶର ପର୍ବତମାଳା କୋଳରେ । ଅସଂଖ୍ୟ ତାରାର ଶୋଭାଯାତ୍ରା ନେଇ ଜହ୍ନ ଆସେ ଗୋଲାପକୁ ଭେଟିବାକୁ । କିନ୍ତୁ ନ ଥାଏ ସେ ସୁନ୍ଦରପୃଥିବୀ । ନ ଥାଏ ସେ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚା । ନ ଥାଏ ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲବଗିଚାର ସୁନ୍ଦର ଗୋଲାପ ଗଛ । ନ ଥାଏ ସେଇ ସୁନ୍ଦର ସୁନ୍ଦର ଫୁଲ ବଗିଚାର ସୁନ୍ଦର ଗୋଲାପ ଗଛରେ ଫୁଟିଥିବା ତା ଅତି ପ୍ରିୟ ଗୋଲାପଫୁଲ ।

ସ୍ନିଗ୍ଧ ହୋଇଯାନ୍ତି ଗୋଲାପର ଭୂମିଷ୍ଠ ପାଖୁଡା ଗୁଡାକ ଜହ୍ନର ଶୀତଳ ଧବଳ ଜ୍ୟୋତ୍ସ୍ନାରେ । ଧୈର୍ଯ୍ୟର ବନ୍ଧ ଭାଙ୍ଗିଯାଏ ଜହ୍ନର । ତା ଦୁଃଖ ଜର୍ଜରିତ ଭଙ୍ଗା ହୃଦୟର ଅଶ୍ରୁରେ ଭିଜିଯାଏ ସମଗ୍ର ପୃଥିବୀ । ଗୋଲାପର ଆତ୍ମା ଧିରେ ଧିରେ ନିଜ ମରଶରୀର ଛାଡି ଊର୍ଦ୍ଧ୍ୱମୁଖୀ ହୋଇ ପହଞ୍ଚେ ଜହ୍ନପାଖରେ । ଚୁମ୍ବନଟିଏ ଆଙ୍କିଦିଏ ଜହ୍ନର କପାଳରେ ।

ଜହ୍ନ ନିଜର ଅଶ୍ରୁଳ ଆଖି ଯୋଡାକ ଉପରେ ବିଶ୍ୱାସ କରିପାରେନା ଗୋଲାପକୁ ନିଜ ପାଖରେ ଦେଖି । ଖୁସିରେ କୁଣ୍ଢେଇପକାଏ ତାକୁ । ଗୋଲାପକୁ ଜହ୍ନର ବାହୁପାଶରେ ଦେଖି ପରାଜୟର ଗ୍ଲାନିରେ ପାଗଳପ୍ରାୟ ହୋଇଯାଏ ଭଅଁର ।

ପୁଣି ହସିଉଠେ ସୁନ୍ଦର ପୃଥିବୀ । ହସିଉଠେ ସୁନ୍ଦର ପୃଥିବୀର ସେଇ ସୁନ୍ଦର ଫୁଲ ବଗିଚା । ହସିଉଠେ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସେଇ ସୁନ୍ଦର ଗୋଲାପ ଗଛ । ହସି ହସି ଗୋଲାପ ବିଦା ନିଏ ଜହ୍ନ ପାଖରୁ । ଜହ୍ନ କିନ୍ତୁ ଚାହୁଁ ନ ଥାଏ ତାକୁ ଦୂରେଇଦେବାକୁ । ଗୋଲାପ ହାତ ବଢେଇ ଇସାରା କରେ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସେଇ ସୁନ୍ଦର ଗୋଲାପ ଗଛଟିକୁ । ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସୁନ୍ଦର ଗୋଲାପ ଗଛଟିରେ ଜନ୍ମ ନେଇଥାଏ ସୁନ୍ଦର ଗୋଲାପ କଢ଼ିଟିଏ ।

ଶାଖା ପରିଚାଳକ
ସଦର ଶାଖା
ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ, ବୌଦ୍ଧ



# ଏଇ ଆକାଶ ତଳେ



ସନ୍ତୋଷ କୁମାର ମହାନ୍ତି

ଏଇ ଆକାଶ ତଳେ
ବରଷା ସହୁ
ଶୀତ ବି ଖାଉ
ଝାଞ୍ଜି ପବନେ
ଆଉଟି ହେଉ ।

ଏଇ ଆକାଶ ତଳେ
ଦେଖୁ ସପନ
ଗଢୁ ଜୀବନ
ଆଶା ହତାଶା
ବାଆ କୁ ବତା ।

ଏଇ ଆକାଶ ତଳେ
ଅନ୍ଧାର ହେଲେ
ତାଗ୍ଦ ମେଳେ
ଦୁଃଖ ହଜଇ
ଜହ୍ନକୁ ପାଇ ।

ଏଇ ଆକାଶ ତଳେ
ପ୍ରଳୟ ହେଇ
ଜୀବନ ଯାଏ
ତଥାପି ମଣିଷ
ଭାଙ୍ଗି ନ ଯାଏ ।

ଏଇ ଆକାଶ ତଳେ
ଚନ୍ଦ୍ର କୁ ଯିବାର
ସପନ ଥାଏ
କ୍ଷୁଦ୍ର ମଣିଷ
ଦମ୍ଭରେ ଥାଏ ।

ନବଜୀବନ ସମାଜ, ସଫା, କଟକ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ସପନ ସହର



ମାମାଜିନ ପ୍ରଧାନ

ପ୍ରେମର କବିତା ଲେଖୁଚ ମୁଁ
ପ୍ରେମିକା ହୋଇ ।
ଜାଣି ମୁଁ ନଥିଲି, ବୁଝି ମୁଁ ନଥିଲି
ଗ୍ଲିବି ଦିନେ ସେ ବାଟ ଦେଇ ।
ସପନ ସହରେ ଘରଟେ ତୋଳଲେ
କେତେ ଯେ କଷ୍ଟ ହୁଏ ।
କ୍ଷଣକେ ଅଛି କ୍ଷଣକେ ନାହିଁ
ଆଖି ଖୋଲିଲେ ଭାଙ୍ଗିଯାଏ ।
ଲାଗେ ସବୁ ଭଲ ଯେବେ
ପ୍ରେମରେ ଉଭୟ ଥାନ୍ତି ବୁଡି ।
ଏକ ତରଫା ପ୍ରେମକୁ
ଭସେଇ ନଏ ନଇ ବଢି ।
ଆକାଶେ ଖେଳେ ପବନ ଲହରୀ
ସାଗରେ ସାମୁକା ମୋତି ।
ତୁମ ବାଟ ଗୁହିଁ ରହିଥିବି
ଯେବେ ଯାଏଁ ଅଛି ଜୀବନେ ଜ୍ୟୋତି ।
ଆଜିତ ଅଛେ କାଲିକ ନଥିବା
କଏ ସେ ପାରିଛି ସମୟକୁ ବାନ୍ଧି ।
ଜାଣିକେ ପାରିଛି କଏ କାହା ପାଇଁ
ଉପର ବାଲ୍ ଉପରେ ଦେଇଛି ଛନ୍ଦି ।



ବାଲିଛାଇ, ଗଞ୍ଜାମ, ଓଡିଶା

# ସବୁ କେବଳସୁ ମୋର



ପର୍ଶୁର୍‌ମ ଶଗରିଆ

ମୋର ମୋର ବଲି ଦେଖେହେଉଛୁ
କେନସିଟା ନଇଁ ସେ ତୋର ।
ବିଧାତା ଘାଟୁଛେ କାଲଜାଲନେ
ସବୁ କେବଲସୁ ମୋର ।
ଦୁନଆକେ ଆଶିଛୁ ତୁଇ
ଘାଟୁଛେ କାଲ ଘଟଣାଡି ।
ଘୁରି ବୁଲୁଛୁ ତୁଇ
ସବୁ ଲ୍‌ଗୁଛେ ମୋର ମୋର ବଲି
କେନସିଟା ନାଇଁ ସେ ତୋର
ଆଗପଛ କେ ଭ୍‌ବି ବିଗ୍ଚରି
ସବୁ କାମ କେ କର
ସୁନା ରୂପା ଟଙ୍କା ପଇସା ଦେଖ୍‌ ବୁଲିଯାଏସୁ
ଏସବୁ କେ ମୋର ବଲସୁ
ଉଡାଜାହାଜକେ ହାତେ ଧରସୁ
ମୋର ବଲି କେତେ ଦେଖେହେଉଛୁ
କେନସିଟା ନାଇଁ ସେ ତୋର?

ମାୟା ଜଞ୍ଜାଲ ସବକେ ଘାଟୁଛେ
ହିସା ର୍‌ଜ କରୁଛେ
ଜାନସୁନ ମଣିଷ ସବୁ ସବୁ କେବଲଇ
ମୋର
ମରିଛାଡି ଗ୍ଚଲିଜିବୁ
କେନସିଟା ନାଇଁ ତୋର
ମୋରମୋର ବଲି ନାଇଁ ଭ୍‌ବୁ
କେନସିଟା ନାଇଁ ସେ ତୋର
ସବୁକେନଇ ବଲବୁ ମୋର

ଗ୍ରାମ- କ୍ରିଷ୍ଣା( ଖଡିକାରପଡା) ,
ଜିଲ୍ଲା- ନୂଆପଡା

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

୫- ସଂଗୀତ ପ୍ରେରଣା

ଉଣେଇଶ ଛପନ ମସିହା ଜୁନ୍ ୧୯ ତାରିଖ । ବର୍ତ୍ତମାନର ଦୁନିଆକୁ ଲକ୍ଷ୍ୟ କଲେ ମୋର ମନେ ହୁଏ ସେ କାଳରେ ଧରମ ପୁତ୍ର, ଅଧର୍ମ୍ମ ଝିଅ, ଧରମ ଭାଇ, ଧରମ ଭଉଣୀ ଇତ୍ୟାଦିର ପ୍ରଥା ବହୁଳ ଭାବେ ଚାଲୁଥିଲା । ତାହା କାହିଁକି ନା ସେଦିନ ମୋ ପକ୍ଷେ କହିବା ସମ୍ଭବ ଥିଲା ନା ଆଜି ।ମାତ୍ର ସେ କାଳର ସେଇ ଗଢି ଉଠିଥିବା ସର୍କଟି ଯେ ବଜ୍ର ସଦୃଶ ଦୃଢ ଆଉ ଅତୁଟ ସେଥିରେ କୌଣସି ସନ୍ଦେହ ନଥିଲା ।

ସେ ଦିନ ବାପାଙ୍କର ଜଣେ ଧର୍ମ୍ମ ପୁତ୍ର ( ରାମ ସାହୁ) ଆମ ଘରକୁ ଆସିଥିଲେ । ଘରେ ସବୁବେଳେ ରାମ ଭାଇଙ୍କ ବିଷୟରେ ଚର୍ଚ୍ଚା ହେଉଥିଲେ ମଧ୍ୟ ପୂର୍ବରୁ ତାଙ୍କ ସହ ସାକ୍ଷାତ ମିଳବାର ସୁଯୋଗ ଆସିଥିଲା । ରଜପର୍ବ ଶେଷ ହୋଇ ତିନିଦିନ ହୋଇଯାଇଥିଲା । ଗଛରେ ବନ୍ଧା ହୋଇଥିବା ଦୋଳ ଖୋଲା ଯାଇ ନଥିଲା । ନାନୀ ଦୃଢ କଣ୍ଠରେ ସେ ଦିନ ଦୋଳଟିକୁ ଖୋଲିଦେବାପାଇଁ ଆଦେଶ ଦେଉଥିଲା । ସଜନା ହାତରେ କିଛି ଠାକୁର ଭୋଗ ଲାଞ୍ଚ ରୂପେ ଧରାଇ ସଂନ୍ଧ୍ୟା ପର୍ଯ୍ୟନ୍ତ ଦୋଳଟିକୁ ନ ଖୋଲିବା ପାଇଁ ନେହୁରା ହେଲି । ଲାଞ୍ଚ ପାଇଥିବା ହେତୁ କମ୍ପା ଦୟା ଦେଖାଇ ଜବାବ୍ ଦେଲା, "ସାଙ୍ଗ ସାଥିଙ୍କୁ ଡାକ ମନ ଭରି ଦୋଳ ଖେଳ ନଅ । ସଂନ୍ଧ୍ୟା ବେଳକୁ ଦୋଳ ଖୋଲିବି । ଖୁସିର ସୀମା ରହିଲାନି । ସାଥୀ ମାନଙ୍କ ସଂଗେ ଦୋଳ ଖେଳ । ରଜ ଦୋଳୀ ଗୀତ ବଦଳରେ ବହୁ ଧରଣର ଗୀତ । ଘର ଭିତରକୁ ପଶିଲା ବେଳକୁ ଦେଖିଲି ବାପା ଓ ରାମଭାଇ କ'ଣ କିଛି ଆଲୋଚନା ଜୋର୍ ସୋରରେ ଚଳାଇଛନ୍ତି । ମତେ ଦେଖି ଆଲେଚନା ବନ୍ଦ କରି ରାମ ଭାଇ ମତେ ପାଖକୁ ଡାକି ଷ୍ଟୁଲ ଉପରେ ବସାଇଲେ । କିଛି ନ ବୁଝିପାରି ମୁଁ ଆଡେ ସାଡେ ଚାହିଁଲି । ନାନୀ ବାପାଙ୍କ ପାଖରେ ଚାହା ଗ୍ଲାସ ଆଉ ରାମଭାଇଙ୍କ ପାଖେ ଜଳଖିଆ ପ୍ଲେଟ( ଥାଳିଆ) ରଖିଲା ।

ବାପା ଗୁହା ପିଇବାରେ ମନ ଦେଲେ । ମୋ ହାତରେ ଗୋଟିଏ କାକରା ପିଠା ଧରାଇ ରାମ ଭାଇ ପଚାରିଲେ " ତୁ ଗୀତ ଶିଖୁଛୁ ? "

ନା ।

ମୁଁ ବାପାଙ୍କୁ କହିବି, ସେ ତୋ ପାଇଁ ଗୋଟିଏ ଗୀତ ମାଷ୍ଟରଙ୍କର ବ୍ୟବସ୍ଥା କରିବେ । ମୋ ହାରମୋନୟମଟା ମୁଁ ତୋ ପାଖକୁ ପଠାଇ ଦେବି ।

ଝିଅ ପିଲା ଗାଁ ବାହାରକୁ ସ୍କୁଲରେ ପଢିବାକୁ ଯିବା ସେ କାଳ ପାଇଁ ନୀତି ବିରୁଦ୍ଧ ଥିଲା, ମତେ ଛଅ ପୁରି ସାତ ଗ୍ଲିଥିଲା । ପାଠ ପ୍ରତି ମୋର ବହୁ ଆଗ୍ରହ ଦେଖି ମଧ୍ୟ ବାପା ସମାଜ ବିରୁଦ୍ଧରେ ଯାଇ "ଶିବ ପ୍ରସାଦ" କଂବା "ରାମ ବାଗ" ସ୍କୁଲକୁ ପଢିବା ପାଇଁ ପଠାଇ ନ ଥିଲେ । ତାର କାରଣ ହେଲା ଦୁଇଟି ଯାକ ସ୍କୁଲ ଆମ ଗାଁ ବାହାରେ ।

ମଝିରେ ମଝିରେ ମାମୁଁ ଆମ ଘରକୁ ଆସନ୍ତି, ମାମୁଁ ଆସିଲେ ଆମେ ପିଲାମାନେ ଭାରି ଖୁସି ହେଉଥିଲୁ । ତାର କାରଣ ହେଲା ଯେଉଁ ଯେଉଁ ବିଷୟ ଗୁଡିକ ଉପରେ ଆମପାଇଁ କାୟଦା କଟକଣା ଥାଏ, ମାମୁଁ ଥିଲେ ସେ ସବୁ ଲାଗୁ ହୁଏନା । ମାମୁଁ ଆମକୁ ବହୁ ଦୂର ଦୂରକୁ ବୁଲେଇ ନେଇଯାଆନ୍ତି ।ଯାହା ଅଳି କରୁ ତାହା କଣି ଖୁଆନ୍ତି ।

ମାମୁଁଙ୍କର ଏକ ମାତ୍ର ଝିଅ "ଭାର୍ଗବୀ ନାନୀ", ମୋ ଠୁ ବୟସରେ ବେଶ୍ ବଡ । ହେଲେ ତାଙ୍କୁ ମୁଁ କେବେ ଥରେ ମଧ୍ୟ ସ୍ୱ ଚକ୍ଷୁରେ ଦେଖି ନଥିଲି । ସନ୍ଧ୍ୟା ଆରତୀ ସରିବା ପରେ ବାପା ତାଙ୍କ ଚୌପାଢୀରେ ଆସର ଜମାନ୍ତି । ଆମେ ମାମୁଁଙ୍କ ପାଖରେ ଅଗଣାରେ ବସି କେତେ ଗପ ଶୁଣୁ । ସେ ଦିନ କଥା କଥାରେ ମୁଁ ମାମୁଁଙ୍କୁ କହିଲି "ଭାର୍ଗବୀ ନାନୀ" ଙ୍କ ଭଳି ମୁଁ କାହିଁକି ସ୍କୁଲ ଯାଉନି? ମାମୁଁ କାହିଁକି କେଜାଣି ଟିକଏ ଚୁପ୍ ରହିଲେ । ତା ପରେ ଆରମ୍ଭ କଲେ ନନା ( ମୋ ବାପା) ଜନ ମନ୍ତବ୍ୟ କୁ ଡରୁଛନ୍ତି," ଜନତା କହିବ ପଣ୍ଡିତ ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ । "କୌଣସି କାରଣରୁ ବାପା ଅଗଣା ପାଖକୁ ଆସିଥିଲେ । ସାପ ଲାଙ୍ଗୁଳରେ ହାତ ଦେଲେ ଯାହା ହୋଇଥାଏ ସେଇଆ ହେଲା ।ବାପା, ମାମୁଁଙ୍କ ମଧ୍ୟରେ ରୀତିମତ ଝଗଡା । ପରିସ୍ଥିତି ଏତେ ଜଟିଳ ହୋଇଗଲା ଯେ ମାମୁଁ ରାତା ରାତି ଘର ଛାଡି ଗ୍ଲିଯିବାକୁ ବାହାରିଲେ । ବଡନାନୀ ତାଙ୍କୁ ବହୁ ବୁଝାଇଲେ । ମାତ୍ର ସେ କାହା କଥା

ଶୁଣିବା ଉପରେ ନ ଥିଲେ ବ୍ୟାଗ୍ ଖଣ୍ଡକରେ ତାଙ୍କ ଲୁଗାପଟା ସଜାଡି ବାହାରକୁ ଆସିଲେ । ଏତେ ରାତିରେ ମାମୁଁ ଏତେ ଦୂର ଚାଲି ଚାଲି ଯିବେ । ସେ ପୁଣି ବରମାଡ଼ ( ମଶାଣି) ପଡିଆ ପାର ହୋଇ । ନାନୀ କହେ, ଭୁତମାନେ ସେଠି ଅଧରାତିରେ ବସି ମେଳା କରନ୍ତି । ଉପରକୁ ମାମୁଁ ଭିନ୍ନକ୍ଷମ । ଦୌଡି କରି ମଧ୍ୟ ଯାଇପାରିବେନ । ତେବେ କ'ଣ ହେବ! ସେମାନେ ମାମୁଁଙ୍କୁ ନିଶ୍ଚିତ ବାଣ୍ଟି କୁଣ୍ଟି ଖାଇଯିବେ ।

ଆମ ଘର ବାହାରକୁ ଲାଗି ଗୋଟିଏ ଛତା ଜୋତା ରୁମ୍ ଥିଲା । ଘରକୁ ଅତିଥି ଆସିଲେ ସେଇଠି ଛତା ଜୋତା ରଖି ଗୋଡ ଧୋଇ ଘର ଭିତରକୁ ପଶନ୍ତି । ମୁଁ ଲୁଚ ଲୁଚ ଯାଇ ମାମୁଁଙ୍କ ଛତାଟି ନେଇ "ଖଳାଘର" ନଡା ଗଦା ଭିତରେ ଲୁଚାଇ ଦେଇ ଆସିଲି । ମୁଁ ଜାଣିଥିଲି, ମାମୁଁ ଜୋତା ବିନା ଖାଲି ପାଦରେ ଚାଲିଯିବେ । ମାତ୍ର ଛତା ଛାଡି କୁଆଡେ ଯିବେନ । ଛତାଟିକୁ ଲୁଚାଇ ଦେଇ ଚୁପ୍ ଚାପ୍ ଯାଇ "ନିର୍ଦ୍ଦୋଷ" ପିଲାଟି ଭଳି ବିଛଣାରେ ପଡି ଗାଢ ନିଦ୍ରାର ଅଭିନୟ କଲି ।

ମାମୁଁ, ନାନୀ ଘଣ୍ଟା କରୁ ଅଧିକ ସମୟ ଧରି ଛତା ଖୋଜା ଖୋଜି କଲେ । ସେତେବେଳକୁ ବାପାଙ୍କର ରାଗ ବୋଧେ ଥଣ୍ଡା ପଡି ଯାଇଥିଲା । କହିଲେ "ଏଇଟା ଲକ୍ଷ୍ମୀନାରାୟଣଙ୍କ ଆଶ୍ରମ । ତାଙ୍କ ଆଶ୍ରମ ଛାଡି ରାତିରେ କେହି ଯାଇପାରିବେନ ।" ପରେ ପରେ ସମସ୍ତଙ୍କ ପାଇଁ ରାତ୍ରି ଭୋଜନର ଆୟୋଜନ କରିବା ପାଇଁ ନାନୀକୁ କହିଲେ । ଗାଢ ନିଦରୁ ଉଠିଲା ଭଳି ଆସି ନାନୀକୁ କହିଲି, "ବହୁତ ଭୋକ ଲାଗୁଛି, ନିଦ ହେଉନି ।"

ଆଉ ଦୁଇଦିନ ରହି ମାମୁଁ ତାଙ୍କ ଘରକୁ ଲେଉଟି ଯାଇଥିଲେ । ମାମୁଁ ଯିବାପରେ ସେଦିନ ରାତ୍ରିଭୋଜ ସମୟରେ ବାପା ଆମକୁ ଆଦେଶ ଦେଇଥିଲେ, ବଡି ଭୋରୁ ଉଠି ନିତ୍ୟକର୍ମ ଶେଷ କରିଦେବ, କ'ଣପାଇଁ ନ ବୁଝିଥିଲେ ମଧ୍ୟ ଦୁଇଭଉଣୀ ଆଦେଶ ପାଳନ କରିଥିଲୁ ।

ଆମ ଦୁହିଁଙ୍କୁ ତାଙ୍କ ସହ ପ୍ରାର୍ଥନା କରିବାକୁ କହିଲେ,ଅପେକ୍ଷା କୃତ ଧୀରେ ଧୀରେ ଉଚ୍ଚାରଣ କରୁଥିଲେ:-

"ଓଁ ସୂର୍ଯ୍ୟାୟ ନମଃ

ପ୍ରାତଃ ସ୍ମରାମି ଖଳୁ ତସ୍ଯ ବିତୁର୍ବ ବରେଣ୍ୟମ୍- - - " ।

ସନ୍ଧ୍ୟାରେ ଚଉପାଢୀ ଘରେ ବସି ଉପସ୍ଥିତ ଅତିଥି ମାନଙ୍କ ସାମ୍ନାରେ ଅଧାୟେ ପୁରାଣ ପାଠ ସବୁଠୁ ବେଶୀ ମତେ ଲାଗିଲା, ଗୋଟିଏ ଗାର ପଡିଥିବା ଖାତାରେ ଦିନ ଯାକର ସୁଖ ଦୁଃଖ କାହାଣୀକୁ ଲିପି ବଦ୍ଧ କରିବା ପାଇଁ ମଧ୍ୟ ଆଦେଶ ଦେଲେ ।

ଗୋଟିଏ ପୁରାଣ ଶେଷ ନ ହେବା ପର୍ଯ୍ୟନ୍ତ ଦ୍ୱିତୀୟଟି ଆରମ୍ଭ କରାଯାଏନା । ହେଲେ ମୋର ଉତ୍କଣ୍ଠା ଖୁବ୍ ବଢିଯାଏ । ତେଣୁ ଯେତେ ଶୀଘ୍ର ପ୍ରଥମଟିକୁ ପଢି ଶେଷ କରିବାକୁ ଆପ୍ରାଣ ଚେଷ୍ଟା କରେ । କେବେ କେବେ ଏମିତି ହୁଏ ବେଶୀ ରାତି ହୋଇଗଲେ ଶ୍ରୋତାମାନେ ବନ୍ଦ କରିବାକୁ କହିଥାଆନ୍ତି । ଏଇ ପଦ୍ଧତି ଅବଲମ୍ବନ କରୁ କରୁ ମୋର ଭାଷା ଉପରେ ଏତେଟା ଜ୍ଞାନ ବୃଦ୍ଧି ପାଇଯାଇଥିଲା, ତାହା ମୁଁ ପରବର୍ତ୍ତୀ ପର୍ଯ୍ୟାୟରେ ହୃଦୟଙ୍ଗମ କରି ପାରିଥିଲି ।

ସକାଳ ସନ୍ଧ୍ୟାର ଦୁଇବେଳା ପ୍ରାର୍ଥନା କେବଳ ମନକୁ ଯଥେଷ୍ଟ ଶାନ୍ତି ଦେଉଥିଲା ତାହା ନୁହେଁ, ଗଳା ଖୋଲି ବିଭିନ୍ନ ଧରଣର ଗୀତ ଗାଇବାରେ ମଧ୍ୟ ସାହାଯ୍ୟ କରୁଥିଲା । ସବୁଠାରୁ ବେଶୀ ଉଲ୍ଲେଖନୀୟ ଥିଲା ମୋର ଏକାଗ୍ରତା ଶକ୍ତିର ବୃଦ୍ଧି ।

ଦିନ ଗୋଟାକର ହୃଦୟସ୍ପର୍ଶୀ ବିଷୟ ଗୁଡିକୁ ବାପା ଦେଇଥିବା ଖାତାଟିରେ ଉଲ୍ଲେଖିତ କରିବା ପରେ ମତେ ବହୁତ ବେଶୀ ଶାନ୍ତି ଉପଲବ୍ଧି ହେଉଥିଲା । କେବଳ ସେତିକି ନୁହେଁ, ଲେଖିବା ପରେ ବିଷୟଟି ମୋର ଏତେ ବେଶୀ ମନେ ରହିଯାଉଥିଲା ଯେ ଅନ୍ୟମାନଙ୍କ ସହ କେବେ ସେଇ ବିଷୟରେ ଆଲୋଚନା ହେଲେ ମୋର ସ୍ମରଣ ଶକ୍ତି ଖୁବ୍ ବେଶୀ ବୋଲି ମନ୍ତବ୍ୟ ମିଳୁଥିଲା ।

ବାପାଙ୍କ ଆଦେଶ କ୍ରମେ ଆମେ ଦୁଇ ଭଉଣୀ ଯାଜପୁର ଶିବ ମନ୍ଦିରରେ ବସି ଶିବ ପୁରାଣ ପାଠ କରିଥାଉ । କ୍ରମେ କ୍ରମେ ଶ୍ରୋତାମାନଙ୍କର ଅନୁରୋଧ କ୍ରମେ ଭଜନ ଗାଇବା ମଧ୍ୟ ଆରମ୍ଭ କରିଥିଲି । ଏ ସବୁ ବାହାରେ ଯଦି ଗାଁରେ କଛି ପୂଜା ପାଠର ମହୋତ୍ସବ ଆୟୋଜନ ହୁଏ, ମତେ ଭଜନ ଗାଇବା ପାଇଁ ଆମନ୍ତ୍ରଣ ଆସିଥାଏ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଜଲନ୍



ଫିରୋଜ ପଟେଲ

ମୁଇଁ ସୁରଜ୍ ତ ନୁହେଁ
ଫିରଭି କାଁଏ ଯେ
ମୋର୍ ପାଖର୍ ଲୋକ
ହୁଦ୍ ହୁଦ୍ ହଇ ଜଲସନ୍
ମୁଇଁ ତ ଜନ୍ ହେମି ଖୁଛେ
ଫେରଭି କେନ୍ ଜୁଏ ଥି ଜଲି
ଲୁକର୍ ମନଥି ଶୁଇଲା
ଆଗ୍ନେୟଗିରି ସବୁ
ଜୁଏ ହୁଲା ବାଁନ୍ତି କରସନ୍ । ॥୧। ॥

ଯାହାର ବାଟ୍ ଦୁଆର୍
କାଅଁର୍ ସର୍ ସର୍
କେଜାନ କାଏ ଆଶେ ସେମାନେ
ମୋର୍ ଘରର୍ ଦୁଆର୍ ବନ୍ଧେ
ମକରଜଲା ବୁନ୍ ସନ୍...
ମୋର୍ ଘର୍ ଉଜଲ୍ ହେବାର୍ ଦେଖି
ଜଲିଜିସି ତାକର୍ ଛାତି
ଯାହାର୍ ଘରର୍ ଚୁଲା ବି
ମୋର୍ ଘରର୍ ଡିବରି ନୁ
ଉଏ ପାଏସନ୍ ॥୨॥

ସାଙ୍ଗେ ଗୁଲମୁଁ ବଲି
ଯାହାକେ ବନ୍ଧୁ କଲି
ସେହି ନ ମତେ ଛଟଲେଇ
ଅଘାଅବାର୍ ଘିଗ୍ଘଉଲଗୁଅ ଥି
ନଜେ ପଡଲେ ହିଟି
ଲମେଇ ଦେସିଁ ମୋର ହାତ୍
ଉଠିଯିବେ ବଲି
ହେଲେ ସେମାନେ ତ
ହାତ୍ ଦେସନ୍ ମୁରକୁଟି ॥୩॥

ମତେ ଜନା ସେମାନେ ଫୁଲ
କଆ ଫୁଲର କହଁର ହେଉ
ଛୁଟା କାଗଜ ଫୁଲେ ଭମର୍
କାଁଏ ଏ ହେବା ଘାଁଟି,
ମଧୁର୍ ତେତେଲ୍ ବୁରେଇ ନ
ଯେତେଖୁଜଲେ ଗୁର୍
ପାଏବା କାଁଏ ଚାଁଟି? ॥୪॥

ମୁଇଁ ସିଧା ସଲଙ୍ଗା ବାଉଁଶ
ମୋର୍ ଠାନ୍ ଠାନ୍ ଗଏଁଠ୍ ଫାଶ
ସେମାନେ ଗଖା ତାଲ୍ ଗଛ୍
ହଇଥିଲେ ଭି
ମୋର୍ ଲେଖେ ବଫୁର୍
ନାଇଁ କରବାର୍ କଥା ଆଶ୍ ॥ ୫ ॥

କେନୁ ଖୁଅମି ମନ୍ ଗୁଟେ
ଆହାର୍ ମନ କୁନେ ବସମି
ଜଲନ୍ ଜୁଏଥି ସବୁ ଜଲୁଛେ
କେନ୍ତା କାନ୍ଦମି ହଁସମି
କେନ୍ ରସଥି ସସାଲେ କହ
ବଞ୍ଚବା ମୁନୁଷପନ୍
କେନ୍ ଫାସେ ବାନ୍ଧଲେ କହ
ମିଶିଯିବା ମନ୍ ମନ୍ ॥୬ ॥

ସୁରଜ୍ ଜଲସି ବଲି
ଦେସି ଉକଆ ଢାଲି
ମନ ବି ଜଲୁ, ଉକଆ ଢାଲୁ
ନାଇଁ ହେଉ ସେଟା ଜଲନ୍
ତନ୍ ତନ୍ ମିଶୁ
ମନ୍ ମନ୍ ମିଶୁ
ସତ ହେଉଥାଉ ସପନ
ଲୋକ ଖୁଲୁ ବିବେକ ଫାଶ
ଜଲନେ ଅଲି ମୁନୁଷପନର୍
ନାଇଁ ହେଉ ସର୍ବନାଶ ॥ ୭ ॥

ଅବନକେଲା, ରେମଣ୍ଡା, ସୁନ୍ଦରଗଡ

# ଏଠି ସବୁ ହଜିଯାଏ



ହିମାଂଶୁ ଭୂଷଣ ଜେନା

ଏ ଏକ ବିଚିତ୍ର ଇଲାକା
ଏଠି ସବୁ ହଜିଯାଏ
କେବେ ଖଣି ତ କେବେ ପାଣି
ତ କେବେ ଝାଳବୁହା ପରିଶ୍ରମର ଅର୍ଥଜମା ( ଚିଟଫଣ୍ଡ) ଜରିଆରେ
ସଶସ୍ତ୍ର ପ୍ରହରୀ ଜାଗ୍ରତ ସବୁଠି
ଦିନରାତି ଏକାଠି କରି ଜଗିଛନ୍ତି
ଫଳ ବି କିଛି କିଛି ମିଳୁଛି
ଏଇ ଏବେ ଏବେ ମହାପ୍ରଭୁଙ୍କ ଭଣ୍ଡାରଘର ଚାବି ବି ହଜିଛି
ଖୋଜା ଖୋଜି ଯୋର ଚାଲିଛି
ତଦନ୍ତ ଉପରେ ତଦନ୍ତ
ଆଶା, ମିଳିଯିବ !
ପ୍ରତିଭା ବି ଉଜୁଡୁଛି
ବିସ୍ମୟ ବାଳକ ବୁଦ୍ଧିଆର ଖୋଜ ଖବର କ'ଣ?
ସ୍ୱପ୍ନ ବି ହଜେ
ଘରୋଇକରଣ - ବ୍ୟବସାୟୀକରଣରେ ବେହାଲ ଆମ
ଶିକ୍ଷା ବ୍ୟବସ୍ଥା
ଗଦା ଗଦା ଉଚ୍ଚ ଡିଗ୍ରୀଧାରୀ,
ନିଯୁକ୍ତି କାହିଁ?
ଶିଳ୍ପାୟନ କିନ୍ତୁ ଚାଲିଛି ।

ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନଆଳ, ଯାଜପୁର

# ଧର୍ମ ସହିତ ବିଜ୍ଞାନର ସଂଘର୍ଷ



ବାଲ୍ମୀକି ନାୟକ

ଆଶ୍ଚର୍ଯ୍ୟ ଲାଗୁଛି ଯେ, ଶରୀର ବିଜ୍ଞାନ ଉପରେ ଗଭୀର ଅଧ୍ୟୟନ କରି ପ୍ରାଣୀର ଶରୀର ଏବଂ ମନକୁ ଆକ୍ରାନ୍ତ କରୁଥିବା ବିଭିନ୍ନ ରୋଗକୁ ସଫଳତାର ସହିତ ଚକିତ୍ସା କରି ଆରୋଗ୍ୟ କରିପାରୁଥିବା ଅନେକ ବିଦ୍ୱାନ୍ ଡାକ୍ତର ମଧ୍ୟ ଶରୀର ଭିତରେ ଆତ୍ମାର ଅବସ୍ଥାନକୁ ନେଇ ସନ୍ଦେହରେ ପଡିଛନ୍ତି । ଆଜିର ବିକଶିତ ବିଜ୍ଞାନ ଶରୀର ଭିତରେ ଥିବା ଛୋଟବଡ ଅଙ୍ଗ ଏବଂ ସୂକ୍ଷ୍ମ ଜୀବାଣୁ ସଂପର୍କରେ ପ୍ରାମାଣିତ ତଥ୍ୟ ପ୍ରକାଶ କରିଥିବା ସତ୍ତ୍ୱେ, ଆତ୍ମା ନାମକ ବସ୍ତୁଟି କେଉଁ ସ୍ଥାନରେ ରହୁଛି ଆଣି ପାରୁନାହାନ୍ତି କାହିଁକି ବୋଲି କେତେକ ଡାକ୍ତର କ୍ଷୋଭ ପ୍ରକଟ କରୁଛନ୍ତି । ଭବିଷ୍ୟତରେ ଦିନେ ନିଶ୍ଚୟ ବିଜ୍ଞାନ ଆତ୍ମାର ସ୍ଥାନ ଖୋଜିପାଇବ ବୋଲି ଦାବି କରୁଛନ୍ତି । ଆତ୍ମା ଏକ କାଳ୍ପନିକ ବସ୍ତୁ ବୋଲି ମାନିବାକୁ ସେମାନେ ପ୍ରସ୍ତୁତ ନୁହନ୍ତି । ମୋର ଜଣେ ଡାକ୍ତର ବନ୍ଧୁ କହିଲେ, “ମନୁଷ୍ୟର ସଂରଚନା, ଚେତନା ଶକ୍ତି, ମାନସିକ ଗ୍ରନ୍ଥି ସମୂହ, କୁଣ୍ଠା ଆଦି ବିଜ୍ଞାନର ଜ୍ଞାତସାରକୁ ଆଜିଯାଏଁ ଆସିପାରିନାହିଁ । ମନୁଷ୍ୟ ଶରୀର ମଧ୍ୟରେ ନିଜର ବ୍ୟକ୍ତିତ୍ୱର ଅଭିବ୍ୟକ୍ତି କରୁଥିବା ସେହି ଚୈତନ୍ୟ ସତ୍ତାଟି ପ୍ରକୃତରେ କିଏ? ଚକିତ୍ସା ବିଜ୍ଞାନର ଉତ୍କର୍ଷତା ସତ୍ତ୍ୱେ, କଣ ମନୁଷ୍ୟ ନିଜ ଶରୀରର କ୍ରିୟା ସମୂହକୁ ପୂର୍ଣ୍ଣଭାବେ ଜାଣିବାକୁ ସକ୍ଷମ ହୋଇପାରିଛି କି? ”

ଆମେ କହିଲୁ, ଆମର ସାଧାରଣ ବୁଦ୍ଧିରେ ଆମେ କହିପାରିବୁ ଯେ, ବିଜ୍ଞାନର ଉତ୍କର୍ଷ ଗବେଷଣା ଦ୍ୱାରା ହିଁ ମଣିଷ ଓ ଅନ୍ୟାନ୍ୟ ପ୍ରାଣୀଜଗତର ଶରୀର ତଥା ମନ ବିଷୟରେ ଯଥେଷ୍ଟ ଜ୍ଞାନ ଉପଲବ୍ଧ ହୋଇସାରିଲାଣି । ଯଦି ବା କିଛି ବାକି ଅଛି, ସେସବୁ ଭବିଷ୍ୟତରେ ଆମେ ଜାଣିପାରିବା, କାରଣ ଗବେଷଣା ସରିଯାଇନି, ଚାଲିଛି । ଆମେ ଶରୀର ବିଜ୍ଞାନର ଉପଲବ୍ଧ ସମସ୍ତ ଜ୍ଞାନ ଓ ତଥ୍ୟ ନ ପଢିଲେ କେମିତି କହିପାରିବା ଯେ, ବିଜ୍ଞାନ ଖୋଜିପାଇନାହିଁ । ମାନବୀୟ ଗୁଣ ଯଥା - : ଦୟା, କ୍ଷମା, କ୍ରୋଧ, କାମ, କୁଣ୍ଠା, ଲୋଭ, ଭୟ ଆଦି ଉପରେ ବି ମନୋବୈଜ୍ଞାନିକମାନେ ଅନୁସନ୍ଧାନ ଓ ଗବେଷଣା ଜାରି

ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ମନସ୍ତତ୍ତ୍ୱ ଜ୍ଞାନ ବଳରେ ମାନସିକ ବିକୃତି ଘଟିଥିବା ମଣିଷମାନଙ୍କୁ ସଫଳତାପୂର୍ବକ ଆରୋଗ୍ୟ କରାଯାଇପାରୁଛି ।

ଡାକ୍ତର ବନ୍ଧୁ ପୁଣି କହିଲେ, - "ଆଧ୍ୟାତ୍ମଜ୍ଞାନ ଦ୍ୱାରା ହିଁ ବିଜ୍ଞାନର ଦୁରୁପଯୋଗକୁ ରୋକାଯାଇପାରିବ । ବିଜ୍ଞାନ ମନୁଷ୍ୟକୁ ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟର ଉପକରଣ ସହିତ ବିନାଶକାରୀ ମାରଣାସ୍ତ୍ରରେ ସମର୍ଥ କରିଛି । ଆଧ୍ୟାତ୍ମଜ୍ଞାନ ତାକୁ ଶାନ୍ତି ପ୍ରାପ୍ତି ପାଇଁ ପରିଚାଳିତ କରିପାରିବ । କେତେକ ବୈଜ୍ଞାନିକ ବି ଏହି କଥା କହୁଛନ୍ତି ।"

ଆମେ କହିଲୁ, - ଆପଣଙ୍କ କଥା ଯଦି ସତ ବୋଲି ମାନିବା ତେବେ ପ୍ରଶ୍ନ ଉଠୁଛି ଯେ, ପୁରାଣ ଯୁଗରେ ଏତେ ବଡବଡ ମହାସମର କାହିଁକି ହୋଇଥିଲା? ସେତେବେଳେ ବି ଆଗ୍ନେୟାସ୍ତ୍ର, ବ୍ରହ୍ମାସ୍ତ୍ର, ଶବ୍ଦଭେଦୀ ବାଣ ଭଳି ମାରଣାସ୍ତ୍ର କାହିଁକି ବ୍ୟବହାର ହେଉଥିଲା? ବିଗତ ଶତାବ୍ଦୀରେ ବି ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ, ପୃଥିବୀରେ ଦୁଇଥର ବିଶ୍ୱଯୁଦ୍ଧ ସଂଘଟିତ ହୋଇଥିଲା କାହିଁକି? ତା ପରବର୍ତ୍ତୀ ଆଧୁନିକ ଯୁଗରେ ବିଜ୍ଞାନର ଦ୍ରୁତ ବିକାଶ ଓ ନିରୀଶ୍ୱରବାଦୀ ଚିନ୍ତାଧାରାର ବିକାଶଲାଭ କରିଥିବାରୁ ପ୍ରତ୍ୟେକ ଦେଶର ଶାସକ ମାରଣାସ୍ତ୍ର ପ୍ରୟୋଗ କ୍ଷେତ୍ରରେ ସଂଯମତା ରକ୍ଷା କରିଆସୁଛନ୍ତି । ସେଥିପାଇଁ ଅନେକ ରାଜନୈତିକ ଓ ଧାର୍ମିକ ମତାନ୍ତର ଘଟୁଥିବା ସତ୍ତ୍ୱେ, ଦୀର୍ଘ ବର୍ଷ ହେଲା ବିଶ୍ୱଯୁଦ୍ଧ (୩ୟ) ହୋଇନାହିଁ । ଏହି ସଂଯମତା ଆଧ୍ୟାତ୍ମିକ କାରଣରୁ ଜାଗ୍ରତ ହୋଇନାହିଁ ବରଂ ଧର୍ମାନ୍ଧତାରୁ ମୁକ୍ତ ରହି ମାନବିକତାର ବିକାଶ ହୋଇଥିବାରୁ ସଂଯମତା ଜାଗ୍ରତ ହୋଇଛି । ବୈଜ୍ଞାନିକମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଚେତନା ସପକ୍ଷରେ ଦିଆଯାଉଥିବା ବକ୍ତବ୍ୟ ତାଙ୍କର ବ୍ୟକ୍ତିଗତ ଆସ୍ଥା ଓ ବିଶ୍ୱାସ ଉପରେ ନିର୍ଭର କରୁଛି । ବିଜ୍ଞାନ ପାଠ ପଢି ବୈଜ୍ଞାନିକ ହୋଇଯାଇଥିବା ବ୍ୟକ୍ତି ଭିତରେ ବୈଜ୍ଞାନିକ ଚିନ୍ତନ ଥାଇ ନପାରେ! ମନରେ ସେହି ସ୍ଥାନଟି ଆଧ୍ୟାତ୍ମିକ ଆସ୍ଥା ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ । ସେମାନେ ବିଶ୍ୱାସେ ମିଳଇ ହରି – ତର୍କେ ବହୁଦୂର" ର ସମର୍ଥକ । ବୈଜ୍ଞାନିକ ଚିନ୍ତନ କିମ୍ବା ହେତୁବାଦୀ ଚିନ୍ତାଧାରାପାଇଁ କୌଣସି ଶିକ୍ଷାଗତ ଡିଗ୍ରୀ ଆବଶ୍ୟକ ନାହିଁ; ଆବଶ୍ୟକ ହେଉଛି ଗୋଟିଏ ସ୍ୱାଧୀନ ତଥା ଜିଜ୍ଞାସୁ ମନ ।

ଆଶ୍ଚର୍ଯ୍ୟ ଲାଗୁଛି ଯେ, ଶରୀର ବିଜ୍ଞାନ ଉପରେ ଗଭୀର ଅଧ୍ୟୟନ କରି ପ୍ରାଣୀର ଶରୀର ଏବଂ ମନକୁ ଆକ୍ରାନ୍ତ କରୁଥିବା ବିଭିନ୍ନ ରୋଗକୁ ସଫଳତାର ସହିତ ଚକତ୍ସା କରି ଆରୋଗ୍ୟ କରିପାରୁଥିବା ଅନେକ ବିଦ୍ୱାନ୍ ଡାକ୍ତର ମଧ୍ୟ ଶରୀର ଭିତରେ ଆତ୍ମାର ଅବସ୍ଥାନକୁ ନେଇ ସନ୍ଦେହରେ ପଡିଛନ୍ତି । ଆଜିର ବିକଶିତ ବିଜ୍ଞାନ ଶରୀର ଭିତରେ ଥିବା ଛୋଟବଡ ଅଙ୍ଗ ଏବଂ ସୂକ୍ଷ୍ମ ଜୀବାଣୁ ସଂପର୍କରେ ପ୍ରାମାଣିତ ତଥ୍ୟ ପ୍ରକାଶ କରିଥିବା ସତ୍ତ୍ୱେ, ଆତ୍ମା ନାମକ ବସ୍ତୁଟି କେଉଁ ସ୍ଥାନରେ ରହୁଛି ଆଣି ପାରୁନାହାନ୍ତି କାହିଁକି ବୋଲି କେତେକ ଡାକ୍ତର କ୍ଷୋଭ ପ୍ରକଟ କରୁଛନ୍ତି । ଭବିଷ୍ୟତରେ ଦିନେ ନିଶ୍ଚୟ ବିଜ୍ଞାନ ଆତ୍ମାର ସ୍ଥାନ ଖୋଜିପାଇବ ବୋଲି ଦାବି କରୁଛନ୍ତି । ଆତ୍ମା ଏକ କାଳ୍ପନିକ ବସ୍ତୁ ବୋଲି ମାନିବାକୁ ସେମାନେ ପ୍ରସ୍ତୁତ ନୁହନ୍ତି । ମୋର ଜଣେ ଡାକ୍ତର ବନ୍ଧୁ କହିଲେ, "ମନୁଷ୍ୟର ସଂରଚନା, ଚେତନା ଶକ୍ତି, ମାନସିକ ଗ୍ରନ୍ଥି ସମୂହ, କୁଣ୍ଠା ଆଦି ବିଜ୍ଞାନର ଜ୍ଞାତସାରକୁ ଆଜିଯାଏଁ ଆସିପାରିନାହିଁ । ମନୁଷ୍ୟ ଶରୀର ମଧ୍ୟରେ ନିଜର ବ୍ୟକ୍ତିତ୍ୱର ଅଭିବ୍ୟକ୍ତି କରୁଥିବା ସେହି ଚୈତନ୍ୟ ସତ୍ତାଟି ପ୍ରକୃତରେ କଏ? ଚକତ୍ସା ବିଜ୍ଞାନର ଉତ୍କର୍ଷତା ସତ୍ତ୍ୱେ, କଣ ମନୁଷ୍ୟ ନିଜ ଶରୀରର କ୍ରିୟା ସମୂହକୁ ପୂର୍ଣ୍ଣଭାବେ ଜାଣିବାକୁ ସକ୍ଷମ ହୋଇପାରିଛି କି? "

ଆମେ କହିଲୁ, ଆମର ସାଧାରଣ ବୁଦ୍ଧିରେ ଆମେ କହିପାରିବୁ ଯେ, ବିଜ୍ଞାନର ଉତ୍କର୍ଷ ଗବେଷଣା ଦ୍ୱାରା ହିଁ ମଣିଷ ଓ ଅନ୍ୟାନ୍ୟ ପ୍ରାଣୀଜଗତର ଶରୀର ତଥା ମନ ବିଷୟରେ ଯଥେଷ୍ଟ ଜ୍ଞାନ ଉପଲବ୍ଧ ହୋଇସାରିଲାଣି । ଯଦି ବା କିଛି ବାକି ଅଛି, ସେସବୁ ଭବିଷ୍ୟତରେ ଆମେ ଜାଣିପାରିବା, କାରଣ ଗବେଷଣା ସରିଯାଇନି, ଚାଲିଛି । ଆମେ ଶରୀର ବିଜ୍ଞାନର ଉପଲବ୍ଧ ସମସ୍ତ ଜ୍ଞାନ ଓ ତଥ୍ୟ ନ ପଢିଲେ କେମିତି କହିପାରିବା ଯେ, ବିଜ୍ଞାନ ଖୋଜିପାଇନାହିଁ ।

ମାନବୀୟ ଗୁଣ ଯଥା - : ଦୟା, କ୍ଷମା, କ୍ରୋଧ, କାମ, କୁଣ୍ଠା, ଲୋଭ, ଭୟ ଆଦି ଉପରେ ବି ମନୋବୈଜ୍ଞାନିକମାନେ ଅନୁସନ୍ଧାନ ଓ ଗବେଷଣା ଜାରି ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ମନସ୍ତତ୍ତ୍ୱ ଜ୍ଞାନ ବଳରେ ମାନସିକ ବିକୃତି ଘଟିଥିବା ମଣିଷମାନଙ୍କୁ ସଫଳତାପୂର୍ବକ ଆରୋଗ୍ୟ କରାଯାଇପାରୁଛି ।

ଡାକ୍ତର ବନ୍ଧୁ ପୁଣି କହିଲେ, - "ଆଧ୍ୟାତ୍ମଜ୍ଞାନ ଦ୍ୱାରା ହିଁ ବିଜ୍ଞାନର ଦୁରୁପଯୋଗକୁ ରୋକାଯାଇପାରିବ । ବିଜ୍ଞାନ ମନୁଷ୍ୟକୁ ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟର ଉପକରଣ ସହିତ ବିନାଶକାରୀ ମାରଣାସ୍ତ୍ରରେ ସମର୍ଥ କରିଛି । ଆଧ୍ୟାତ୍ମଜ୍ଞାନ ତାକୁ ଶାନ୍ତି ପ୍ରାପ୍ତି ପାଇଁ ପରିଚାଳିତ କରିପାରିବ ।କେତେକ ବୈଜ୍ଞାନିକ ବି ଏହି କଥା କହୁଛନ୍ତି ।"

ଆମେ କହିଲୁ, - ଆପଣଙ୍କ କଥା ଯଦି ସତ ବୋଲି ମାନିବା ତେବେ ପ୍ରଶ୍ନ ଉଠୁଛି ଯେ, ପୁରାଣ ଯୁଗରେ ଏତେ ବଡବଡ ମହାସମର କାହିଁକି ହୋଇଥିଲା? ସେତେବେଳେ ବି ଆଗ୍ନେୟାସ୍ତ୍ର, ବ୍ରହ୍ମାସ୍ତ୍ର, ଶବ୍ଦଭେଦୀ ବାଣ ଭଳି ମାରଣାସ୍ତ୍ର କାହିଁକି ବ୍ୟବହାର ହେଉଥିଲା? ବିଗତ ଶତାବ୍ଦୀରେ ବି ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ, ପୃଥିବୀରେ ଦୁଇଥର ବିଶ୍ୱଯୁଦ୍ଧ ସଂଘଟିତ ହୋଇଥିଲା କାହିଁକି? ତା ପରବର୍ତ୍ତୀ ଆଧୁନିକ ଯୁଗରେ ବିଜ୍ଞାନର ଦ୍ରୁତ ବିକାଶ ଓ ନିରୀଶ୍ୱରବାଦୀ ଚିନ୍ତାଧାରାର ବିକାଶଲାଭ କରିଥିବାରୁ ପ୍ରତ୍ୟେକ ଦେଶର ଶାସକ ମାରଣାସ୍ତ୍ର ପ୍ରୟୋଗ କ୍ଷେତ୍ରରେ ସଂଯମତା ରକ୍ଷା କରିଆସୁଛନ୍ତି । ସେଥିପାଇଁ ଅନେକ ରାଜନୈତିକ ଓ ଧାର୍ମିକ ମତାନ୍ତର ଘଟୁଥିବା ସତ୍ତ୍ୱେ, ଦୀର୍ଘ ବର୍ଷ ହେଲା ବିଶ୍ୱଯୁଦ୍ଧ (୩ୟ) ହୋଇନାହିଁ । ଏହି ସଂଯମତା ଆଧ୍ୟାତ୍ମିକ କାରଣରୁ ଜାଗ୍ରତ ହୋଇନାହିଁ ବରଂ ଧର୍ମାନ୍ଧତାରୁ ମୁକ୍ତ ରହି ମାନବିକତାର ବିକାଶ ହୋଇଥିବାରୁ ସଂଯମତା ଜାଗ୍ରତ ହୋଇଛି । ବୈଜ୍ଞାନିକମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଚେତନା ସପକ୍ଷରେ ଦିଆଯାଉଥିବା ବକ୍ତବ୍ୟ ତାଙ୍କର ବ୍ୟକ୍ତିଗତ ଆସ୍ଥା ଓ ବିଶ୍ୱାସ ଉପରେ ନିର୍ଭର କରୁଛି । ବିଜ୍ଞାନ ପାଠ ପଢି ବୈଜ୍ଞାନିକ ହୋଇଯାଇଥିବା ବ୍ୟକ୍ତି ଭିତରେ ବୈଜ୍ଞାନିକ ଚିନ୍ତନ ଥାଇ ନପାରେ!

ମନରେ ସେହି ସ୍ଥାନଟି ଆଧ୍ୟାତ୍ମିକ ଆସ୍ଥା ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ । ସେମାନେ "ବିଶ୍ୱାସେ ମିଳଇ ହରି – ତର୍କେ ବହୁଦୂର" ର ସମର୍ଥକ । ବୈଜ୍ଞାନିକ ଚିନ୍ତନ କିମ୍ବା ହେତୁବାଦୀ ଚିନ୍ତାଧାରା ପାଇଁ କୌଣସି ଶିକ୍ଷାଗତ ଡିଗ୍ରୀ ଆବଶ୍ୟକ ନାହିଁ; ଆବଶ୍ୟକ ହେଉଛି ଗୋଟିଏ ସ୍ୱାଧୀନ ତଥା ଜିଜ୍ଞାସୁ ମନ ।

କେ.ଆର. ପୁରମ, ବାଙ୍ଗାଲୋର

# ଲୁଟେର୍



ସୌମ୍ୟ ରଞ୍ଜନ ପାଲ

ବେପାରୀ ଲୁଟନ୍ତି ଖଉଖଙ୍କୁ ଏଠି
ସାହେବ ଲୁଟନ୍ତି ଦୀନଙ୍କୁ,
ବଳାତ୍କାରୀ ଆଜି ଲୁଟନ୍ତି ବଦନ
ସାଧାରଣ ଜନ ଭିନ୍ନଙ୍କୁ ।
ଡକାୟତ ଘରେ ପଶି ଲୁଟୁଛନ୍ତି
ଗହଣା ବିଛଣା ମନକୁ,
ସରକାରୀ କଳ ନତି ଲୁଟୁଛନ୍ତି
କଷ୍ଟେ ଉପାର୍ଜିତ ଧନକୁ ।
ପ୍ରେମିକା ଲୁଟନ୍ତି ପ୍ରେମିକଙ୍କୁ ଆଜି
ଗୁଣୀ ମନେକରି ନିଜକୁ,
ପିଲାଏ ଲୁଟନ୍ତି ବେହିସାବ ଆଜି
ଖଣି ମନେକରି ବାପକୁ ।
ନାମମାତ୍ର କବି ଲୁଟନ୍ତି କବିତା
ଛପାଇ ନିଜର ନାମକୁ,
କୌଶଳେ ଲୁଟନ୍ତି ସମ୍ମାନ ପୁଣି
ଦେଖାଇ ଅନ୍ୟର କାମକୁ ।
ଏପରି ଲୁଟିଲେ ସମାଜ ଆମର
ରହିବ କୋଉ କୂଳକୁ,
ମାନବ ଛାର କାଳଆ ସନ୍ଧାନେ
ଲୁଟେରା ଦଳର ମୂଳକୁ ।



ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ପ୍ରୀତି ମହକ.....



ସଚ୍ଚିଦା ନନ୍ଦ ବାରିକ

ପବନ ପରି ମୁଁ ଅଛି ତମ ଆଖେ ପାଖେ
ଥରେ ଭାବି ଦେଖ
ଝରକା ଖୋଲି ଦେଖ
ଭାସି ଆସୁଥିବା ଦଲକାଏ ପବନ ମୁଁ
ବଗିଚ୍ଚକୁ ଯାଇ ଦେଖ
ସୁଗନ୍ଧିତ ବାସ୍ନା ରେ ମୁଁ
ଥରେ ଅନୁଭବ କର ନିଜକୁ
ଖାଲି ମୁଁ ଆଉ ମୁଁ..
ଜୀବନ ର ଅନ୍ୟନାମ ଅପେକ୍ଷା
ସବୁ ସେ ସମୟ
ଅପେକ୍ଷା ର ଶେଷ ମୁଁ
ବିଶ୍ୱାସ ରଖ
ମୁଁ ଫେରିବି
ଫେରିବି ତମ ଉପବନ କୁ

ମହକ ଉଠିବ ତମ ଦିନ ଆଉ ରାତି
ଛାଇ ପରି ବେଢି ଯିବି ମୁଁ
ପୂର୍ଣ୍ଣ ଗର୍ଭା ହେବ ଯୌବନ
ତମ ସ୍ପର୍ଶ ରେ ସିହରୁଥିବି ମୁଁ
ତମେ ହସୁଥିବ ମୁଁ ହସୁଥିବି
ମୁଁ ଥିବି ସ୍ୱପ୍ନ ରାଇଜ ର ପରୀଟିଏ ହୋଇ
ତମ ହାତ ପାହାନ୍ତା ରେ
ଗାଲୁଥିବା ଜୀବନ ର ଅବଶିଷ୍ଟ ବାତ
ଥିରି ଥିରି
ଆମେ ଦୁହେଁ ହାତ ଧରି.....

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

# ସମାଧାନ ର ଗୁଟେ ବାଟ



ଦୟାନନ୍ଦ ଶବର

ସମକୁ ଜୁହାର

ଦୟା ଭାଇ ର୍ ଲେଖା କେ ଦୟା କରି ଟିକେ ପଢ଼ବେ,

ଆଏଜ କାଏଲ ଫେସବୁକ, ହ୍ଵାଟ୍ସଆପ, ୟୁଟୁବ ଅମକା ଢ଼ିମକା ଥି ଯେନ ଫାଲତୁ ଗଦରେ ଗଣା ଭିଡିଓ, ଓଡ଼ିଓ, ମେସେଜ ପୋଷ୍ଟ ହେଉଛେ, ହେତିର ଲାଗି ଆମର ଯୁବ ପିଢ଼ି ବର୍ବାଦ ହେଉଛନ୍ ଧୀରେ ଧୀରେ ଛୁଆଁ ମାନେ ବି ଇ ବାଟ କେ ଧରି ଲମି ବସଲେ ନ, ଛୁଆଁ ପିଲା ନ ହେଲା ବାଟ କେ ଯିବାର ମୂଲ କାରଣ ଆମେ ଜୁଆନ ପିଢ଼ି ଅଉ । ଆମକେ ସଚେତନ ହେବାର କେ ପଡ଼ବା, ଆମର ନକେ ମେସେଜ ଗୁଟେ ଆସଲେ ସେ ମେସେଜ ର କେତେ ମୂଲ୍ୟ ଅଛେ, କେତେ ଉପଯୋଗୀ ଆଏ ନ ଦେଖି କରି ଆମେ ଏଁଖ୍ ଲୁମି କରି ସେ ମେସେଜ କେଁ ଦୁସର୍ ଗୁରୁପ କେ ସେଆର୍ କରି ଦେଉଛୁ, କେଁନ୍ ଭିଡିଓ ଲୋକ କେ କେନ୍ ଧାରଣା କେ ପୁହୁଗୁବା ହେଟା କେ ନ ଦେଖବାର, ଖାଲି ମେସେଜ ଟେ ଆସଲେ ସଟ୍ କରି ଦୁସର୍ ଲୋକ୍ ନକେ ପଠେଇ ଦେଉଛନ୍, ହିଂସା, ମାରପିଟ, ଝଗଡ଼ା, ବାଗିର ମେସେଜ୍ ପଠେଇ କରି ଲୋକ ମାନକେ ହିଂସାତ୍ମକ ବନେଇ ଦେଉଛନ୍, କେଁନ୍ ଭିଡିଓ ଥି କେତେ ସତ୍ୟତା ଅଛେ ନ ଦେଖି କରି ଯଦି ପୋଷ୍ଟ କରି ଗୁଲିଥିମା ହେଲେ ଆମର ଦେଶର୍ ସବୁ ମାନ ମର୍ଜାଦା, କଲା ସାହିତ୍ୟ ସଂକୃତି ଆଉ କେନ୍ ବଂଚ ରହେବା ଟେଲ୍ ।

ଭାବି ଦେଖନ୍, ଯଦି ଏନ୍ତା ଗୁଲି ଥିବା ବେଳେ ଆଉ ଆଗକେ କାଣା ହେବା, ଆମର ଭାରତ ମହାନ ବଳ ଆଉ କାଣା କେ ଗର୍ବ କର୍ମୁ, ହେତିର ଲାଗି ଆମକେ ସଚେତନ ହେବାର କେ ପଡ଼ବା, କେ ଯଦି ନ ହେଲା ଭିଡ଼ିଓ କ ମେସେଜ କଲେ ତାକେ ଭଲ କରି ବୁଝାବାର୍ କେ

ପଢ଼ବା, ଯଦି ଥରେ ଥି ନ ବୁଝୁଛେ ସେନ୍ତା ଲୋକ କେ ଗ୍ରୁପ ରୁ ବାହାର କରାଯଉ, ନ ତୋ ଚେତାବନୀ ଦିଆଯଉ, ଆଉ ଯେନ ଲୋକ ଭଲ ଭଲ ପ୍ରେରଣାମକ୍, ଜ୍ଞାନ, ଶିକ୍ଷା, ବିକାଶ, କେ ନେଇ କରି ପୋଷ୍ଟ କରୁଛେ ସେନ୍ତା ଲୋକ କୁ ତାରିଫ କରାଯଉ, ଆଉ ଗ୍ରୁପ ଟେ ବନେଇ କରି ଗ୍ରୁପ ଆଡ଼ମିନ ହେଇ ଗଲେ ନ ହୁଏ, ନଜର୍ କାଣା କର୍ତ୍ତବ୍ୟ ଆଏ ସେଟା କେ ଗ୍ରୁପ ଆଡ଼ମିନ ଜାନ ଥିବାର କଥା, ଗ୍ରୁପ ଆଡ଼ମିନ ର୍ ପୁରା ହକ୍ ଅଛେ କଏ ଗୁଟେ ଗଲତି କଲେ ତାକେ ଭଲ ଉପଦେଶ ଦେବାର, ଆଉ ହେନ୍ତା ନ ସେ ପ୍ରେରଣା ଦାୟୀ ମେସେଜ୍ ବି ଆସସି ହେଲେ ସେଟା କେ କେଁନ୍ ଧିଆନ୍ ଦେଉଛେ ହେନ୍ତା ଗୁଟେ ଜୁଡେ ଅଛନ୍ ଯେନ୍ ମାନେ କପ୍ରେରଣା ମିଳଲେ ନଜେ ବି ଫୋଲ୍ଲୋ କରସନ୍ ଆଉ ଅଲଗା ଲୋକ କୁ ବି ଭଲ ବାଟ ଦେଖାସନ୍ ।

ହେଲେ ଆଜିର ଯୁଗ ଯେନ୍ତା ହେଲାନ ଯେ ଯେ ଭଲ କଥା ଟିକେ କହେବା ସେଟାକେ ଭାଷଣ ଦେଉଛେ କହି ଉଲଟା ଭକୁଆ ବନେଇ କରି ହୀନସ୍ତା କରି ଦେବେ, ଲୋକ କୁ ଭଲ କଥା ପଦେ କହେବ ବେଳେ ଚରଚରାସୀ, ଛୋଟ ମୁହେଁ ବଡ଼ ବଡ଼ କଥା କହୁଛେ କହେବେ ହେଡିର ଲାଗି ବି ଅଧେ ଲୋକ ଚୁପ ରହେସନ୍, ହେଲେ ମୋର ମତରେ ଚୁପ ନ ରହି କରି ଯିଏ ଜାଣା କହୁ ବଳ ନଜର ମତାମତ ଦେବାର ଟା ଭଲ ଆଏ, ସୋସିଆଲ ମିଡ଼ିଆ ଯେନ୍ ଆଡ଼କେ ଗତି କରଲା ନଜେ ସଭେଁ ଜାନ ଜାନ ଅନଜାନ୍ ହେଇ କରି ଦେଖୁଛନ୍ ଦେଖବ ଦିନ ଗୁଟେ ଏନ୍ତା ଆସବା ଯେ ଆମର ଛୁଆଁ ପିଲା କେ ଭଲ ବାଟ କେ ନ ଆନ ପାରୁ ନ ।

ଛୁଆଁ ମାନେ ନଜେ ନଜେ ସୋସିଆଲ ମିଡ଼ିଆ ର ପୋଷ୍ଟ କେ ଦେଖି ଦେଖି ଚଡଚଡା ହେଇ ଯଉଛନ୍ ମାଆ ବୁଆର କଥାକେ କାନ୍ ନ ଦେଇ କରି ଖାଲି ଫାଲତୁ ମେସେଜ୍ ଥି ସମିଆ ବର୍ବାଦ କରି କରି ଦିନ୍ କାଟୁଛନ୍, ଆଉ ଖରାପ ରାସ୍ତା ଧରୁଛନ୍, ଇଥିର ଲାଗି ଆମେ ହିଁ ଦାୟୀ, ହେଟା ତ ହେଟା ଭଗବାନ୍ କେ ବି ନାଇଁ ଛାଡ଼ଲେ, ଇଟାକେ ୧୧ ଝନ୍ କେ ପଠ ୭ ଦିନ ଭିତରେ ଭଲ ଖବର ମିଲବା, ନ ତୋ ତୁମର ଅନଷ୍ଟ ହେବା, ଏନ୍ତା କେତେ କାଣା ଛାଡି କରି ସୋସିଆଲ ମିଡ଼ିଆ ଥି ପାଲା କରି ଗାଲିଛନ୍ ।

ଆମର ଭାଷା ଥି କେତେ ଗାଲି ଝଗଡ଼ାର୍ ଭିଡ଼ିଓ ଖରାପ ଭାଷା ପ୍ରୟୋଗ କରି dobbing ଭିଡ଼ିଓ ବନେଇ କରି ୟୁ ଟୁବ ରେ ଉପଲୋଡ଼ କରୁଛନ୍ ଏନ୍ତି ଗାଲି ଥିବା ବେଳେ ଆମର

ଛୁଆଁ ପିଲା ଆମର ନୁ କାଣା ଶିଖବେ, କାଣା କହେବ ଗୀତ ମାନେ ବି ଆଏଜ କାଏଲ ଡବଲ ମିନଙ୍ଗ ର ହେଇ ଗଲା ନ ସଙ୍ଗୀତ କାଣା ଆଏ ଯେ ସଭେଁ ଭୁଲି କରି ତାରିଫ ଟିକେ ଲାଗି ନଜର ମାତୃଭାଷାକେ ମାଟି ମିଶେଇ ଦେଲେନ ।

ଆମର ପୁରୁଣା ବାଦ୍ୟଯନ୍ତ୍ର ସବୁ ଲୁକ ଗଲା ନ DJ ଆସଲା ଦିନୁ, ଫେର ବି ଆମର କଛି ମହାନ କଳାକାର ଆଛା ମାନେ ଆମର ପୁରୁଣା ଢୋଲ ନିଶାନ ଆଉ ସୁର, ସଂଗୀତ ତାଳ କେ ଏଭର ତକ୍ ବଞ୍ଚେଇ ରଖିଛନ୍ ।

ଯଦି ଏନ୍ତା ଗାଲି ଥିବା ଦିନ ଆଏବା ଆମର ସଂସ୍କୃତି ପରମ୍ପରା ସବୁ ମାଟି ମିଶି ଯିବା, ଗରବ ଆଉ କାଣା କେ କର୍ମୁ ଭାବି ଦେଖନ ।

ଇଥିର ଲାଗି ସବକେ ଜାଗୃକ, ସଚେତନ ହେବାର ପଡ଼ବା ଆଉ cyber crime/ ପୋଲିସ deparment ର ବି କଛି କର୍ତ୍ତବ୍ୟ ଅଛେ ସୋସିଆଲ ମିଡ଼ିଆ ଥି କେଁନ୍ କେନ୍ତା ମେସେଜ୍ କରୁଛେ ସେ ପ୍ରତି ଧିଆନ ଦେବାର କଥା ତାର ସଙ୍ଗେ ସଙ୍ଗେ ଉଚତ ପଦକ୍ଷେପ ନେଲେ ଜେହିଁ ଆମର ସମାଜ ଭଲ ଦିଗ କେ ଆସ୍ ବା । ଖୁସିର କଥା ଆଏ ଯେ ଆମର ଗାଁଏଜ ଥି ୫ ଝନ୍ ଭିତରେ ଗୁଟେ କବି ଆଉ କଳାକାର ଅଛନ୍ ଆଉ କବିତା ଗୀତ ଲେଖି ଗାଲିଛନ୍ । କବିତା ଗୀତ ଲେଖବାର ଟା ସହଜ ଆଏ ଲେକନ ଗୀତ ସୁନ କରି କବିତା ପଢ଼ି କରି ଲୋକ କେଁନ୍ ଆଡ଼କେ ଗତି କରୁଛନ ସେ ପ୍ରତି ବି ଧିଆନ ଦେବାର ଜରୁରୀ ଆଏ, ବାଃ ବାଃ ପ୍ରଶଂସା ଲାଗି ଖାଲି ଲେଖି ଦେଲେ ନ ହୁଏ , ଲେଖବାର୍ ଥି ଭଲେ ବର୍ଷେ କ ଛ ମାସ ଲାଗୁ ଲେକନ୍ ଲେଖା ଥି ସଚେତନ, ପ୍ରେରଣା, ଶିକ୍ଷା, ବିକାଶ ଉପରେ ହେଇ ଥିବାର କଥା ।

ଆଉ ଗୁଟେ କଥା ସୋସିଆଲ ମିଡ଼ିଆ ଥି ଫାଲତୁ ମେସେଜ୍, ଫୋଟୋ, ଭିଡିଓ, ଓଡିଓ, ଲିଙ୍କ, ଅମକା ଢ଼ିମକା ପୋଷ୍ଟ ମନେ ପଠେଇ କରି ଲୋକ ର ମୂଲ୍ୟବାନ ସମିଆ କେ ଆଉ ନଜର ମୂଲ୍ୟବାନ ସମିଆ କେ ବର୍ବାଦ ନ କର, ଆଉ ଯେ ବି ହେନ୍ତା ବେକାର ଟା ପଠଉଛେ ସେତାକେ କଡ଼ାକଡ଼ି ବିରୋଧ କର, ଆମର ସମାଜ ଲାଗି ଯାହା ବି ଉପଯୋଗୀ

ବାଗିର ଲାଗୁଛେ ହେନ୍ତା ଟା ମାନେ ପଠେଇ କରି ଲୋକ ମାନକେ ସଚେତନ କର, ଆଉ ଯେ ଭଲ ଭଲ ଟା ପଠେଇ କରି ଭଲ କାମ କରୁଛେ ସେ ଲୋକ କୁ ପ୍ରଶଂସା କର ।

ଯେନ୍ ଥି କଛି ସମାଜ୍ ର କଲ୍ୟାଣ ହେବା ବାଗିର ଆଉ କଛି ଶିକ୍ଷା ମିଲୁଥିବାର୍ ବାଗିର୍ ସବୁ ପୋଷ୍ଟ କେ ଗ୍ରହଣ କର ଆଉ ଯେନ ପୋଷ୍ଟ ବେକାର ଆଏ ସେ ପୋଷ୍ଟ କେ ଅନ୍ ଦେଖା କର ନ ତୋ ଯେନ ପୋଷ୍ଟ କରିଛେ ସେତାକେ ଭଲ କରି ବୁଝେଇ ଦିଅ, ସ୍ପେମ୍ ମେସେଜ, ଭିଡ଼ିଓ, ବେକାର ପୋଷ୍ଟ ଯେନ କଲେ ସେ ଲୋକ କେ ବ୍ଲକ କର ନତୋ FIR ଦର୍ଜ କରେଇ ଦିଅ ।

ନଜେ ବଞ୍ଚିଲେ ବାପର ନାଁ ନ ହୁଏ । ସମାଜ କେ ଭଲ ବାଟ କେ ଆନ ପାରଲେ କ ଲୋକର ଭଲ ଲାଗି କଛି କରି ପାରଲେ ବାପର ନାଁ ହେସି । ମୋର ମତରେ ଯଦି ସହମତ୍ ଅଛନ୍ ତୋ ଇ ଗୁଣ୍ଡୁଚ ମୂଷା ବାଗିର ଛୋଟ ମେସେଜ୍ କେ ସବକର ନକେ ପୁହୁଗ୍ଷବାର୍ କେ ଚେଷ୍ଟା କରବେ ।

ଯଦିର ମୋର ଛୁଆଁ ମୁହେଁ ବଡ଼ କଥା କହି ଦେନ ଆଉ ଭୁଲ ଭାଲ ଲେଖିଛେ ବେଲେ କ୍ଷମା କରବେ, ଶେଷ ତକ୍ ପଢ଼ି ଥିବାର ଲାଗି ଆପଣ କୁ ମୋର ହୁରୁଦ ଭିତରୁ ଧଏନ୍ ବାଦ୍ ମା ସମଲେଇ ସବକର ମଙ୍ଗଲ କରନ୍...

( ସମାଜ ର ହିତ ଲାଗି)

। । ଇତି। ।

ଦୟା ଭାଇ

ନୂଆପଡା, ପଲସିପାଣି, ଓଡିଶା


**ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।**

# ଶିଶୁଶ୍ରମିକ ପ୍ରଥା



ତିଳ ରାଉତ

ଲୁହାକୁ ଯେପରି କଳଙ୍କି ଲାଗିଲେ
କରିଦିଏ ଅତି ଦୁର୍ବଳ
ସମାଜ ପାଇଁ ଶିଶୁଶ୍ରମିକ ପ୍ରଥାଟି
ସାଜଇ ସେପରି କାଳ ॥
ଆଜିର ଶିଶୁଟି ଆସନ୍ତା କାଲିର
ଅଟଇ ଯେ ନାଗରିକ
ଏସବୁ କଥାକୁ ଭୁଲିଯାଇ ଆମେ
ସାଜୁ ତାଙ୍କର ବାଧକ ॥
ପ୍ରବହମାନ ତଟିନୀର ସ୍ରୋତ
ପଥରରେ ହୁଏ କ୍ଷୁର୍ଣ୍ଣ
ସେପରି ଶିଶୁର ସପନ ସବୁ
ହୋଇଯାଏ ସତେ ଚୂର୍ଣ୍ଣ ॥
ଆସ ମିଳମିଶି ନେବା ଶପଥ
ଉଛେଦ କରିବା ଏ ପ୍ରଥା
ଦେବାନ ହେବାକୁ ଶିଶୁଶ୍ରମିକ
ମନେ ହେଜି ଏଇ କଥା ॥



ଗ୍ରାମ – ଜଡ଼ାମୁଣ୍ଡା, ବ୍ଲକ – କୋମନା, ଜି- ନୂଆପଡ଼ା

# ଯେବେ ମୁଁ ମନେପଡିବି

ଶୁଭସ୍ମିତା ବେହେରା

ଆଜି ବି ମୁଁ ଝୁରେ ନିରନ୍ତର ସଞ୍ଜରୁ ସକାଳ
ରାତିର ନିଃଶବ୍ଦ ପ୍ରହରେ ମଧ
ଘନ ଘନ ଅଶ୍ରୁ ମୋର ଲଘିଁ ଯାଏ
ଚିର ସ୍ରୋତସ୍ୱିନୀ ନଦୀ ତୀରେ ।
ଥରୁଟେ ବି ମୋ କଥା ଭାବିନାହଁ
ଜାଣି ଆହୁରି ବିବଶ ହୋଇପଡେ
ଚଗଲା ବୟସେ କରିଥିବା ଭୁଲ୍ ପାଇଁ
ଆଜି କରୁଛି ମୁଁ ପଶ୍ଚାତାପ ।
ମନେ ମନେ ହୃଦୟକୁ ବାରମ୍ବାର କରୁଛି ପ୍ରହାର
ବୈରୀ ତ ଦୁଃଖ ଦିଏ ତାହା ଜାଣିଥିଲି
ନିଜଠୁ ନିଜର ମନର ମଣିଷଟି
ହୁତୁହୁତୁ ନିଆଁରେ ଜଳାଇପାରେ ଆଜି ଜାଣୁଛି ।
ସେଦିନ ଆସିବ
ଯନ୍ତ୍ରଣାର ଦାଗ ଲିଭି ଯାଇଥିବ
ହେଲେ ତୁମର କଣ ସେଦିନ ଆସିବ ନାହିଁ
ଯେଉଁଦିନ ଥରୁଟେ ମୁଁ ମନେ ପଡିଯିବି ।
ଆଉ ତୁମେ ଆତୁରହୋଇ ଉଠିବ
ମାତ୍ର ଗୋଟିଏ ଝଲକ୍ ପାଇଁ;
ଆଉ ନଆସିବି ଆଉ ନଫେରିବି

ହଜିଲା ଅତୀତକୁ ଝାଂପି

ବିଦାରିବାର ଚେଷ୍ଟା କରିବିନ ।

ତୁମେ ବି ଦେଖିବ ଆଉ ଅନୁଭବ କରିବ

ହୃଦୟର ଶୂନ୍ୟତାକୁ

ସନ୍ତାନର ସୁଖ ନା ଦେବ ଆନନ୍ଦ

ନା ଦେବ ସାହାରା ଅପରାହ୍ଣ ମୁହୂର୍ତ୍ତରେ

କେବଳ ମନେ ପଡିବ ହଜିଲା ଅତୀତ ॥

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭୂଷ ପଣ୍ଡିତ



ଏମ୍. ବିଜୟ କୁମାର

କଲମ ଉବାଚ

ବ୍ୟଙ୍ଗ ମହାଭାରତ
ଇତି ଶ୍ରୀ ଆରମ୍ଭ
ମଙ୍ଗଳା ଚରଣ
ଗଜ ମୁରୁଖ
ବନର ମାଙ୍କଡ
ଦିଅ ସତ ବୁଦ୍ଧି
ଗୋବର- ଗଣେଷ
କରୁଛି ବନ୍ଦନା
ହେ ବୁଦ୍ଧିଦାତା
ସର୍ବୋଗେ ପୂଜିତ
ଶିବ ତୁମ ପିତା
ପାରବତୀ ମାତା
ଦେହ ମଇଳାରୁ ଜନମ
ଓଂ ଗଣେଷାୟ ନମଃ
ସଞ୍ଜିବନୀ ମନ୍ତ୍ର ଯଦି
ଦେଇପାରେ ଜିବନ୍ୟାସ
ମଇଳା ମାଟି ପିତୁଳାକୁ
ସଂସାରୁ ନେବି ସନ୍ୟାସ

ଜନମୁ ସୁତ ମୁରଖ
ଗଧ ବନାଇ ଶିଳଲଦ
ନ ଜାଣେ ମୁଁ ପୂଜାବିଧି
ଆହେ। ଗଣପତି
ପଡି ପଡି ଗୋଡ ହାତ
ଖଣ୍ଡିଆ ଖାବର୍
ହେଲ୍ଣି ବହୁତ
ମୁଣ୍ଡେ ଭରିଦିଅ
ସବୁ ଗୋବର ଆଣି
ଏତିକ ମୋର ମାଗୁଣି
ଏତେ ବଡ ଗୋଦର୍ ପେଟା
ବସିଦେଲେ ମୂଷା ଚେପଟା
ମାତା- ପିତା କହିଣ
ଏରୋପ୍ଲେନଟେ ଆଣ
ସଂସାରେ ଭୂଷ ପଣ୍ଡିତ
ଗଦା ଗଦା ତୁମ ଚେଲ୍
ନ ଧରିବ ଦୋଷ
ପିନ୍ଧାଉଛି ଗାଳ ମାଳା
କେଉଁ ବିଶ୍ୱ ବିଦ୍ୟାଳୟରେ

ପାଠ ପଢି ମାଷ୍ଟର ବନଲ
କାହାକୁ ପାଠ ପଢାଇ
ବଡ ବଡ ଡିଗ୍ରି ଦେଲ
ଶୁଦ୍ରକୁ ଦେଇଥିଲ
କ ବିଦ୍ୟାଶିକ୍ଷା
ଏଣୁ ହେ ବିଦ୍ୟା ବୁଦ୍ଧି ପ୍ରବର
ପଣ୍ଡିତେ କରୁଛି ଦୀକ୍ଷା
ଅମରେ୍ ରସ
ଖିଲି ଖିଲି ହସ
ତମ ମହିମା କର୍ତ୍ତ୍ୟପୂର୍ଣ୍ଣ ହେଉ
ହେ ମହାପ୍ରଭୁ ଗୋବର ଗଣେଷ
କଣ ପାଇବି କଣ ଅବା ଦେବି
ଦେଉଛି ନଡିଆ ଅଗରବତୀ
ସବୁବେଳେ ଦିନରାତି
ତୁମ ନାମ ଜପି
ଲେଖା ପଢା ସାରିଦିଅ ଆସି
ମୋର ନାହିଁ ଅନ୍ୟଗତି ॥

ରେମଣଡ଼ା, ସଇନ୍ତଲା, ବଲାଙ୍ଗିର- ୩୨

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବାଃ ରେ ଗୋଲାପ ଫୁଲ....




ଶିଶିର କୁମାର ସାମଲ


ଗୋଲାପ ଫୁଲକୁ  ନଜର ଭାବିଲି
କଣ୍ଟାର ଆଘାତ ସହି,
ସେହି ଫୁଲ ଆଜି  ଆଘାତ କରିଲା
ହୃଦୟ ମନ୍ଦିରେ ରହି ॥
ଭାବିଥିଲି ତାର  କୋମଳ ପରଶେ
ହରଷେ ଖେଳିବି ଦୋଳ,
ପାଖୁଡାରେ ତାର ବିଷ ଭରିଥିଲା
ଅକାଳେ ପଡିଲି ଟଳ ॥
ଭ୍ରମର ସାଜିଲି  ଅଧିର ମୁଁ ହେଲି
ପାଇଲି ଫୁଲକୁ ଭଲ,
କଳା ଭ୍ରମର କୁ  ଆଦରି କଲାନ
ଦେଇଗଲା ନଆଁ ଝୁଲ ॥
ଏତେ ନୀରିଦୟ  ପାଶାଣୀ ସାଜିଲା
ହାବିଲାନ ଭଲ ମନ୍ଦ,
ଜାତି ବର୍ଣ୍ଣଭେଦେ  ହୃଦୟ ଭାଙ୍ଗିଲା
ସୌନ୍ଦର୍ଯ୍ୟ ରେ ହୋଇ ଅନ୍ଧ ॥
ଭଲପାଇବାର  ଛଳନାରେ ବାନ୍ଧି
ଗ୍ଲୁଲିଗଲା ଦେଇ ଧୋକା,
ନୀରିହ ଭ୍ରମର  ଗୋଲାପକୁ ଝୁରି
ହୋଇଗଲା ପୁଣି ଏକା ॥

କଣ୍ଟିପୁର, ଯାଜପୁର


# ପୁସ୍ତକ ପରିଚୟ

## ଲେଖକ ଡଃ ଶଶଧର ମହାପାତ୍ରଙ୍କ ଲିଖିତ କେତୋଟି ପୁସ୍ତକ



# ପୁସ୍ତକ ପରିଚୟ




ସାହିତ୍ୟିକଟିଏ ହେବା ଏତେ ସହଜ ନୁହେଁ। ଏଣୁତେଣୁ ଦି ଚାରି ଧାଡି ଲେଖିଦେଲେ ଯେ ସାହିତ୍ୟ ସୃଷ୍ଟି ହୋଇଯାଏ, ତାହା ମଧ୍ୟ ଭାବିବା ଅନୁଚିତ୍। ସାହିତ୍ୟ ସୃଷ୍ଟି ହେଉଛି ସାଧନାର ଫଳ ହେଲେ ବି ଲେଖକ ଐଶ୍ୱରୀୟ ଆଶୀର୍ବାଦର ମଧ୍ୟ ସାହାଯ୍ୟ ଲୋଡେ। କଠୋର ପରିଶ୍ରମ ହେଉଛି ସାଧନାର ବାଟ। ତେଣୁ ବିଭିନ୍ନ ବହି, ପତ୍ର- ପତ୍ରିକା ପଢିବା ସହିତ ଖଟିରେ ଅଂଶଗ୍ରହଣ କରି ସାହିତ୍ୟ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବାକୁ ହୋଇଥାଏ। ତେବେଯାଇ କିଛି ଲେଖିହୁଏ। ତାହା ପୁଣି ଆବଶ୍ୟକ କରେ ଏକ ବିଷୟବସ୍ତୁ ଉପରେ। ବିଷୟ ଚୟନ ଓ ଶାବ୍ଦିକ ଭାଷା ବ୍ୟବହାର ହେଉଛି ଲେଖକର ନିଜସ୍ୱ। ସେହି ନିଜସ୍ୱ ଅଧିକାରକୁ ହତିଆର କରି ଲେଖକ ସୁଧାଂଶୁ ଶେଖର ଦ୍ୱିବେଦୀଙ୍କର ରଚନା "ଉପପାଦ୍ୟ"।

# ଶିଶୁ ବିଭାଗ



# ପରିଶ୍ରମ




ପ୍ରକାଶ ସାହୁ




ଅଳପ ପଡିଥିଲ୍ ଖର୍
ସୁନ୍ଦର ଦିଶୁଥିଲ୍ ଧର୍
ମଧୁର ସଖାଳ ପବନ
କଣି ନେଉଥିଲ୍ ମନ
କୋମଳ ସବୁଜ ଘାସ
ଧରଣୀ ଦେହେ ବାସ
ଝିଣ୍ଟିକା ଟିଏ ଡେଇଁ ଡେଇଁ
ଘାସେ ନାଚଲ୍ ଥେଇ ଥେଇ
ଗାଇଲ୍ ଗୀତ କେତେ ରଙ୍ଗେ
ଖୋଜିଲ୍ ସାଥି ନଜ ସଙ୍ଗେ
ପିମ୍ପୁଡି ଟିଏ ଦେଖି ବାଟେ
ଭ୍ବିଲ୍ ନାଚବ ତା ସାଥେ
ଡାକଲ୍ "ହେ ପିମ୍ପୁଡି ଭ୍ଇ"
କବା ବିକଳେ ଅଛ ଧାଇଁ
ଆସ ଏଇନେ ବସ ପାଶେ
ଖୁସି ଭରିଦେବି ତୁମ ମନେ
ଏତିକ ରଖ ହେ ବିଶ୍ୱାସ
ଦେଖୁଛ ମାଡି ଆସେ ଖର୍
ଶୁଖିଯିବ ଏହି ଶୁଷ୍କ ଧର୍
କ୍ଷଣକେ ପୋଡିଯିବ ପାଦ
କାହିଁକି ପାଇବା ବିଷାଦ

ଆସ ଡେଇଁ ଗାଇବା ଗୀତ
ଶୁଣି ତୋଷିବ ତୁମ ଚିତ୍ତ
ହସ ଖେଳ ର ଏ ସଂସାର
କରୁଛ କମ୍ପାଇଁ ଅସାର
ମୋ ଠାରୁ ଶିଖ ହସ ଖେଳ
ଘଡିକେ ବୁଡି ଯିବ ବେଳ
ବୃଥା ରେ ପରିଶ୍ରମ କରି
ସୁନା ଦିହ ଟା ନ ଦିଅ ସାରି
ଆସ ଡାକବା ମେଘ ନାନୀ କୁ
ଥଣ୍ଡା ପବନ ସାଥେ ଆସିବାକୁ
ଗ୍ଳଲିଯିବା ଆମେ ତା କୋଳକୁ
ପୁଣି ନାଚବା ବର୍ଷା ସାଥେ
ମୁୟର ଅପା କୁ ଦେଖ ଟିକଏ
ବର୍ଷା ପାଇଁ କେଡେ ବିକଳ ସିଏ
ପିମ୍ପୁଡି ସବୁ ଶୁଣି ସାରି
କହିଲ୍ ମନେ ମନେ ଭବି
"ଝିଣ୍ଟିକା ତୁମେ କହିଲ ଯାହା
ଶୁଣିଲି ମନ ଦେଇ ତାହା
ଡାକୁଛ ଖେଳବାକୁ ସଙ୍ଗେ
ନାଚେ ମାତିଛ ନାନା ରଙ୍ଗେ
ମୁହିଁ ଏକ ଦରିଦ୍ର ଛାର ପ୍ରାଣୀ
ଶ୍ରମ କୁ ବଡ ଅଛି ଜାଣି
ଶ୍ରମ ରଖିଛି ଏହି ଜୀବନ
ଶ୍ରମେ ଅର୍ଜଇ ମୋର ଧନ
ଖରାଦିନ ରେ କରି ପରିଶ୍ରମ
ସଞ୍ଚଇ ଖାଦ୍ୟ ମୋ ସଦନ
ବରଷା ଦିନେ ସାରା ଧରା



ହୁଅଇ କ୍ଷଣେ ଜଳ ଭର୍
ଜଳେ ନ ଦିଶେ ବାଟ ଘାଟ
ପୂରଇ ଜଳେ ଗାଁ ବିଲ ପାଟ
ଯାହା ମୁଁ ସଞ୍ଚି ଥାଏ ଘରେ
ସେଠି ରେ ବର୍ଷା ଦିନ ଟି ଚଳେ
ଖେଳଲେ ଖର୍ ଦିନେ ଖେଳ
କ ହେବ ମୋର ବର୍ଷା କାଳ
କାର୍ଯ୍ୟ ନ କରି ଖାଲି ଖେଳ
ଜୀବନ ନ ଦେବୀ ମୁଁ ସାରି
ବଳ ବୟସ ଥାଉ ଥାଉ
ମୋହର ଦିନ ପରିଶ୍ରମେ ଯାଉ
ସେ ପରିଶ୍ରମେ ଅର୍ଜି ଧନ
କରେ ମୋ ଭୋକ ର ଅବସାନ
ଏ ମୋର କାମ କଲ୍ ବେଳ
କରୁଥାଅ ତେମେ ତମ ନାଚ
ଯାଏଁ ମୁଁ ଛାଡିଦିଅ ମୋ ବାଟ।

ବିଶାଖାପାଟଣା, ତେଲେଙ୍ଗାନା



# ଚିତ୍ର

ମମତା ମଲ୍ଲିକ






ବରୀ, ଯାଜପୁର, ଓଡିଶା

# ରଜ ଆସିବ



ପ୍ରେମଶିଳା ରାଉତ

ଆକାଶରେ ଆସଇ ସୂରୁଜ
ପୁଣି, ଆସଇ ଚନ୍ଦ୍ରମାର ଶିତଳତା
ମନରେ ଉଙ୍କିମାରେ ଅସୁମାରୀ ଆଶା ଓ
କିଛି ପାଇବାର ଦି ଟୋପା ଭରଷା ।
ମନ କହେ ନୂତନ ସୂରୁଜ ଉଇଁବ
ସୁନେଲୀ କରଣ ନେଇ
କେତେ ସ୍ୱପ୍ନ କେତେ ଆଶାକୁ ନେଇ
ମୁହଁରେ ଖିଲିଖିଲି ହସ ଆଉ
ମନରେ ମେଞ୍ଚାଏ ହରଷ ।
ରଜ ଆସିବ, ମାଟି ବାସିବ
ମାଟିର ବାସ୍ନାରେ ମନରେ ବହିଯିବ ଆନନ୍ଦର ନଦୀ
ମାଟିର ମହକେ ଭରିଯିବ ନୂତନ ଆକାଂକ୍ଷା ।
ରଜ ଆସିବ, କୋଇଲିର ଗୁଣୁଗୁଣୁ ଗୀତରେ
ଧରଣୀ ମାଁ ନାଚବ
କୁହୁ କୁହୁ କୋଇଲି କଣ୍ଠରେ ପୃଥିବୀରାଣୀ ହସିବ
ହସିବ ଏ ବୃକ୍ଷଲତା ଝରଣାର ତାଳେ
ହସିବ ଏ ଜଗତ ବରଷାର ଧାରେ ।
ସତରେ, ରଜ ଆସିବ
ଏଇ ମନଲୁଭା ପରିବେଶରେ
ଏଇ ସୁସଜ୍ଜିତ ସୌନ୍ଦର୍ଯ୍ୟର ପରିବେଶରେ ।



ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା - କଳାହାଣ୍ଡି

# ବୃକ୍ଷ ଲଗେଇବା ଆସ



ଦୟାନନ୍ଦ ଶବର

ବୃକ୍ଷ ପାଇଁ ଆମେ ଖୁସିରେ ରହୁ
ଏକଥା ରଖିଥ ଜାଣି
ବୃକ୍ଷଟିଏ ଆଜି ଲଗେଇବା ଆସ
ହସି ଉଠିବ ଧରଣୀ


ବୃକ୍ଷ ଦିଏ ଫୁଲ, ବୃକ୍ଷ ଦିଏ ଫଲ
ଦିଏ ପୁଣି ଅମ୍ଳଜାନ
ପର ଉପକାରେ ନଜକୁ ଲଗାଏ
କରେନ କେବେ ଅଭିମାନ

ବୃକ୍ଷ ପାଇଁ ଆମେ ଛାଇ ପାଇଥାଉଁ
ସେ ଅଟଇ ଆମର ସାଥି
ସମୟ ଆସିଛି ଆସ ଭାଇ ଭଉଣୀ
ବୃକ୍ଷ ଲଗାଇବାରେ ଯିବା ମାତି

ବୃକ୍ଷ କାଟି ଆମେ ଖାଲି କରି ଦେଲେ
ଆମ ପୃଥିବୀର ହେବ ବିନାଶ
ଆଜିଠୁ ଆସ ଗଛ ଲଗାଇବା
ଧର୍‌ା ହେବନ କେବେ ସର୍ବନାଶ

ଚଳିବା କେମିତି ବୃକ୍ଷ ବିନା ଆମେ
ବୃକ୍ଷ ବିନା ଟିକଏ ମିଳବନ ପାଣି
ସବୁ ଆଡ଼େ ହାହାକାର ହେଇଯିବ
ବନ୍ଧୁ ଏ କଥା ରଖିଥା ଜାଣି

ନୂଆପଡା, ପଲସିପାଣି, ଓଡିଶା



# ପାଠକୁ ଯାଅନ ଡରି




ପ୍ରଶାନ୍ତ କୁମାର ନାଥ

ପାଠଯେ ଅଟଇ ବହୁତ ସହଜ
ଯାଅ ନାହିଁ ଜମା ଡରି
ଯେତେ ଡରୁଥିଲେ ସେତେ ଡରେଇବ
ମନେ ଦେବ ଭୟ ଭରି ।
ଭାବିବନ କେତେ ଏମିତି ପାଠଟେ
ମୋ ଦ୍ଵାର୍ ହୋଇବ ନାହିଁ
ମନରେ ରଖିଲେ ଏହି ଭାବନାଟି
ନିଶ୍ଚୟ ହେବ ବିଜୟୀ ।
ପାଠଯେ ଅଟଇ ବହୁତ ସରଳ
ଜଟିଳ ଦିଅନ କରି
ଧ୍ୟାନ ରଖିଥିଲେ ପାଠରେ ଉପରେ
ରହିଯିବ ଘର କରି ।
ଥରେ ପଢ଼ିଦେଲେ ମନେ ରହିଯିବ
ପଢ଼ିବାରେ ମନଦେଲେ
ଯେତେ ପଢ଼ିଲେବି ମନେ ରହିବନ
ପାଠରେ ଧ୍ୟାନ ନଦେଲେ ।
ପାଠକୁ ଡରିକି ମୁରୁଖ ହୋଇଲେ
ମିଳିବ ଅନେକ କଷ୍ଟ

ପଛରେ ଭାବିବ ପାଠ ପଢିଲିନ
ଜୀବନ ହୋଇଲା ନଷ୍ଟ ।
ପାଠଟା ଅଟଇ ନହାତି ଜରୁରୀ
ସଫଳ ଜୀବନ ପାଇଁ
ପଢିବାରେ ହେଳା କରିବନ ଜମା
କାନ୍ଦିବ ଲୁହ ଝରାଇ ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର



# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୪/ ୦୭/ ୨୦୧୮ | ଶରଣ ଶେଷ |
| ୦୯/ ୦୭/ ୨୦୧୮ | ଖଳଲାଗିଏକାଦଶୀ, ଉପବାସ |
| ୧୦/ ୦୭/ ୨୦୧୮ | ପଠାଣି ସାମନ୍ତଙ୍କ ତିରୋଧାନ |
| ୧୧/ ୦୭/ ୨୦୧୮ | ଶିବଚତୁର୍ଦ୍ଦଶୀ ଉପବାସ |
| ୧୨/ ୦୭/ ୨୦୧୮ | ଚନ୍ଦ୍ରକ୍ଷୟ, ନିଶିପାଳନ |
| ୧୩/ ୦୭/ ୨୦୧୮ | ଅମାବାସ୍ୟା, ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ |
| ୧୪/ ୦୭/ ୨୦୧୮ | ଶ୍ରୀ ଗୁଣ୍ଡିଚ୍ଚା ( ରଥଯାତ୍ରା) |
| ୧୭/ ୦୭/ ୨୦୧୮ | ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ବିପତ୍ତାରିଣୀ ବ୍ରତ |
| ୧୮/ ୦୭/ ୨୦୧୮ | ହେରା ପଞ୍ଚମୀ |
| ୨୦/ ୦୭/ ୨୦୧୮ | ପର୍ଶୁରାମାଷ୍ଟମୀ |
| ୨୧/ ୦୭/ ୨୦୧୮ | ନବମୀର ସନ୍ଧ୍ୟା ଦର୍ଶନ |
| ୨୨/ ୦୭/ ୨୦୧୮ | ବାହୁଡା ଯାତ୍ରା |
| ୨୩/ ୦୭/ ୨୦୧୮ | ସୁନାବେଶ, ହରିଶୟନ ଏକାଦଶୀ |
| ୨୪/ ୦୭/ ୨୦୧୮ | ଗରୁଡ ଶୟନ |
| ୨୬/ ୦୭/ ୨୦୧୮ | ଶିବଶୟନ ଓ ଶିବଚତୁର୍ଦ୍ଦଶୀ |
| ୨୭/ ୦୭/ ୨୦୧୮ | ବ୍ୟାସ ଓ ଗୁରୁପୂର୍ଣ୍ଣିମା, ଚନ୍ଦ୍ରଗ୍ରହଣ |





# ଚତ୍ର କଥା କହେ

ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ପାଚଲା ହେଉ କି କଞ୍ଚା

ଖାଇବ ଯେ ଦୁଇ ତିନି ଗଣ୍ଡା

ମନ ତାର ହେବ ଥଣ୍ଡା

ଫଳଟିର ନାମ ଅମୃତଭଣ୍ଡା

( ବିଜେତା: ପ୍ରକାଶ ସାହୁ, ବିଶାଖାପାଟଣା)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

## ଆପଣଙ୍କ ମତାମତ

ନବୀନ ଢ଼ଂଗରେ ବେଦାନ୍ତୀ ଉଦୟ
ଆମ ଉତ୍କଳ ପ୍ରଦେଶେ,
ଦେଉଛି ପ୍ରସରି ତା ଶୁଭ ମୟୁଖ
ସରସେ ଦେଶେ ବିଦେଶେ ।

କ'କମିଆଁ ଜାଣେ କୋଟି ମନ ଜିଣେ
ପୀରତିର ବିଜ ବୁଣେ,
ଦର୍ଶନ ମାତ୍ରେଣ ଭଲଇ ନୟନ
ଅସରନ୍ତି ଶ୍ରଦ୍ଧା ଝୁଣେ ।

କବିତା, ପ୍ରବନ୍ଧ, ଗଳ୍ପ ସମୀକ୍ଷାର
ସମାବେଶ ମନୋହର,
ଆମ ସାହିତ୍ୟର ମଧୁର ସ୍ୱାକ୍ଷର
ପ୍ରତି ମନେ ତୋଳେ ଘର ।

ପ୍ରଚ୍ଛଦ ତାହାର ଅତୀବ ସୁନ୍ଦର
ଶ୍ରେଷ୍ଠ ବିଷୟ ଚୟନ,
ଅଙ୍ଗ ସଜ୍ଜା ତାର ନୟନାକର୍ଷକ
ତ୍ରୁଟି ଶୂନ୍ୟ ସମ୍ପାଦନ ।

ବୃହତ କଳେବର ଜ୍ଞାନର ଭଣ୍ଡାର
ଭାବର ଅମାପ ସିନ୍ଧୁ,
ନବୀନ ପ୍ରବୀଣ ସ୍ରଷ୍ଟା ଗଣଙ୍କର
ଅତି ଅନ୍ତରଙ୍ଗ ବନ୍ଧୁ ।

ଯେତେ ଗୁଣଗାନ କଲେ ବେଦାନ୍ତୀର
ସ୍ୱଳ୍ପ ପଡ଼ିଯିବ ତାହା,
ଆହୁରି ବିକଶୁ ପ୍ରାର୍ଥନା କରଇ
ଆହେ ପ୍ରଭୁ ବିଶ୍ୱନାହା ।

ବ୍ରଜେଶ ପୂଜାରୀ, କୁଶମେଲ, ଝାରସୁଗୁଡ଼ା

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଷୟର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**